# ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୧୭/୨୦୧୯ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, November 17 / 2019 ★★

୧୫ଶ ଭାଗ ୩୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-


**ଆଜିର ସମ୍ପାଦକୀୟ**

**ଅଜବ ମେଣ୍ଟ**

**ଆଜିର ମନ୍ତବ୍ୟ**

“ରାଜନୈତିକ ଦଳ ଓ ବ୍ୟବସାୟିକ ଗୋଷ୍ଠୀ ନିଜ ଖବରକାଗଜ ଜରିଆରେ ସ୍ୱାର୍ଥ ସାଧନ କରୁଛନ୍ତି।

–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**ଭାଜପା ବିରୋଧରେ ଶିବସେନାର ଘୋଡ଼ା ବେପାର ଅଭିଯୋଗ**

........୮........


Vencobb FRESH CHICKEN

16.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply

Issued in the Interest of Consumers


## ଜାତୀୟ ପାନୀୟ ଜଳ ସର୍ଭେ

# ସ୍ୱଚ୍ଛତାରେ ଭୁବନେଶ୍ୱର ଦ୍ୱିତୀୟ

■ ପ୍ରଥମ ସ୍ଥାନରେ ମୁମ୍ବାଇ

■ ଦିଲ୍ଲୀ ଓ ୧୩ ରାଜ୍ୟ ରାଜଧାନୀର ଜଳ ପିଇବାଯୋଗ୍ୟ ନୁହେଁ



**ନୂଆଦିଲ୍ଲୀ,୧୬।୧୧**

ପାଇପ୍ ଯୋଗେ ଦେଶର ବିଭିନ୍ନ ସହରକୁ ଯୋଗାଇଦିଆଯାଉଥିବା ପାନୀୟ ଜଳର ମାନରେ ସ୍ମାର୍ଟ ସିଟି ଭୁବନେଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି। ଭାରତର ମାନକ ବ୍ୟୁରୋ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ପରୀକ୍ଷା ପାଇଁ ଭୁବନେଶ୍ୱରରୁ ୧୦ଟି ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୯ଟି ଭାରତୀୟ ମାନକ ଆବଶ୍ୟକତା ପୂରଣ କରିଛି। ଭୁବନେଶ୍ୱର ସହିତ ହାଇଦ୍ରାବାଦ ମଧ୍ୟ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଜାତୀୟ ପାନୀୟ ଜଳ ସର୍ବେକ୍ଷଣ ତାଲିକାରେ ମୁମ୍ବାଇ ଶୀର୍ଷରେ ରହିଛି। ଏହାର ସମସ୍ତ ୧୦ଟି ନମୁନା ଆବଶ୍ୟକ ମାନ ପୂରଣ କରିଥିବାବେଳେ ନୂଆଦିଲ୍ଲୀରୁ ସଂଗୃହୀତ ୧୧ଟିଯାକ ପାନୀୟ ଜଳ ନମୁନା ଆବଶ୍ୟକ ମାପଦଣ୍ଡ ପୂରଣ କରିବାରେ ବିଫଳ ହୋଇଛି। ଦେଶର ସବୁ ପରିବାରକୁ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀର ବିଭିନ୍ନ ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରାଯାଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ ରାଜ୍ୟର ରାଜଧାନୀରୁ ଜଳ ନମୁନା ପରୀକ୍ଷା ପାଇଁ ନିଆଯାଇଥିଲା। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ଦ୍ୱାରା ସ୍ଥିରୀକୃତ ମାନ ୧୦୫୦୦:୨୦୧୨ ଅନୁଯାୟୀ ସେଗୁଡ଼ିକର ପରୀକ୍ଷା କରାଯାଇଥିଲା। ସେଥିରୁ ଦିଲ୍ଲୀ ଓ ଅନ୍ୟ ୧୩ ରାଜ୍ୟ ରାଜଧାନୀର ପାଣି ପିଇବା ଯୋଗ୍ୟ ନୁହେଁ ବୋଲି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି। ସେହି ରାଜଧାନୀ ସହରଗୁଡ଼ିକ ହେଲେ ଚଣ୍ଡିଗଡ଼, ଥିରୁଭାନନ୍ଥପୁରମ୍, ପାଟନା, ଭୋପାଳ, ଗୁଆହାଟୀ, ବେଙ୍ଗାଲୁରୁ, ଗାନ୍ଧୀନଗର, ଲକ୍ଷ୍ନୌ, ଜମ୍ମୁ, ଜୟପୁର, ଡେରାଡୁନ, ଚେନ୍ନାଇ ଏବଂ କୋଲକାତା। ଲୋକଙ୍କୁ ଟ୍ୟାପ୍‌ରୁ ସ୍ୱଚ୍ଛ ପାଣି ମିଳିବା ଦରକାର। ଏନେଇ କେନ୍ଦ୍ର ସରକାର କି ପ୍ରକାର ସହାୟତା କରିପାରିବେ ଜଣାଇବାକୁ ପାଶ୍ୱାନ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କୁ ପତ୍ର ଲେଖିଛନ୍ତି।






## ପ୍ରଚାରପତ୍ରରେ ‘ମହାତ୍ମା ଗାନ୍ଧୀଙ୍କ ଆକସ୍ମିକ ଦେହାବସାନ’ ପ୍ରସଙ୍ଗ

# ତ୍ରୁଟି ଅନିଚ୍ଛାକୃତ ଥିଲା: ଗଣଶିକ୍ଷା ମନ୍ତ୍ରୀ

■ ଜଣେ କର୍ମଚାରୀ ନିଲମ୍ବିତ

■ ୨ଜଣଙ୍କୁ କୈଫିୟତ ତଲବ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ରାଜ୍ୟ ସରକାର ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧରେ ‘ଆମ ବାପୁଜୀ: ଏକ ଝଲକ’ ଶୀର୍ଷକ ଦୁଇପୃଷ୍ଠା ସମ୍ବଳିତ ପ୍ରଚାରପତ୍ର ପ୍ରକାଶ କରିଛନ୍ତି। ଏଥିରେ ୩୦ ଜାନୁୟାରୀ ୧୯୪୮ ମସିହାରେ ଦିଲ୍ଲୀ ବିରଳା ଭବନରେ ଏକ ଆକସ୍ମିକ ଘଟଣାକ୍ରମେ ଗାନ୍ଧିଜୀଙ୍କର ଦେହାବସାନ ହୋଇଥିବା ଉଲ୍ଲେଖ କରାଯାଇଛି। ଏହା ଏକ ଅନିଚ୍ଛାକୃତ ତ୍ରୁଟି। ସରକାର ଜାଣିଶୁଣି ଏଭଳି ଭୁଲ୍ କରିନାହାନ୍ତି। ଘଟଣାଚକ୍ରକୁ ପରିବର୍ତ୍ତନ କରିବା କିମ୍ବା ପିଲାମାନଙ୍କୁ କୌଣସି ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରିବା ସରକାରଙ୍କ ଉଦ୍ଦେଶ୍ୟ ନ ଥିଲା। ସରକାର ଏହି ପ୍ରଚାରପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହି ଘଟଣା ପାଇଁ ଜଣେ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ଦୁଇଜଣ ଅଧିକାରୀଙ୍କୁ କୈଫିୟତ ତଲବ କରାଯାଇଛି। ପ୍ରଚାରପତ୍ରକୁ ଆବଶ୍ୟକ ସଂଶୋଧନ କରାଯାଇ ଆସନ୍ତା ୧ ମାସ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ବଣ୍ଟାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶନିବାର ବିଧାନସଭାରେ ବିବୃତି ଦେଇଛନ୍ତି।

ପ୍ରସଙ୍ଗକୁ ନେଇ କଂଗ୍ରେସ ଶୁକ୍ରବାର ବିଧାନସଭାରେ ସରକାରଙ୍କୁ ସଣ୍ଢୁଆଁଶି ଆକ୍ରମଣ କରିଥିଲା।

☞ ପୃଷ୍ଠା–୪


DSPL-149




37001/13/0025/1920



"ସାନିଆ ମିର୍ଜାଙ୍କୁ ମୁଁ ସବୁଠାରୁ ବେଶି ଭଲପାଏ। ସେ ମୋ ସମ୍ପର୍କରେ ସବୁ ସିକ୍ରେଟ୍ ଜାଣନ୍ତି।

-ପରିଣୀତି ଚୋପ୍ରା, ବଲିଉଡ୍ ଅଭିନେତ୍ରୀ



# ଅନ୍ଧବିଶ୍ୱାସ କବଳରେ ଅପସ୍ମାର

କିଛି ନଥିବ କିନ୍ତୁ ମସ୍ତିଷ୍କ ସହ ଯୋଡି ହୋଇଥିବା ଏକ ନ୍ୟୁରୋଜିକାଲ ସମସ୍ୟା ଅପସ୍ମାର ହଠାତ୍ ସ୍ୱାସ୍ଥ୍ୟର ସବୁକିଛି ବିଗାଡିଦିଏ। ଏହାଫଳରେ ମସ୍ତିଷ୍କ ସନ୍ତୁଳନ ହରାଇଥାଏ। ଏହି ରୋଗ ସବୁ ବୟସର ବ୍ୟକ୍ତିଙ୍କୁ ହୋଇଥାଏ। ମସ୍ତିଷ୍କରେ ଆଘାତ ଲାଗିବା, ମସ୍ତିଷ୍କ ସଂକ୍ରମଣ,ଅତ୍ୟଧିକ ମଦ୍ୟପାନ, ଷ୍ଟ୍ରୋକ ଏବଂ ବ୍ରେନ୍ ଟ୍ୟୁମର ଯୋଗୁ ମସ୍ତିଷ୍କରେ ଅମ୍ଳଜାନ ଅଭାବ ହେବା ଫଳରେ ଅପସ୍ମାର ଉପୁଜିଥାଏ। ଏହି ରୋଗରେ ପୀଡିତମାନେ ମାନସିକ ସ୍ତରରେ ଦୁର୍ବଳ ରହିଥାନ୍ତି ଓ ଏହାର ଚିକିତ୍ସା ସମ୍ଭବ ନୁହେଁ



ବୋଲି ଲୋକମାନଙ୍କ ମନରେ ଏକ ଭ୍ରମ ଧାରଣା ରହିଛି। । କିନ୍ତୁ ଅପସ୍ମାରର ଚିକିତ୍ସା କରାଗଲେ ତାହା ଉପଶମ ହୋଇଯାଏ। ଏଣୁ ଲୋକମାନଙ୍କ ମନରେ ଅପସ୍ମାର ସମ୍ପର୍କରେ ଏକ ସକାରାତ୍ମକ ଚିନ୍ତାଧାରା ଆଣିବା ଲାଗି ପ୍ରତିବର୍ଷ ୧୭ ନଭେମ୍ବରରେ 'ଜାତୀୟ ଅପସ୍ମାର ଦିବସ' ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ

**ଜାତୀୟ ଅପସ୍ମାର ଦିବସ**

ବିଶ୍ୱରେ ପ୍ରତିବର୍ଷ ୨୫ ଲକ୍ଷ ଏଥିରେ ପୀଡିତ ହେଉଛନ୍ତି। ଇଣ୍ଡିଆନ୍ ଏପିଲେପ୍ସି ଆସୋସିଏଶନ ଅନୁଯାୟୀ ବିଶ୍ୱରେ ୫ରୁ ୬ କୋଟି ଅପସ୍ମାର ରୋଗୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ରୋଗୀ ବିକାଶଶୀଳ ଦେଶରେ ରୁହନ୍ତି ଓଏହାର ତିନି ଚତୁର୍ଥାଂଶଙ୍କୁ ଆବଶ୍ୟକ ଚିକିତ୍ସା ଉପଲବ୍ଧ ହୋଇପାରେନାହିଁ। ଭାରତରେ ପ୍ରାୟ ୧ରୁ ୨ କୋଟି ଅପସ୍ମାର ରୋଗୀ ରହିଛନ୍ତି ଓ ଏହାର ୭୦ ପ୍ରତିଶତ ଗାଁରେ ରୁହନ୍ତି। ସହରାଞ୍ଚଳରେ ୬୦ ପ୍ରତିଶତ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଉଥିବାବେଳେ ଗ୍ରାମାଞ୍ଚଳରେ ୧୦ ପ୍ରତିଶତ ଏହା କରିଥାନ୍ତି । ଅର୍ଥାତ ଗ୍ରମାଞ୍ଚଳରେ ଥିବା ଅପସ୍ମାର ରୋଗୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଏହି ରୋଗକୁ ଅଣଦେଖା କରନ୍ତି। ଉପଯୁକ୍ତ ଚିକିତ୍ସା କରନ୍ତି ନାହିଁ।

## ତାନ୍ତ୍ରିକ ନୁହେଁ ଡାକ୍ତରଙ୍କ ଚିକିତ୍ସା ଆବଶ୍ୟକ

ଏହାକୁ ଏବେ ବି ଅନେକେ ପ୍ରେତାତ୍ମାର ପ୍ରଭାବ ବୋଲି ଭାବନ୍ତି ଓ ଏହି କାରଣରୁ ପୀଡିତଙ୍କ ପରିବାରକୁ ଅନେକ ସ୍ଥାନରେ ସାମାଜିକ ବାସନ୍ଦର ଶିକାର ହେବା ମଧ୍ୟ ଲକ୍ଷ୍ୟ କରାଯାଏ। କେତେକ ସ୍ଥାନରେ ବ୍ୟକ୍ତିଙ୍କୁ ଭୂତପ୍ରେତ ସବାର ହୋଇଥିବା ମନେକରି ତାନ୍ତ୍ରିକଙ୍କୁ ଖୋଜାଯାଏ। ଏହାଦ୍ୱାରା ପୀଡିତଙ୍କ ଅବସ୍ଥା ଗମ୍ଭୀର ହୋଇଯାଏ। ଅପସ୍ମାରକୁ ନେଇ ଲୋକମାନଙ୍କ ମଧ୍ୟରେ ରହିଥିବା ଏଭଳି ଭ୍ରାନ୍ତ ଧାରଣା ଦୂର କରିବା ସହ ରୋଗର ଲକ୍ଷଣ, ଚିକିତ୍ସା ସମ୍ପର୍କରେ ସଚେତନତା ଆଣିବା 'ଜାତୀୟ ଅପସ୍ମାର ଦିବସ'ର ଲକ୍ଷ୍ୟ। ସାମାନ୍ୟ ସ୍ତରରେ ଥିବା ରୋଗର ଚିକିତ୍ସା କରି ୩ରୁ ୫ ବର୍ଷ ଯାଏ ଔଷଧ ସେବନ କଲେ ତାହା ଭଲ ହୋଇଯାଏ, ଔଷଧରେ ପାଖାପାଖି ୭୦ ପ୍ରତିଶତ ରୋଗୀ ସୁସ୍ଥ ହୋଇଯାନ୍ତି। ଅନ୍ୟ ୩୦ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଅସ୍ତ୍ରୋପଚାର ଆବଶ୍ୟକ ହୋଇଥାଏ। ଲୋକମାନେ ଅନ୍ଧବିଶ୍ୱାସରୁ ଦୂରେଇଯାଇ ଉପଯୁକ୍ତ ଚିକିତ୍ସା କଲେ ଅପସ୍ମାରରୁ ସହଜରେ ମୁକ୍ତି ମିଳିପାରିବ।

# ହାତୀ ପାଇଁ କ୍ଷତି ୧୬୭୪ କୋଟି



**ବିଦ୍ୟୁତ୍ ବିଭାଗ ସର୍ବାଧିକ ପ୍ରଭାବିତ**

**ରାୟପୁର:** ଛତିଶଗଡ଼ରେ ଦୀର୍ଘଦିନ ଧରି ଚାଲିଛି ହାତୀ-ମଣିଷ ସଂଘର୍ଷ। ସରକାର, ବନ ବିଭାଗ ପକ୍ଷରୁ ଅନବରତ ଉଦ୍ୟମ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ରାଜ୍ୟର ୧୫ଟି ଜିଲା ହାତୀ ଉପଦ୍ରୁତ। ଏଠାକାର ଥଣ୍ଡା ଜଙ୍ଗଲୀ ପରିବେଶ ହାତୀଙ୍କ ପାଇଁ ସ୍ୱର୍ଗ ପାଲଟିଛି। ସେମାନେ ସ୍ୱଚ୍ଛନ୍ଦରେ ବିଚରଣ କରୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଜନବସତିରେ ପଶୁଥିବା ହାତୀପଲ ବିପୁଳ କ୍ଷତି କରୁଛନ୍ତି। ସେମାନଙ୍କ ପାଇଁ ହଜାର ହଜାର ହେକ୍ଟର ଜମିର ଫସଲ ଉଜୁଡ଼ି ଯାଉଛି। ପ୍ରତି ସପ୍ତାହରେ ହାତୀ ଆକ୍ରମଣରେ ଅନ୍ୟୂନ ୨ଜଣଙ୍କ ଜୀବନ ଯାଉଥିବା ଏକ ତଥ୍ୟରୁ ଜଣାପଡ଼ିଛି। ହେଲେ ହାତୀ ପାଇଁ ସବୁଠାରୁ ବେଶି ପ୍ରଭାବିତ ହୋଇଛି ବିଦ୍ୟୁତ୍ ବିଭାଗ। ଗତ ୧୮ବର୍ଷ ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକ ୧୬୭୪ କୋଟି ଟଙ୍କା କ୍ଷତି ସହିଥିବା ଦାବି କରିଛନ୍ତି, ଯାହା ଏବେ ଚିନ୍ତାର ବିଷୟ ପାଲଟିଛି। ଜଙ୍ଗଲ ମଧ୍ୟ ଦେଇ ଟଣାଯାଇଥିବା ବିଦ୍ୟୁତ୍ ତାର ହାତୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏଥିରେ ଛନ୍ଦି ହୋଇ ବିଗତ ୧୮ ବର୍ଷରେ ୪୪ ହାତୀଙ୍କ ମୃତ୍ୟୁ ଘଟିଲାଣି। ଏହାର ପ୍ରତିକାର ଲାଗି ଜଙ୍ଗଲ ଭିତରେ ଟଣାଯାଇଥିବା ଖୋଲା ତାରଗୁଡ଼ିକୁ ହଟାଇ କେବୁଲ ବ୍ୟବସ୍ଥା କରିବା, ବିଦ୍ୟୁତ୍ ଟାୱାରରେ ଇନ୍‌ସୁଲେଟର ବ୍ୟବସ୍ଥା କରିବା ଏବଂ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକର ଉଚ୍ଚତା ବୃଦ୍ଧି କରିବାକୁ ବିଦ୍ୟୁତ୍ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥି ପାଇଁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ ହେବ। ତେବେ ଉକ୍ତ ଅର୍ଥ ବନ ବିଭାଗ ନିକଟରୁ ହାତେଇବାକୁ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ମସୁଧା କରିଥିଲେ। ହେଲେ କେନ୍ଦ୍ରୀୟ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରଣାଳୟ ଏଥିରେ ହସ୍ତକ୍ଷେପ କରିଥିଲା। ସୁପ୍ରିମକୋର୍ଟ ଏବଂ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ରଖି ଏହି ଟଙ୍କା ବିଦ୍ୟୁତ୍ ବିଭାଗ ହିଁ ଭରଣା କରିବ ବୋଲି ଜଣାପଡ଼ିଛି।

# ବଲିଉଡ୍ ପାଇଁ ନାମ ବଦଳାଇଥିଲେ ମୀନାକ୍ଷୀ



**ମୁମ୍ବାଇ:** ବଲିଉଡ୍ ଦାମିନୀ ମୀନାକ୍ଷୀ ଶେଷାଦ୍ରୀ ଆଜି ବି ଦର୍ଶକଙ୍କ ମନରେ ବସାବାନ୍ଧି ରହିଛନ୍ତି। ଏହି ଅଭିନେତ୍ରୀ ୯୦ ଦଶକରେ ବଲିଉଡ୍ ଦୁନିଆରେ ଜଣେ ଆଗଧାଡ଼ିର ନାୟିକା ଭାବେ ବେଶ୍ ନାଁ କମାଇଥିଲେ। ଶନିବାର ୫୬ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ସେ। ୧୬ ନଭେମ୍ବର ୧୯୬୩ରେ ଝାଡ଼ଖଣ୍ଡର ସିନ୍ଦ୍ରୀରେ ଜନ୍ମ ନେଇଥିଲେ ଏହି ବଲିଉଡ୍ ବିୟୁଟି। ମାତ୍ର ୧୭ ବର୍ଷ ବୟସରେ ସେ ମିସ୍ ଇଣ୍ଡିଆ ହେବାର ଗୌରବ ଅର୍ଜନ କରିଥିଲେ। ମୀନାକ୍ଷୀଙ୍କ ପ୍ରକୃତ ନାଁ ଥିଲା ଶଶିକଳା ଶେଷାଦ୍ରୀ। ତେବେ ସେ ଯେତେବେଳେ ମିସ୍ ଇଣ୍ଡିଆ ଟାଇଟଲ ପାଇଥିଲେ ଖବରକାଗଜରେ ତାଙ୍କର ଫଟୋ ଦେଖି ମନୋଜ କୁମାର ତାଙ୍କୁ ଫିଲ୍ମରେ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏତିକିବେଳେ ତାଙ୍କୁ ଫିଲ୍ମ 'ପେଣ୍ଟର ବାବୁ' ପାଇଁ ସାଇନ୍ କରାଗଲା। କିନ୍ତୁ ଇଣ୍ଡଷ୍ଟ୍ରିରେ ଶଶିକଳା ନାଁରେ ଅନ୍ୟ ଜଣେ ଅଭିନେତ୍ରୀ ଥିବାରୁ ମୀନାକ୍ଷୀଙ୍କ ନାଁ ଶଶିକଳାକୁ ପରିବର୍ତ୍ତନ କରିବାକୁ ସମସ୍ତେ ଇଚ୍ଛା ପ୍ରକାଶ କଲେ। ଆଉ ଶଶିକଳାରୁ ତାଙ୍କ ନାଁ ପରିବର୍ତ୍ତନ ହୋଇ ମୀନାକ୍ଷୀ ରଖାଗଲା। ତେବେ 'ପେଣ୍ଟର ବାବୁ' ବକ୍ସ ଅଫିସରେ ଫ୍ଲପ୍‌ହେବାରୁ ମିନାକ୍ଷୀ ବଲିଉଡ୍ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏତିକିବେଳେ ସୁଭାଷ ଘାଇଙ୍କ ଫିଲ୍ମ 'ହିରୋ' ପାଇଁ ତାଙ୍କୁ ମିଳିଲା ଅଫର୍। ଆଉ ଏହା ବ୍ଲକବଷ୍ଟର ଫିଲ୍ମ ଭାବେ ସାଉଁଟିଲା ସଫଳତା।

# ଅନ୍‌ଲାଇନ ଶପିଂ ପ୍ରତି ଦୁର୍ବଳତା ଏକ ମାନସିକ ରୋଗ

**ନୂଆଦିଲ୍ଲୀ:** ବର୍ତ୍ତମାନର ଡିଜିଟାଲ ଦୁନିଆରେ ପ୍ରାୟ ସମସ୍ତ ଜିନିଷ ହାତପାହାନ୍ତାରେ ଉପଲବ୍ଧ। କେବଳ କେତୋଟି କ୍ଲିକ ଜରିଆରେ ଆବଶ୍ୟକ ଜିନିଷକୁ ସହଜରେ ପାଇବା ସମ୍ଭବ ହୋଇଛି। ଅନ୍‌ଲାଇନ ଶପିଂ ଦ୍ୱାରା ଘର ସାମଗ୍ରୀଠାରୁ ଆରମ୍ଭ କରି ପୋଷାକ, ଇଲେକ୍ଟ୍ରୋନିକାଲ ଜିନିଷ, କସ୍‌ମେଟିକ୍ସ ସହ ବିଭିନ୍ନ ଦରକାରୀ ଜିନିଷ ସୁବିଧାରେ କିଣାଯାଇପାରୁଛି। ଏଥିପାଇଁ ଦିନକୁ ଦିନ ଅନ୍‌ଲାଇନରେ ସାମଗ୍ରୀ ବିକ୍ରି ପାଇଁ ୱେବସାଇଟଗୁଡିର ସଂଖ୍ୟା ମଧ୍ୟ ବଢୁଛି। ବିଶେଷ କରି ବଜାରଠାରୁ ତୁଳନାତ୍ମକ ଭାବେ ଅଧିକ ଅଫର ବିଭିନ୍ନ ୱେବସାଇଟ୍‌ରେ ମିଳୁଥିବାରୁ ଅଧିକାଂଶ ଏବେ ଅନ୍‌ଲାଇନ ଶପିଂମୁହାଁ। ହେଲେ ଅନ୍‌ଲାଇନରେ ଜିନିଷ କିଣାକିଣି ପ୍ରତି ଅଧିକ ରୁଚି ରଖିବା କିମ୍ବା ଦୁର୍ବଳତା ପ୍ରକାଶ ପାଇବା ଏକ ମାନସିକ ରୋଗ ବୋଲି ନିକଟରେ ଏକ ଅଧ୍ୟୟନରୁ ଜଣାପଡିଛି। ଏହାକୁ ବାଇଙ୍ଗ୍ ଶପିଂ ଡିଜ୍‌ଅର୍ଡର (ବିଏସ୍‌ଡି) ବୋଲି କୁହାଯାଉଛି। କମ୍ପ୍ରେହନସିଭ୍ ସାଇକାଟ୍ରିକ ନାମକ ଏକ ଜର୍ନାଲରେ ପ୍ରକାଶିତ ରିପୋର୍ଟ ମୁତାବକ, ବିକଶିତ ଦେଶଗୁଡିକରେ ପ୍ରାୟ ୫ ପ୍ରତିଶତ ଲୋକ ଏହି ରୋଗର ଶିକାର। ଅଧ୍ୟୟନକାରୀଙ୍କ କହିବା ଅନୁଯାୟୀ, ବିଏସ୍‌ଡି ପୀଡିତଙ୍କ ମଧ୍ୟରେ ଅନ୍‌ଲାଇନ ଶପିଂ କରିବାକୁ ପ୍ରବଳ ଇଚ୍ଛା ଜାଗ୍ରତ ହୋଇଥାଏ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଆବଶ୍ୟକଠାରୁ ଅଧିକ ମାତ୍ରାରେ ସାମଗ୍ରୀ କିଣିବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ ଏହାର ପରିଣାମ ବିଷୟରେ ଚିନ୍ତା କରିପାରି ନ ଥାନ୍ତି। ଯାହାଦ୍ୱାରା ସେମାନଙ୍କ ଜୀବନରେ ଆର୍ଥିକ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ୧୨୨ ଜଣଙ୍କୁ ନେଇ ହୋଇଥିବା ଏକ ସର୍ବେକ୍ଷଣରୁ ଏହି ତଥ୍ୟ ସାମ୍ନାକୁ ଆସିଥିଲା। ଯେଉଁଥିରେ ପ୍ରାୟ ୩୪ ପ୍ରତିଶତ ଲୋକ ବିଏସ୍‌ଡିର ଶିକାର ହୋଇଥିବା ଜଣାପଡିଥିଲା। ଅଧିକ ଜିନିଷ କିଣିବାର ଇଚ୍ଛା ପୂରଣ ନ ହୋଇପାରିଲେ ସେମାନଙ୍କ ମାନସିକ ସ୍ଥିତିରେ ଅସ୍ଥିରତା ଏପରିକି ଅନେକ ଡିପ୍ରେଶନକୁ ମଧ୍ୟ ଚାଲିଯାଉଥିବା ସର୍ବେକ୍ଷଣରୁ ଜାଣିବାକୁ ମିଳିଛି। ଏହି ରୋଗର କ୍ଲାସିଫିକେଶନ କରି ଅଧିକ ଅଧ୍ୟୟନ ଜରୁରୀ ବୋଲି ହେନୋବର ମେଡିକାଲ ସ୍କୁଲର ଅନୁସନ୍ଧାନକାରୀମାନେ କହିଛନ୍ତି।




# ଖଣ୍ଡା ବୁଲାଇ ନାଚିଲେ କେନ୍ଦ୍ରମନ୍ତ୍ରୀ



**'ଓମେନ୍ ଅପ୍‌ଲିଫ୍ଟ୍ ଫୋରମ୍ ପ୍ରୋଗ୍ରାମ'ର ସାଂସ୍କୃତିକ କାର୍ଯ୍ୟକ୍ରମ**

**ଭାବନଗର:** ଗୁଜରାଟର ଭାବନଗରରେ ଉତ୍ତରପ୍ରଦେଶର ଆମେଠୀ ନିର୍ବାଚନମଣ୍ଡଳୀର ଏମ୍‌ପି ତଥା କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଖଣ୍ଡା ବୁଲାଇ ନାଚିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ମନଖୋଲା ହସ ସହ ସେ ଦୁଇ ହାତରେ ଦୁଇଟି ଖଣ୍ଡା ଧରି ନାଚୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ବିଭିନ୍ନ ଲୋକ ଏହା ଉପରେ ଭିନ୍ନ ଭିନ୍ନ କମେଣ୍ଟ ଦେବାରେ ଲାଗିଛନ୍ତି। ଭାବନଗରରେ ସ୍ୱାମୀନାରାୟଣ ଗୁରୁକୁଳ ଦ୍ୱାରା ଆୟୋଜିତ 'ଓମେନ୍ ଅପ୍‌ଲିଫ୍ଟ୍ ଫୋରମ୍ ପ୍ରୋଗ୍ରାମ'ର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଏଭଳି ନାଚୁଥିବାର ଦେଖାଯାଇଥିଲା। ତାଙ୍କ ସହ ଅନ୍ୟ ଯୁବତୀମାନେ ପାରମ୍ପରିକ ବେଶଭୂଷା ସହ ନୃତ୍ୟ ପରିବେଷଣ କରୁଥିବା ଦେଖାଯାଇଥିଲା। ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ କଳାକାରଙ୍କ ସହ ଷ୍ଟେଜ୍ ଉପରେ ପର୍‌ଫର୍ମ କରିବା ଲାଗି ଅନୁରୋଧ କରାଯାଇଥିଲା। ଅଭିନୟ ଜଗତରୁ ରାଜନୀତିକୁ ଆସିଥିବା ସ୍ମୃତି ଇରାନୀ ବା କେମିତି ଏହାକୁ ଅଗ୍ରାହ୍ୟ କରିବେ। କଥାରଖି ସେ ଷ୍ଟେଜ୍ ଉପରେ ମହିଳା କଳାକାରଙ୍କ ସହ 'ତଲ୍‌ୱାର ରାସ୍' ନୃତ୍ୟରେ ଖଣ୍ଡାବୁଲାଇ ନାଚିଲେ। ଗୁଜରାଟ ଓ ରାଜସ୍ଥାନରେ ଏହା ଏକ ପାରମ୍ପରିକ ଲୋକନୃତ୍ୟ ଭାବେ ପରିଚିତ। ଏହି କାର୍ଯ୍ୟକ୍ରମରେ ଗୁଜରାଟର ଭାଜପା ଅଧ୍ୟକ୍ଷ ଜିତୁ ଭଗାନୀ ଉପସ୍ଥିତ ଥିଲେ।

# ଜେଲରେ ବାଜିଲା ସାହାନାଇ




**ନାଭା:** ପଞ୍ଜାବର ନାଭା ଜିଲା କାରାଗାରରେ ଶୁକ୍ରବାର ଦ୍ୱିତୀୟ ଥର ପାଇଁ ବାଜିଛି ସାହାନାଇ। ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଗ୍ୟାଙ୍ଗ୍‌ଷ୍ଟର ମହମ୍ମଦ ୱାସିମ୍ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏହାପୂର୍ବରୁ ଏହି ଜେଲରେ ଗ୍ୟାଙ୍ଗ୍‌ଷ୍ଟର ମନଦୀପ ସିଂଙ୍କ ବିବାହ ହୋଇଥିଲା। ଏକ ହତ୍ୟା ମାମଲାରେ ୱାସିମ୍ ସଜା ଭୋଗୁଛନ୍ତି। ବିବାହ କରିବା ଲାଗି ସେ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ପାରୋଲରେ ଯିବାକୁ ଆବେଦନ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ତାଙ୍କର ନିର୍ବନ୍ଧ ଶେଷ ହୋଇଛି। ତାଙ୍କୁ ବିବାହ କରିବା ଲାଗି ପାରୋଲ ଦିଆଯାଉ। ତେବେ ସୁରକ୍ଷାଜନିତ କାରଣରୁ ତାଙ୍କୁ ଜେଲରେ ହିଁ ବିବାହ କରିବାକୁ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିଲା। ଏଥିଲାଗି ଦିନ ନିର୍ଦ୍ଧାରଣ ପରେ ଶୁକ୍ରବାର ତାଙ୍କର ବିବାହ ସମ୍ପନ୍ନ ହୋଇଛି। ତେବେ ବର ୱାସିମ୍‌ଙ୍କୁ ଛାଡ଼ି କନ୍ୟାଙ୍କୁ ଏକାକୀ ଘରକୁ ବାହୁଡ଼ିବାକୁ ପଡ଼ିଥିଲା। କନ୍ୟାଙ୍କ ବିଦାୟ ପର୍ବରେ ୮ଜଣ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ୱାସିମ୍‌ଙ୍କ ଭାଇ ଜାଭେଦ, ଭଉଣୀ ଫିର୍ଦୋଷ, ଭିଣୋଇ ମହମ୍ମଦ ସଲିମ, ମୌଲବୀଙ୍କ ସମେତ ଉଭୟ ପକ୍ଷର ୮ଜଣଙ୍କ ଉପସ୍ଥିତିରେ ଏହି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ତୈମୁର-ଇନାୟାଙ୍କ ଫଟୋ ଭାଇରାଲ

**ମୁମ୍ବାଇ:** ଶିଶୁ ଦିବସ ଅବସରରେ ସୋହା ଆଲି ଖାଁ ଏକ ଫଟୋ ଶେୟାର କରିଥିଲେ। ଏହି ଫଟୋ ଶେୟାର ହେବାର କିଛି ସମୟ ମଧ୍ୟରେ ଭାଇରାଲ ହେବାରେ ଲାଗିଛି। ଫଟୋଟି ହେଉଛି ଶୈଫ ଓ କରୀନାଙ୍କ ପୁଅ ତୈମୁର ଅଲି ଖାଁ ଓ ଭାଣିଜୀ ଇନାୟା ଖେମୁଙ୍କର। ଏଥିରେ ଦୁଇ ଭାଇ ଭଉଣୀ ବେଶ୍ କ୍ୟୁଟ ଦେଖାଯାଉଛନ୍ତି। ତୈମୁର ଆଇସ୍‌କ୍ରିମ୍ ଖାଉଥିବା ବେଳେ ଭଉଣୀ ଇନାୟାଙ୍କ ପାଟିରୁ ଲାଳ ବାହାରୁଥିବା ଦେଖିବାକୁ ମିଳିଛି। ଇନାୟାଙ୍କ ପାଟିରେ ଆଇସ୍‌କ୍ରିମ ଲାଗିଥିବା ବେଳେ ଆହୁରି ଖାଇବା ପାଇଁ ସେ ତୈମୁରଙ୍କ ଆଡକୁ ଚାହିଁଛନ୍ତି। ଉକ୍ତ ଫଟୋରେ ଦୁହେଁ ବେଶ୍ ସୁନ୍ଦର ଦେଖାଯାଉଥିବା ବେଳେ ଦୁଇଜଣଙ୍କର ନୀରିହତାର ଦୃଶ୍ୟ ନଜର ଆସିଛି। ଏହି ଫଟୋକୁ ସୋହା ଶେୟାର କରିବା ସହ ନିଜ ପିଲା ବେଳର ସ୍ମୃତିକୁ ମନେପକାଇଛନ୍ତି। ତେବେ ଇନାୟା ଓ ତୈମୁରଙ୍କ ଭିତରେ ଭଲ ବଣ୍ଡିଂ ରହିଛି।



# ଗୋବର୍ଦ୍ଧନ ପୀଠ ଦେବୋତ୍ତର ମୁକ୍ତ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନରୁ ପୁରୀସ୍ଥିତ ଗୋବର୍ଦ୍ଧନ ପୀଠ ମୁକ୍ତ ହୋଇଛି। ଗୋବର୍ଦ୍ଧନ ମଠର ଧାର୍ମିକ ଅଗ୍ରଗଣ୍ୟତା ଓ ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ହିନ୍ଦୁ ଦେବୋତ୍ତର ଅଧିନିୟମ-୧୯୫୧ର ପରିସରରୁ ବାଦ୍ ପାଇଁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧକୁ ବିଚାର କରି ରାଜ୍ୟ ସରକାର ପ୍ରଥମେ କ୍ୟାବିନେଟ୍‌ରେ ପ୍ରସ୍ତାବ ଆଣିବା ସହ ମଞ୍ଜୁର କରାଇଥିଲେ। ଏହା ପରେ ବିଧାନସଭାରେ ଆଇନ ଅନୁସାରେ ଆବଶ୍ୟକ ସଂଶୋଧନ ଆଣି ଶନିବାର ଗୃହୀତ କରାଇଛନ୍ତି। ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଶୁକ୍ରବାର ଓଡ଼ିଶା ହିନ୍ଦୁ ଦେବୋତ୍ତର(ସଂଶୋଧନ) ବିଧେୟକ-୨୦୧୯ ଆଗତ କରାଯାଇଥିଲା। ଏହି ବିଲ୍ ଆଗତ ହେବାର ଗୋଟିଏ ଦିନ ପରେ ଗୃହର ମଞ୍ଜୁରୀ ମିଳିଛି। ଏବେ ଏହି ସଂଶୋଧନକୁ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ସଂଶୋଧନ ସମ୍ପର୍କିତ ଆଲୋଚନା ସମୟରେ ଶାସକ ବିଜେଡି ଏବଂ କଂଗ୍ରେସ ଦଳ ବିଧାୟକମାନେ ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଭାଜପା ବିଧାୟକମାନେ ଅନୁପସ୍ଥିତ ରହିଥିଲେ। ଏହି ସଂଶୋଧନକୁ ଅଣାଯିବା ଏବଂ ଗୃହୀତ କରିବା ପ୍ରକ୍ରିୟାର କେତେକ ଆଇନଗତ ଦିଗ ଉପରେ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରଶ୍ନ ଉଠାଇଥିଲେ। ଉଲ୍ଲେଖଯୋଗ୍ୟ, ଅନ୍ୟ ୩ ମଠ ଯଥା- ଯୋଷୀ ମଠ, ଦ୍ୱାରକା ମଠ, ଶ୍ରୀଙ୍ଗେରୀ ମଠକୁ ସମ୍ପୃକ୍ତ ରାଜ୍ୟର ଦେବୋତ୍ତର ଅଧିନିୟମ ପରିସରରୁ ବାଦ୍ ଦିଆଯାଇ ସେଗୁଡ଼ିକର ପରିଚାଳନା ଭାର ସେହି ମଠର ଶଙ୍କରାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ କରାଯାଇଛି।



**ଓଡ଼ିଶା ହିନ୍ଦୁ ଦେବୋତ୍ତର (ସଂଶୋଧନ) ବିଧେୟକ-୨୦୧୯ ଗୃହୀତ**

- ଅର୍ଥ ବିଲ୍ ବୋଲି କହିଲେ ନରସିଂହ
- ଖଣ୍ଡନ କଲେ ଆଇନ ମନ୍ତ୍ରୀ
- ଲାଗୁ ହେବ ସରକାରୀ ନୀତିନିୟମ, ହିସାବ ଦେବେନି
- ପରିଚାଳନା ଦାୟିତ୍ୱ ଶଙ୍କରାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ

ଏହି ସଂଶୋଧନ ହେବା ପୂର୍ବରୁ ଗୋବର୍ଦ୍ଧନ ମଠ ଅଧିନିୟମର ଧାରା ୩ର ଖଣ୍ଡ(୧୩) ଅନୁସାରେ ଧାର୍ମିକ ଅନୁଷ୍ଠାନ ଭାବେ ପରିଗଣିତ ହେଉଥିଲା। ଏହି ସଂଶୋଧନ ସମ୍ପର୍କରେ ଗଣମାଧ୍ୟମକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଅଣାଯାଇଥିବା ବିଧେୟକ ଏକ ଅର୍ଥ ବିଲ୍। ତେଣୁ ଆଲୋଚନା ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ଦରକାର। ନଚେତ ଆଲୋଚନା ହୋଇପାରିବ ନାହିଁ। ମଠଗୁଡ଼ିକ ଆଇନ ଅନୁଯାୟୀ ଆକାଉଣ୍ଟର ବିବରଣୀ ଦେବା ଆବଶ୍ୟକ। ସେହିପରି ମଠ ନିଜ ଆୟର ୫ ପ୍ରତିଶତ ସରକାରଙ୍କୁ ଦେବା କଥା। ହେଲେ ତାହା କେହି ଦେଉନାହାନ୍ତି। ଶଙ୍କରାଚାର୍ଯ୍ୟଙ୍କ କାର୍ଯ୍ୟ ଆଫିଡେଭିଟ୍ ଅନୁଯାୟୀ ହେଉନାହିଁ। ସରକାର ଉଚିତ ପଦକ୍ଷେପ ନେଉନାହାନ୍ତି। ଆଇନ ଥାଇ ଏବେ ଦେଉ ନାହାନ୍ତି, ଆଇନ ନ ରହିଲେ ଭକ୍ତ ଯାହା ଭାବିବେ ବୋଲି ନରସିଂହ କହିଛନ୍ତି। ଅପରପକ୍ଷରେ ନରସିଂହଙ୍କ ଏହି ବୟାନ ଉପରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ପ୍ରତିକ୍ରିୟା ରଖିଛନ୍ତି। ପ୍ରତାପ କହିଛନ୍ତି ଯେ, ଏହା କୌଣସି ଅର୍ଥ ବିଲ୍ ନୁହେଁ। ତେଣୁ ରାଜ୍ୟପାଳଙ୍କ ଅନୁମୋଦନ ଆବଶ୍ୟକ ନାହିଁ। ଗୋବର୍ଦ୍ଧନ ମଠ ସରକାରଙ୍କ ନୀତିନିୟମରେ ପରିଚାଳିତ ହେବ । ହେଲେ ପୂର୍ବ ଭଳି ଦେବୋତ୍ତର ବିଭାଗକୁ ଆଉ ହିସାବ ଦେବ ନାହିଁ। ସରକାରୀ ନୀତିନିୟମ ଲାଗୁ ହେବ, ମାତ୍ର ପୀଠାଧୀଶ ଶଙ୍କରାଚାର୍ଯ୍ୟ ମଠ ପରିଚାଳନା କରିବେ। ସେହିପରି ଗୃହରେ ହୋଇଥିବା ଆଲୋଚନାରେ ନରସିଂହଙ୍କ ସମେତ ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ. କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### 'ଅଗ୍ନି-୨'ର ସଫଳ ପରୀକ୍ଷଣ



ବାଲେଶ୍ୱର ଅଫିସ,୧୬।୧୧: ବାଲେଶ୍ୱର ଜିଲା ଚାନ୍ଦିପୁର ଆଇଟିଆର୍ ପକ୍ଷରୁ ଭଦ୍ରକ ଜିଲାସ୍ଥିତ ଅବଦୁଲ କଲାମ ଦ୍ୱୀପର ୪ ନଂ. ଲଞ୍ଚପ୍ୟାଡ୍‌ରୁ ଶନିବାର ସନ୍ଧ୍ୟା ସାଢ଼େ ୭ଟା ବେଳେ 'ଅଗ୍ନି-୨' କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷଣ ସଫଳ ହୋଇଛି। ଅନୁକୂଳ ପାଗକୁ ଅନୁଧ୍ୟାନ କରି ଏହାର ପରୀକ୍ଷଣ କରାଯାଇଥିଲା। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ମଧ୍ୟମ ଦୂରବର୍ତ୍ତୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟଭେଦ କରିଥିଲା। ଡିଆର୍‌ଡିଓ ଷ୍ଟ୍ରାଟେଜିକ କମାଣ୍ଡୋ ଫୋର୍ସ ପକ୍ଷରୁ ଏହାର ପରୀକ୍ଷା କରାଯାଇଥିଲା। 'ଅଗ୍ନି-୨'ର ଲକ୍ଷ୍ୟଭେଦ କ୍ଷମତା ୧୫୦୦ରୁ ୨୦୦୦ କି.ମି.। ଏହାର ଓଜନ ୧୭ ଟନ୍, ଲମ୍ବ ୨୦ମିଟର ଓ ମୋଟେଇ ୧.୩ ମିଟର। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ୧୦୦୦ କି.ଗ୍ରା ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଉତ୍କ୍ଷେପଣ ପରେ ଏହାର ଗତିପଥକୁ ଅତ୍ୟାଧୁନିକ ରାଡ଼ାର ଓ ଟେଲିମେଟ୍ରି ଷ୍ଟେଶନ ସହାୟତାରେ ନିରୀକ୍ଷଣ କରାଯାଇଥିବା ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି।





## ସ୍ମିତାରାଣୀଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି

# ଗାନ୍ଧୀ ମୂର୍ତ୍ତି ତଳେ ପ୍ରତିବାଦ କଲା ଭାଜପା

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁର ସିବିଆଇ ତଦନ୍ତ ଦାବିରେ ଭାଜପା ଅଟଳ ରହିଛି। ଗତ ୩ ଦିନ ବିଧାନସଭାରେ ହଟ୍ଟଗୋଳ କରିବା ପରେ ଶନିବାର ଭାଜପା ସଭ୍ୟମାନେ ପୂର୍ବ ପରି ମୌନବ୍ରତ ସହ ପ୍ରତିବାଦ ଜାରି ରଖିଛନ୍ତି। କେତେକ ସଭ୍ୟ ମୁହଁରେ କଳା କପଡ଼ା ବାନ୍ଧି ଏବଂ କେତେଜଣ ବେକରେ କଳା ଗାମୁଛା ପକାଇ ଶନିବାର ଗୃହକୁ ଆସି ନିଜ ଆସନରେ ଛିଡା ହୋଇରହିଥିଲେ। ପ୍ରଶ୍ନକାଳରେ ଭାଜପା ସଭ୍ୟମାନେ କିଛି ସମୟ ଉପସ୍ଥିତ ଥାଇ ମଧ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରି ନ ଥିଲେ। ପୂର୍ବାହ୍ନ ୧୦ଟା ୪୨ରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ସ୍ମିତାରାଣୀ ପ୍ରସଙ୍ଗରେ ସିବିଆଇ ତଦନ୍ତ ଦାବି କରିବା ସହ ଉପସ୍ଥିତ ଅନ୍ୟ ଭାଜପା ବିଧାୟକଙ୍କ ସହ କକ୍ଷତ୍ୟାଗ କରିଥିଲେ। ଏହା ପରେ ସମସ୍ତ ବିଧାୟକ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ ଏବଂ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କୁ ଭାଜପା ବିଧାୟକମାନଙ୍କୁ ବୁଝାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରମିଳା ଏବଂ ସୁଧୀର ଗାନ୍ଧୀମୂର୍ତ୍ତି ନିକଟକୁ ଯାଇ ବିରୋଧୀ ଦଳ ନେତା ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଭାଜପା ବିଧାୟକମାନେ ନିଜ ନିଜ ମଧ୍ୟରେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ପ୍ରମିଳା ଗୃହକୁ ଜଣାଇଥିଲେ। ହେଲେ ଦ୍ୱିତୀୟାର୍ଦ୍ଧ ମଧ୍ୟ ଭାଜପା ସଭ୍ୟ ଗୃହକୁ ଆସି ନ ଥିଲେ। ବାଚସ୍ପତି ପୁନର୍ବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭାଜପା ବିଧାୟକଙ୍କୁ ବୁଝାଇବା ପାଇଁ ପଠାଇଥିଲେ। ମାତ୍ର ଏହା ଦ୍ୱାରା କୌଣସି ସୁଫଳ ମିଳି ନ ଥିଲା। ସେହିପରି ଓଡ଼ିଶା ହିନ୍ଦୁ ଦେବୋତ୍ତର(ସଂଶୋଧନ) ବିଧେୟକ-୨୦୧୯ ଆଲୋଚନା ସମୟରେ ଭାଜପାର ଅନୁପସ୍ଥିତି ନେଇ କଂଗ୍ରେସ ନେତା ନରସିଂହ ମିଶ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ସୋମବାର ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଭାଜପା ବିଧାୟକଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି।





ଏବର୍ଷ ବାଲିଯାତ୍ରାରେ କ'ଣ ସବୁ ସ୍ପେଶାଲ ମିଳୁଛି, ଲୋକଙ୍କ ଗହଳି କେଉଁ ଷ୍ଟଲରେ ରହୁଛି ତାହା ଜାଣିବା ପାଇଁ ଦେଖନ୍ତୁ ଏହି ଭିଡିଓ
YouTube /dharitrilive

## ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ବରଗଡ଼ ଅଫିସ,୧୬।୧୧– ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ବରଗଡ଼ ଉଠାଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବୈକୁଣ୍ଠ ରାଉତଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି । ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଏକ ଟିମ୍ ସହକାରୀ ଯନ୍ତ୍ରୀ ରାଉତଙ୍କ ବରଗଡ଼ ସହର ଗଙ୍ଗାଧର ନଗରସ୍ଥିତ ଭଡ଼ାଘର ଓ ଉଠାଜଳସେଚନ ବିଭାଗ ଅଫିସରେ ଚଢ଼ାଉ କରିଥିଲେ। ଏହି ସମୟରେ ସହକାରୀ ଯନ୍ତ୍ରୀ ରାଉତ ଅନୁପସ୍ଥିତ ଥିବାରୁ ଘର ମାଲିକଙ୍କ ଉପସ୍ଥିତିରେ ସେ ରହୁଥିବା ଭଡ଼ା ଘରେ ଯାଞ୍ଚ କରାଯାଇଥିଲା । ତେବେ ବରଗଡ଼ ସମେତ ଭୁବନେଶ୍ୱର ସ୍ଥିତ ବାସଭବନ, ଯାଜପୁର ଜିଲାରେ ଥିବା ପୈତୃକ ଘର ଆଦି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଥିଲା ବୋଲି ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଇନ୍ସପେକ୍ଟର ମନୋରଞ୍ଜନ ପାଇକରାୟ ସୂଚନା ଦେଇଛନ୍ତି ।









# ରିଲାଏନ୍ସ କମ୍ୟୁନିକେଶନରୁ ଅନିଲ ଅମ୍ବାନୀଙ୍କ ଇସ୍ତଫା



ମୁମ୍ବାଇ,୧୬।୧୧: ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ରିଲାଏନ୍ସ କମ୍ୟୁନିକେଶନ ୩୦,୧୪୨ କୋଟି ଟଙ୍କା କ୍ଷତି ସହିବା ପରେ ଏହାର ନିର୍ଦ୍ଦେଶକ ପଦବୀରୁ ଅନିଲ ଅମ୍ବାନୀ ଶନିବାର ଇସ୍ତଫା ଦେଇଛନ୍ତି। ତାଙ୍କ ସହ ଉଚ୍ଚ ପଦପଦବୀରେ କାର୍ଯ୍ୟ କରୁଥିବା ଅନ୍ୟ ୪ ଅଧିକାରୀ ମଧ୍ୟ ଇସ୍ତଫା ଦେଇଥିବା ଜଣାପଡ଼ିଛି। ରିଲାଏନ୍ସ କମ୍ୟୁନିକେଶନ ବର୍ତ୍ତମାନ ଇନ୍‌ସଲ୍‌ଭେନ୍ସି ପ୍ରକ୍ରିୟା ଦେଇ ଗତିକରୁଛି। କମ୍ପାନୀର ସମ୍ପତ୍ତି ଏହାଦ୍ୱାରା ବିକ୍ରି ହୋଇଯିବ। ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନା ମୁତାବକ ଅନିଲ ଅମ୍ବାନୀଙ୍କ ବାଦ୍ ଛାୟା ବିରାନି, ରାୟନା କରାନି, ମଞ୍ଜରୀ କେକର ଏବଂ ସୁରେଶ ରଙ୍ଗାଚର ନିର୍ଦ୍ଦେଶକ ପଦବୀରୁ ଇସ୍ତଫା ଦେଇଛନ୍ତି। ପୂର୍ବରୁ କମ୍ପାନୀର ନିର୍ଦ୍ଦେଶକ ତଥା ମୁଖ୍ୟ ବିତ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବି.ମଣିକାନ୍ତନ ଇସ୍ତଫା ଦେଇଥିଲେ। ଶୁକ୍ରବାର କମ୍ପାନୀର ଦ୍ୱିତୀୟ ତ୍ରୈମାସ ଫଳାଫଳ ଘୋଷଣା ହୋଇଥିବାବେଳେ ଏଥିରେ ରିଲାଏନ୍ସକୁ ୩୦,୧୪୨ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ଏହି ରିପୋର୍ଟ ଆସିବା ପରେ ରିଲାଏନ୍ସ କମ୍ୟୁନିକେଶନ ଶେୟାରରେ ୩.୨୮% କ୍ଷତି ହୋଇଛି। ଗତ ବର୍ଷ ଦ୍ୱିତୀୟ ତ୍ରୈମାସରେ କମ୍ପାନୀ ୧୧୪୧ କୋଟି ଟଙ୍କା କ୍ଷତି ସହିଥିଲା।





ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ତଥା କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ ଉଦ୍‌ବୋଧନ ଦେଉଛନ୍ତି । ନିକଟରେ ଅନ୍ୟ ଅତିଥିମାନେ।

# ଜ୍ଞାନ, ଅଭିନବ ଗବେଷଣା ଦ୍ୱାରା ବିକାଶ ସମ୍ଭବ: ଗଡ଼କରୀ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଦେଶକୁ ଆଗକୁ ନେବା ପାଇଁ ଉପଯୁକ୍ତ ନୀତି ନିର୍ଦ୍ଧାରଣ, ପ୍ରଯୁକ୍ତି ବିଦ୍ୟା ସହିତ ଜ୍ଞାନ ଏବଂ ଅଭିନବ ଗବେଷଣାର ଆବଶ୍ୟକତା ରହିଛି। ଅନେକ କିଛି ଦୂରଦୃଷ୍ଟି, ପ୍ରଯୁକ୍ତି ବିଦ୍ୟା ଏବଂ ଜ୍ଞାନ ଉପରେ ନିର୍ଭର କରେ। ଏହା ଦ୍ୱାରା ହିଁ ବର୍ଜ୍ୟବସ୍ତୁରୁ ଆମେ ପ୍ରାଚୁର୍ଯ୍ୟ ପାଇପାରିବା ବୋଲି କେନ୍ଦ୍ର ସଡ଼କ ପରିବହନ, ରାଜପଥ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନିତିନ୍ ଗଡ଼କରୀ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ସୋଆରେ ଆବଶ୍ୟକ ଗବେଷଣା ଭିତ୍ତିଭୂମି ରହିଥିବାରୁ ପ୍ରଶଂସା କରିଥିଲେ। ସେ କହିଲେ, ବର୍ତ୍ତମାନ ଦେଶରେ ଗବେଷଣା କ୍ଷେତ୍ରରେ ଅଧିକ ମନୋନିବେଶ କରିବାର ଆବଶ୍ୟକତା ରହିଛି। ମାଲେସିଆର ଜଣେ ଇଞ୍ଜିନିୟରଙ୍କ ଗବେଷଣାଲବ୍ଧ ଜ୍ଞାନ ଦ୍ୱାରା ପୋଲ ଓ ଫ୍ଲାଏଓଭର ବିକାଶ କ୍ଷେତ୍ରରେ ଇସ୍ପାତ ବଦଳରେ ଇସ୍ପାତ ଫାଇବର ବ୍ୟବହାର କରାଯାଉଛି। ଏହା ଦ୍ୱାରା ନିର୍ମାଣ କାର୍ଯ୍ୟରେ ୨୫ ପ୍ରତିଶତ କମ୍ ଖର୍ଚ୍ଚ ହେଲା ବୋଲି ସେ କହିଥିଲେ। ବର୍ତ୍ତମାନ ଉଡ଼ାଜାହାଜରେ ବାୟୋ ଫୁଏଲ ବ୍ୟବହାର କରିବା ନେଇ ଗବେଷଣା ଜାରି ରହିଛି। ବାୟୋ ଫୁଏଲର ବିକାଶ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେହିଭଳି କୃଷି ହିଁ କର୍ମଯୋଗାଣର ପ୍ରକୃଷ୍ଟ ଉପାୟ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଲେ, ପ୍ରଯୁକ୍ତି ବିଦ୍ୟା ଏବଂ ନବ ପ୍ରବର୍ତ୍ତନର ଆବଶ୍ୟକତା ଯଥେଷ୍ଟ ନୁହେଁ। ଆମକୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ସହ ଏ ଦିଗରେ ଜ୍ଞାନ ଆହରଣ କରିବାକୁ ପଡ଼ିବ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ଓଡ଼ିଶାରେ ପ୍ରାଚୁର୍ଯ୍ୟର ଅଭାବ ନାହିଁ। ବିଶ୍ୱବିଦ୍ୟାଳୟମାନେ ସେମାନଙ୍କର ବୁଦ୍ଧି ପ୍ରୟୋଗ କରି ଉନ୍ନତି କ୍ଷେତ୍ରରେ ରାଜ୍ୟକୁ କିଭଳି ଆଗେଇ ନେଇହେବ ସେ ଦିଗରେ ସାହାଯ୍ୟ କରିବା ଉଚିତ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟରେ ପରିବେଶ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ତଥା କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ସୋଆ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ପରିବେଶ ଏବଂ ଜଳବାୟୁ କେନ୍ଦ୍ର ଏକ ଉତ୍ତମ ନିଷ୍ପତ୍ତି।

**ସୋଆର ଷଷ୍ଠ ସମାବର୍ତ୍ତନ ଉତ୍ସବ**

- ପ୍ରଫେସର ଦେବୀ ପ୍ରସାଦ ଦୁଆରୀଙ୍କୁ 'ଡକ୍ଟର ଅଫ୍ ସାଇନ୍ସ'
- ୧୬୭ ପିଏଚ୍‌ଡି, ୪୫୪୨ ସ୍ନାତକ, ୧୨୪୩ ଜଣ ସ୍ନାତକୋତ୍ତରଙ୍କୁ ଡିଗ୍ରୀ
- ୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ, ୧୩୨ ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ

ସୋଆ କୁଳାଧିପତି ପ୍ରଫେସର ଖଗେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ଅମିତ୍ ବାନାର୍ଜୀ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ବୈଜ୍ଞାନିକ ତଥା କଲିକତାସ୍ଥିତ ବିର୍ଲା ପ୍ଲାନେଟୋରିୟମର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ଦୁଆରୀଙ୍କୁ ଅନରିସ୍ କଜା (ଡକ୍ଟର ଅଫ ସାଇନ୍ସ) ଉପାଧି ପ୍ରଦାନ କରାଯାଇଥିଲା। ୧୬୭ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ, ୧୩୨ ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ, ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ୪୫୪୨ ଜଣ ସ୍ନାତକ ଓ ୧୨୪୩ ଜଣ ସ୍ନାତକୋତ୍ତରଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଛି।

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଓଡ଼ିଶା ସରକାର
DSPL-150
ନବଜାତ ଶିଶୁ ଯତ୍ନ ସପ୍ତାହ
୧୫ -୨୧ ନଭେମ୍ବର ୨୦୧୯
ସଚେତନ ରୁହନ୍ତୁ, ଶିଶୁମାନଙ୍କ ଜୀବନ ସୁରକ୍ଷିତ ରଖନ୍ତୁ
- ଶିଶୁକୁ ଉଷୁମ୍ ରଖିବାପାଇଁ ମୁଣ୍ଡରେ ଟୋପି, ପାଦରେ ମୋଜା ଏବଂ ଦେହରେ ପରିଷ୍କାର କପଡା ଘୋଡାଇ ମା'ଶରୀର ସହିତ ଲଗାଇ ରଖନ୍ତୁ ।
- ଶିଶୁର ନାଭିନାଡକୁ ପରିଷ୍କାର ରଖନ୍ତୁ ଓ ଡାକ୍ତରଙ୍କ ବିନା ପରାମର୍ଶରେ ସେଥିରେ କିଛି ବି ଲଗାନ୍ତୁ ନାହିଁ ।
- ଶିଶୁକୁ ଧରିବା /ଛୁଇଁବା ପୂର୍ବରୁ ହାତକୁ ସାବୁନରେ ଭଲଭାବରେ ସଫା କରନ୍ତୁ ।
- କମ ଓଜନର ଶିଶୁଙ୍କ (୨୫୦୦ଗ୍ରାମ୍‌ରୁ କମ୍) ଯତ୍ନ ପ୍ରତି ଧ୍ୟାନ ଦିଅନ୍ତୁ ଓ ଆବଶ୍ୟକ ସ୍ଥଳେ ଆଶାକର୍ମୀଙ୍କୁ ତୁରନ୍ତ ଜଣାନ୍ତୁ ।
- ଶିଶୁ ଶରୀରର ତାପମାତ୍ରା ଅଧିକ ଗରମ ବା ଥଣ୍ଡା ଲାଗିଲେ, ଅଙ୍ଗ ଚାଳନା ଅସ୍ୱାଭାବିକ ଥିଲେ କିମ୍ବା ନିସ୍ତେଜ ଜଣାପଡୁଥିଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ନେଇଯାଆନ୍ତୁ ।
- ଶିଶୁ ଜନ୍ମ ପରେପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରାନ୍ତୁ । ଶିଶୁକୁ ମା' କ୍ଷୀର ଛଡା ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ ।



10003/13/0052/1920
ଶିଶୁମାନଙ୍କର ଡାକ୍ତରଖାନାକୁ ଯାତାୟତ ଏବଂ ଆବଶ୍ୟକୀୟ ସମସ୍ତ ଚିକିତ୍ସାସେବା ବିନାମୂଲ୍ୟରେ ଉପଲବ୍ଧ ।
ଏ ସମ୍ପର୍କରେ ଅଧିକ ଜାଣିବାପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।
facebook.com/HFWOdisha http://www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ନଭେମ୍ବର ୧୭/୨୦୧୯

**କିଛି ତଥ୍ୟ**
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୭୧ ବିଲିୟନ ଡଲାର ବୃଦ୍ଧି ଘଟି ରେକର୍ଡ ସ୍ତର ୪୪୭.୮୧ ବିଲିୟନ ଡଲାର ଛୁଇଁଛି। – ରିଜର୍ଭ ବ୍ୟାଙ୍କ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଭିପ୍ସା
ପରିବାରବର୍ଗ


ସିଦ୍ଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଟିକା ଚୁହାଁର ମାଇପ ମରେ,**
**ଖଣ୍ଡି ଗଣିଆର ଦି'ଗୁଣ ସରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଚେଷ୍ଟାକଲେ ମଧ ନିଜ ଖର୍ଚ୍ଚକୁ ରୋକପାରେ ନାହିଁ। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ସ୍ତ୍ରୀ ଭୋକଉପାସରେ ପଡ଼ି ରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ସରିଲେ ଆମସୀ,**
**କଉଡ଼ି ସରିଲେ ଜାଙ୍କ।**

ଆମ୍ବରୁ ଆମ୍ବୁଲ ପ୍ରସ୍ତୁତ ହୁଏ। ଆମ୍ବ ସରିଗଲେ ବା ନ ଥିଲେ ଯଦି ପାଖରେ ଆମ୍ବୁଲ ଥାଏ ତା'ହେଲେ ସେଥିରେ କାମ ଚଳିଯାଇଥାଏ। କିନ୍ତୁ ଟଙ୍କା ପଇସା ସରିଗଲେ ବ୍ୟକ୍ତି ନାଚାର ହୋଇଯାଏ। ଟଙ୍କା ପଇସା ବିନା ମଣିଷ ନିଜକୁ ଅସହାୟ ମଣିବା ସହ ହାତଗୋଡ଼ ଯାକି ବସି ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୩୪ ହାବିଲଦାରଙ୍କ ପଦୋନ୍ନତି

କଟକ ଅଫିସ, ୧୬।୧୧- ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୩୪ ଜଣ ହାବିଲଦାରଙ୍କୁ ହାବିଲଦାର ମେଜର ପଦବୀକୁ ପଦୋନ୍ନତି କରାଯାଇଛି। ଶନିବାର ଏ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିଜିପି ବିଜୟ କୁମାର ଶର୍ମାଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପୋଲିସ କେନ୍ଦ୍ରୀୟ ମନୋନୟନ ବୋର୍ଡ ଏହି ପଦୋନ୍ନତିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ପାର୍ବତୀ ମହାନ୍ତି


ଜିତୁ ଦାଶ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମକ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ ଆନନ୍ଦମୟ ପରିବେଶ ସୃଷ୍ଟି କରିବ। କିନ୍ତୁ ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବନ୍ଧୁଙ୍କ ଅନୁରୋଧରେ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ। ଆକସ୍ମିକ ଭାବରେ ଆତ୍ମୀୟମାନଙ୍କ ନିକଟରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ବୃଷ** ଅନ୍ୟମାନଙ୍କ କାନକୁ ମିଠା ଲାଗିଲା ଭଳି କଥା କହି କାମ ହାସଲ କରିବେ। ବହୁତ ବିଳମ୍ବରେ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ଫେରନ୍ତା ବାଟରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ, କିନ୍ତୁ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଆନୁଷ୍ଠାନିକ କାମରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି, ଯାହାକି ସମସ୍ୟା ସୃଷ୍ଟି କରିବ। ଅର୍ଥ ସମ୍ବନ୍ଧିତ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି। ବିଭିନ୍ନ ଦିଗରୁ ରୋଜଗାର ବଢ଼ିବା ସହ ଅଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ନିଜ ଘର ପାଖରେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। କୌଣସି ସମସ୍ୟାରେ ମନ ଭାରାକ୍ରାନ୍ତ ରହିଥିବାରୁ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ।

**ସିଂହ** ଅଭାବ ନ ଥିଲେ ମଧ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗର ଅଭାବ ମାନସିକ ସ୍ଥିରତାକୁ କ୍ଷୁଣ୍ଣ କରିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ସକାଳ ସମୟରେ ବ୍ୟବସାୟିକ କାରବାର, ବନ୍ଧୁଙ୍କ ସହ ଆଲୋଚନା ହେତୁ ଶୁଭଫଳ ପାଇପାରନ୍ତି।

**କନ୍ୟା** ଆପଣଙ୍କର ଅଭାବନୀୟ ପରିସ୍ଥିତିକୁ ହୃଦୟଙ୍ଗମ କରି ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅଧିକାଂଶ କ୍ଷେତ୍ର ବିଶେଷରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସଭାସମିତିରେ ରୋକ୍‌ଠୋକ୍ କଥା ପାଇଁ ସମାଲୋଚିତ ହୋଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଅଫିସ୍ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କଥା ଭୁଲିଯାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ କୌଣସି ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହେବ। ପ୍ରକାଶନ, ଚୁକ୍ତିପତ୍ର, ଆଲୋଚନା ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ବିଭିନ୍ନ ଅପ୍ରକାଶ୍ୟ ଘଟଣାକୁ କେନ୍ଦ୍ରକରି ଅଧିକାଂଶ ସମୟ ମନ ବିଚଳିତ ରହିବ। ଅନ୍ୟମାନଙ୍କ ମିଥ୍ୟାଳାପ କାରଣରୁ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। ମନ କଥା ମନରେ ରହିଯିବ ସିନା ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲା ଭଳି କିଛି କାମ କରନ୍ତୁ ନାହିଁ। ଧନ ହାନି ଘଟିପାରେ।

**ଧନୁ** ଆକସ୍ମିକ ସୃଷ୍ଟି ହୋଇଥିବା ପରିସ୍ଥିତି ଆପଣଙ୍କୁ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବାକୁ ବାଧ କରିବ। ଅଧିକାଂଶ ସମୟରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** କାମର ଚାପ ବୃଦ୍ଧି ପାଇବା ଫଳରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିବେ। ସଙ୍ଗଠନ, ସଭାସମିତି, ଆନୁଷ୍ଠାନିକ କାମ ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ ସମସ୍ୟାଜନିତ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ଅଯଥା ଖର୍ଚ୍ଚାନ୍ତ ଦୁଶ୍ଚିନ୍ତାର କାରଣ ହେବ। ପରିବାରରେ ସାଧାରଣ ଭୁଲ୍ ବୁଝାମଣାକୁ ଦୂରେଇ ନେଲେ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଏଣୁ ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ।

**ମୀନ** ସମସ୍ୟା ସମାଧାନ କରିବା ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପ୍ରିୟ ବନ୍ଧୁଟି ସହ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସକାଳୁ ସକାଳୁ ଆଶା କରୁଥିବା କୌଣସି ଖବର ସହକର୍ମୀଙ୍କ ନିକଟରୁ ପାଇ ଖୁସି ହୋଇଯିବେ।

ଆଜି ବିଛା ସଂକ୍ରାନ୍ତି, ଶ୍ରୀକ୍ଷେତ୍ର ପରିକ୍ରମା, ସିଦ୍ଧ ମହାବୀରଙ୍କ ନାଗାବେଶ, ଶ୍ରୀମାଙ୍କ ମହାପ୍ରୟାଣ ଦିବସ, ମାର୍ଗଶିର କୃଷ୍ଣ ୫ମୀ ରବିବାର, ନଭେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୪ମି. ଗତେ ଘ୮।୫୬ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୫୦ମି. ଗତେ ଘ୧୦।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୩୯ମି. ଗତେ ଘ୫।୦୨ମି. ମଧ୍ୟେ ରାହୁକାଳ।

## କଡ଼ା ସୁରକ୍ଷାରେ ଖୋଲିଲା ସାବରିମାଳା ମନ୍ଦିର
# ୧୦ ମହିଳାଙ୍କୁ ଫେରାଇଦେଲା ପୋଲିସ

ସାବରିମାଳା,୧୬।୧୧(ପି.ଟି.)

କଡ଼ା ସୁରକ୍ଷା ବଳୟ ମଧ୍ୟରେ କେରଳ ସାବରିମାଳାସ୍ଥିତ ଭଗବାନ ଆୟାପ୍ପାଙ୍କ ମନ୍ଦିର ତୀର୍ଥଯାତ୍ରୀମାନଙ୍କ ଲାଗି ଶନିବାର ଅପରାହ୍ନରେ ଖୋଲାଯାଇଛି। ଦୁଇମାସ ଧରି ଚାଲିବାକୁ ଥିବା ମଣ୍ଡଲ-ମକରଭିଲାକ୍କୁ ତୀର୍ଥଯାତ୍ରା ଆରମ୍ଭ ହୋଇଥିବାରୁ ଏହି ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବାର ସୁଯୋଗ ପାଇବେ। ତେବେ ସବୁବର୍ଗର ମହିଳାଙ୍କ ମନ୍ଦିର ପ୍ରବେଶ ରାୟ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରି ନ ଥିଲେ ବି ପୋଲିସ ୧୦ ଜଣ ମହିଳାଙ୍କୁ ଫେରାଇ ଦେଇଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି।

ଅପରାହ୍ନ ୫ଟାରେ କଣ୍ଠାରାରୁ ମହେଶ ମହାନାରାରୁ ମନ୍ଦିର ଗର୍ଭଗୃହ ଖୋଲିବା ସହ ପୂଜାପାଠ କରିଥିଲେ। ପଶ୍ଚିମଘାଟ ପର୍ବତମାଳା ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଏହି ମନ୍ଦିର ଦର୍ଶନ ପାଇଁ କେରଳ, ତାମିଲନାଡ଼ୁ, ଆନ୍ଧ୍ରପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ସେଠାକୁ ଯାଇଛନ୍ତି। ମନ୍ଦିର ଖୋଲାଯିବାର ତିନିଘଣ୍ଟା ପୂର୍ବରୁ ଭକ୍ତମାନଙ୍କୁ ପାହାଡ଼ ଚଢ଼ିବା ପାଇଁ ଅନୁମତି ମିଳିଥିଲା। ପୂଜାସାମଗ୍ରୀ ମୁଣ୍ଡାଇ ଶ୍ରଦ୍ଧାଳୁମାନେ ୧୮ଟି ପବିତ୍ର ପାହାଚ ଅତିକ୍ରମ କରି ମନ୍ଦିରରେ ପ୍ରବେଶ କରିଥିଲେ।

ଭଗବାନ ଆୟାପ୍ପାଙ୍କୁ ପୂଜା କରିବାକୁ ଆନ୍ଧ୍ରପ୍ରଦେଶରୁ ଆସିଥିବା ୧୦ ଜଣ ମହିଳାଙ୍କୁ ପୋଲିସ ଶନିବାର ଫେରାଇ ଦେଇଛି। ବିଜୟୱାଡାରୁ ଆସିଥିବା ୩୦ ଜଣିଆ ମହିଳା ଦଳରେ ୧୦ରୁ ୫୦ ବର୍ଷ ବୟସର ଏହି ମହିଳାମାନେ ସାମିଲ ଥିଲେ। ମନ୍ଦିରଠାରୁ ୫ କିଲୋମିଟର ଦୂର ପମ୍ପା ବେସ୍ କ୍ୟାମ୍ପ୍‌ରେ ଉକ୍ତ ମହିଳାମାନେ ପହଞ୍ଚିବା ପରେ ପୋଲିସ ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିଥିଲା। ୧୦ରୁ ୫୦ ବର୍ଷ ବୟସବର୍ଗର ମହିଳାମାନଙ୍କୁ ନ ଛାଡିବା ଲାଗି ନିର୍ଦ୍ଦେଶ ଥିବା ପୋଲିସ କହିଛି।

ମହିଳାଙ୍କ ମନ୍ଦିର ପ୍ରବେଶ ଲାଗି ଗତବର୍ଷ ସେପ୍ଟେମ୍ବର ୨୮ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ) ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ରାୟର ସମୀକ୍ଷା ପାଇଁ ଅନେକ ପିଟିଶନ ଦାଏର ହୋଇଥିଲା। ନିକଟରେ ସୁପ୍ରିମକୋର୍ଟ ରାୟର ସମୀକ୍ଷା ପାଇଁ ଏହାକୁ ବୃହତ୍ତର ପୀଠକୁ ପଠାଇଦେଇଛନ୍ତି। ତେବେ ପୂର୍ବ ରାୟ ଉପରେ ସ୍ଥଗିତାଦେଶ ଲଗାଇ ନ ଥିବାରୁ ବୟସ ନିର୍ବିଶେଷରେ ସବୁ ମହିଳା ମନ୍ଦିର ଯାଇପାରିବେ। ଅନ୍ୟପକ୍ଷରେ ଦେବସ୍ୱମନ୍ତ୍ରୀ କଡକମ୍ପାଲି ସୁରେନ୍ଦ୍ରନ କହିଛନ୍ତି, ସାବରିମାଲା ସାମାଜିକ କର୍ମୀମାନଙ୍କ ପ୍ରଦର୍ଶନର ସ୍ଥାନ ନୁହେଁ। ପ୍ରଚାର ପାଇଁ ଯେଉଁ ମହିଳାମାନେ ମନ୍ଦିରରେ ପ୍ରବେଶ କରିବାକୁ ଉଦ୍ୟମ କରୁଛନ୍ତି, ସେମାନଙ୍କୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

## ଗୋଆ ଡିଜିପିଙ୍କ ପରଲୋକ

ନୂଆଦିଲ୍ଲୀ, ୧୬।୧୧(ଆଇଏଏନ୍‌ଏସ୍)

ଗୋଆ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପ୍ରଣବ ନନ୍ଦଙ୍କର ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ଗୋଆରେ ଏକ ସରକାରୀ କାର୍ଯ୍ୟକ୍ରମ ସାରି ସେ ଦିଲ୍ଲୀ ଯାଇଥିଲାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଆଇଜି ଯଶପାଲ ସିଂ ସୂଚନା ଦେଇଛନ୍ତି। ୧୯୮୮ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସରଙ୍କୁ ଗତ ଫେବୃୟାରୀରେ ଗୋଆ ବଦଳି କରାଯାଇଥିଲା। ତାଙ୍କ ପରଲୋକରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ବିଧାନସଭାର ବିରୋଧୀ ଦଳ ନେତା ଦିଗମ୍ବର କାମାତ୍‌ଙ୍କ ସମେତ ବହୁ ନେତା ଶୋକବ୍ୟକ୍ତ କରିଛନ୍ତି। ପ୍ରଣବଙ୍କ ସ୍ତ୍ରୀ ସୁନ୍ଦରୀ ନନ୍ଦ ମଧ ଜଣେ ଆଇପିଏସ୍ ଅଫିସର ଏବଂ ସେ ଦିଲ୍ଲୀ ପୋଲିସରେ କାର୍ଯ୍ୟ କରୁଛନ୍ତି। ଗୋଆ ପୋଲିସ ଡିଜି ଭାବେ ନିଯୁକ୍ତି ପାଇବା ପୂର୍ବରୁ ପ୍ରଣବ ଗୋଇନ୍ଦା ବ୍ୟୁରୋ (ଆଇବି)ରେ ଦୁଇଦଶନ୍ଧି ଧରି କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ଆଇବିରେ ଅନେକ ପରିବର୍ତ୍ତନ ହେବା ସହ ଏହାର ସାମର୍ଥ୍ୟ ବୃଦ୍ଧି ପାଇଥିଲା। ପ୍ରକାଶ ଯେ, ସ୍ୱର୍ଗତ ପ୍ରଣବଙ୍କ ପୂର୍ବଜ ସମ୍ବଲପୁର ରାଜାଙ୍କ ପୁରୋହିତ ଥିଲେ। ପ୍ରଣବଙ୍କ ଜନ୍ମ ଓ ପାଠପଢ଼ା ବିହାରର ପାଟନାରେ ହୋଇଥିଲା।


ପ୍ରଣବ ନନ୍ଦ

## ଆଖି ସାମ୍ନାରେ ମାଓବାଦୀଙ୍କ ଗୁଳିରେ ଟଳିଥିଲେ ସାଥୀ

**ଥାନା ଅଧିକାରୀଙ୍କ ଅନୁଭୂତି**



ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପୋଲିସର ପ୍ରମୁଖ ଦାୟିତ୍ୱ। ଏହି ଦାୟିତ୍ୱ ସମ୍ପାଦନରେ ଅନେକ ପୋଲିସ କର୍ମଚାରୀ ନିଜ ଜୀବନ ଉତ୍ସର୍ଗ କରିଥିବା ନଜିର ରହିଛି। ଅନେକେ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଥିବାବେଳେ ମୃତ୍ୟୁକୁ ଅତି ନିକଟରୁ ଦେଖିଛନ୍ତି। ଚାକିରି ଜୀବନରେ ଏଭଳି ଏକ ଅନୁଭୂତିକୁ ସାଉଁଟିଛନ୍ତି ବାଦାମବାଡ଼ି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ, ଯାହା ତାଙ୍କ ପାଇଁ ଅପାସୋରା ହୋଇ ରହିବ। ଏ ସମ୍ପର୍କରେ ସ୍ୱାଇଁ କୁହନ୍ତି, ୨୦୧୧ ମସିହାର ଘଟଣା। ସୁନ୍ଦରଗଡ଼ ଜିଲା ବଣାଇ ସବ୍‌ଡିଭିଜନ କେ. ବଲାଙ୍ଗ ଥାନାରେ ମୋର ପୋଷ୍ଟିଂ ହୋଇଥାଏ। ତାହା ଏକ ମାଓବାଦୀପ୍ରବଣ ଅଞ୍ଚଳ। ବିଶ୍ରା ଥାନା ଅଧୀନ ଦୀଘା ଜଙ୍ଗଲରେ ୩୦ରୁ ଅଧିକ ମାଓବାଦୀ ଏକତ୍ର ହେଉଥିବା ଖବର ମିଳିଲା। ୩୦ଜଣ ଏସ୍‌ଓଜି କମାଣ୍ଡର, ଡିଭିଏଫ୍ କମାଣ୍ଡରଙ୍କ ସହ ମୁଁ ରାତି ପ୍ରାୟ ୧୨ଟାରେ ଅପରେଶନରେ ବାହାରିଲି। ପ୍ରାୟ ୭ଘଣ୍ଟା ପାହାଡ଼ି ରାସ୍ତାରେ ଚାଲିଚାଲି ଯିବା ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଦୂରରୁ ମାଓବାଦୀଙ୍କ ଉପସ୍ଥିତି ଜଣାପଡ଼ିଥିଲା। ମାଓବାଦୀମାନେ ଆମକୁ ଦେଖି ଗୁଳିବର୍ଷଣ କଲେ। ଆମେ ମଧ ପ୍ରତିଜବାବ ଦେଲୁ। ତେବେ କିଛି ସମୟ ଗୁଳିବର୍ଷଣ ପରେ ମୋ ପାଖରେ ଥିବା ଜଣେ କନଷ୍ଟେବଲ ଲକ୍ଷ୍ମଣ କିଷାନଙ୍କ ବନ୍ଧୁକ ଧୀରେ ଧୀରେ ତଳ ମୁହାଁ ହେଉଥିବା ଦେଖିଲି। ପଛକୁ ଚାହିଁଲା ବେଳକୁ ଲକ୍ଷ୍ମଣଙ୍କ ଛାତିରୁ ପିଚକାରୀ ମାରିବା ଭଳି ରକ୍ତ ବାହାରୁଥାଏ। କିଛି କ୍ଷଣ ମଧ୍ୟରେ ସେ ଟଳିପଡ଼ିଲେ। ମାଓବାଦୀଙ୍କ ପ୍ରଚଣ୍ଡ ଗୁଳି ବର୍ଷଣ ଓ ସାଥୀଙ୍କ ମୃତ୍ୟୁ ଯୋଗୁ ଆଉ ଆଗକୁ ବଢ଼ିବାକୁ ସମ୍ଭବ ହେଲାନି। ପ୍ରାୟ ୨ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ଅଢ଼େଇ ହଜାର ରାଉଣ୍ଡ ଗୁଳି ଫାୟାରିଂ ହୋଇଥିଲା। ଶେଷରେ ଆମେ ପଛକୁ ଫେରି ଆସିଲୁ। ଏହାର ଦୁଇଦିନ ପରେ ଶହୀଦ ଲକ୍ଷ୍ମଣଙ୍କ ମୃତଦେହ ଆଣିଥିଲୁ। ତେବେ ଏହି ଘଟଣା ମୋର ନିଦ ହଜାଇଦେଲା। ସାଥୀଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ବିଚଳିତ ହୋଇପଡ଼ିଥିଲି। ଏହାର କିଛିଦିନ ପରେ ପୁଣି ସେଠାରେ ମାଓବାଦୀଙ୍କ ଉପସ୍ଥିତି ନେଇ ଖବର ମିଳିଥିଲା। ଅଧିକ ପ୍ରସ୍ତୁତ ହୋଇ ପୁନର୍ବାର ସେହିଠାରେ ପହଞ୍ଚିଥିଲୁ। ଆମ ଗୁଳିରେ ୩ଜଣ ମାଓବାଦୀ କମାଣ୍ଡର ପ୍ରାଣ ହରାଇଲେ। ଆହୁରି କେତେଜଣ ଆହତ ହୋଇଥିଲେ। ଏହାପରେ ମାଓବାଦୀ ଛତ୍ରଭଙ୍ଗ ଦେଇ ସେହି ସ୍ଥାନ ଛାଡ଼ି ପଳାଇଲେ। ସାଥୀଙ୍କ ମୃତ୍ୟୁର ପ୍ରତିଶୋଧ ନେଇ ମୋ ମନକୁ କିଛିଟା ଶାନ୍ତି ମିଳିଥିଲା। ତେବେ ସେହି ସାଥୀଙ୍କ ମୃତ୍ୟୁର ଦୃଶ୍ୟ ମନେପଡ଼ିଲେ ଆଜି ବି ଲୋମ ଟାଙ୍କୁରିଉଠେ।

-ଓଁକାର ମିଶ୍ର, କଟକ

## ବଳିଷ୍ଠ ଗଣମାଧ୍ୟମ ସମାଜକୁ ବିକାଶ ପଥରେ ଆଗେଇ ନିଏ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଏକ ବଳିଷ୍ଠ ଓ ଶକ୍ତିଶାଳୀ ଗଣମାଧ୍ୟମ ସମାଜକୁ ବିକାଶ ପଥରେ ଆଗେଇ ନେଇଥାଏ। ସତ୍ୟଶୀଳ, ନିରପେକ୍ଷ ଓ ପ୍ରତିବଦ୍ଧ ଗଣମାଧ୍ୟମ ହିଁ ଆମ ଗଣତନ୍ତ୍ରକୁ ଦୃଢ଼ କରିଛି। ଗୋଟିଏ ଦାୟିତ୍ୱବାନ ଗଣମାଧ୍ୟମ ସର୍ବଦା ଜନମତକୁ ଜାଗ୍ରତ କରିବା ସହିତ ଦେଶର ବିକାଶ ଯାତ୍ରାକୁ ପ୍ରୋତ୍ସାହିତ କରିଥାଏ ବୋଲି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମତବ୍ୟକ୍ତ କରିଛନ୍ତି। ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ କହିଲେ, ଶୀଘ୍ର ପ୍ରକାଶନ ଉଦ୍ଦେଶ୍ୟରେ ଭ୍ରମାତ୍ମକ ଓ ଉପଯୁକ୍ତ ତର୍ଜମାବିହୀନ ଖବର ପରିବେଷଣ କରିବା ବାଞ୍ଛନୀୟ ନୁହେଁ। ତଥ୍ୟଭିତ୍ତିକ ଖବର ନାଗରିକ ଆବୃତି ଓ ଜନମତ ଜାଗୃତିରେ ସହାୟକ ହେବା ସହିତ ପ୍ରଶାସନ ତଥା ବ୍ୟବସ୍ଥାକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ ଅଧ୍ୟକ୍ଷତା କରି କହିଲେ, ସାମ୍ବାଦିକତା ବୃତ୍ତି ପ୍ରତି ତାଙ୍କର ଅନୁରାଗ ଓ ଅଭିଜ୍ଞତା ରହିଛି। ଗଣତନ୍ତ୍ରର ଅନ୍ୟ ତିନି ସ୍ତମ୍ଭର କାର୍ଯ୍ୟକଳାପ ନେଇ ଲକ୍ଷ୍ମଣରେଖା ରହିଛି, କିନ୍ତୁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପାଇଁ ଥିବା ଲକ୍ଷ୍ମଣରେଖା ସମ୍ପର୍କରେ କେଉଁଠାରେ ଉଲ୍ଲେଖ ନାହିଁ। କାରଣ ଗଣମାଧ୍ୟମ ହିଁ ସେହି ଲକ୍ଷ୍ମଣରେଖା ନିର୍ଦ୍ଧାରିତ କରିପାରିବ। ବିଭାଗ ପକ୍ଷରୁ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରମୁଖ ବିଷୟଗୁଡ଼ିକୁ ନେଇ ଏକ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ପରିକଳ୍ପନା ରହିଛି ବୋଲି ସିଂ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଗଣମାଧ୍ୟମର ସ୍ୱର ଚାପିଦେଲେ ଗଣତନ୍ତ୍ରରେ ଏକଚ୍ଛତ୍ରବାଦ ସୃଷ୍ଟି ହୁଏ। ତେଣୁ ଗଣମାଧ୍ୟମର ଅପବ୍ୟବହାର ଉଚିତ ନୁହେଁ।


ଜାତୀୟ ପ୍ରେସ୍ ଦିବସରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟ ଅତିଥିମାନେ।

**ଜାତୀୟ ପ୍ରେସ୍ ଦିବସ**

ଚଳିତ ବର୍ଷ ଜାତୀୟ ପ୍ରେସ ଦିବସର ପ୍ରମୁଖ ପ୍ରସଙ୍ଗ 'ସମ୍ବାଦ ପରିବେଷଣ-ବ୍ୟାଖ୍ୟାନ: ଏକ ଅଭିଯାନ' ଉପରେ ପୂର୍ବରୁ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା, ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଓ ଯୁଗ୍ମ ନିର୍ଦ୍ଦେଶକ ସୁଭାଷ ସୂପକାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସୂଚନା ଭବନରେ ଏକ ସମ୍ବାଦପତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ରାଜ୍ୟର ଗଣମାଧ୍ୟମ ଇତିହାସର ଝଲକ ଦେଖିବାକୁ ମିଳିଛି। 'ଉତ୍କଳ ଦୀପିକା'ଠାରୁ ଆରମ୍ଭ କରି ବର୍ତ୍ତମାନ ରାଜ୍ୟରେ ପ୍ରକାଶିତ ବିଭିନ୍ନ ଦୈନିକ, ପାକ୍ଷିକ, ସାପ୍ତାହିକ ସମ୍ବାଦପତ୍ର ଏବଂ ପତ୍ରପତ୍ରିକା ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି।

ପ୍ରଥମ ପୃଷ୍ଠାରୁ...

## ତ୍ରୁଟି ଅନିଚ୍ଛାକୃତ...

ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ଏହି ପ୍ରସଙ୍ଗରେ ଗୃହରେ ବିବୃତି ଦାବି କରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହର ଉଦ୍‌ବେଗକୁ ଦେଖି ଶନିବାର ବିଧାନସଭାରେ ଏ ସମ୍ପର୍କରେ ଏକ ବିବୃତି ଦେବାକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଶୁକ୍ରବାର ରୁଲିଂ ଦେଇଥିଲେ।

ଶନିବାର ଶୂନ୍ୟକାଳରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ନେଇ ଏକ ବିବୃତି ଦେଇଥିଲେ। ସେ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବକୁ ରାଜ୍ୟର ସମସ୍ତ ସ୍କୁଲରେ ୨୦୧୮ ଅକ୍ଟୋବର ୨ରୁ ୨୦୧୯ ଅକ୍ଟୋବର ୨ ଯାଏ ପାଳନ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ପିଲାମାନଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଜିଲାସ୍ତରରେ ଅହିଂସା, ଗାନ୍ଧିଜୀଙ୍କ ଅଭିଳାଷ ଓ ଆଜି ଏହାର ଗୁରୁତ୍ୱ ଉପରେ ପ୍ରଦର୍ଶନୀ, ନାଟକ ଓ କର୍ମଶାଳା ଇତ୍ୟାଦିର ଆୟୋଜନ କରାଯାଇଥିଲା। ଏହାଛଡା ଗାନ୍ଧିଜୀଙ୍କ ସମ୍ବନ୍ଧରେ 'ଆମ ବାପୁଜୀ, ଏକ ଝଲକ' ଶୀର୍ଷକ ଦୁଇପୃଷ୍ଠା ସମ୍ବଳିତ ପ୍ରଚାରପତ୍ର ବଣ୍ଟନ କରିବା ପାଇଁ ସ୍ଥିର କରାଯାଇଥିଲା। ଏଥିପାଇଁ ପ୍ରଚାରପତ୍ରର ସଫ୍ଟ କପି ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଜିଲାସ୍ତରରେ ମୁଦ୍ରଣ କରି ଛାତ୍ରୀଛାତ୍ରମାନଙ୍କୁ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପତ୍ରିକାରେ ଗାନ୍ଧିଜୀଙ୍କ ଜୀବନୀ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଗାନ୍ଧିଜୀଙ୍କ ୪ଟି ଫଟୋ ସହ ଓଡ଼ିଶା ଉପରେ ମତାମତ ମଧ ସ୍ଥାନିତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ବିବୃତି ପରେ କଂଗ୍ରେସ ନେତା ନରସିଂହ ମିଶ୍ର କହିଲେ, ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଅଛନ୍ତି। ଯଦି ତାଙ୍କ ଜ୍ଞାତସାରରେ ହୋଇଥିବ ତେବେ ସେ ଇସ୍ତଫା ଦେବା ଦରକାର। ଯଦି ଅଜାଣତରେ ହୋଇଥିବ ତେବେ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ। ଉଲ୍ଲେଖଯୋଗ୍ୟ ଯେ, ଜିଲାସ୍ତରରୁ ସମସ୍ତ ପ୍ରଚାରପତ୍ର ବଣ୍ଟନ ବନ୍ଦ କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମୃତଦେହରୁ କାଢ଼ିନେଲେ ଆଖି

## ପରିବାର ଲୋକେ ଜିଲ୍ଲା ପ୍ରଶାସନ, ଏସ୍‌ପିଙ୍କ ଦ୍ୱାରସ୍ଥ

ଭଦ୍ରକ ଅଫିସ, ୧୬।୧୧

କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ମୃତ୍ୟୁ ଘଟିଥିବା ବୀର ଗାଗାରାଇ ଓରଫ ନଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ଦୁଇ ଆଖିକୁ ଭୁବନେଶ୍ୱରର ଏକ ମେଡିକାଲ ପକ୍ଷରୁ କାଢ଼ି ନିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ମୃତକଙ୍କ ପରିବାର ଲୋକେ ଏ ନେଇ ଶୁକ୍ରବାର ଭଦ୍ରକ ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଭେଟି ଅଭିଯୋଗ କରିବା ପରେ ଶନିବାର ଏସ୍‌ପି ରାଜେଶ ପଣ୍ଡିତଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ମୃତକଙ୍କ ଚକ୍ଷୁ ନେବା ସମ୍ପର୍କରେ ପରିବାର ଲୋକଙ୍କୁ କୌଣସି ସୂଚନା ଦିଆ ନ ଯାଇ ବ୍ୟବଚ୍ଛେଦ ପୂର୍ବରୁ କେବଳ ଏକ କାଗଜରେ ଦସ୍ତଖତ କରାଇ ନିଆଯାଇଥିଲା। ପରେ ତାଙ୍କ ଚକ୍ଷୁ ବାହାର କରି ନିଆଯାଇଥିବା ଦେଖି ସେମାନେ ହତଚକିତ ହୋଇଥିଲେ। ଘଟଣାର ତଦନ୍ତ କରି ମୃତକଙ୍କ ଚକ୍ଷୁ ଫେରାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ଅଭିଯୋଗ ଆଧାରରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଟାଉନ ଥାନା ପୋଲିସ ଆଖି କାଢ଼ି ନେଇଥିବା ମେଡିକାଲ ନାଁରେ ଏକ ମାମଲା(ନଂ. ୩୪୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଇଜି ଦୀପ୍ତେଶ ପଟ୍ଟନାୟକ ତୁରନ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଟୁଇଟର ଯୋଗେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତକଙ୍କ ପରିବାର ଲୋକ।

ଭଦ୍ରକ ପୌରାଞ୍ଚଳ ବାଗୁରାଇ ଆଦିବାସୀ ସାହିର ମୃତ ବୀରଙ୍କ ପରିବାର ଲୋକେ କହିଛନ୍ତି ଯେ, ବୀର ଗତ ୭ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରଦିନ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୩ ଦିନ ଚିକିତ୍ସିତ ହେବା ପରେ ୧୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ବାବଦକୁ ୮ ଶହ ଟଙ୍କା ଦାବି କରାଯାଇଥିଲା। କଷ୍ଟେମଷ୍ଟେ ସେମାନେ ଟଙ୍କା ଦେବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ୧୧ ତାରିଖ ସନ୍ଧ୍ୟାରେ ମୃତଦେହ ଘରକୁ ଅଣାଯାଇ ଅନ୍ତେଷ୍ଟିକ୍ରିୟା ପାଇଁ ଯୋଜନା କରାଯାଇଥିଲା। ହେଲେ ଅନ୍ତିମ ସଂସ୍କାର ପୂର୍ବରୁ ମୃତକଙ୍କ ଦୁଇଟି ଆଖି ନ ଥିବା ସେମାନେ ଦେଖିଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ସରିବା ପରେ ମେଡିକାଲରୁ ଅଣାଯାଇଥିବା କେତେକ କାଗଜପତ୍ର ସେମାନେ ଗାଁ ଲୋକଙ୍କୁ ଦେଖାଇଥିଲେ। ଉକ୍ତ କାଗଜରେ ବୀରଙ୍କ ଦୁଇ ଆଖି ଭୁବନେଶ୍ୱରର ଏକ ଚକ୍ଷୁ ହସ୍ପିଟାଲକୁ ଦାନ କରାଯାଇଛି ବୋଲି ଉଲ୍ଲେଖ ରହିଥିଲା। ଶୁକ୍ରବାର ଏ ନେଇ ପରିବାର ଲୋକେ ଭଦ୍ରକ ଭାରପ୍ରାପ୍ତ ଜିଲାପାଳଙ୍କୁ ଭେଟିବା ପରେ ତାଙ୍କ ପରାମର୍ଶକ୍ରମେ ଶନିବାର ମୃତକଙ୍କ ସ୍ତ୍ରୀ ଚମ୍ପା ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗାଁର କେତେଜଣ ସମ୍ପର୍କୀୟ ଓ ମୃତକଙ୍କ ପରିବାର ଲୋକେ କଟକରେ ମୃତଦେହ ବ୍ୟବଚ୍ଛେଦ କରାଯିବ କହି କେତେକ କାଗଜରେ ଦସ୍ତଖତ କରାଇ ନେବା ବେଳେ ଏଭଳି ଚକ୍ରାନ୍ତ କରାଯାଇଛି। ବ୍ୟବଚ୍ଛେଦ ଲାଗି ସେମାନେ ଟଙ୍କା ଦେବା ସହ ୪ ହଜାର ୫ ଶହ ଟଙ୍କା ଦେଇ ଆମ୍ବୁଲାନ୍ସରେ ମୃତଦେହକୁ ଗାଁକୁ ଆଣିଥିବା ଅଭିଯୋଗପତ୍ରରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଏଭଳି ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଭାରପ୍ରାପ୍ତ ଜିଲାପାଳ କହିଛନ୍ତି।

# ଅପହରଣ ଅଭିଯୋଗ, ଜଣେ ଗିରଫ

ବରଗଡ଼ ଅଫିସ,୧୬।୧୧

ବରଗଡ଼ ସହରର ଜଣେ ମହିଳାଙ୍କୁ ଅପହରଣ ଅଭିଯୋଗରେ ସ୍ଥାନୀୟ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପଙ୍କଜ ଠାକୁର ଓରଫ କୈଳାଶ ଭୁଏ। ତାଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି । ଏ ନେଇ ଅଧିକ ତଦନ୍ତ ଚାଲିଥିବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ କହିଛନ୍ତି । ପ୍ରକାଶ ଯେ, ଗତ ଦଶହରା ଦଶମୀ ତିଥିରେ ଅଭିଯୁକ୍ତ ବରଗଡ଼ ସହରକୁ ଆସି ଉକ୍ତ ମହିଳାଙ୍କୁ ଅପହରଣ କରି ଛତିଶଗଡ଼ର ବରମକେଲା ଅଞ୍ଚଳକୁ ନେଇଯାଇଥିଲେ। ପରେ ମହିଳା ଜଣକ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ । ଅଭିଯୁକ୍ତ ଶନିବାର ପୁଣି ବରଗଡ଼କୁ ଆସିଥିବାବେଳେ ମହିଳା ଜଣକ ତାଙ୍କୁ ଚିହ୍ନଟ କରିଥିଲେ । ଏହାପରେ ଲୋକେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ ।


KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414

See Career Appointment on every Wednesday & Saturday

# ଜ୍ଞାନକୁ ସ୍କୁଲ ବହି ଭିତରେ ସୀମିତ ରଖ ନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଜୀବନରେ ସମସ୍ୟା ନିଶ୍ଚିତ ରହିବ। କିନ୍ତୁ ତାକୁ ସାହାସର ସହିତ ମୁକାବିଲା କରିବାକୁ ପଡ଼ିବ। ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବ ନେଇ କାମ କଲେ ସଫଳତା ନିଶ୍ଚୟ ପାଇବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଶନିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇ କହିଲେ, ଆଜିକାଲି ହେଉଛି ଜ୍ଞାନ ଯୁଗ। ତେଣୁ ସବୁବେଳେ ଜ୍ଞାନ ଉପରେ ଅପ୍‌ଡେଟ୍ ରୁହ। ତୁମ ଜ୍ଞାନକୁ କେବଳ ସ୍କୁଲ ବହି ଭିତରେ ସୀମିତ ରଖ ନାହିଁ। କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, କଳା, ସମାଜସେବା ଯାହା ତୁମକୁ ଭଲ ଲାଗୁଛି, ସେଥିରେ ଉତ୍କର୍ଷ ପ୍ରଦର୍ଶନ କରିବା ପାଇଁ ଚେଷ୍ଟା କର। ଶିକ୍ଷାର କୌଣସି ବିକଳ୍ପ ନାହିଁ। ତେଣୁ ପାଠପଢ଼ା ଜାରି ରଖ। ସବୁଦିନ ନିଜେ ସ୍କୁଲ ଆସିବା ସହିତ ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କର। ଭବିଷ୍ୟତରେ ଭଲ ମଣିଷ ହେବାକୁ ଚେଷ୍ଟା କର। ମା' ବାପାଙ୍କ ସ୍ୱପ୍ନ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।


ଉଦ୍‌ଯାପନୀ ଉତ୍ସବରେ ଜଣେ କୃତୀ ଛାତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## 'ସୁରଭି' ଉଦ୍‌ଯାପିତ

ଉତ୍ସବରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ପିଲାମାନେ ତୁମେ ହେଉଛ ଦେଶର ଭବିଷ୍ୟତ। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ପାଠପଢ଼ ଏବଂ ତାକୁ ସାକାର କରିବା ପାଇଁ ପ୍ରାଣପଣେ ଚେଷ୍ଟା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ଅଧ୍ୟକ୍ଷତା କରି କହିଲେ, ଓଡ଼ିଶାକୁ ଶିକ୍ଷା ହବ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପୂରଣ ହେଉଛି। ବିଭିନ୍ନ ଜାତୀୟ ଶିକ୍ଷାନୁଷ୍ଠାନ ଆମ ଓଡ଼ିଶାରେ ରହିଛି। ରାଜ୍ୟ ତଥା ଦେଶ ବାହାରୁ ପିଲାମାନେ ଆସି ଏଠାରେ ଶିକ୍ଷା ଗ୍ରହଣ କରୁଛନ୍ତି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ସର୍ବାଧିକ ଶିକ୍ଷା ବଜେଟ୍ କରାଯାଛି ବୋଲି ମନ୍ତ୍ରୀ ଦାସ କହିଛନ୍ତି। ବିଭାଗୀୟ ସଚିବ ଚିତ୍ରା ଅରମୁଗମ୍ ସ୍ୱାଗତ ଭାଷଣ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ପିଲାଙ୍କର ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ସୂଚନାଯୋଗ୍ୟ, ଶିଶୁ ଦିବସରୁ ଚାଲିଥିବା ଏହି ତିନିଦିନିଆ ମହୋତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୩ହଜାର ଛାତ୍ରୀଛାତ୍ର ଯୋଗଦେଇଥିଲେ।


## ଜିଲା ଚିଠି
### ପୁରୀ

# ଚାପ ନା ଆନ୍ତରିକତା ଅଭାବ

ସୁପ୍ରିମ୍‌କୋର୍ଟରେ ଚାଲିଛି ଶ୍ରୀମନ୍ଦିର ସଂସ୍କାର ମାମଲା। ମୁଖ୍ୟତଃ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଏବଂ ଉତ୍ତମ ବ୍ୟବସ୍ଥା ଏହାର ମୁଖ୍ୟ ଲକ୍ଷ୍ୟ ରହିଛି। ପ୍ରାୟ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାଲିଥିବା ଏହି ମାମଲାରେ ବିଭିନ୍ନ ସମୟରେ ରୋଚକ ସ୍ଥିତି ବି ଆସିଛି। ସୁପ୍ରିମ୍‌କୋର୍ଟ ପ୍ରଥମେ ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତି ଦେଇଥିଲେ। ସେ ପୁରୀ ଆସି ବିଭିନ୍ନ ପକ୍ଷଙ୍କଠାରୁ ମତାମତ ସଂଗ୍ରହ କରିବା ସହ ଶ୍ରୀମନ୍ଦିରର ବାସ୍ତବ ସ୍ଥିତି ପରଖିଥିଲେ। ହେଲେ ଅଚାନକ ବ୍ୟକ୍ତିଗତ କାରଣ ଦର୍ଶାଇ ସୁବ୍ରମଣ୍ୟମ୍ ତାଙ୍କ ପଦରୁ ଓହରିଯିବା ପରେ ସୁପ୍ରିମ୍‌କୋର୍ଟ ରଞ୍ଜିତ କୁମାରଙ୍କୁ ନୂଆ ଆମିକସ୍ କ୍ୟୁରି ଭାବେ ନିଯୁକ୍ତି ଦେଇଛନ୍ତି। ସେ ମଧ୍ୟ ପୁରୀ ଆସି ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସକ ଏବଂ ଛତିଶା ନିଯୋଗ ମତ ନେଇଛନ୍ତି। ଏହା ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ପ୍ରସ୍ତାବ, ମଧ୍ୟବର୍ତ୍ତିକାଳୀନ ରାୟ ଦେଇଛନ୍ତି। ଏଥିରେ ମହାପ୍ରଭୁଙ୍କ ନୀତିକାନ୍ତି, ଭକ୍ତଙ୍କ ପାଇଁ ସୁବିଧା ସୁଯୋଗ, ବାଧାମୁକ୍ତ ଦର୍ଶନ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ କହିଛନ୍ତି। କିନ୍ତୁ କୌଣସି ଗୋଟିଏ ପ୍ରସ୍ତାବ ବା ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ଗତବର୍ଷ ସୁପ୍ରିମ୍‌କୋର୍ଟ ମଧ୍ୟବର୍ତ୍ତିକାଳୀନ ରାୟରେ ୧୨ଟି ପ୍ରସ୍ତାବ ଦେଇଥିଲେ। ଏଥିମଧ୍ୟରୁ ଧାଡ଼ି ଦର୍ଶନ ଥିଲା ଅନ୍ୟତମ। ଏହାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରଶାସନ ଉଦ୍ୟମ କରିଥିଲା। ହେଲେ ଏହାକୁ ନେଇ ପୁରୀରେ ଘଟିଲା ଲଙ୍କାକାଣ୍ଡ। ଭଙ୍ଗାରୁଜା, ପୋଡାଜଳାରେ ଥରିଲା ଶ୍ରୀକ୍ଷେତ୍ର। ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ଗିରଫ ହେଲେ। ଏଥିରେ ପ୍ରଶାସନ ଅସଫଳ ହୋଇଥିବାବେଳେ ଅନ୍ୟ ପ୍ରସ୍ତାବଗୁଡ଼ିକ ମଧ୍ୟ ବାଟବଣା ହୋଇଯାଇଛି। କେତେକ ପ୍ରସ୍ତାବ ଅଧାପନ୍ତରିଆ ରହିଥିବାବେଳେ ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ସେବାୟତ। ସେବକ, କର୍ମଚାରୀଙ୍କୁ ପରିଚୟପତ୍ର ବଣ୍ଟନ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସଂସ୍କାର ମାମଲାର ଚୂଡ଼ାନ୍ତ ରୂପରେଖ କ'ଣ ରହିବ ତାହାକୁ ନେଇ ଭକ୍ତ, ସେବାୟତ ଏବଂ ପ୍ରଶାସନ ଦ୍ୱନ୍ଦ୍ୱରେ ଥିବାବେଳେ ଗତ ୪ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ପୁଣି ମଧ୍ୟବର୍ତ୍ତିକାଳୀନ ରାୟ ଦେଇଛନ୍ତି। ଏଥିରେ ୨୨ଟି ନିର୍ଦ୍ଦେଶାବଳୀ ରହିଛି। ତେବେ ପୂର୍ବର ୧୨ଟି ପ୍ରସ୍ତାବ ମଧ୍ୟରୁ ଗୋଟିଏ ବି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିବାବେଳେ ଆଉ ୨୨ଟି ନିର୍ଦ୍ଦେଶର ଭାଗ୍ୟ କ'ଣ ହେବ ତାକୁ ନେଇ ଚାଲିଛି ଚର୍ଚ୍ଚା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଲାଗି ଏହି ମାମଲା କରାଯାଇଛି। ତେବେ ସୁପ୍ରିମ୍‌କୋର୍ଟଙ୍କ ପ୍ରତିଟି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଅଗ୍ରାଧିକାର ଦିଆଯିବା ଦରକାର। କିନ୍ତୁ ଶ୍ରୀମନ୍ଦିର କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହେବ ମାମଲା ଚାଲିଛି, କିନ୍ତୁ ଏ ପର୍ଯ୍ୟନ୍ତ ବ୍ୟବସ୍ଥାରେ ସେମିତି କୌଣସି ବଡ଼ଧରଣର ପରିବର୍ତ୍ତନ ଆସିପାରିଲା ନାହିଁ। ତେବେ କ'ଣ ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରୁ ନାହିଁ ତାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ବି ରହିଛି। ସଂସ୍କାର ଆସିଲେ ଶ୍ରୀମନ୍ଦିର ନୀତିକାନ୍ତିଠାରୁ ଦର୍ଶନ ସବୁକିଛି ବ୍ୟବସ୍ଥିତ ହୋଇପାରିବ। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ସୁଖଦ ଅନୁଭୂତି ସାଉଣ୍ଟି ଫେରିବେ। ତେବେ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ପଛରେ ଚାପ ନା ଆନ୍ତରିକତାର ଅଭାବ, ତାକୁ ନେଇ ସନ୍ଦେହରେ ରହିଛନ୍ତି ଭକ୍ତ।

– ହେମନ୍ତ ନାୟକ


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ୨ୟ ମହଲା, ବିଜୟ ଭବନ, ଇଞ୍ଜିନିୟରିଂ ସ୍କୁଲ ରୋଡ୍, ଡ଼ି-ପଲ୍ ସ୍କୁଲ୍ କ୍ୟାମ୍ପସ, ବ୍ରହ୍ମପୁର - ୭୬୦୦୧୦, ଫୋନ୍ - ୦୬୮୦-୨୨୯୦୪୦୮/୨୨୯୦୪୦୯/୨୨୯୦୪୧୦, ଇ-ମେଲ: 2006ro@iobnet.co.in
ଆଞ୍ଚଳିକ କାର୍ଯ୍ୟାଳୟ: ୧୧୯, ପାର୍କ ଷ୍ଟ୍ରିଟ୍, କୋଲକାତା - ୭୦୦୦୧୬

### ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

**ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି**
**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ (ସରଫେଶୀ) ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ**

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ର **କ୍ଷମତାପ୍ରାପ୍ତ ଅଧିକାରୀ** ହିସାବରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ ୨୦୦୨ଏବଂ ଧାରା**୧୩(୨)** ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତି ଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଧାରା **୧୩(୪)** ପ୍ରଦତ୍ତ କ୍ଷମତା ବଳରେ ଋଣ ଆକାଉଣ୍ଟର ବ୍ୟାଙ୍କ ଦେୟ ସହିତ ସୁଧ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯେହେତୁ ଋଣଗ୍ରହୀତା ବକେୟା ଦେୟ ଓ ନିମ୍ନରେ ଦର୍ଶାଯାଇଥିବା ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନର ଧାରା ୧୩(୪) ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନରେ ଦର୍ଶିତ ଓ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରି ବ୍ୟାଙ୍କ ଦେୟ ଆଦାୟ କରିବାକୁ ସ୍ଥିର କରିଛନ୍ତି।

| କ୍ର. ନଂ | ଶାଖା ନାମ/ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|
| ୧. | ଭବାନୀପାଟଣା ଶାଖା, ଫୋ.: ୦୬୬୭୦-୨୩୦୭୮୧, ମୋ.: ୭୮୬୯୯୭୬୦୪୩/ ଋଣଗ୍ରହୀତାମାନେ: ୧) ମେସର୍ସ ବିଜୟ ଶାନ୍ତି ମାର୍କେଟିଙ୍ଗ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶୈଳେନ୍ଦ୍ର କୁମାର ଗୋଏଲ, ପିତା: ବସନ୍ତଲାଲ ଜୈନ, ୱାର୍ଡ଼: ସାନପଡ଼ା, ସା: କେସିଙ୍ଗା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା / ବନ୍ଧକଦାତା/ଜାମିନଦାର: ଶ୍ରୀ ରାଜେନ୍ଦ୍ର ପ୍ରସାଦ ଜୈନ, ପିତା: ସୁରେଶ ଜୈନ, ଗୌରି ଶଙ୍କର ମନ୍ଦିର ସମ୍ମୁଖ, ମେନ୍ ରୋଡ୍, କେସିଙ୍ଗା, ଜିଲ୍ଲା: କଳାହାଣ୍ଡି | ଶ୍ରୀ ରାଜେନ୍ଦ୍ର ପ୍ରସାଦ ଜୈନ, ପିତା: ସୁରେଶ ଜୈନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୧୧.୮୯ ଡିସିମିଲି, ପ୍ଲଟ୍ ନଂ.: ୧୪୫୨, ଖାତା ନଂ.: ୨୨୬/୮୩, ମୌଜା: ଡୁମେରମୁଣ୍ଡା, ଥାନା: କେସିଙ୍ଗା, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୦୧, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶାଳେବାନ ହରିଜନଙ୍କ ଜମି, ଦକ୍ଷିଣ: ଅନାବାଦୀ |
| ୨. | ଭବାନୀପାଟଣା ଶାଖା, ଫୋ.: ୦୬୬୭୦-୨୩୦୭୮୧, ମୋ.: ୭୮୬୯୯୭୬୦୪୩/ ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରଶାନ୍ତ କୁମାର ମେହେର, ପିତା: ଭ୍ରମର ମେହେର, ବାସଗୃହ ଠିକଣା- ସା: ବାହାଦୂର ବଗିଚା ପଡ଼ା, ଭଞ୍ଜ କଲୋନୀ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି | ଶ୍ରୀ ପ୍ରଶାନ୍ତ କୁମାର ମେହେର, ପିତା: ଭ୍ରମର ମେହେରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୦୪୬ଡିସିମିଲି (୨୦୦୪ ବର୍ଗଫୁଟ), ପ୍ଲଟ୍ ନଂ.: ୪୨୭, ଖାତା ନଂ.: ୮୮, ସା: ସିର୍ଲିଗୁଡା, ଦୁଆରଶୁଣି, ଭବାନୀପାଟଣା, ମୌଜା: ସିର୍ଲିଗୁଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପୂର୍ବ: ବିକ୍ରେତା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା। |
| ୩. | ଆସିକା ଶାଖା, ଫୋ.: ୦୬୮୨୨-୨୭୨୪୭୪/ ଋଣଗ୍ରହୀତା: ଶ୍ରୀ ବସନ୍ତ କୁମାର ସାମଲ, ସା.: କମାଗଡ, ଥାନା: ଆସିକା, ଜିଲ୍ଲା: ଗଞ୍ଜାମ, ପିନ - ୭୬୧୧୧୫, ଓଡ଼ିଶା | ବସନ୍ତ କୁମାର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପୁରୁଣା ଖାତା ନଂ.: ୭୧୬/୧୩୫, ପ୍ଲଟ ନଂ.: ୩୯୨୩/୭୨୧୭ ଏବଂ ୩୯୨୪, କ୍ଷେତ୍ର: ଏକର ୦.୧୩୦ଡିସିମିଲି, ମୌଜା: କମାଗଡ, ଏସ.ଆର.ଓ: ଆସିକା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମାୟା ମହାପାତ୍ରଙ୍କ ଜମି, ପଶ୍ଚିମ: ଝାଡେଶ୍ୱର ମହାଦେବଙ୍କ ଜମି, ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ:ଝାଡେଶ୍ୱର ମହାଦେବଙ୍କ ଜମି। |
| ୪. | ଝାରସୁଗୁଡ଼ା ଶାଖା, ଫୋ.:୦୬୬୪୫-୨୭୩୬୪୪ ଋଣଗ୍ରହୀତା: ମେସର୍ସ ଝାଡ଼େଶ୍ୱର ସିମେଣ୍ଟ ଆଣ୍ଡ୍ ଷ୍ଟିଲ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଭିଲାଷ ସଂଘାଇ, ପିତା: ନଟବର ଲାଲ ସଂଘାଇ, ସା.: ଝଣ୍ଡା ଛକ, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୧ | ଶ୍ରୀ ଅଭିଲାଷ ସଂଘାଇ, ପିତା: ନଟବର ଲାଲ ସଂଘାଇଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.: ୩୭୯/୬୧୨, ଏମ୍.ଏସ୍. ଖାତା ନଂ.: ୬୭/୪୦୧, କ୍ଷେତ୍ର: ଏକର ୦.୧୬୦ ଡ଼ିସିମିଲି, ମୌଜା: ବେହେରାପାଲି, ଥାନା: ଝାରସୁଗୁଡ଼ା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ ନଂ.: ୫୩୯, ପୂର୍ବ: ପ୍ଲଟ ନଂ.: ୩୭୯, ପଶ୍ଚିମ: ପ୍ଲଟ ନଂ. ୩୭୯, ଦକ୍ଷିଣ: ରାସ୍ତା। |
| ୫. | ଝାରସୁଗୁଡ଼ା ଶାଖା, ଫୋ.:୦୬୬୪୫-୨୭୩୬୪୪ ଋଣଗ୍ରହୀତା: ମେସର୍ସ ସଂଘାଇ ସେଲ୍‌ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଭିଶେକ ସଂଘାଇ, ପିତା: ନଟବର ଲାଲ ସଂଘାଇ, ସା.: ଝଣ୍ଡା ଛକ, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୧ /ବନ୍ଧକଦାତା/ଜାମିନଦାର: ଶ୍ରୀ ନିତାଇ କୁମାର ସଂଘାଇ, ପିତା: ୰ ସତ୍ୟନାରାୟଣ ସଂଘାଇ, ସା.: ମାରୁଆଡ଼ିପଡ଼ା, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୧ | ଶ୍ରୀ ନିତାଇ କୁମାର ସଂଘାଇ, ପିତା: ୰ ସତ୍ୟନାରାୟଣ ସଂଘାଇଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.: ୩୧୧୪/ ୬୩୩୬, ଏମ୍.ଏସ୍. ଖାତା ନଂ.: ୯୨୯/୧୨୪୭, କ୍ଷେତ୍ର: ଏକର ୦.୭୫୨ ଡ଼ିସିମିଲି, ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନଂ.: ୬, ନିଉ ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ ନଂ.: ୩୧୧୩, ପୂର୍ବ: ପ୍ଲଟ ନଂ.: ୩୧୦୮(ଅଂଶ), ପଶ୍ଚିମ: ପ୍ଲଟ ନଂ.: ୩୧୧୪ ଏବଂ ରାସ୍ତା, ଦକ୍ଷିଣ: ପ୍ଲଟ ନଂ.: ୩୧୧୬। |
| ୬. | ବୀରମହାରାଜପୁର ଶାଖା, ଫୋ.: ୦୬୬୫୧-୨୫୪୦୧୦ ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର ନାଥ, ପିତା: ରତ୍ନାକର ନାଥ, ସା.: ଚମ୍ପାମାଳ, ପୋ: ବୀରମହାରାଜପୁର, ଜିଲ୍ଲା.: ସୁବର୍ଣ୍ଣପୁର, ଓଡ଼ିଶା, ପିନ୍ - ୭୬୭୦୧୮ / ବନ୍ଧକଦାତା/ଜାମିନଦାର: ଶ୍ରୀ ରତ୍ନାକର ନାଥ, ପିତା: ପୂର୍ଣ୍ଣଚନ୍ଦ୍ର ନାଥ, ସା.: ଚମ୍ପାମାଳ, ପୋ: ବୀରମହାରାଜପୁର, ଜିଲ୍ଲା.: ସୁବର୍ଣ୍ଣପୁର, ଓଡ଼ିଶା, ପିନ୍-୭୬୭୦୧୮ | ରତ୍ନାକର ନାଥଙ୍କ ନାମରେ ଥିବା ଜମି ଏବଂ ଅନ୍ୟାନ୍ୟ ନିର୍ମାଣାଧିନର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୨/୭୭, ପ୍ଲଟ ନଂ.: ୧୬୬/୨୦୩୦, କ୍ଷେତ୍ର: ଏକର ୦.୦୮୧ ଡ଼ିସିମିଲ, ମୌଜା: ବାଘବର, ତହସିଲ: ବୀରମହାରାଜପୁର, ଜିଲ୍ଲା: ସୁବର୍ଣ୍ଣୁର, ଏହାର ଚାରିର୍ଶ୍ୱରେ ଉତ୍ତର: ପିତା ମହାକୁରଙ୍କ ଜମି, ପୂର୍ବ: ଉଜ୍ଜଳ ସାହୁଙ୍କ ଜମି, ପଶ୍ଚିମ: ଗୋଚର ଜମି, ଦକ୍ଷିଣ: ଉଜ୍ଜଳ ସାହୁଙ୍କ ଜମି। |
| ୭. | ଲାଞ୍ଜିଗଡ଼ ଶାଖା, ଫୋ.:୦୬୬୭୭-୨୪୭୦୬୬ ଋଣଗ୍ରହୀତା.: ରାଜେଶ କୁମାର ପ୍ରଧାନ,ସା.: ନିଆଳୀ, ପୋ.: ଗୋପିନାଥପୁର, ଥାନା.: ଲାଞ୍ଜିଗଡ଼, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୨୦ | ଶ୍ରୀ ରାଜେଶ କୁମାର ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୦୫, ଖାତା ନଂ.: ୮୮/୭୭, କ୍ଷେତ୍ର : ଏକର ୦.୧୩ ଡ଼ିସିମିଲି, ମୌଜା: ନିଆଳୀ, ଲାଞ୍ଜିଗଡ଼, ଜିଲ୍ଲା: କଳାହାଣ୍ଡି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍ଖ ପ୍ରଧାନ, ପୂର୍ବ: ଦୁତିଆ ପ୍ରଧାନ, ପଶ୍ଚିମ: ରାସ୍ତା, ଦକ୍ଷିଣ: ଦୁତିଆ ପ୍ରଧାନ। |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ /ସମୟ (ଯେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରାଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ।) |
|---|---|---|---|---|---|---|---|
| ୧. | ଟ.୫୪,୬୮,୦୦୦/- | ଟ.୫,୪୬,୮୦୦/ | ଟ.୩୦,୩୭,୦୯୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୩.୧୧.୨୦୧୮ / ୧୦.୦୧.୨୦୧୯ | ୧୮.୧୨.୨୦୧୯ ପର୍ଯ୍ୟନ୍ତ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୨. | ଟ.୪,୦୧,୦୦୦/- | ଟ.୪୦,୧୦୦/- | ଟ.୨୧,୭୪,୧୮୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୧.୧୨.୨୦୧୭ / ୩୧.୦୫.୨୦୧୮ | ୧୮.୧୨.୨୦୧୯ ପର୍ଯ୍ୟନ୍ତ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୩ | ଟ.୧୦,୦୧,୯୧୦/- | ଟ.୧,୦୦,୧୯୧/- | ଟ.୧୦,୦୬,୧୧୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୫.୨୦୧୯ / ୧୬.୦୭.୨୦୧୯ | ୧୬.୧୨.୨୦୧୯ ପର୍ଯ୍ୟନ୍ତ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୪. | ଟ.୧୩,୬୮,୦୦୦/- | ଟ.୧,୩୬,୮୦୦/- | ଟ.୧୨,୩୭,୯୭୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୬.୨୦୧୯ / ୨୨.୧୦.୨୦୧୯ | ୧୮.୧୨.୨୦୧୯ ପର୍ଯ୍ୟନ୍ତ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୫. | ଟ.୨,୨୮,୬୦,୮୦୦/- | ଟ.୨୨,୮୬,୦୮୦/- | ଟ.୪୨,୯୧,୧୬୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୭.୨୦୧୯ / ୨୨.୧୦.୨୦୧୯ | ୧୮.୧୨.୨୦୧୯ ପର୍ଯ୍ୟନ୍ତ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୬. | ଟ.୫,୨୨,୫୦୦/- | ଟ.୫୨,୨୫୦/- | ଟ.୪,୭୭,୨୯୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୫.୦୭.୨୦୧୯ / ୨୩.୧୦.୨୦୧୯ | ୧୮.୧୨.୨୦୧୯ ପର୍ଯ୍ୟନ୍ତ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୭. | ଟ.୩,୭୧,୦୦୦/- | ଟ.୩୭,୧୦୦/ | ଟ.୧୬,୮୫,୮୨୭/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୫.୨୦୧୯ / ୧୮.୦୭.୨୦୧୯ | ୧୬.୧୨.୨୦୧୯ ପର୍ଯ୍ୟନ୍ତ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |

**ନିୟମ ଓ ସର୍ତ୍ତାବଳୀ :** ୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **M/s C1 India Pvt. Ltd**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ୍ ପୋର୍ଟାଲ **https://iob.bankeauctions.com** ରେ ଉପଲବ୍ଧ। (୩) ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଦରକାର। ସେମାନଙ୍କୁ ସେବା ପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରି ପାରିବେ। (୪) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://iob.bankeauctions.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡ଼ି- **2006ro@iobnet.co.in & 2006law@iobnet.co.in**ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ / ପ୍ୟାନକାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରବର୍ତ୍ତିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡିକ **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account"** ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁରର **Sundry Creditor** ଆକାଉଣ୍ଟ ନଂ. ୨୦୦୬୦୧୩୩୦୧୦୧୦ **(IFSC: IOBA0002006)** ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବ ଗୁଡିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ୍ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ କରିବାର ଅଖଣ୍ଡ କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କର ରହିଛି। (୧୨) ସମ୍ପତ୍ତିଗୁଡିକ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ- ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶୃତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized Officer, Sri N.K. Singh, Mob.: 8009795959, Indian Overseas Bank, Regional Office, Berhampur, Phone No.: 0680- 2290408/0409/0410, mail ID: 2006ro@iobnet.co.in & 2006law@iobnet.co.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ **: M/s. C1 India Pvt. Ltd, Udyog Vihar, Phase-2, Gulf Petrochem Building, Building No.: 301, Gurgaon, Haryana, Pin-122015, Support Mail id:support@bankeauctions.com, Support Land Line No.: +91 124 4302020/2021/2022/2023/2024, Support Mobiles Nos.: +917291981124/25/26, Portal :https://www.bankeauctions.com, Web: www.c1india.com, Email ID: support@c1india.com,** ଯୋଗାଯୋଗ ବ୍ୟକ୍ତି - ଶ୍ରୀ କିଙ୍ଗ୍‌ସୁକ୍ ଘୋଷ, ମୋ: **9836311889**, ଇ-ମେଲ: **kolkata@c1india.com.** (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି ଟ.୩୦,୦୦୦/- ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୧୩(୮)(୬)/୯(୧) ଅନୁଯାୟୀ ଉପରୋକ୍ତ ସମସ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ୩୦/୧୫ ଦିନିଆ ନୋଟିସ୍ ଅଟେ।

ସ୍ଥାନ: ବ୍ରହ୍ମପୁର,
ତାରିଖ: ୧୬.୧୧.୨୦୧୯

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ଅଜବ ମେଣ୍ଟ



ଆକାର ପଟେଲ

କଂଗ୍ରେସ ଓ ଜାତୀୟତାବାଦୀ କଂଗ୍ରେସ ଦଳ (ଏନ୍‌ସିପି)କୁ ସାଙ୍ଗରେ ନେଇ ଶିବସେନା ଯଦି ସରକାର ଗଢ଼େ ତେବେ ମହାରାଷ୍ଟ୍ରରେ ଏହା ସମ୍ପୂର୍ଣ୍ଣ ଏକ ଅଜବ ମେଣ୍ଟ ସରକାର ହେବ। ଏତେ ଅଜବ ଯେ, ନିର୍ବାଚନ ପୂର୍ବରୁ ତାହା କେବେ ଆଶା କରାଯାଇ ନ ଥିଲା କି ଚିନ୍ତା ବି କରାଯାଇ ନ ଥିଲା। ତିନି ଦଶନ୍ଧି ହେଲା ଠାକ୍‌ରେ ପରିବାର ଭାରତୀୟ ଜନତା ପାର୍ଟି (ଭାଜପା) ସହ ମେଣ୍ଟ କରି ରହିଆସୁଥିଲେ। ପ୍ରତିଥର ଆସନ ବୁଝାମଣାକୁ ନେଇ ଶିବସେନା ଅସନ୍ତୋଷ ଓ କ୍ରୋଧ ପ୍ରକାଶ କରେ। ପ୍ରତିଥର ଶିବସେନା ଯେତିକି ପାଇବା କଥା ତା'ଠୁ ଅଧିକ ଆସନ ଦାବିକରେ। ପୁଣି ପ୍ରତିଥର ଭାଜପା ଧୈର୍ଯ୍ୟର ସହ ଏହାର ସମାଧାନ କରେ କାରଣ ଏହା ଜାଣିଥିଲା ଯେ ଦିନେ ନା ଦିନେ ଦଳ ସମଗ୍ର ମହାରାଷ୍ଟ୍ରକୁ କବ୍‌ଜା କରିନେବ ଏବଂ ନେଲା ମଧ୍ୟ। ଶିବସେନା ସହ ମେଣ୍ଟ ରାଜନୀତିର ଲମ୍ବା ଖେଳ ଖେଳିବାରେ ଭାଜପା ଅସୀମ ଧୈର୍ଯ୍ୟ ଓ ଶୃଙ୍ଖଳା ରକ୍ଷା କରିଆସିଛି। ସେନା ସବୁବେଳେ ବହିର୍ମୁଖୀ ଓ ଆତ୍ମସଂଯମହୀନ। ଏହା କୌଣସି ବିଷୟରେ ସର୍ବସାଧାରଣରେ ଘନ ଘନ ନିଜର ମତ ବଦଳାଇପାରେ, ଯାହା କଂଗ୍ରେସ ଓ ଏନ୍‌ସିପି ପରେ ଅନୁଭବ କରିବେ। ସେନାର ଖବରକାଗଜ 'ସାମ୍‌ନା'ର ପ୍ରଥମ ପୃଷ୍ଠାରେ ଶିବସେନା ମୁଖ୍ୟଙ୍କ ସାକ୍ଷାତ୍‌କାର ନିୟମିତ ପ୍ରକାଶ ପାଏ। ଏହା ମାଧ୍ୟମରେ ଦଳର ସମ୍ବିଧାନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରେ। ସ୍ଥାନୀୟ ଖବରକାଗଜ ଓ ଚାନେଲଗୁଡ଼ିକ ତାହାକୁ ନେଇ ଖବର କରନ୍ତି। ଏସବୁ ମରାଠୀ ଭାଷାରେ ହୋଇଥିବାରୁ ଦେଶର ଅନ୍ୟ ଅଞ୍ଚଳର ଲୋକମାନେ ସେନା କେତେ ଅସ୍ଥିର ତାହା ଜାଣିବା କଷ୍ଟକର। ତଥାପି ତାହା ଜାଣିବାକୁ ବେଶିଦିନ ଲାଗିବ ନାହିଁ। ଆଦର୍ଶଗତ ଦୃଷ୍ଟିରୁ ସେନାକୁ ଭାଜପାର ଅଂଶୀଦାର ବୋଲି ମନେକରାଯାଏ, କିନ୍ତୁ ପ୍ରକୃତରେ ଏହାର କୌଣସି ମୂଳ ହିନ୍ଦୁତ୍ୱ ଆଦର୍ଶ ନାହିଁ। ଏହା ବି ଦରକାର ପଡ଼ିଲେ ଯାହାକୁ ଭଲ ପାଉଥିଲା ତାକୁ ଘୃଣା କରିପାରେ। ଏହା ନିଜକୁ ଗଢ଼ିବା ପାଇଁ ଉତ୍ତର ଭାରତୀୟ, ଦକ୍ଷିଣ ଭାରତୀୟ ଓ ମୁସଲମାନଙ୍କଠାରୁ ବି ରକ୍ତ ଶୋଷିଛି। ଏହା ସତ ଯେ ୧୯୯୨-୯୩ରେ ଶିବସେନାର ନେତାମାନେ ବାବ୍ରୀ ମସ୍‌ଜିଦ ଭଙ୍ଗା ଏବଂ ପରେ ପରେ ମୁମ୍ବାଇର ମୁସଲମାନ ବିରୋଧୀ ଦଙ୍ଗାରେ ଅଂଶ ଗ୍ରହଣ କରିଥିଲେ। ଏଥିପାଇଁ ମଧୁକର ସର୍ପୋଟଦାରଙ୍କ ସମେତ ସେନା ନେତାମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

କିନ୍ତୁ ଏହା ମଧ୍ୟ ସତ ଯେ, ମୁମ୍ବାଇରେ ସେନା ଚାହୁଁଛି ସେହି ଉତ୍ତର ଭାରତୀୟ ହିନ୍ଦୁମାନଙ୍କୁ ହଇରାଣ ହରକତ କରିବା ପାଇଁ ଯେଉଁମାନେ ଅଯୋଧ୍ୟାର ବାବ୍ରୀ ମସ୍‌ଜିଦ ଭଙ୍ଗା କାର୍ଯ୍ୟରେ ତାଙ୍କ ସହ ଅଂଶଗ୍ରହଣ କରିଥିଲେ। ସେନା ମୁସଲମାନଙ୍କ ପ୍ରତି ସମାନ ପ୍ରକାର ବିଦ୍ୱେଷ ଓ ଘୃଣାଭାବ ପ୍ରକାଶ କରେ ଏବଂ ଅନ୍ୟମାନଙ୍କ ପ୍ରତି ବି ଏହା ଅତି ସହଜରେ ସେପରି ଭାବ ପ୍ରକାଶ କରିପାରିବ। ଗାନ୍ଧୀ ପରିବାର ଠାକ୍‌ରେମାନଙ୍କ ଗାଳି ଏବଂ ଅତୀତକୁ କେମିତି ଭୁଲିପାରିବ ? ଶତ୍ରୁତା ଓ ମିତ୍ରତା ଏବଂ ଧାର୍ମିକ ଓ ଧର୍ମନିରପେକ୍ଷ ଉଭୟ ଭାବକୁ ନେଇ ସେମାନେ କେମିତି ଚାଲିପାରିବେ ? ମନମୋହନ ସିଂ, ଶଶୀ ଥରୁର ଓ ଚିଦାମ୍ବରମ୍‌ଙ୍କ ପରି ଲୋକ କେମିତି ସେନା ସହ ମେଣ୍ଟକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବେ ? ଅନ୍ୟପକ୍ଷରେ ସେନାର କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନ ଥିବାରୁ ଏହାର କୌଣସି ଯଥାର୍ଥ ଇସ୍ତାହାର ବା ରଣନୀତିକ ଦିଶା ବି ନାହିଁ। ଅର୍ଥନୀତି କେମିତି ଚାଲିବ, ରାଜ୍ୟ କେମିତି ଚାଲିବ, ମାନବ ସମ୍ବଳ ବିକାଶ ସୂଚକାଙ୍କ କେମିତି ବଢ଼ିବ, ବୈଦେଶିକ ନୀତି କିପରି ହେବ ଏସବୁ ବିଷୟରେ ସେନାର କୌଣସି ଚିନ୍ତାଧାରା ନାହିଁ। ଏହା କେବଳ ରାଗି ପାଟି କରିବା ଶିଖିଛି।

କଂଗ୍ରେସ ଓ ଏନ୍‌ସିପି ପାଇଁ ଏପରି ନିର୍ବାଚନୀ ଫଳାଫଳ ଅପ୍ରତ୍ୟାଶିତ ଥିଲା। ସେମାନେ ପାଖାପାଖି ସମାନ ଭୋଟ ପାଇଛନ୍ତି, ଯାହା ଭାଜପାଠାରୁ ମାତ୍ର ପ୍ରାୟ ୮ ପ୍ରତିଶତ କମ୍। କଂଗ୍ରେସର ଭୋଟ ସାମାନ୍ୟ ହ୍ରାସ ପାଇଥିବା ବେଳେ ସେମାନେ ପୁଣି ନିଜକୁ ସଜାଡ଼ିବା ଓ ଦୃଢ଼ କରିବାର ସୁଯୋଗ ଏବେ ବି ରହିଛି। କିନ୍ତୁ ସେନା ସହ ମେଣ୍ଟ କରିବା ଦ୍ୱାରା ସେମାନେ ସେହି ସୁଯୋଗ ହରାଇବେ। ଉଭୟ କଂଗ୍ରେସ ଓ ଏନ୍‌ସିପି ପାଇଁ ସେନା ସହ ମେଣ୍ଟ ଚୁମ୍ବକ ପରି ପରସ୍ପରକୁ ଆକର୍ଷଣ କଲା ପରି ନୁହେଁ, ଅର୍ଥାତ୍ ସ୍ୱାଭାବିକ ନୁହେଁ। କର୍ମୀ ଓ ଭୋଟର ସ୍ତରରେ ସ୍ପଷ୍ଟ ବିକର୍ଷଣ ଦେଖିବାକୁ ମିଳିବ। ଭାଜପାର ଆଧିପତ୍ୟ ଓ ଶକ୍ତି ଅବଦମିତ ରହିଥିବା ବେଳେ ସେମାନେ ନିଜର ପ୍ରାସଙ୍ଗିକତା ରକ୍ଷା କରିବାକୁ ଚେଷ୍ଟା କରିବା ଉଚିତ। ଭାଜପା-ସେନା ମେଣ୍ଟର ବିଫଳତାକୁ ଦର୍ଶାଇ କଂଗ୍ରେସ ଆଉ ଏକ ନିର୍ବାଚନ ଦାବି କରିପାରିଥାନ୍ତା। କିନ୍ତୁ ସେମାନେ ଏବେ ଦିଶାହରା ହୋଇଯାଇଥିବା ପରି ମନେହେଉଛି। ସେନା, କଂଗ୍ରେସ ଓ ଏନ୍‌ସିପି ସମସ୍ତେ ମୋଦି-ନେତୃତ୍ୱାଧୀନ ଭାଜପା ଆଗରେ କ୍ରମଶଃ ଅପ୍ରାସଙ୍ଗିକ ଓ କୋଣଠେସା ହୋଇପଡ଼ିବାର ଆଶଙ୍କା ଦେଖାଦେଇଛି। ଏପରି ଆଶଙ୍କା ମଧ୍ୟ ଯୁକ୍ତିଯୁକ୍ତ। ଭାଜପା ଯେପରି ଭାବେ ନିର୍ବାଚନ ଜିଣି ରାଜ୍ୟ ପରେ ରାଜ୍ୟ ଓ କ୍ଷମତା ଦଖଲ କରିଚାଲିଛି, ତାହା ଭୟ ସୃଷ୍ଟି କରିବା ସ୍ୱାଭାବିକ। ତେଣୁ କଂଗ୍ରେସ ପରି ବିରୋଧୀ ଦଳଗୁଡ଼ିକ ଏହାକୁ ଦୃଷ୍ଟିରେ ରଖି ସୁଚିନ୍ତିତ ପଦକ୍ଷେପ ନେବା ଉଚିତ।

Email: aakar.patel@gmail.com

## ଚିରନ୍ତନୀ

ପାହାଡ କଟିରେ ଉଡଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି? (ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 9 | 8 | 5 | 7 | | | | | 3 | | 4 | |
| | | | | | | | | | | | A | | 7 | 9 |
| 5 | 0 | | B | | | | A | | | C | | 6 | | D |
| 9 | 4 | B | | | | 5 | | | | | 6 | | | |
| 6 | | | | A | 1 | 3 | | | | | | C | | |
| B | | | | | | | 7 | | | | | 2 | | |
| | 5 | | C | | 4 | 1 | | | A | E | | | 8 | 0 |
| C | 8 | | | | E | 0 | | | | 7 | | | 5 | 6 |
| 0 | 6 | | | B | 7 | 8 | | | | | D | 4 | | |
| 7 | E | 1 | | 6 | | | | | | | | | A | |
| | A | 8 | | | 9 | | | C | 7 | | 1 | 5 | 0 | |
| 3 | 7 | | 4 | | | 6 | | | 0 | 8 | B | | C | E |
| | | | D | 3 | 0 | | | | | | | | | |
| | | | | | | | | | | 6 | | | | 3 |
| | | | | | | D | | 3 | | | | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | 0 | 5 | 3 | 7 | 1 | B | 2 | D | C | 4 | 6 | 8 | 9 |
| 4 | 7 | 2 | B | 0 | C | 5 | D | E | 8 | 9 | 6 | 3 | 1 | A |
| B | 1 | 8 | E | A | D | 4 | 9 | 6 | 3 | 2 | 5 | 7 | C | 0 |
| 5 | 3 | 9 | 8 | 6 | 2 | C | 7 | A | 0 | B | 1 | E | 4 | D |
| D | 6 | C | 4 | 9 | 1 | 0 | 8 | 3 | 7 | E | A | 5 | 2 | B |
| 9 | B | 6 | 2 | 4 | 0 | 7 | 1 | 5 | C | 8 | D | A | E | 3 |
| C | 2 | 4 | 7 | 5 | 9 | E | 0 | 8 | B | A | 3 | D | 6 | 1 |
| 3 | E | 5 | 1 | B | 8 | A | 2 | D | 6 | 7 | 0 | 4 | 9 | C |
| 7 | 8 | D | A | C | 3 | B | 6 | 9 | 4 | 1 | E | 0 | 5 | 2 |
| A | 0 | 1 | D | E | 6 | 3 | C | 4 | 2 | 5 | 9 | 8 | B | 7 |
| 0 | 5 | 3 | 9 | D | B | 6 | A | 1 | E | 4 | 2 | C | 7 | 8 |
| 8 | D | E | 0 | 7 | A | 2 | 4 | C | 1 | 6 | B | 9 | 3 | 5 |
| 1 | 4 | A | C | 2 | 5 | 8 | E | 0 | 9 | 3 | 7 | B | D | 6 |
| 6 | C | 7 | 3 | 1 | E | 9 | 5 | B | A | D | 8 | 2 | 0 | 4 |
| 2 | 9 | B | 6 | 8 | 4 | D | 3 | 7 | 5 | 0 | C | 1 | A | E |

ଗତକାଲିର ଉତ୍ତର

# ତଥାପି ଅନ୍ଧାର ହଟିନାହିଁ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଏବେ ଆଧୁନିକତାର ଉତ୍ତାଳ ପ୍ରୀତି ପ୍ରଳୟ ରୂପ ଧାରଣ କରିଛି ପ୍ରତିଟି ଜନମାନସରେ। ବସ୍ତୁବାଦୀ ସଭ୍ୟତାର ଶିଖର ଆରୋହଣ କରି ମଣିଷ ଆଜି ସ୍ୱୟଂସମ୍ପୂର୍ଣ୍ଣ। ଆଧ୍ୟାତ୍ମିକ ଅନୁଭବକୁ ଅବଜ୍ଞା କରି ଭୋଗବାଦୀ ଜୀବନଯାତ୍ରାର ଜୟଜୟକାର ମଧ୍ୟରେ ସମଗ୍ର ଜଗତ କୋଳାହଳମୁଖରିତ। ଆତ୍ମନିଷ୍ଠତାର ଉଜ୍ଜ୍ୱଳ ଆଲୋକ ମଧ୍ୟରେ ଧର୍ମଭୟ ଓ ଈଶ୍ୱରବିଶ୍ୱାସର ତଥାକଥିତ ଅନ୍ଧକାର ସତତ ପ୍ରତିହତ। ହଁ, ଅଲୋଡ଼ା ଧର୍ମ ପ୍ରତି ଭୟ ଅବା ଅଦୃଷ୍ଟ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ ଆଧୁନିକତାରେ ଆକ୍ରାନ୍ତ ସାମ୍ପ୍ରତିକ ନଗରସଭ୍ୟତା ପାଇଁ ଅନ୍ଧକାର ନୁହେଁ ତ ଆଉ କ'ଣ ? ବିଜ୍ଞାନର ବିଶେଷ ସହାୟତା ବଳରେ ବଳୀୟାନ୍ ବୁଦ୍ଧିଦୀପ୍ତ ମଣିଷ ଧର୍ମ ଓ ଈଶ୍ୱରଙ୍କୁ ପିଠିକରି ଯେଉଁଠି ଆଲୋକ ରାଜ୍ୟରେ ବିଚରଣ କରେ, ସେଠି ଅନ୍ଧାରର ପରିକଳ୍ପନା ଅତ୍ୟନ୍ତ ଅବାସ୍ତବ ନିଶ୍ଚୟ। ତେବେ ପୁଣି ଏମିତି କାହିଁକି ହୁଏ ?

ଦପ୍ତରର ଶୀତତାପନିୟନ୍ତ୍ରିତ ସୁସଜ୍ଜିତ କକ୍ଷରେ ଚାରିଚାରିଟି କମ୍ପ୍ୟୁଟର। ଘରର କାର୍ପେଟ ବିଛା ଡ୍ରଇଂ ରୁମରେ ଇଣ୍ଟରନେଟ୍‌ର ଇନ୍ଦ୍ରଜାଲ। ସୁଟ୍-ବୁଟ୍‌ପିନ୍ଧା ସମ୍ଭ୍ରାନ୍ତ କଳେବର। ଅତ୍ୟାଧୁନିକ ଇମ୍ପୋର୍ଟ କାର ଚଢ଼ି ପବନ ବେଗରେ ରାଜଧାନୀର ରାଜରାସ୍ତାରେ ଉଡ଼ିଯାଉଥିବା ସଭ୍ୟ ଶିକ୍ଷିତ ଲୋକ ପୁଣି ନିଭୃତରେ ହସ୍ତରେଖା ବିଶାରଦ ଜ୍ୟୋତିଷ ପାଖରେ ଆଣ୍ଠେଇ ପଡ଼ି ଜାଣିବାକୁ ଚାହୁଁଥିବେ ନିଜର ଅନାଗତ ଭବିଷ୍ୟତ। ବିକଳରେ ପ୍ରତୀକ୍ଷା କରୁଥିବେ ଗଣକଙ୍କ ଗଣନାର ଫଳାଫଳକୁ ଓ ତାଙ୍କ ପରାମର୍ଶକୁ ବେଦବାକ୍ୟ ମନେକରି ଲକ୍ଷାଧିକ ଟଙ୍କା ବ୍ୟୟରେ ଅଙ୍ଗୁଳିରେ ପିନ୍ଧୁଥିବେ ପାନ୍ନା ଓ ପୋଖରାଜ ଆଦି ଦୁର୍ମୂଲ୍ୟ ମଣିଖଚିତ ମୁଦ୍ରିକାମାନ। ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ଭାଗ୍ୟ ସନ୍ଧାନରେ ଏ ପ୍ରକାର ଏକନିଷ୍ଠତାକୁ କ'ଣ ନାମ ଦିଆଯାଇପାରେ ? ଅଷ୍ଟାଦଶ ଶତାବ୍ଦୀ ଅନ୍ଧବିଶ୍ୱାସର କଳା ଅନ୍ଧକାର ନା ଏକବିଂଶ ଶତାବ୍ଦୀ ଆଧୁନିକତାର ଶୁଭ୍ର ଆଲୋକ।

ସମୟ ପ୍ରାଚୀନ ହେଉ କି ନବୀନ, ଶତାବ୍ଦୀ ଊନବିଂଶ ପ୍ରାନ୍ତ ହେଉ କି ଆଦ୍ୟ ଏକବିଂଶ, ଯୁଗେ ଯୁଗେ ଅଦୃଷ୍ଟ ଈଶ୍ୱରଙ୍କ ଅଲୌକିକ ପ୍ରଭାବ ନିକଟରେ ମଣିଷ ନିଜକୁ ଅସହାୟ ମନେକରି ଆସିଛି। ଏମିତି ଅଲୌକିକତା ତା' ମନରେ ଈଶ୍ୱରଙ୍କ ପ୍ରତି ଭକ୍ତି କମ୍, ଭୟ ସଂଚାର କରିଛି ବେଶୀ। ଶିକ୍ଷା, ସଭ୍ୟତା ଓ ଆଧୁନିକତାର ଔଜ୍ଜ୍ୱଲ୍ୟରେ ତା'ର ଆତ୍ମସତ୍ତା ଯେତେ ଆଲୋକିତ ହେଲେ ବି ଭୟର ଏ କଳା ଅନ୍ଧକାର ତଥାପି ଦୂରୀଭୂତ ହେଉନାହିଁ ମଣିଷ ମନରୁ। ସେ ଶରଣ ପଶୁଛି କେବେ ବି ପ୍ରତ୍ୟକ୍ଷ କରି ନ ଥିବା ସେଇ ରହସ୍ୟମୟ ଶକ୍ତି ପାଖରେ। ନିଜକୁ ସମର୍ପଣ କରୁଛି କେବେ ବି ପ୍ରମାଣିତ ହୋଇ ନ ଥିବା ସେଇ ବିଶ୍ୱାସ ନିକଟରେ। ସେଇ ଶକ୍ତି ଓ ବିଶ୍ୱାସ ତା' ପାଇଁ ପାଲଟିଯାଇଛି ନିଜ ଜ୍ଞାନ, ଗରିମା, ବୁଦ୍ଧି ଓ ବିବେକଠାରୁ ଆହୁରି ନିର୍ଭରଶୀଳ ଏକ ଅପରିହାର୍ଯ୍ୟ ଆଶ୍ରୟ। ଅଥଚ ବିଡମ୍ବନାର ବିଷୟ ଏହା ଯେ ତା'ର ଏମନ୍ତ ଆଚରଣ ଓ ଏ ପ୍ରକାର ସମର୍ପଣ ବିଜ୍ଞାନବିରୋଧୀ, ନବ୍ୟ ସଭ୍ୟତାର ଏକାନ୍ତ ପରିପନ୍ଥୀ। କାରଣ ସେ କାଲିର ପ୍ରସ୍ତରଯୁଗର ଅନ୍ଧାରି ଇଲାକାର ମଣିଷ ନୁହେଁ, ଆଜିର ଆଲୋକମୟ ଯୁଗର ଅଗ୍ରଗାମୀ ମଣିଷ।

ଏବେ ଟିଭି ଖବରରୁ ଦେଖିବାକୁ ମିଳିଲା ତିନୋଟି ଭୟଙ୍କର ଦୃଶ୍ୟ। ଦୃଶ୍ୟ ତିନୋଟିକୁ ଗଭୀର ମନୋଯୋଗ ସହକାରେ ତର୍ଜମା କଲେ ଲାଗିବ ଏ ଯାଏ ବି ଶିକ୍ଷା ବା ସଭ୍ୟତାଠାରୁ ଅପହଞ୍ଚ ଦୂରତାରେ ଅଛନ୍ତି ବେଶ୍ ଥୋକେ ଲୋକ, ଯେଉଁମାନଙ୍କୁ ବେଶ୍ କବଳିତ କରିରଖିଛି ସେଇ ଆଦିମ ଯୁଗର ଅନ୍ଧବିଶ୍ୱାସ। ପ୍ରଥମ ଘଟଣାରେ ଜଣେ ଆଠବର୍ଷର ଶିଶୁକୁ ଦୁଇଜଣ ଗୁଣିଆ ନିର୍ମମ ଭାବେ ନିର୍ଘାତ ପିଟି ଚାଲିଛନ୍ତି ଓ ଅର୍ଦ୍ଧଶତାଧିକ ଲୋକ ଦୃଶ୍ୟଟିକୁ ନିର୍ବିକାରରେ ଉପଭୋଗ କରି ଚାଲିଛନ୍ତି। ନିଷ୍ପାପ, କୋମଳ ଶିଶୁଟିର ଦୋଷ ହେଉଛି ସେ ବିଗତ କେଇ ମାସ ଧରି କ୍ରମାଗତ ଅସୁସ୍ଥ ହୋଇରହୁଛି। ତା'ର କଅଁଳ ଶରୀରଟିକୁ ପ୍ରେତ କବଳିତ କରିରଖିଛି ବୋଲି ଚିହ୍ନଟ କରି ଗୁଣିଆଦ୍ୱୟ ପ୍ରେତ ବିତାଡନ କାର୍ଯ୍ୟରେ ଲାଗିପଡିଛନ୍ତି ପିଲାଟିକୁ ନିର୍ଘାତ ପ୍ରହାର କରି। ବିକଳରେ କାନ୍ଦୁଥିବା ଶିଶୁଟିକୁ ରୋଗମୁକ୍ତ କରିବାର ଏ ଆସୁରିକ ପ୍ରକ୍ରିୟାକୁ ନୀରବରେ ଉପଭୋଗ କରୁଛନ୍ତି ତା'ର ପିତାମାତା ଓ ଅନ୍ୟମାନେ। ଦ୍ୱିତୀୟ ଘଟଣାରେ ବିଷାକ୍ତ ନାଗସାପ ଦଂଶନର ଶିକାର ହୋଇଥିବା ଜଣେ ଯୁବକଙ୍କୁ ଡାକ୍ତରଖାନା ନ ନେଇ ବହୁ ଜନସମାଗମ ମଧ୍ୟରେ ଏକ ପୋଖରୀ ଭିତରକୁ ନେଇ ମନ୍ତ୍ର ଉଚ୍ଚାରଣ ସହ ମୁଣ୍ଡରେ ଶହେ କୋଡିଏ କଳସୀ ପାଣି ଢାଳି ବିଷ ହରଣ କରିବାର ଅପଚେଷ୍ଟା ଚାଲିଛି। ବିଷଜ୍ୱାଳା ପ୍ରଭାବରେ ମୁଣ୍ଡ ଘୂରାଇବା ଭଳି ବିପଜ୍ଜନକ ଉପସର୍ଗର ଆଭାସ ମିଳିଲା ପରେ ବି ପୋଖରୀ ସମୀପସ୍ଥ ମନ୍ଦିରର ମୂକ ଦେବତାଙ୍କ ଉପରେ ଆସ୍ଥା ସ୍ଥାପନ କରୁଛନ୍ତି ନିଜେ ପୀଡ଼ିତ ବ୍ୟକ୍ତି ଜଣକ।

ତୃତୀୟ ଘଟଣାଟିର ସଂଖ୍ୟା ଏକରେ ସୀମିତ ନୁହେଁ। ଏକ ଆଦିବାସୀ ଗ୍ରାମର ଅଶିକ୍ଷିତ ମହିଳା ଜଣଙ୍କୁ ଜଘନ୍ୟ ଭାବେ ହତ୍ୟାକରି ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦିଆଯାଉଛି। ଅତ୍ୟନ୍ତ ନିରୀହ ଭାବେ ମହିଳାଙ୍କର ପୁଅ ଅଭିଯୋଗ କରୁଛି ଟିଭି ଚାନେଲର ଖବରଦାତାଙ୍କ ନିକଟରେ ଯେ, ତାଙ୍କ ଗାଁରେ ଚାରିଜଣ ପିଲାଙ୍କ ମୃତ୍ୟୁ ଓ ବହୁ ଜଣଙ୍କ ଅସୁସ୍ଥତାର କାରଣ ଥିଲା ତାଙ୍କ ମା'ର ଗୁଣିଗାରେଡି। ତେଣୁ ତାକୁ ମାରି ଦିଆଯାଇଛି। ନିଜ ମା'ର ବୀଭତ୍ସ ହତ୍ୟା ସମ୍ପର୍କରେ ପୁଅର କି ବିଚିତ୍ର କୈଫିୟତ୍। ଅଥଚ ସେଇ ଆଖପାଖ ଗାଁରେ ଆଉ ଜଣେ ଆଦିବାସୀ କନ୍ୟା ବିମାନ ଚଳାଇ ଆକାଶରେ ଉଡିବାର ଯୋଗ୍ୟତା ହାସଲ କଲେଣି। ପୁଣି ସେଇ ସମ୍ପ୍ରଦାୟର ଆଉ ଜଣେ ବିଶିଷ୍ଟ ସନ୍ତାନ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ପ୍ରଥମ ଉପରାଜ୍ୟପାଳ ଭାବେ ନିଯୁକ୍ତି ପାଇବା ଭଳି ବିରଳ ସମ୍ମାନର ଅଧିକାରୀ ହେଲେଣି।

ପ୍ରାୟ ଦୁଇମାସ ତଳେ ଏ ଲେଖକର ହ୍ୱାଟ୍‌ସଆପକୁ ଜଣେ ବନ୍ଧୁଙ୍କ ନମ୍ବରରୁ ଏକ ବିଚିତ୍ର ବାର୍ତ୍ତା ଆସିଲା। ବାର୍ତ୍ତାଟି ଥିଲା ଦୁର୍ବଳଚିତ୍ତ ଲୋକମାନଙ୍କ ପାଇଁ ଭୟ ଉଦ୍ରେକକାରୀ। ଲେଖା ଥିଲା, ମହାବୀର ହନୁମାନଙ୍କ ଆଜ୍ଞାରେ ଏ ବାର୍ତ୍ତା ପ୍ରେରଣ କରାଯାଉଛି। ଏହାକୁ ଅବଜ୍ଞା କରି କାଟି ଦେଉଥିବା ଲୋକର ପ୍ରଭୂତ କ୍ଷତି ହେବ ଏବଂ ଶ୍ରଦ୍ଧାର ସହ ଚାଳିଶ ଜଣଙ୍କ ନିକଟକୁ ପ୍ରେରଣ କରୁଥିବା ଲୋକର ଅଶେଷ ମଙ୍ଗଳ ହେବ। ବନ୍ଧୁ ଜଣଙ୍କୁ ଏ ପ୍ରକାର ଅସଙ୍ଗତ ବାର୍ତ୍ତା ପ୍ରେରଣ ପାଇଁ ମୃଦୁ ଭର୍ତ୍ସନା କରିବାରୁ ଯାହା ଉତ୍ତର ମିଳିଲା, ତାହା ଭିତରେ ଭରି ରହିଥିଲା କେବଳ ଅସଭ୍ୟ, ଅଶିକ୍ଷିତ ଆଦିବାସୀମାନଙ୍କର ନୁହେଁ, ସଭ୍ୟ ଶିକ୍ଷିତବର୍ଗମାନଙ୍କର ଅହେତୁକ ଭୟଭ୍ରାନ୍ତିର ଏକ ସଂବେଦ୍ୟ ସଙ୍କେତ। ବନ୍ଧୁ ଏଭଳି ବାର୍ତ୍ତା ପ୍ରେରଣ ପାଇଁ ଦୁଃଖ ପ୍ରକାଶ କଲେ ସତ, କିନ୍ତୁ ଏକ ଅଭିନବ ସ୍ୱୀକାରୋକ୍ତି କରି କହିଲେ, କୋଡ଼ିଏ ଭିତରେ ନିର୍ଦ୍ଦେଶ ଥିଲେ ଆପଣଙ୍କୁ ସାମିଲ କରି ନ ଥାନ୍ତି। ଚାଳିଶ ଜଣଙ୍କୁ ପଠାଇବାକୁ ପଡିଲାରୁ ଆପଣ ଆସିଗଲେ। ଏଭଳି ଆଦେଶକୁ ଅମାନ୍ୟ କରି ଐଶ୍ୱରୀୟ କୋପର ଶିକାର ହେବାକୁ କିଏ ବା ଦୁଃସାହସ କରନ୍ତା ଆଜ୍ଞା !

ଚାଳିଶଜଣଙ୍କୁ ଏମିତି ବାର୍ତ୍ତାହୀନ ବାର୍ତ୍ତା ପଠାଇ ନିଜକୁ ଚିନ୍ତାମୁକ୍ତ କରିଥିବା ଏ ବନ୍ଧୁଙ୍କର କାମ ଶେଷ ହେଲା ଯେଉଁଠି, ସେଇଠି ଆରମ୍ଭ ହେଲା ଆଉ ଚାଳିଶ ଜଣଙ୍କର ଚିନ୍ତା, ମନର ଅସ୍ଥିରତା ଓ ଅହେତୁକ ଆଶଙ୍କାକୁ ନେଇ ମନ ବିଚଳିତ ହେଲା ଭଳି ଏକ ଭୟଙ୍କର ଅବସ୍ଥା। ଈଶ୍ୱରୀୟ ସତ୍ତାର ପ୍ରଚାର ଓ ପ୍ରସାର ପାଇଁ ବାର୍ତ୍ତା ପ୍ରେରଣର ଏ ଭୟଙ୍କର ଅସରନ୍ତି ଖେଳ ପ୍ରଥମେ କିଏ କେବେ ଆରମ୍ଭ କରିଥିଲା କେଜାଣି, ସେଦିନରୁ ଏ ଯାଏ ଏକରୁ ଚାଳିଶ, ଚାଳିଶରୁ ଚାଳିଶ ଗୁଣନ ଚାଳିଶ ଓ ପୁଣି ପରବର୍ତ୍ତୀ ବର୍ଗ ନିର୍ଦ୍ଧାରଣ ଆଦି ଗାଣିତିକ ପ୍ରକ୍ରିୟା ମଧ୍ୟରେ ଏ ଖେଳ ଏ ଯାଏ ବି ଚାଲୁ ରହିଛି। କେଇବର୍ଷ ପୂର୍ବରୁ ପୋଷ୍ଟକାର୍ଡ ପ୍ରେରଣ ମାଧ୍ୟମରେ ତ ଏବେ ମୋବାଇଲ ବାର୍ତ୍ତା ମାଧ୍ୟମରେ। ତାହା ପୁଣି ଏମିତି ଏକ ସମୟରେ, ଯେତେବେଳେ ସଭ୍ୟ ମଣିଷ ଆଧୁନିକ ଜୀବନର ଉଜ୍ଜ୍ୱଳ ଆଲୋକରେ ଯାବତୀୟ କୁସଂସ୍କାର ଓ ଅନ୍ଧବିଶ୍ୱାସର ଅନ୍ଧକାରକୁ ଦୂରୀଭୂତ କରିପାରିଛି ବୋଲି ନିତିଦିନ ଡିଣ୍ଡିମ ପିଟିବାରେ ଲାଗିଛି।

ଉପସଂହାରରେ ଆଉ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଦୃଷ୍ଟାନ୍ତ। ଟିଭିରେ ଭାଗ୍ୟ ଭବିଷ୍ୟ ଓ ବାସ୍ତୁ ବିଚାର ଆଦି କାର୍ଯ୍ୟକ୍ରମକୁ ଧ୍ୟାନର ସହ ଦେଖୁଥିବା ଜଣେ ଅନ୍ୟଥା ଆଧୁନିକ ରମଣୀଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇ ଜଣେ ବିବ୍ରତ ଗୃହସ୍ୱାମୀ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ତାଙ୍କ ନୂଆ ଗ୍ୟାରେଜଟିକୁ ଭାଙ୍ଗିଦେବାକୁ ବାଧ୍ୟ ହୋଇଛନ୍ତି। କଥା ହେଲା, ବାସ୍ତୁ ବିଚାରର ବିଚିତ୍ର ତତ୍ତ୍ୱ ଅନୁଯାୟୀ ଗୃହର ଯେଉଁ ଦିଗରେ ଗ୍ୟାରେଜ ନିର୍ମିତ ହେବା କଥା, ତାହା ହୋଇନାହିଁ ବୋଲି ପତ୍ନୀ ମହୋଦୟା ଟିଭି କାର୍ଯ୍ୟକ୍ରମରୁ ଜାଣିଲା ପରେ ଆରମ୍ଭ ହୋଇଥିଲା ଘରେ ଅଶାନ୍ତି। ଘରର ସମୁଚିତ ଦିଗରେ ଗ୍ୟାରେଜ ନ ଥାଇ ଅନ୍ୟ ଦିଗରେ ଥିଲେ ଘରର ଶାନ୍ତି ବ୍ୟାହତ ହେବ ବୋଲି ଚେତାବନୀ ଶୁଣୁ ଶୁଣୁ ଆରମ୍ଭ ହୋଇଥିଲା ଅଶାନ୍ତି। ଈଶ୍ୱର କାଳେ ଅମଙ୍ଗଳ କରନ୍ତି ବୋଲି ବାସ୍ତୁବିତ୍‌ମାନେ ମତପୋଷଣ କରନ୍ତି। ଅଥଚ ଈଶ୍ୱର ଯେ ସଦା ମଙ୍ଗଳମୟ, ଘରର ଗ୍ୟାରେଜ ପୂର୍ବ ଦିଗରେ ନ ରହି ପଶ୍ଚିମରେ ରହିଲେ ତାଙ୍କ ମଙ୍ଗଳ କରିବାର କ୍ରିୟା ଊଣା ହୋଇଯାଏ ନାହିଁ, ଏ ସତ୍ୟକୁ କେହି ଗ୍ରହଣ କରନ୍ତି ନାହିଁ। ବିଶ୍ୱାସ ଅବିଶ୍ୱାସ, ଆସ୍ଥା ଅନାସ୍ଥାର ଊର୍ଦ୍ଧ୍ୱରେ ବୋଲି ତ ସେ ସର୍ବସମ୍ପନ୍ନ, ସର୍ବବ୍ୟାପୀ ଈଶ୍ୱର। ତାଙ୍କୁ ମାନୁଥିବା ଲୋକଙ୍କ ପାଇଁ ସେ ଯେତିକି ଈଶ୍ୱର, ତାଙ୍କୁ ନ ମାନୁଥିବା ଲୋକଙ୍କର ବି ସେ ସେତିକି ଈଶ୍ୱର। ସୁତରାଂ ତାଙ୍କ ନାମ ନେଇ ଯାବତୀୟ ଅସ୍ପୃହଣୀୟ ଓ ଅକରଣୀୟ କାର୍ଯ୍ୟ ଯେ ତାଙ୍କ ଈଶ୍ୱରତ୍ୱର ଅପମାନ, ଏ କଥା ବିଜ୍ଞାନ ଓ ବୌଦ୍ଧିକତାର ଶୀର୍ଷରେ ଉପନୀତ ହୋଇ ବି ସାମ୍ପ୍ରତିକ ସମୟର ଆଲୋକିତ ମଣିଷ ବୁଝିନାହିଁ। ଅନ୍ଧାର ତଥାପି ହଟିନାହିଁ।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ମରିସସ୍‌ର ପ୍ରଧାନମନ୍ତ୍ରୀ

## ବ୍ୟକ୍ତିତ୍ୱ



ପ୍ରଭିନ୍ଦ ଜଗନ୍ନାଥ

ଆଫ୍ରିକାର ଏକ ସ୍ଥାୟୀ ଗଣତନ୍ତ୍ର ଭାବେ ମରିସସ୍ ଜଣାଶୁଣା। ୧୯୬୮ରେ ବ୍ରିଟେନରୁ ଏହା ସ୍ୱାଧୀନତା ପାଇଥିଲା। ଭାରତ ଭଳି ଏହାର ଅର୍ଥନୀତି କୃଷିଭିତ୍ତିକ। ଗରିବ ରାଷ୍ଟ୍ର ହୋଇଥିଲେ ହେଁ ମରିସସ୍ ରାଜସ୍ୱକୁ ବୃଦ୍ଧି କରିବାରେ ପର୍ଯ୍ୟଟନ ଅନ୍ୟତମ କ୍ଷେତ୍ର ରହିଆସିଛି। ଭାରତ ମହାସାଗର ମଧ୍ୟରେ ଥିବା ଏହି ଦ୍ୱୀପଦେଶରେ ଅନେକ ଭାରତୀୟ ବଂଶୋଦ୍ଭବ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଆସିଛନ୍ତି। ଅନିରୁଦ୍ଧ ଜଗନ୍ନାଥ ସେଠାରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ରହିଥିଲେ। ୧୨ ନଭେମ୍ବର ୨୦୧୯ରେ ତାଙ୍କ ପୁତ୍ର ପ୍ରଭିନ୍ଦ ଜଗନ୍ନାଥ ମରିସସ୍‌ର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ପ୍ରଭିନ୍ଦ କୁମାର ଜଗନ୍ନାଥ ୨୫ ଡିସେମ୍ବର ୧୯୬୧ରେ ମରିସସ୍‌ର ଏକ ସହରତଳି ଅଞ୍ଚଳ ଲାକାଭେମେରେ ଜନ୍ମଗ୍ରହଣ କରିଥିଲେ । ସେ ଉଚ୍ଚ ବର୍ଗର ଯାଦବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଭାରତୀୟ ବଂଶୋଦ୍ଭବ ପିତା ଅନିରୁଦ୍ଧ ଜଗନ୍ନାଥ ଜଣେ ଜଣାଶୁଣା ବାରିଷ୍ଟର ଥିଲେ। ପରବର୍ତ୍ତୀ ସମୟରେ ଅନିରୁଦ୍ଧ ମରିସସ୍‌ର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ମଧ୍ୟ ହୋଇଥିଲେ। ମା' ସରୋଜିନୀ ବାଲ୍ଲା ଥିଲେ ଜଣେ ସ୍କୁଲ ଶିକ୍ଷୟିତ୍ରୀ। ପ୍ରଭିନ୍ଦଙ୍କ ବଡ଼ ଭଉଣୀ ଶାଳିନୀ। ପ୍ରଭିନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନ ବିଦ୍ୟାରେ ଡିଗ୍ରୀ ଅର୍ଜନ କରିଥିଲେ। ହେଲେ ପିତାଙ୍କ ରାଜନୈତିକ ବ୍ୟକ୍ତିତ୍ୱ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେ ମରିସସ୍ ରାଜନୀତିକୁ ୨୦୦୦ ମସିହାରେ ପ୍ରବେଶ କରିଥିଲେ। ରାଜନୈତିକ ବ୍ୟାପାରରେ ସକ୍ରିୟ ଅଂଶଗ୍ରହଣ କରିବା ସହ ସରକାରରେ ଓ ବିରୋଧୀ ପକ୍ଷରେ ରହି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଆସିଛନ୍ତି। ପ୍ରଭିନ୍ଦ ୨୦୦୦ରୁ ୨୦୦୩ ଯାଏ ଦେଶର କୃଷିମନ୍ତ୍ରୀ, ୨୦୦୩ରୁ ୨୦୦୫ ପର୍ଯ୍ୟନ୍ତ ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଥିଲେ। ସେ ମରିସସ୍‌ର ଅନ୍ୟତମ ପ୍ରଭାବଶାଳୀ ପ୍ରଧାନମନ୍ତ୍ରୀ ନବୀନ ରାମଗୁଲାମ୍‌ଙ୍କ ମନ୍ତ୍ରିମଣ୍ଡଳରେ ଉପପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ରହିଥିଲେ। ୨୦୧୪ରୁ ୨୦୧୫ ପର୍ଯ୍ୟନ୍ତ ମରିସସ ସରକାରରେ ଟେକ୍‌ନୋଲୋଜି କମ୍ୟୁନିକେଶନ ଓ ଇନୋଭେଶନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ମିଳିତ ସରକାରକୁ ଛାଡ଼ି ବିରୋଧୀ ଦଳର ନେତୃତ୍ୱ ନେଇଥିଲେ । ତାଙ୍କ ପିତା ଅନିରୁଦ୍ଧଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ହେବା ଯାଏ ସେ ବିରୋଧୀ ଦଳ ନେତା ଭାବେ ରହିଥିଲେ। ସରୋଜିନୀ ବାଲ୍ଲା ଓ ଅନିରୁଦ୍ଧ ଜଗନ୍ନାଥଙ୍କର ଏକମାତ୍ର ସନ୍ତାନ ପ୍ରଭିନ୍ଦ ଜଗନ୍ନାଥ ପ୍ରଥମେ ୨୦୦୦ରେ ମରିସସ୍ ସାଧାରଣ ନିର୍ବାଚନରେ ବିଜୟୀ ହୋଇ ସାଂସଦ ହେବାର ସୌଭାଗ୍ୟ ଲାଭ କରିଥିଲେ। ଏହାପରେ ସେ ତାଙ୍କ ପିତା ଅନିରୁଦ୍ଧ ଜଗନ୍ନାଥଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ କୃଷି ମନ୍ତ୍ରୀ ହୋଇଥିଲେ। ୨୩ ଜାନୁୟାରୀ, ୨୦୧୭ରେ ତାଙ୍କ ଉପରେ ଦଳ ମିଲିଟାଣ୍ଟ ସୋସାଲିଷ୍ଟ ମୁଭ୍‌ମେଣ୍ଟ (ଏମ୍‌ଏସ୍‌ଏମ୍)ଆସେମ୍ବ୍ଲିର ନେତୃତ୍ୱ ନେବା ଲାଗି ଦାୟିତ୍ୱ ଅର୍ପଣ କରିଥିଲା। ତାଙ୍କ ପିତାଙ୍କ ବୟସ ଅଧିକ ହେବା ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଥିଲେ ଓ ପ୍ରଭିନ୍ଦଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେତେବେଳେ ପିତା ପୁତ୍ରଙ୍କୁ ଦାୟିତ୍ୱ ଦେଇଦେବାରୁ ଦେଶରେ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ପକ୍ଷରୁ ତାଙ୍କୁ ତୀବ୍ର ସମାଲୋଚନା ମଧ୍ୟ କରାଯାଇଥିଲା। ଏହାପରେ ମରିସସ୍ ସୋସାଲିଷ୍ଟ ପାର୍ଟି ଶାସନରୁ ଓହରି ଯାଇ ବିରୋଧୀ ଦଳର ଭୂମିକା ନିର୍ବାହ କରିଥିଲା। ପରେ ୨୦୧୯ ସାଧାରଣ ନିର୍ବାଚନରେ ଏମ୍‌ଏସ୍‌ଏମ୍ ପାର୍ଲାମେଣ୍ଟରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ପରେ ପ୍ରଭିନ୍ଦ ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏବେ ତାଙ୍କ ପାଇଁ ଦେଶର ବେକାରି ସମସ୍ୟା ମୁଖ୍ୟ ପ୍ରସଙ୍ଗ ହୋଇଛି। ୨୨ ପ୍ରତିଶତ ବେକାର ଯୁବତୀଯୁବକଙ୍କୁ କାର୍ଯ୍ୟକ୍ଷେତ୍ର ଯୋଗାଇଦେବା ତାଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ହୋଇଛି ବୋଲି କହିଛନ୍ତି। ସେ ଖୁବ୍ ଶୀଘ୍ର ଅଭିନବ ପଦକ୍ଷେପ ନେଇ ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଛନ୍ତି।

ଭାରତ ସରକାର ୨୦୧୭ରେ ପ୍ରବିନ୍ଦଙ୍କୁ ପ୍ରବାସୀ ଭାରତୀୟ ସମ୍ମାନରେ ସମ୍ମାନିତ କରିଥିଲେ। ଏବେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଭାରତ-ମରିସସ୍ ସମ୍ପର୍କ ଅଧିକ ଦୃଢ଼ୀଭୂତ ହେବ ବୋଲି କୁହାଯାଉଛି। ପ୍ରଭିନ୍ଦଙ୍କ ବ୍ୟକ୍ତିଗତ ଜୀବନ କହିଲେ କୋବିତା ରାମଦାନେଙ୍କୁ ୧୯୯୨ରେ ସେ ବିବାହ କରିଥିଲେ। ତାଙ୍କର ସୋନିକା, ସୋନାଲି ଓ ସାରା ନାମରେ ୩ ଝିଅ ଅଛନ୍ତି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଆଇଆଇଟି ଏବଂ ଆଇଆଇଏମ୍‌ରୁ ଶିକ୍ଷାପ୍ରାପ୍ତ ୪ ଜଣ ଯୁବକ ଚାକିରି ପଛରେ ନ ଧାଇଁ ଗ୍ରାମାଞ୍ଚଳ ବିକାଶରେ ଲାଗିଥିବା ଏକ ପ୍ରେରଣାଦାୟକ ଖବର ସାମ୍‌ନାକୁ ଆସିଛି। ଏମାନେ ଗ୍ରାମ୍‌ଫୋନ୍ ଷ୍ଟାର୍ଟଅପ୍ ମାଧ୍ୟମରେ କୃଷିଭିତ୍ତିକ ଖର୍ଚ୍ଚ କମାଉଛନ୍ତି। ଦାମୀ ସାରର ଅନାବଶ୍ୟକ ଉପଯୋଗ କମ୍ କରି କୃଷକଙ୍କ ଆୟ ବୃଦ୍ଧି କରୁଛନ୍ତି। ୨୦୧୬ରେ ଇନ୍ଦୋରରେ ଗ୍ରାମ୍‌ଫୋନ୍‌ର କାର୍ଯ୍ୟାଳୟ ଖୋଲି ତୌସିଫ ଖାନ, ନିଶାନ୍ତ ବସ୍ତ, ହର୍ଷିତ ଗୁପ୍ତା ଓ ଆଶିଷ ସିଂ ୫୦ଜଣିଆ ଟିମ୍‌କୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏମାନେ ପ୍ରଥମେ ମଧ୍ୟପ୍ରଦେଶର କୃଷକମାନଙ୍କୁ ଏଥିରେ ଯୋଡିଥିଲେ। କେଉଁ ଫସଲକୁ କେଉଁ କୀଟନାଶକ କେତେ ମାତ୍ରାରେ ପ୍ରୟୋଗ କରାଯିବ ସେ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଉଛନ୍ତି। ଚାଷୀମାନେ ଏମାନଙ୍କ ଉପାୟରେ ଚାଷ କରିବା ପରେ ପ୍ରଥମ ଉତ୍ପାଦନ ୪୦ ପ୍ରତିଶତ ବୃଦ୍ଧି ଘଟିଥିଲା। ଚାଷ ବାବଦ ଖର୍ଚ୍ଚ ୨୦ ପ୍ରତିଶତ କମ୍ ବି ହୋଇଗଲା। କୃଷକମାନଙ୍କୁ ସବୁବେଳେ ସେମାନଙ୍କ ପ୍ରଶ୍ନର ଉତ୍ତରଦେବା ଲାଗି ଏମାନେ କଲ୍ ସେଣ୍ଟର ଖୋଲିଛନ୍ତି। ଆର୍ଟିଫିସିଆଲ୍ ବେଷ୍ଟ୍ ଆପ୍ ମଧ୍ୟ ରଖାଯାଇଛି। ଏମାନେ କେବଳ ମଧ୍ୟପ୍ରଦେଶ ନୁହେଁ ଛତିଶଗଡ଼, ରାଜସ୍ଥାନ, ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟରେ ପାଖାପାଖି ୨.୫୦ ଲକ୍ଷ କୃଷକଙ୍କୁ ଯୋଡି ସାରିଲେଣି। ତିନିବର୍ଷ ମଧ୍ୟରେ ୬ ଲକ୍ଷ କୃଷକଙ୍କୁ ଲାଭ ପହଞ୍ଚାଯାଇଛି। ପ୍ରତିଦିନ ୩ ହଜାରରୁ ଊର୍ଦ୍ଧ୍ୱ କୃଷକ କୃଷି ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହା ସହ ସମ୍ପର୍କ କରୁଛନ୍ତି। ଯେଉଁ କୃଷକ ସ୍ମାର୍ଟ ଫୋନ୍ ବ୍ୟବହାର ଜାଣି ନାହାନ୍ତି ସେମାନେ ସାଧାରଣ ଫୋନ୍‌ରେ ମିସ୍‌ଡ କଲ୍ ଦେଲେ ସେମାନଙ୍କୁ ସମାଧାନର ଉପାୟ ସମ୍ପର୍କରେ ଜଣାଇ ଦିଆଯାଉଛି। ତିନିବର୍ଷ ପୂର୍ବରୁ ମାତ୍ର ୬ ଲକ୍ଷ ଟଙ୍କାରେ ଆରମ୍ଭ କରାଯାଇଥିବା ଏହି ଗ୍ରାମ୍‌ଫୋନ୍ ଷ୍ଟାର୍ଟଅପ୍ ଏବେ ୧୦୦ କୋଟି ଟପିଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ନଭେମ୍ବର ୧୯୯୪**

- ଆମେରିକା ଓ ଭାରତ ମିଳିତ ଉଦ୍ୟୋଗରେ ୫ଟି ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଏକ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।
- ହାଇଟିରେ ଭୟଙ୍କର ଝଡ଼ତୋଫାନ ହେବା ଫଳରେ ୪୦୦ ଲୋକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### 'ଜିରୋ-ଏଫ୍' ମିଶନକୁ ସ୍ୱାଗତ

ମହାଶୟ,

ସମ୍ପ୍ରତି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମାଧ୍ୟମିକ ବିଦ୍ୟାଳୟରେ 'ଜିରୋ-ଏଫ୍ ମିଶନ' ଅର୍ଥାତ୍ ମାଟ୍ରିକ ପରୀକ୍ଷାରେ କେହି ଫେଲ୍ ନ ହେବା ଯୋଜନା ଏକ ସାଧୁ ଉଦ୍ୟମ। ଛୁଟି ଦିନରେ ମଧ୍ୟ ଦଶମ ଶ୍ରେଣୀରେ ଶିକ୍ଷକମାନେ ପାଠ ପଢ଼ାଇବା ବ୍ୟବସ୍ଥା ହେବ, କିନ୍ତୁ ଏଥିରେ ଆନ୍ତରିକତା ସହ ଶିକ୍ଷକମାନେ ସହଯୋଗ କରିବା ଉଚିତ। ଅନେକ ଶିକ୍ଷକ ସହରରେ ରହି ଗ୍ରାମାଞ୍ଚଳ ବିଦ୍ୟାଳୟକୁ ଯିବା ଆସିବା କରନ୍ତି। ତେଣୁ ଛୁଟିଦିନରେ ବିଦ୍ୟାଳୟକୁ ଯାଇ ସେମାନେ କେତେଦୂର ପାଠ ପଢ଼ାଇପାରିବେ ତାହା ଦେଖିବା କଥା। ପୁଣି ଟେଷ୍ଟ ପରୀକ୍ଷା ପରେ ପିଲାମାନେ ବିଦ୍ୟାଳୟର ବାରଣ୍ଡା ମାଡନ୍ତିନି। କିନ୍ତୁ ଘରୋଇ ସ୍କୁଲରେ ବାର୍ଷିକ ପରୀକ୍ଷା ପର୍ଯ୍ୟନ୍ତ ରୀତିମତ ପଢ଼ାଯାଏ ଓ ବାରମ୍ବାର ପ୍ରି-ବୋର୍ଡ ପରୀକ୍ଷା ହୁଏ। ସେଭଳି ସରକାରୀ ସ୍କୁଲରେ କରାଗଲେ ଜିରୋ-ଏଫ୍ ମିଶନ ସଫଳ ହେବ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ଭୁଲ୍ ରିପୋର୍ଟକାରୀଙ୍କୁ ଶାସ୍ତି ଦିଆଯାଉ

ଫନୀ ବାତ୍ୟା ଯୋଗୁ ସତ୍ୟବାଦୀ, ବ୍ରହ୍ମଗିରି, ପୁରୀ, ଚନ୍ଦନପୁର ଓ ଅନେକ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଉକ୍ତ କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ନିରୀକ୍ଷକ, କୃଷିମିତ୍ର, ଅଧିକାରୀଗଣ ନିୟୋଜିତ ହୋଇଥିଲେ। ଦେଖାଗଲା ଯେଉଁମାନଙ୍କର ସର୍ବମୋଟ ବଖରାଏ ଘର ତାଙ୍କୁ ସମ୍ପୂର୍ଣ୍ଣ ଏବଂ ଯାହାର ତିନି ବଖରା ଘର ରହି ଦୁଇବଖରା ଘର ଓ ରୋଷେଇଘର ପାଚେରି ଭାଙ୍ଗିଛି ତାଙ୍କୁ ଆଂଶିକ କ୍ଷତି ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିପରି କୃଷି ଅଧିକାରୀ ରବି ଫସଲ କେତେ ନଷ୍ଟ ହୋଇଛି ଦେଖିବାକୁ କୃଷିମିତ୍ରଙ୍କୁ ନିୟୋଜିତ କରିଥିଲେ। ଗୋଟିଏ ଗୋଟିଏ ମୁଗ, ବିରି ନଷ୍ଟ ହୋଇଥିବା ଜମିର ଫଟୋ ଉଠାଇ କମ୍ପ୍ୟୁଟର ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କର ଦର୍ଶାଇ ସେମାନେ ଭୁଲ ତଥ୍ୟ ଦେଇଛନ୍ତି। କୃଷି କର୍ମଚାରୀ ଅନେକ କ୍ଷେତ୍ରରେ ପିତାଙ୍କ ନାମ/ସ୍ୱାମୀଙ୍କ ନାମ ଭୁଲ୍ ଲେଖିଛନ୍ତି। ଏବେ ପୁନଃ ତଦାରଖ ହେଉଥିବାରୁ ଦୋଷୀ କର୍ମଚାରୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ବିଧାନ କରାଯାଉ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି, ସେ ହିଁ ଶକ୍ତିଶାଳୀ।
- ସେନେକା



■ ନାଟ୍ୟୋତ୍ସବ ଦ୍ୱିତୀୟ ରଜନୀ

# 'ସମ୍ବେଦନା'ରେ ମା, ବାପାଙ୍କ ଦୁଃଖ

**ସମ୍ବଲପୁର, ୧୬।୧୧ (ବ୍ୟୁରୋ)**

ସମ୍ବଲପୁରର ନାଟ୍ୟାନୁଷ୍ଠାନ କଖଗ ପକ୍ଷରୁ ଆୟୋଜିତ ନାଟ୍ୟୋତ୍ସବ-୨୦୧୯ର ଦ୍ୱିତୀୟ ରଜନୀରେ ସମ୍ବଲପୁରୀ ନାଟକ 'ସମ୍ବେଦନା' ମଞ୍ଚସ୍ଥ ହୋଇଯାଇଛି। ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ବ୍ରଜେନ୍ଦ୍ର ପଣ୍ଡାଙ୍କ ରଚନା ଓ ନିର୍ଦ୍ଦେଶନାରେ କଖଗ କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ସଂପ୍ରତି ବାପା ମାଆମାନେ ପୁଅ, ଝିଅଙ୍କୁ ଉଚ୍ଚ ଶିକ୍ଷା ଦେବାରେ ହେଳା କରୁନାହାନ୍ତି। ନିଜେ ଦୁଃଖ କଷ୍ଟକୁ ମନରେ ଚାପି ସନ୍ତାନଙ୍କ ସ୍ୱପ୍ନ ସାକାର କରିବାକୁ ପଛାଉ ନାହାନ୍ତି । ସନ୍ତାନମାନେ ଶିକ୍ଷା ଗ୍ରହଣ ପରେ କାର୍ଯ୍ୟରେ ନିୟୋଜିତ ହୋଇ ନିଜ ଇଚ୍ଛା ମୁତାବକ ଝିଅ ସହ ବିବାହ କରି ଅତୀତକୁ ଭୁଲି ଯାଉଛନ୍ତି । ପରବର୍ତ୍ତୀ ସମୟରେ ସନ୍ତାନମାନେ ମାଆ ବାପାଙ୍କ ତ୍ୟାଗ ଜାଣି ପାରିଛନ୍ତି । ଏହି କଥା ବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ବିଭିନ୍ନ ଭୂମିକାରେ ସଂଯୁକ୍ତା ପଣ୍ଡା, ଦିଲୀପ ପାଣି, ସୁଶୀଳ ଦାଶ ଅଭିନୟ କରିଥିଲେ । ସଞ୍ଜୟ ମିଶ୍ର, ସିଦ୍ଧାର୍ଥ ହୋତା, ଘନଶ୍ୟାମ ଯଥାକ୍ରମେ ମଞ୍ଚ ସଜ୍ଜା, ଆଲୋକ ସମ୍ପାତ ଓ ଶବ୍ଦ ଗ୍ରହଣ କରିଥିଲେ । ଏହାପରେ କବିତା, ସଂଗୀତ, ଚିତ୍ରକଳା ଓ ଅଭିନୟର ମିଶ୍ରଣରେ 'କେବେ ସେ ସକାଳ ହେବ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂପ୍ରତି ସମାଜରେ ଦେଖା ଦେଇଥିବା ଅତ୍ୟାଚାର, ନିର୍ଯାତନା, ରାଜନୈତିକ ଅସ୍ଥିରତା, କୁସଂସ୍କାର, ଦୁର୍ନୀତି ପ୍ରଭୃତି ଉପସ୍ଥାପନ କରାଯାଇଥିଲା। ବରିଷ୍ଠ କଳାକାର ଡ. ଦିଲୀପ କୁମାର ପଣ୍ଡାଙ୍କ ଶବ୍ଦ ଉଚ୍ଚାରଣ ଓ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥି ସହ ସଞ୍ଜୟ ସାହୁ ଚିତ୍ର ଆଙ୍କିଥିବା ବେଳେ ମମତା ସାହୁ ନୃତ୍ୟ କରିଥିଲେ। ଦିଲୀପ ପାଣି ଏକକ ଅଭିନୟ କରିଥିଲେ। ଡ. ଦ୍ୱାରିକାନାଥ ନାୟକ, ଡ. ଅବନିଶ ପଣ୍ଡା, ଡ. ସବିତା ତ୍ରିପାଠୀ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବରିଷ୍ଠ ଚିତ୍ରଶିଳ୍ପୀ ନୃସିଂହ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।





ଶନିବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ନାଟକ 'ସମ୍ବେଦନା'ର ଏକ ଦୃଶ୍ୟ (ବାମ)। 'କେବେ ସେ ସକାଳ ହେବ' କାର୍ଯ୍ୟକ୍ରମରେ ଡ. ଦିଲୀପ କୁମାର ପଣ୍ଡା ଓ ଅନ୍ୟମାନେ ଅଭିନୟ କରୁଛନ୍ତି।

ରେଢାଖୋଲ ଆହାରକେନ୍ଦ୍ରରେ ଖାଦ୍ୟରୁ ପୋକ ବାହାରିବା ଘଟଣା

# ପରିଦର୍ଶନ କଲେ, ଖାଦ୍ୟ ଖାଇଲେ ବିଡିଓ



■ ଖବର ପ୍ରକାଶ ପରେ ପ୍ରଶାସନର ଚେତା ପଶିଲା
■ ଉତ୍ତମ, ସୁସ୍ୱାଦୁ ଖାଦ୍ୟ ଯୋଗାଣ ପାଇଁ ନିର୍ଦ୍ଦେଶ
■ ନିକଟରେ ମିଳିଥିବା ଆଇଏସ୍ଓ ମାନ୍ୟତାକୁ ପ୍ରଶ୍ନ

**ରେଢାଖୋଲ,୧୬।୧୧(ଡି.ଏନ.ଏ.)**

ରେଢାଖୋଲ ଟାଉନ କ୍ଲବ୍ ପରିସରରେ ଥିବା ଆହାର କେନ୍ଦ୍ରରେ ଶୁକ୍ରବାର ଖାଦ୍ୟରେ ପୋକ ବାହାରିବା ନେଇ ଅଭିଯୋଗ ପରେ ଶନିବାର ପ୍ରଶାସନର ଚେତା ପଶିଛି। ଏହି ଆହାର କେନ୍ଦ୍ର ଗତ ଫେବୃୟାରୀ ମାସରେ ଖୋଲିବା ପରଠୁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ନିର୍ବାଚିତ ପ୍ରତିନିଧି ଦିନେ ହେଲେ ବି ଆହାର କେନ୍ଦ୍ରକୁ ଯାଇ ଖାଦ୍ୟର ଗୁଣବତା କିମ୍ବା ସ୍ୱାଦ ଚାଖି ନ ଥିଲେ। ଖାଦ୍ୟରେ ପୋକ ବାହାରିବା ନେଇ ଅଭିଯୋଗ ପରେ ଏ ନେଇ ବିଭିନ୍ନ ଖବର କାଗଜରେ ପ୍ରକାଶିତ ହୋଇଥିଲା। ଏଥିଯୋଗୁ ଶନିବାର ଏନଏସି କାର୍ଯ୍ୟନିର୍ବାହୀ ଦାୟିତ୍ୱରେ ଥିବା ବିଡିଓ ପରିକ୍ଷିତ ସାହୁ ଆହାର କେନ୍ଦ୍ର ପରିଦର୍ଶନ କରିବା ସହ ଖାଦ୍ୟ ଖାଇଥିଲେ। ତାଙ୍କ ସହିତ ଏନଏସି କନିଷ୍ଠ ଯନ୍ତ୍ରୀ ଜାହେଦା ପରବିନ, କର୍ମଚାରୀ ବିଶ୍ୱରଞ୍ଜନ ପ୍ରଧାନ ମଧ୍ୟ ସେଠାରେ ଖାଦ୍ୟ ଖାଇଥିଲେ। ବିଡିଓ ସାହୁ ଆହାର କେନ୍ଦ୍ର ଦାୟିତ୍ୱ ନେଇଥିବା ବୌଦ୍ଧର ମନ ଟ୍ରଷ୍ଟର ସତ୍ତ୍ୱାଧିକାରୀଙ୍କୁ ଆହାର କେନ୍ଦ୍ରକୁ ସଫାସୁତୁରା ରଖିବା ସହ ଉତ୍ତମ ଆଉ ସୁସ୍ୱାଦୁ ଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରେଢାଖୋଲର ଏହି ଆହାର କେନ୍ଦ୍ରକୁ ଖାଦ୍ୟର ଉତ୍ତମ ଗୁଣବତ୍ତା ଯୋଗୁ ଗତ ମାସରେ ଆଇଏସ୍ଓ ମାନ୍ୟତା ମିଳିଥିଲା। ହେଲେ ଏବେ ଖାଦ୍ୟରେ ପୋକ ବାହାରିବା ପରେ ଏହା କେଉଁ ପ୍ରକାରର ମାନ୍ୟତା ବୋଲି ପ୍ରଶ୍ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଏଠାରେ ପ୍ରତିଦିନ ୩୦୦ ଜଣଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବୌଦ୍ଧରେ ଖାଦ୍ୟ ରନ୍ଧା ଯାଇ ଏଠାକୁ ଅଣାଯାଉଛି। ନିୟମିତ ବ୍ୟବଧାନରେ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ଏହି ଆହାର କେନ୍ଦ୍ରକୁ ଯାଇ ଖାଦ୍ୟର ଗୁଣବତ୍ତା ପରୀକ୍ଷା କରିବା ସହ ଖାଦ୍ୟ ଖାଇଲେ ବ୍ୟବସ୍ଥାରେ ଉନ୍ନତି ହୋଇ ପାରନ୍ତା ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ପଡ଼ିଆବାହାଲ

**ଦେବଗଡ଼,୧୬।୧୧(ଡି.ଏନ.ଏ.):**

ମନୋରମା କ୍ଲବ ମଠ ସାହି ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଚତୁର୍ଥ ରାଜ୍ୟସ୍ତରୀୟ ମା' କନକ ଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଦେବଗଡ଼ ସମେତ ପଡୋଶୀ ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲାର ବଛାବଛା ୧୬ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିବେ। ଶନିବାର ପୁଲ ଏ'ର ୭ଟି ମ୍ୟାଚ ଅନୁଷ୍ଠିତ ହେଇଥିଲା। ଏଥିରେ ପଡ଼ିଆବାହାଲ ଟିମ୍ ଫାଇନାଲରେ ପ୍ରବେଶ କରିଛି। ରବିବାର ପୁଲ ବି'ର ୮ଟି ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ରେଫରି ଭାବେ ଧୀରେନ ନାୟକ, ପ୍ରଦୀପ ସାହୁ, ପ୍ରଦୀପ ଛତ୍ରିଆ, ମନୋଜ ନାୟକ, ରାଜନ ଝାଙ୍କର, ସୁଧୀର ଦାସ, ଦିନେଶ ମୁଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ବେଣୁଧର ଗଡନାୟକ, କିଶୋର ବେହେରା ଧାରାବିବରଣୀ ଦେଇଥିଲେ। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ପୂର୍ବତନ କ୍ରୀଡ଼ା ସମ୍ପାଦକ ପୃଥିବୀରାଜ ପଟ୍ଟନାୟକ, ଯୁବ ନେତା ସୁଧୀର ବ୍ରହ୍ମା, ସୁକଦେବ ଭଞ୍ଜ, ଖେଳାଳି ହେମନ୍ତ ମହାପାତ୍ର, ନାସିର ଖାନ, ମାର୍କେଣ୍ଡେଶ୍ୱର ଶତପଥୀ, ଶୁଶିଲ କର ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

■ ଦେବଗଡ଼ରେ ଜାତୀୟ ପ୍ରେସ୍ ଦିବସ ପାଳିତ

# ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ

**ଦେବଗଡ଼,୧୬।୧୧ (ଡି.ଏନ.ଏ.)**

ଦେବଗଡ଼ ଜିଲା ସାମ୍ବାଦିକ ସଂଘ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାରେ ଶନିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସମ୍ବାଦ ବ୍ୟାଖ୍ୟାନ ଏକ ଯାତ୍ରା' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଏବଂ ମୁଖ୍ୟବକ୍ତା ଭାବେ ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ ଯୋଗଦେଇ ସମ୍ବାଦ ବ୍ୟାଖ୍ୟାନ ଏକ ଯାତ୍ରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଅତିଥିମାନେ କହିଥିଲେ, ଖବରଦାତାମାନେ ନିର୍ଭୀକ ହେବାସହ ନିରପେକ୍ଷ, ଗଠନମୂଳକ ଏବଂ ସତ୍ୟ ଉପରେ ଆଧାରିତ ଖବର ପରିବେଷଣ କରିବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମୁଖ୍ୟକଅତିଥି ତଥା ବିଧାୟକ ପାଣିଗ୍ରାହୀ ରାଜନେତା, ପ୍ରଶାସନିକ ଅଧିକାରୀ ଓ ଖବରଦାତାମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଲେ ଜିଲାର ଅଧିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତା ସିଦ୍ଧାର୍ଥ ଗୁରୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୃଥ୍ୱୀରାଜ ପଟ୍ଟନାୟକ ଜାତୀୟ ପ୍ରେସ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ସଂଘର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଖବରଦାତା ବ୍ରିଜେଶ ରଞ୍ଜନ ସାହୁ ଜିଲା ସଦର ମହକୁମାରେ ଜିଲା ସାମ୍ବାଦିକ ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ସରକାରୀ ଜମି ଯୋଗାଇ ଦେବାକୁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ ବିଧାୟକ ପାଣିଗ୍ରାହୀ କାର୍ଯ୍ୟାଳୟ ପାଇଁ ଜମି ପ୍ରଦାନ କରାଗଲେ କୋଠା ନିର୍ମାଣ ପାଇଁ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ମିତ୍ରଭାନୁ ମହାପାତ୍ର, ବିଜୟ କୁମାର ମୋଦି, ରାକେଶ କୁମାର ଦାଶ, ନଟ୍ୟକାର ହେମନ୍ତ କୁମାର ମହାପାତ୍ର ଆଲୋଚ୍ୟ ବିଷୟବସ୍ତୁ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସରୋଜ କୁମାର ପ୍ରଧାନ, ପ୍ରତାପ କିଶୋର ନାୟକ, ଶଶାଙ୍କ ଶେଖର ଝାଙ୍କର, ଶକ୍ତି ସୌରଭ ନନ୍ଦ, ଶିବାଶିଷ ଝାଙ୍କର, ତରୁଣ କୁମାର ସାହୁ, ଟିକେଶ୍ୱର ଗୁରୁ, ସୁଜାତା ସାହୁ, ରାଧା ମାଧବ ମିଶ୍ର, ଯୁଧିଷ୍ଠିର ରାଉତ, ଦୀପକ କୁମାର ନନ୍ଦ, ପ୍ରଶାନ୍ତ କୁମାର ଭୁକ୍ତା, ନିରଞ୍ଜନ ନନ୍ଦ, ପ୍ରଣବ କୁମାର ଦେବ, ଗଣନାଥ ମହାପାତ୍ର, ପ୍ରଭାକର ପ୍ରଧାନ, ବିଜୟ କୁମାର ସାହୁ, ଲଳିତ କୁମାର ପାଲ, ଦୁଃଶାସନ ଗୁରୁ, ମନୋଜ କୁମାର ବେହେରାଙ୍କ ସମେତ ଜିଲା ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ସହଯୋଗ କରିଥିଲେ । ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଜାତୀୟ ପ୍ରେସ୍ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଖବରଦାତାମାନେ।




# ୨୮ରେ ଜିଲାସ୍ତରୀୟ ଯୁବ ଉତ୍ସବ

**ଦେବଗଡ଼,୧୬।୧୧(ଡି.ଏନ.ଏ):**

ନଭେମ୍ବର ୨୮ ଓ ୨୯ ତାରିଖରେ ଜିଲାସ୍ତରୀୟ ଯୁବ ଉତ୍ସବ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ସାମଲ ସୁନ୍ଦର ଭାବେ ଉତ୍ସବ ଆୟୋଜନ କରିବା ନେଇ ପରାମର୍ଶ ଦେବା ସହ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ଗୁରୁତ୍ୱାରୋପ କରିଥିଲେ। ଯୁବ ଉତ୍ସବରେ ଜିଲାର ୧୩ରୁ ୩୫ ବର୍ଷ ବୟସ ମଧ୍ୟରେ ଥିବା ଯୁବତୀ, ଯୁବକମାନେ ଲୋକନୃତ୍ୟ, ଲୋକସଙ୍ଗୀତ, ଏକାଙ୍କିକା, ଏକକ କଣ୍ଠ, ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ସୀତାର, ବଂଶୀ, ତବ୍‌ଲା, ବୀଣା, ମୃଦଙ୍ଗ, ଗୀଟାର ଏବଂ ହାରମୋନିୟମ ବାଦନରେ ଭାଗ ନେଇପାରିବେ। ଏପରି କି ଉତ୍ସବରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସ୍ଥିର କରାଯାଇଛି। ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ପ୍ରତିଯୋଗୀମାନେ ନିଜ ବାଦ୍ୟଯନ୍ତ୍ର ନେଇ ଆସିବେ ଏବଂ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାଙ୍କ କଳା ପରିବେଷଣ କରିବାକୁ ଦିଆଯିବ। ଜିଲାସ୍ତରରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେଇପାରିବେ । ସବିଶେଷ ତଥ୍ୟ ନିମନ୍ତେ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ବୈଠକରେ କୁହାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ଦେବଗଡ଼ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଫିସର ଶୁଭଲକ୍ଷ୍ମୀ ଦାଶ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଧୀରେନ୍ଦ୍ର ନାୟକ, ନେହେରୁ ଯୁବକେନ୍ଦ୍ର ସଂଯୋଜକ ପ୍ରଦୀପ ବିଶ୍ୱାଳ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ଯୁବ ନେତୃତ୍ୱ, ଗୋଷ୍ଠୀ ତାଲିମ୍ ଶିବିର

**ଦେବଗଡ,୧୬।୧୧(ଡ଼ି.ଏନ.ଏ.)**

ନେହେରୁ ଯୁବକେନ୍ଦ୍ର ଦେବଗଡ଼ ଓ ନେତାଜୀ କ୍ଲବ ସୁଗୁଡ଼ାର ମିଳିତ ସହଯୋଗରେ ସୁଗୁଡ଼ା ପଞ୍ଚାୟତ ରାଜୀବ ସେବା କେନ୍ଦ୍ରରେ ତିନିଦିନିଆ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜିକା ରୀତାଶାନ୍ତି ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଧରମ ହାଂସଦା ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ଼ ସ୍ୱପ୍ନକୁ ସାକାର କରିବାପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ମହାବିଦ୍ୟାଳୟ ସୁଗୁଡ଼ାର ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା ଯୋଗଦେଇ ସୁସ୍ଥ ସମାଜ ଗଠନରେ ଯୁବକମାନଙ୍କର ଭୂମିକାକୁ ବର୍ଣ୍ଣନା କରିଥିଲେ । ୪୦ଜଣ ଯୁବତୀଯୁବକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଶେଷରେ ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
ଓଡ଼ିଶା ଶାସନ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଲି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୂର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920
facebook.com/HFWOdisha http://www.health.odisha.gov.in/ @HFWOdisha



"ବାସ୍ତବତାଠାରୁ ଲୋକଙ୍କୁ ଦୂରେଇ ରଖିବା ଲାଗି କେନ୍ଦ୍ର ସରକାର ଯୋଜନାବଦ୍ଧ ଭାବେ ବିଭିନ୍ନ ଅନୁପଯୋଗୀ ମନ୍ତବ୍ୟମାନ ଦେଉଛନ୍ତି।
–ରଣଦୀପ ସୁର୍ଜେୱାଲା,
କଂଗ୍ରେସ ମୁଖ୍ୟ ମୁଖପାତ୍ର

# ଘୋଡ଼ାବେପାର ଉଦ୍ୟମ କରୁଛି ଭାଜପା

ମୁମ୍ବାଇ,୧୬।୧୧(ପି.ଟି.)

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଅସାମର୍ଥ୍ୟ ପ୍ରକାଶ କରିଥିବା ଭାଜପା ଶୁକ୍ରବାର ପୁଣି ଥରେ ଏଥିପାଇଁ ଆଗ୍ରହ ପ୍ରକାଶ କରିଥିବାରୁ ଏହା ଘୋଡ଼ାବେପାରର ସୂଚନା ଦେଉଥିବା ଶିବସେନା ଅଭିଯୋଗ କରିଛି। ଶିବସେନା-ଏନ୍‌ସିପି-କଂଗ୍ରେସ ସରକାର ୬ ମାସ ତିଷ୍ଠିବ ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ କହିଥିଲାବେଳେ ନୂଆ ରାଜନୈତିକ ସମୀକରଣ ଅନେକ ନେତାଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି ବୋଲି ଶିବସେନା ଏହାର ମୁଖପତ୍ର 'ସାମ୍‌ନା'ରେ ଲେଖିଛି।

ଭାଜପା ସପକ୍ଷରେ ୧୧୯ ବିଧାୟକଙ୍କ ସମର୍ଥନ ରହିଛି। ଏହି ଦଳ ଖୁବ୍‌ଶୀଘ୍ର ସରକାର ଗଢ଼ିବ ବୋଲି ଶୁକ୍ରବାର ମହାରାଷ୍ଟ୍ର ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ କହିଥିଲେ। ୧୦୫ ଆସନରେ

## ଶିବସେନାର ଅଭିଯୋଗ

ଜିତିଥିବାରୁ ସରକାର ଗଢ଼ିବା ପାଇଁ ସଂଖ୍ୟାଗରିଷ୍ଠତା ନ ଥିବା ଯେଉଁମାନେ ରାଜ୍ୟପାଳଙ୍କୁ ଜଣାଇଥିଲେ, ଏବେ ସେମାନେ ସରକାର ଗଠନ ପାଇଁ କିପରି ଦାବି କରୁଛନ୍ତି ବୋଲି ସାମ୍‌ନାରେ ପ୍ରଶ୍ନ କରାଯାଇଛି। ଏଥିରେ ଭାଜପାର ଘୋଡ଼ାବେପାର ସ୍ପଷ୍ଟ ହୋଇଯାଇଛି। ସେମାନଙ୍କ ସ୍ୱଚ୍ଛ ଶାସନ ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ମିଥ୍ୟା ଏହା ପ୍ରମାଣିତ ହୋଇଥିବା ଶିବସେନା କହିଛି।

ସୂଚନାଯୋଗ୍ୟ, କୌଣସି ଦଳ ସରକାର ଗଢ଼ିବାକୁ ସମର୍ଥ ନ ହେବାରୁ ମଙ୍ଗଳବାରଠାରୁ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ଏବେ କଂଗ୍ରେସ ଏବଂ ଏନ୍‌ସିପି ସହଯୋଗରେ ଶିବସେନା ସରକାର ଗଢ଼ିବାକୁ ଉଦ୍ୟମ ଜାରି ରଖିଛି।

## ଏନ୍‌ଡିଏ ବୈଠକରେ ଯୋଗଦେବନି

ମୁମ୍ବାଇ,୧୬।୧୧(ପି.ଟି.)

ସୋମବାରଠାରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେଉଥିଲାବେଳେ ରଣନୀତି ସ୍ଥିର କରିବା ଲାଗି ରବିବାର ଏନ୍‌ଡିଏ ବୈଠକ ବସୁଛି। ତେବେ ଶିବସେନା ଏହି ବୈଠକରେ ଯୋଗଦେବ ନାହିଁ ବୋଲି ଏହାର ନେତା ସଞ୍ଜୟ ରାଉତ୍ ଗଣମାଧ୍ୟମକୁ


ସଞ୍ଜୟ ରାଉତ୍

ସୂଚନା ଦେଇଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ଦଳ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଓହରିଯାଇଛି, କେବଳ ଔପଚାରିକତା ବାକି ରହିଛି ବୋଲି ରାଉତ୍ କହିଛନ୍ତି। ଏନ୍‌ଡିଏ ମେଣ୍ଟ ପ୍ରତିଷ୍ଠାରେ ଶିବସେନା ଓ ଅକାଳୀ ଦଳର ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ପାଳିରେ ପାଇବା ନେଇ ଏନ୍‌ଡିଏର ପୁରୁଣା ସହଯୋଗୀ ଅଡ଼ିବସିବା ଫଳରେ ସେଠାରେ ସରକାର ଗଠନ ସମ୍ଭବ ହୋଇ ନ ଥିଲା। ଗତ ୧୧ ତାରିଖରେ ନରେନ୍ଦ୍ର ମୋଦି ସରକାରରୁ ଏକମାତ୍ର ଶିବସେନା ମନ୍ତ୍ରୀ ଅରବିନ୍ଦ ସାୱନ୍ତ ଇସ୍ତଫା ଦେଇଥିଲେ। ଶିବସେନାକୁ ମହାରାଷ୍ଟ୍ରରେ ସରକାର ଗଠନରେ ସମର୍ଥନ ଦେବା ପାଇଁ ଏନ୍‌ସିପି ନେତା ଶରଦ ପାୱାର ସାୱନ୍ତଙ୍କ ଇସ୍ତଫା ଓ ଏନ୍‌ଡିଏରୁ ଓହରିଆସିବା ସର୍ତ୍ତ ରଖିଥିଲେ। ରବିବାର ବୈଠକ ପାଇଁ ଶିବସେନାକୁ ଆମନ୍ତ୍ରଣ କରାଯାଇ ନାହିଁ। ତେଣୁ ଆମେ ବୈଠକରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇସାରିଛୁ ବୋଲି ରାଉତ୍ କହିଛନ୍ତି। ମହାରାଷ୍ଟ୍ରରେ ମେଣ୍ଟ ସରକାର ଗଠନ ଲାଗି ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ (ସିଏମ୍‌ପି) ନେଇ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ମଧ୍ୟରେ ସହମତି ହୋଇସାରିଛି। ଏନେଇ ଦିଲ୍ଲୀରେ ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି ଶିବସେନା ଏମ୍‌ପି କହିଛନ୍ତି।

## ବିରୋଧୀ ଆସନରେ ବସିବ ଶିବସେନା

କଲମ୍ବୋ,୧୬।୧୧(ପି.ଟି.): ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ମତପାର୍ଥକ୍ୟ ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରରୁ ଶିବସେନା ଓହରିଯାଇଥିଲା। ସୋମବାରରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେଉଥିବାବେଳେ ରାଜ୍ୟ ସଭାରେ ଶିବସେନା ଏମ୍‌ପିମାନଙ୍କ ଆସନ ବଦଳିଛି। ଏମ୍‌ପି ସଞ୍ଜୟ ରାଉତ୍ ଓ ଅନିଲ ଦେଶାଇ ବିରୋଧୀ ଦଳ ଆସନରେ ବସିବେ ବୋଲି ଏକ ସୂତ୍ରରୁ ଜଣାପଡିଛି।

## ନୌସେନା ପ୍ରଶିକ୍ଷଣ ବିମାନ ଦୁର୍ଘଟଣା

ପଣଜୀ, ୧୬।୧୧(ପି.ଟି.) : ଭାରତୀୟ ନୌସେନାର ଏକ ମିଗ୍ ପ୍ରଶିକ୍ଷଣ ବିମାନ ଶନିବାର ସକାଳେ ଗୋଆର ଗ୍ରାମାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ଥିବା ୨ ପାଇଲଟ ଏମ୍. ସେଓଖଣ୍ଡ ଏବଂ ଦୀପକ ଯାଦବ ଅଳ୍ପକେ ବର୍ତ୍ତିଯାଇଥିବା କୁହାଯାଇଛି। ବିମାନ ଇଞ୍ଜିନ୍‌ରେ ନିଆଁ ଲାଗିବାରୁ ଭର୍ନାସ୍ଥିତ ପାର୍ବତ୍ୟାଞ୍ଚଳରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଗୋଆ ପୋଲିସ ଓ ନୌସେନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ୭ ମାଓବାଦୀଙ୍କ ଆତ୍ମସମର୍ପଣ

ବିଜାପୁର, ୧୬।୧୧(ପି.ଟି.) : ଛତିଶଗଡ଼ର ବିଜାପୁର ଜିଲାରେ ଶନିବାର ୩ ମହିଳାଙ୍କ ସମେତ ୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ନାମରେ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଘୋଷଣା କରାଯାଇଥିଲା। ବରିଷ୍ଠ ମାଓବାଦୀମାନେ ସେମାନଙ୍କୁ ଶୋଷଣ କରିବା ଓ ମାଓବାଦୀଙ୍କ କଠୋର ନୀତି ସେମାନଙ୍କୁ ଅସହ୍ୟ ହୋଇଥିବା ବସ୍ତର ରେଞ୍ଜ ଆଇଜିପି ସୁନ୍ଦରରାଜ ପି'ଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଉଦନ୍ତି ଲୋକାଲ ଅର୍ଗାନାଇଜେଶନର ଡେପୁଟି କମାଣ୍ଡାଣ୍ଟ ରାମ୍‌ଜି ଓରଫ ବିଟେମ୍ କରନ୍, ପ୍ଲାଟୁନ ନମ୍ବର-୨ର ଡେପୁଟି କମାଣ୍ଡାଣ୍ଟ ଲଖ୍‌ମୁ ମୋଡ଼ିୟାମ୍ ପ୍ରମୁଖ ଏମାନଙ୍କ ମଧ୍ୟରେ ଅଛନ୍ତି।


୧୫ ଦିନିଆ ବୁନ୍ଦି ଉତ୍ସବ ଅବସରରେ ରାଜସ୍ଥାନର କୋଟାଠାରେ ଶନିବାର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ଲାଗି ମତଦାନ ଶେଷ

କଲମ୍ବୋ,୧୬।୧୧(ପି.ଟି.)

ଶ୍ରୀଲଙ୍କାରେ ନୂଆ ରାଷ୍ଟ୍ରପତି ନିର୍ବାଚନ ଲାଗି ଶନିବାର ଭୋଟଗ୍ରହଣ ଅନୁଷ୍ଠିତ ହୋଇଯାଇଛି। ସଂଖ୍ୟାଲଘୁ ମୁସଲମାନ ଭୋଟରମାନଙ୍କୁ ନେଇ ଯାଉଥିବା ବସ୍ ଉପରେ ଆକ୍ରମଣ ସମେତ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଛି। ରାଷ୍ଟ୍ରପତି ପଦ ଲାଗି ୩୫ ପ୍ରାର୍ଥୀ ନିର୍ବାଚନ ଲଢ଼ୁଛନ୍ତି। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରତିରକ୍ଷା ସଚିବ ଗୋଟାବାୟା ରାଜପାକ୍‌ସେ, ଶାସକ ଦଳର ସାଜିଥ୍ ପ୍ରେମଦାସା ଏବଂ ନ୍ୟାଶନାଲ ପିପୁଲ୍ସ ପାୱାର (ଏନ୍‌ପିପି) ମେଣ୍ଟରୁ ଅନୁରା କୁମାର ଦିସାନାୟକେ। ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନାଙ୍କ ଉତ୍ତରାଧିକାରୀ ଚୟନ ଲାଗି ୧ କୋଟି ୫୯ ଲକ୍ଷ ଭୋଟର ମତଦାନ କରିଛନ୍ତି। ଏଥିପାଇଁ ସର୍ବାଧିକ ୧୨,୮୪୫ ବୁଥ୍ ସ୍ଥାପନ ସାଙ୍ଗକୁ ୨୬ ଇଞ୍ଚ ଲମ୍ବର ବାଲଟ ପେପର ବ୍ୟବହାର କରାଯାଇଥିଲା। ଇଷ୍ଟର ବେଳେ ଶ୍ରୀଲଙ୍କାର ତିନୋଟି ଚର୍ଚ୍ଚ ଓ ୩ ପ୍ରମୁଖ ହୋଟେଲରେ


ଶାସକ ଦଳ ପ୍ରାର୍ଥୀ ସାଜିଥ୍ ପ୍ରେମଦାସା

## ମୁସଲମାନ ଭୋଟରଙ୍କୁ ନେଇ ଯାଉଥିବା ବସ୍ ଉପରେ ଆକ୍ରମଣ

ଆଇଏସ୍ ଆତଙ୍କବାଦୀ ବିସ୍ଫୋରଣ ଘଟାଇଥିଲେ, ଯେଉଁଥିରେ ୨୬୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଶ୍ରୀଲଙ୍କା ଅର୍ଥନୀତିର ମୁଖ୍ୟ ଉତ୍ସ କୁହାଯାଉଥିବା ପର୍ଯ୍ୟଟକ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିଲା। ଏହାର ୭ ମାସ ପରେ ସେଠାରେ ନିର୍ବାଚନ ଅନୁଷ୍ଠିତ ହେଉଛି।

# ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ କୁରେଶୀ

ଅଗରତାଲା,୧୬।୧୧ (ଆଇଏଏନ୍‌ଏସ୍)

ତ୍ରିପୁରା ହାଇକୋର୍ଟର ପଞ୍ଚମ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଅକିଲ ଅବଦୁଲ ହମିଦ କୁରେଶୀ ଶନିବାର ଶପଥ ନେଇଛନ୍ତି। ସେ ପୂର୍ବରୁ ଗୁଜରାଟ ଓ ବମ୍ବେ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ରାଜଭବନର ଦରବାର ହଲ୍‌ରେ ଅନୁଷ୍ଠିତ ଏକ ନିରାଡ଼ମ୍ବର ଉତ୍ସବରେ ରାଜ୍ୟପାଳ ରମେଶ ବାଏସ୍ ନୂଆ ମୁଖ୍ୟ ବିଚାରପତିଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ, ଉପମୁଖ୍ୟମନ୍ତ୍ରୀ ଜିଷ୍ଣୁ ଦେବ ବର୍ମା, ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ଦୁଇଜଣ ବିଚାରପତି, ବିଭିନ୍ନ ଦଳର ନେତା, ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବିଚାରପତି ନିଯୁକ୍ତିକୁ ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ୬ ମାସରୁ ଉର୍ଦ୍ଧ୍ୱ ପକାଇରଖିବା ପରେ ଜଷ୍ଟିସ୍ କୁରେଶୀଙ୍କୁ ଏହି ପଦରେ ନିଯୁକ୍ତି ନେଇ



ଗତ ସପ୍ତାହରେ ବିଜ୍ଞପ୍ତି ଜାରି କରିଥିଲା। ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ଗତ ମେ ମାସରେ ଜଷ୍ଟିସ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଥିଲା। ତେବେ ନ୍ୟାୟ ବିଭାଗ ଏହାକୁ ଅନୁମୋଦନ କରି ନ ଥିଲା। ସେପ୍ଟେମ୍ବର ୨୦ରେ କଲେଜିୟମ ଏହାର ସୁପାରିସ୍‌ରେ ପରିବର୍ତ୍ତନ କରି ଜଷ୍ଟିସ୍ କୁରେଶୀଙ୍କୁ ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଦେବା ଲାଗି ଅନୁମୋଦନ କରିଥିଲା।

# ହଂକଂରେ ଚାଇନାର ସେନା ମୁତୟନ

ବେଜିଂ, ୧୬।୧୧(ପି.ଟି.)

ହଂକଂରେ ଗତ ୫ ମାସ ଧରି ଗଣତନ୍ତ୍ର ସପକ୍ଷବାଦୀଙ୍କ ବିକ୍ଷୋଭ ଜାରି ରହିଥିବାବେଳେ ପ୍ରଥମ ଥର ଲାଗି ଶନିବାର ଚାଇନା ପକ୍ଷରୁ ସେଠାରେ ପିଏଲ୍‌ଏ ସେନା ମୁତୟନ କରାଯାଇଛି। କୋଲୁନ୍ ଗ୍ୟାରିଶନଠାରେ ଚାଇନାର ସାଦା ପୋଷାକଧାରୀ ସେନା ମୁତୟନ ହୋଇଥିବା ଜଣାପଡ଼ିଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ଓ ଯାତାୟତ ପଥ ସୁଗମକରିବା ଲାଗି ଚାଇନା ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ହଂକଂର 'ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ' ପକ୍ଷରୁ ଏକ ରିପୋର୍ଟରେ ଏହା ଦର୍ଶାଯାଇଛି। ଗ୍ରୀନ୍ ଟି-ସାର୍ଟ ସହ ବ୍ଲାକ୍ ସର୍ଟ ପିନ୍ଧିଥିବା ଚାଇନା ସୈନ୍ୟ ବାପିଷ୍ଟ ୟୁନିଭର୍ସିଟି ନିକଟରେ ଥିବା ଜଣାପଡ଼ିଛି। ହିଂସା ରୋକିବା ଲାଗି ଏଭଳି ପଦକ୍ଷେପ ଚାଇନା ନେଇଛି। ହଂକଂ ସରକାର ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯିବାର ନାହିଁ ବୋଲି ଜଣେ ସୈନ୍ୟ କହିଛନ୍ତି।

# ୩୦ରେ କଂଗ୍ରେସର 'ଭାରତ ବଚାଓ ର୍‌ୟାଲି'

ନୂଆଦିଲ୍ଲୀ,୧୬।୧୧(ପି.ଟି.)

କେନ୍ଦ୍ର ସରକାରଙ୍କ ବିଫଳତା ଓ ଜନବିରୋଧୀ ନୀତିର ପ୍ରତିବାଦରେ କଂଗ୍ରେସ ଜିଲା ଓ ରାଜ୍ୟ ସ୍ତରରେ ଚଳାଇଥିବା ଆନ୍ଦୋଳନ ଆସନ୍ତା ୩୦ରେ ରାମଲୀଳା ମଇଦାନରେ ବିଶାଳ ର୍‌ୟାଲି ସହ ଶେଷ ହେବ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଙ୍କ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ନଭେମ୍ବର ୫ରୁ ୧୫ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଭାଗରେ ଆନ୍ଦୋଳନ କରିବାକୁ କଂଗ୍ରେସ ଯୋଜନା କରିଥିଲା। ଶନିବାର ଦିଲ୍ଲୀରେ ଏଆଇସିସି ବୈଠକ ବସି ଜିଲା ଓ ରାଜ୍ୟ ସ୍ତରରେ ଆନ୍ଦୋଳନ ୨୫ ତାରିଖ ପର୍ଯ୍ୟନ୍ତ ଚଳାଇବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ଏହାର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ବୈଠକରେ ବିଭିନ୍ନ ରାଜ୍ୟର କଂଗ୍ରେସ ସଭାପତି, ସାଧାରଣ ସମ୍ପାଦକ ଏବଂ ରାଜ୍ୟ ପ୍ରଭାରୀମାନେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ପାଇଁ ଦେଶବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ଭୋଗୁଛନ୍ତି। ତେଣୁ ୩୦ରେ ଦିଲ୍ଲୀର ରାମଲୀଳା ମଇଦାନରେ ବିଶାଳ ଭାରତ ବଚାଓ ର୍‌ୟାଲି କରିବା ପାଇଁ ଦଳ ନିଷ୍ପତ୍ତି ନେଇଛି।

# ମେଡିକାଲ ଛାତ୍ରୀଙ୍କୁ ର୍‌ୟାଗିଂ

ପଲ୍‌ଘର, ୧୬।୧୧(ପି.ଟି.)

## ୧୬ ଡାକ୍ତରଙ୍କ ବିରୋଧରେ ମାମଲା

ମହାରାଷ୍ଟ୍ରର ପଲ୍‌ଘରସ୍ଥିତ ଡା. ଏମ୍.ଏଲ୍. ଧୱାଲେ ମେମୋରିଆଲ ହୋମିଓପ୍ୟାଥିକ୍ ଇନ୍‌ଷ୍ଟିଚ୍ୟୁଟରେ ଜଣେ ଛାତ୍ରୀଙ୍କୁ ର୍‌ୟାଗିଂ କରାଯିବା ଅଭିଯୋଗରେ ୧୬ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ଗୁରୁବାର ଅନୁଷ୍ଠିତ କଲେଜ୍‌ର ଏକ କାର୍ଯ୍ୟକ୍ରମରେ କେତେ ଜଣ ବରିଷ୍ଠ ଛାତ୍ର ତାଙ୍କୁ ର୍‌ୟାଗିଂ କରିଥିବା ଅଭିଯୋଗ ହୋଇଛି। ଅଦ୍ୟାବଧି ପୋଲିସ କାହାକୁ ଗିରଫ କରି ନ ଥିବାବେଳେ ତଦନ୍ତ ଜାରି ରହିଥିବା ପଲ୍‌ଘର୍ ପୋଲିସ ଷ୍ଟେଶନର ପିଆର୍‌ଓ ହେମନ୍ତ କଟ୍‌କର ପ୍ରକାଶ କରିଛନ୍ତି।

## [ଇତିହାସର ଆଇନାରେ] ନଭେମ୍ବର ୧୭ର ପ୍ରମୁଖ ଘଟଣା

୨୦୧୩ ନଭେମ୍ବର ୧୭ରେ ରୁଷିଆର କଜନ ବିମାନବନ୍ଦରରେ ତତରସ୍ତାନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୫୦ ଯାତ୍ରୀ ପ୍ରାଣ ହରାଇଥିଲେ। ତଦନ୍ତ ପରେ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ହୋଇଥିବା କୁହାଯାଇଛି।

୨୦୧୨ ନଭେମ୍ବର ୧୭ରେ ଇଜିପ୍ଟର ମନଫଲୁଟ୍‌ରେ ରେଳ ଦୁର୍ଘଟଣାରେ ବସ୍ ଡ୍ରାଇଭରଙ୍କ ସହ ୫୧ ଛାତ୍ର ପ୍ରାଣ ହରାଇଥିଲେ। ପ୍ରାୟ ୭୦ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଏକ ବସ୍ ରେଳ ଲାଇନ୍ କ୍ରସ କରୁଥିବା ବେଳେ ଏଭଳି ଦୁର୍ଘଟଣା ହୋଇଥିଲା। ଆହତ ୧୭ ଜଣଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Cashbeen ଆଣିଛି
ସହଜରେ ଋଣ ପାଇବାର ସୁବର୍ଣ୍ଣ ସୁଯୋଗ। କେବଳ ପ୍ୟାନ୍‌କାର୍ଡ ସାହାଯ୍ୟରେ ମାତ୍ର 1% ସର୍ବାଧିକ ସୁଧରେ 50000 - 2000000 ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ।
ଯୋଗାଯୋଗ କରନ୍ତୁ
9470240552
7596892410
PATNA

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, କୁଆ-ସଙ୍ଗା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ୱେ. ପୋଡାଧନ, ସଙ୍ଗା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ୱା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

EDUCATION

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

REAL ESTATE

LEASE
Rotary Eye Hospital, Bhubaneswar is looking for a leased out Building/Duplex/House/ (Residential or Commercial) on the GF and FF. Carpet area has to be around 4500 square feet.
For details kindly Contact
7978116070



# ଅଭୁଲା ବାଲିଯାତ୍ରା

ବାଲିଯାତ୍ରା ଓଡ଼ିଶାର ସଂସ୍କୃତି, ଐତିହ୍ୟ, ସ୍ୱାଭିମାନ ଓ ପରମ୍ପରା ସହ ଜଡିତ ଏବଂ ସାଧବ ପୁଅମାନଙ୍କ ଦରିଆ ପାରି ନୌବାଣିଜ୍ୟର ସ୍ମାରକ। ତେବେ ବର୍ଷକୁ ଥରେ ବାଲିଯାତ୍ରା ବୁଲିବାର ମଜା ସ୍ୱତନ୍ତ୍ର। ଏହାକୁ ନେଇ ନିଜର କିଛି ଅଭୁଲା ସ୍ମୃତି ସମ୍ପର୍କରେ ଯାହା କୁହନ୍ତି ...



## ଦୋଳିରେ ବସି ପ୍ୟାଣ୍ଟରେ ପରିସ୍ରା କରି ଦେଇଥିଲି



ପିଲାବେଳେ ବାଲିଯାତ୍ରାରେ ପଡୁଥିବା ଦୋଳି ଦେଖିଲେ ଡର ଲାଗୁଥିଲା। ଏତେ ଉଚ୍ଚରେ ବସିଲେ କେମିତି ଲାଗିବ ବୋଲି ସବୁବେଳେ ମନରେ ପ୍ରଶ୍ନ ଉଠେ। ବାପାଙ୍କୁ ଏ କଥା କହିବା ପରେ ଦୋଳିରେ ବସିବାର ଦିନ ଆସିଲା। ବାପା ଜୋର୍ କରି ମୋତେ ଦୋଳିରେ ବସାଇ ଦେଇଥିଲେ। ହେଲେ ଦୋଳିରେ ବସିବା ପରେ ଭାରି ଡର ଲାଗିଥିଲା। ଏପରିକି ପ୍ୟାଣ୍ଟରେ ସୁସୁ(ପରିସ୍ରା) ହେଇ ଯାଇଥିଲା। ପରିସ୍ରା ଛିଟିକି ଆଖପାଖ ଲୋକଙ୍କ ଉପରେ ପଡ଼ିଥିଲା। ସେ ଦୋଳିବାଲା ବାଧ୍ୟରେ ଦୋଳି ବନ୍ଦ କରିଥିଲା। ସେଦିନଠାରୁ ଦୋଳି ପାଖ ମାଡ଼େନି। ଏ କଥା ହେଉଛି ବରିଷ୍ଠ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କ ବାଲିଯାତ୍ରା ଅନୁଭୂତି।

ପିଲାଦିନର ବାଲିଯାତ୍ରା ଆଉ ଏବେର ବାଲିଯାତ୍ରା ଭିତରେ ଅନେକ ଫରକ। ସବୁ କ୍ଷେତ୍ରରେ ପରିବର୍ତ୍ତନ ଘଟିଲାଣି। ପୂର୍ବରୁ ହାତଗଣତି କେତୋଟି ଦୋକାନ ବସୁଥିଲା। ଏବେ ହଜାରରୁ ଊର୍ଦ୍ଧ୍ୱ ଦୋକାନ। ହାତଟଣା ରିକ୍ସା ଆଉ ଘୋଡ଼ାଗାଡ଼ିରେ ବୁଲିବାର ମଜା ନିଆରା ଥିଲା, ଯାହା ଏବେ ଆଉ ଦେଖିବାକୁ ମିଳୁନି। ରିକ୍ସାରେ ବାଲିଯାତ୍ରା ବୁଲିବାକୁ ୧୦ ଟଙ୍କା ପଡୁଥିଲା। ବନ୍ଧେ ମିଠେଇ ଓ ଦହିବରା ଆଳୁଦମ୍ ଖାଇବା ମୋର ଭାରି ପସନ୍ଦ ଥିଲା। ବାଲିଯାତ୍ରାରେ ବୁଲୁଥିବା ବେଳେ ଥରେ ଆଖି ପଡିଗଲେ ପାଟିରେ ଲାଳ ଆସିଯାଏ। ୩ ଟଙ୍କାରେ ପେଟପୂରା ଦହିବରା ଆଳୁଦମ୍ ମିଳୁଥିଲା। ମସିହା ମନେନାହିଁ, କିନ୍ତୁ ସେଦିନର ସବୁ ଘଟଣା ଏବେବି ମନେପଡିଗଲେ ମୁହଁରେ ହସ ଆସିଯାଏ ଆଉ ଲାଜ ବି ମାଡ଼େ। ବାଲିଯାତ୍ରାକୁ ବହୁ ସର୍କସ ଦଳ ଆସନ୍ତି। ଯାଦୁଖେଳ ଦେଖିବା ପାଇଁ ଠେଲାପେଲା ଲାଗେ। ବାଲିଯାତ୍ରାରେ ମେଲୋଡି କାର୍ଯ୍ୟକ୍ରମ କରିବାରେ ବହୁତ ମଜାଥାଏ। ଯେତେ ବଡ଼ କଳାକାର ହେଲେ ବି ନର୍ଭସ ଲାଗିଥାଏ। ଲୋକମାନେ ମୋର କମେଡ଼ି ଡାଇଲଗ୍ ଶୁଣିବାକୁ ବହୁତ ଭଲ ପାଉଥିଲେ। ବଡ଼ ପରଦାରେ ଅଭିନେତା ହୋଇ ଗଲା ପରେ ଗହଳି ଭିତରେ ଯିବା ବହୁତ କଷ୍ଟ ଲାଗେ ଆଉ ଏଥିରୁ ଖୁସି ବି ମିଳେ। ଏବେ ପ୍ରାୟ ବହୁ ଜାଗାରେ ବାଲିଯାତ୍ରା ହେଲାଣି। କିନ୍ତୁ କଟକ ବାଲିଯାତ୍ରାର ବାସ୍ନା କିଛି ଅଲଗା।

**-ଜୟୀରାମ ସାମଲ**
**ହାସ୍ୟାଭିନେତା**

## ଦର୍ଶକଙ୍କ କରତାଳି ମନରେ ଭରିଥିଲା ଅପୂର୍ବ ଆନନ୍ଦ



ବାଲିଯାତ୍ରା ଓ କଟକ- ଏକ ଏବଂ ଅଭିନ୍ନ। ବାଲିଯାତ୍ରା କଥା କହିଲେ କଟକର ନାଁ ଆପେ ଆପେ ଯୋଡ଼ି ହୋଇଯାଏ। ଏହା ଓଡ଼ିଶାର ସଂସ୍କୃତି, ଐତିହ୍ୟ, ସ୍ୱାଭିମାନ ଓ ପରମ୍ପରା ସହ ଜଡିତ ଏବଂ ସାଧବ ପୁଅମାନଙ୍କର ଦରିଆପାରି ନୌବାଣିଜ୍ୟର ସ୍ମାରକ। ମୁଁ ମେଡିକାଲ କଲେଜରେ ପଢ଼ିଲାବେଳକୁ ତଥା ରାଇଜିଂ ଷ୍ଟାରରେ ଫୁଟବଲ ଖେଳିଲା ବେଳୁ ୧୯୭୦ ମସିହାରୁ ବାଲିଯାତ୍ରା ଦେଖିଆସୁଛି। ଯେଉଁଠି ଥିଲେ ବି ପ୍ରତିବର୍ଷ ବାଲିଯାତ୍ରା ଦେଖିବା ଥୟ। ଆଗ ଉପର ପଡ଼ିଆରେ ଖୁବ୍ ଜାକଜମକରେ ହେଉଥିଲା, ଏବେ ଉପର ଓ ତଳ ପଡ଼ିଆ ଦୁଇଟି ଜାଗାରେ ହେଉଛି। ଆଗ ଅଳ୍ପ କାଠଦୋଳି ଥିଲା। ଏବେ ଅତ୍ୟାଧୁନିକ ଦୋଳି ସହ ଅନେକ ଅତ୍ୟାଧୁନିକ ଦୋଳି ସଂଖ୍ୟା ବଢ଼ିଗଲାଣି। ପରିବର୍ତ୍ତନ ଯେତେ ହେଉନା କାହିଁକି, ଦହିବରା ଓ ଠୁଙ୍କାପୁରୀ ଖାଇବା ବିନା ବାଲିଯାତ୍ରାର ମଜା ଅଧୁରା। ଯଦିଓ ବାଲିଯାତ୍ରାକୁ ନେଇ ଅନେକ ଅନୁଭୂତି ରହିଛି, ତେବେ ଗୋଟିଏ ଅଭୁଲା ସ୍ମୃତି ବାଣ୍ଟିବାକୁ ଚାହିଁବି। ଗୋଟିଏ ବର୍ଷ ବାଲିଯାତ୍ରାରେ 'କନ୍ୟାଭ୍ରୂଣ ହତ୍ୟା' ଉପରେ ବାଲୁକାକଳା ପ୍ରଦର୍ଶନ କରାଯାଉଥିଲା। ସେତେବେଳେ ମୋ ପତ୍ନୀ ଡା. ସରୋଜିନୀ ଷଡ଼ଙ୍ଗୀଙ୍କର କନ୍ୟାଭ୍ରୂଣ ହତ୍ୟା ଉପରେ ଲିଖିତ କବିତା 'ଆତ୍ମଜା' ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ପାଇଥିଲା ଏବଂ ଉକ୍ତ ବାଲୁକାଶିଳ୍ପ ପାର୍ଶ୍ୱରେ ଗୋଟିଏ ବୋର୍ଡରେ ପ୍ରଦର୍ଶିତ ହୋଇଥିଲା। ବୈଷ୍ଣବ ପାଣି ମଞ୍ଚ, ଯାହା ବାଲିଯାତ୍ରାର ପ୍ରାଣକେନ୍ଦ୍ର, ସେଠାରେ ଆମେ ଦୁହେଁ 'ଆତ୍ମଜା' କବିତାକୁ ଆବୃତ୍ତି କରି ଭାଷଣ ଦେଇଥିଲୁ। ତାହା ହଜାର ହଜାର ଦର୍ଶକଙ୍କ ମନକୁ ଛୁଇଁଥିଲା। ପ୍ରବଳ କରତାଳି ଭିତରେ ସମସ୍ତେ ତା'କୁ ଯେଉଁଭଳି ସ୍ୱାଗତ କରିଥିଲେ, ତାହା ମୋ ପାଇଁ ଖୁବ୍ ସ୍ମରଣୀୟ ଥିଲା। ଶେଷରେ ଏତିକି କହିବି, ବାଲିଯାତ୍ରା ଅନନ୍ୟ, ବାଲିଯାତ୍ରା ଅପୂର୍ବ, ବାଲିଯାତ୍ରା ଅବର୍ଣ୍ଣନୀୟ ; ଯାହାର ନାଁ ଉଚ୍ଚାରଣରେ ମନରେ ଏକ ଅନନ୍ୟ ଆନନ୍ଦ ସୃଷ୍ଟିହୁଏ ଓ ପାଦ ଆପେ ଆପେ ଟାଣି ହୋଇଯାଏ ବାଲିଯାତ୍ରା ପଡ଼ିଆକୁ।

**- ଡା. ରମାରମଣ ଷଡ଼ଙ୍ଗୀ**
**ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ**

## ସାରା ରାତି ବାଲିଯାତ୍ରା ବୁଲି ଗାଳି ଖାଇଥିଲୁ



ବାଲିଯାତ୍ରା ଏମିତି ଏକ ଉତ୍ସବ, ଯାହା ଖାଲି ଆମ କଟକିଆଙ୍କ ପାଇଁ ନୁହେଁ ଅନ୍ୟଆଡୁ ଆସୁଥିବା ପ୍ରତ୍ୟେକଙ୍କ ଲାଗି ଅନୁଭୂତିଭରା। ପୂର୍ବରୁ ଏହା ମାତ୍ର ୪ ଦିନ ହେଉଥିଲା। ଦିନକୁ ଦିନ ଲୋକଙ୍କ ଚାହିଦାକୁ ଆଖି ଆଗରେ ରଖି ଏହାର ସମୟସୀମା ବୃଦ୍ଧି ସହ ସବୁକିଛିରେ ପରିବର୍ତ୍ତନ ଆସିଛି। ହେଲେ ପିଲାବେଳର ସେ ବାଲିଯାତ୍ରା ବୁଲିବାର ମଜାକୁ ଏବେବି ମିସ୍ କରୁଛି। କହିବାକୁ ଗଲେ ସେତେବେଳେ କଟକ ଆମ ପାଇଁ ସହର ନୁହେଁ ଥିଲା ଆମ ଗାଁ, ଆଉ ବାଲିଯାତ୍ରା କୌଣସି ବଡ ଉତ୍ସବ ନୁହେଁ ; ଲାଗୁଥିଲା ଯେପରି କୌଣସି ବଡ ପର୍ବରେ ଗାଁ ମେଳା। ବାଲିଯାତ୍ରା ସମୟ ଆସିଗଲେ ଖୁସିରେ ଗୋଡ ତଳେ ଲାଗୁ ନ ଥିଲା। ଘରୁ ଟଙ୍କା ନେଇ ଯାତ୍ରାରେ ବୁଲିବୁଲି ଖାଇବା, ଦୋଳି ଖେଳିବା ସହ ମଞ୍ଚରେ ପରିବେଷଣ ହେଉଥିବା ଡ୍ରାମା ଦେଖିବାର ଖୁସି ଥିଲା ସ୍ୱତନ୍ତ୍ର। ମନେପଡୁଛି ଦିନକର କଥା। ଆମେ କେତେଜଣ ସାଙ୍ଗ ଏକାଠି ବୁଲିବାକୁ ଗଲୁ। ମଜାମସ୍ତି ଭିତରେ ସମୟ ଦେଖିବାକୁ ଭୁଲିଯାଇଥିଲୁ। ସେତେବେଳେ ମୋବାଇଲ୍ ଫୋନ୍ ବି ନ ଥିଲା ଯେ, ଡେରି ହେଲେ ତାଗିଦ୍ କରିବାକୁ ଘରୁ କଲ୍‌ଟିଏ ଚାଲିଯିବ। ତେଣୁ ବୁଲାବୁଲିରେ ଏତେ ମସ୍‌ଗୁଲ୍ ହୋଇଯାଇଥିଲୁ, ରାତି ପାହି କେତେବେଳେ ସକାଳ ହେଇଗଲା ଜଣା ପଡିଲା ନାହିଁ। ଆଉ ଯେତେବେଳ ଘରେ ପହଞ୍ଚିଲୁ, ରାତିସାରା କି ବୁଲା ବୁଲୁଛ ଯେ ସମୟଜ୍ଞାନ ରହୁନି ବୋଲି ଯେତେ ଗାଳି ମାଡ ହୋଇଥିଲା ତାହା ନ କହିବା ଭଲ। ତା'ଛଡା ସେଦିନ ରାତିରେ ଆମ ସହ ବୁଲିବା ବେଳେ ପଞ୍ଚାନନ ନାୟକ(ଗୀତିକାର) ଆବଶ୍ୟକରୁ ଏତେ ଅଧିକ ଆଇସ୍‌କ୍ରିମ୍ ଖାଇଥିଲେ ଯେ, ପ୍ରାୟ ଏକମାସ ପର୍ଯ୍ୟନ୍ତ ତାଙ୍କୁ ଜ୍ୱର ଛାଡି ନ ଥିଲା। ସେଦିନ ବାଲିଯାତ୍ରାର ସେ ଅନୁଭୂତି ଏବେବି ମନରେ ସତେଜ।

**– ମୋହିତ ଚକ୍ରବର୍ତ୍ତୀ**
**ଗୀତିକାର**

ୟୁ|ଥ୍|ଆ|ଲ|ର୍ଟ

## ପର୍‌ଫ୍ୟୁମ୍ ବ୍ୟବହାର କରୁଥିଲେ...

ପର୍‌ଫ୍ୟୁମ୍ ବ୍ୟବହାର କରିବା ଯୁବପିଢ଼ିଙ୍କୁ କେତେ ପସନ୍ଦ ତାହା କହିବା ବାହୁଲ୍ୟମାତ୍ର। ପୋଷକରୁ ଝାଳଗନ୍ଧଠୁ ଦୂରେଇ ରଖିବା ସହ ମୁଡ୍ ଫ୍ରେଶ ରଖିବା ଲାଗି ସେମାନେ ବିଭିନ୍ନ ପ୍ରକାରର ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ ବାଛିଥା'ନ୍ତି। ହେଲେ ଆପଣ ଜାଣନ୍ତି କି ପର୍‌ଫ୍ୟୁମ୍‌କୁ ସୁଗନ୍ଧିତ କରିବା ଲାଗି ବ୍ୟବହୃତ କେମିକାଲ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଜାଣିରଖନ୍ତୁ ସେ ସମ୍ପର୍କରେ...

■ ପୃଥିବୀର ବିଭିନ୍ନ ଗବେଷଣା ସଂସ୍ଥା ପକ୍ଷରୁ ପର୍‌ଫ୍ୟୁମ୍‌ରେ ବ୍ୟବହାର ହେଉଥିବା ରାସାୟନିକ ଉପାଦାନ (କେମିକାଲ୍) ଗୁଡ଼ିକର କ୍ଷତିକାରକ ଗୁଣ ସମ୍ପର୍କରେ ପରୀକ୍ଷା କରାଯାଇଛି। ତେବେ ବିଶେଷଜ୍ଞଙ୍କ କହିବା ମୁତାବକ ଏହି କେମିକାଲଗୁଡ଼ିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ।



■ କେମିକାଲଯୁକ୍ତ ପର୍‌ଫ୍ୟୁମ୍‌ର ମନମୋହକ ସୁଗନ୍ଧ ମାଇଗ୍ରେନ୍‌ଠୁ ଆରମ୍ଭ କରି କ୍ୟାନ୍‌ସର ଭଳି ମାରାତ୍ମକ ରୋଗର କାରଣ ସାଜୁଥିବା ଜଣାପଡିଛି।
■ ପର୍‌ଫ୍ୟୁମ୍‌ର ସୁଗନ୍ଧ ଫୁସ୍‌ଫୁସ୍‌କୁ ବିଶେଷ ଭାବେ କ୍ଷତି ପହଞ୍ଚାଇଥାଏ। ବାରମ୍ବାର ଏହାକୁ ବ୍ୟବହାର କରିବା ଦ୍ୱାରା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହୋଇଥାଏ।
■ ଯେଉଁମାନେ ସମ୍ବେଦନଶୀଳ, ସେମାନେ ପର୍‌ଫ୍ୟୁମ୍‌ର କେମିକାଲ ସଂସ୍ପର୍ଶରେ ଆସିବା ମାତ୍ରେ ଆଖିପୋଡ଼ା, ପାଣି ବୋହିବା, ନାକ ବନ୍ଦ ହେବା, ମୁଣ୍ଡ ବିନ୍ଧିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି।
■ କେତେକ ପର୍‌ଫ୍ୟୁମ୍‌ର କେମିକାଲ ତ୍ୱଚାରେ ବାଜିବାମାତ୍ରେ ସ୍କିନ୍ ଆଲର୍ଜି ସମସ୍ୟା ମଧ୍ୟ ଦେଖାଦେଇଥାଏ।
■ ପର୍‌ଫ୍ୟୁମ୍‌ରେ ଥିବା ବିଷାକ୍ତ ରସାୟନ ବା ଟକ୍ସିକ୍ କେମିକାଲର ଉପସ୍ଥିତି ବନ୍ଧ୍ୟାଦୋଷର କାରଣ ବି ସାଜିଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ବୈଜ୍ଞାନିକ............... ଙ୍କ ଜନ୍ମବାର୍ଷିକୀକୁ ନ୍ୟାଶନାଲ୍ କ୍ୟାନ୍‌ସର ଆୱାର୍‌ନେସ୍ ଡେ' ଭାବେ ପାଳନ କରାଯାଏ ?
୨– ଓସ୍କାର ପାଇଥିବା ପ୍ରଥମ ଭାରତୀୟ........... ?
୩– ଭାରତର ପ୍ରଥମ ଥ୍ରୀଡି ସ୍ମାର୍ଟ ଟ୍ରାଫିକ୍ ସିଗ୍‌ନାଲ 'ଇଣ୍ଟେଲାଇଟ୍ସ' ସେବା .......... ସହରରେ ଆରମ୍ଭ କରାଯାଇଛି ?
୪– ଜାତୀୟ ନୃତ୍ୟ ଶିରୋମଣି ପୁରସ୍କାର ୨୦୧୯........... ଙ୍କୁ ମିଳିଛି ?
୫– ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରିଥିବା ପ୍ରଥମ ଏସୀୟ ଦେଶ......... ?

## ଗତ ଥରର ଉତ୍ତର

୧ କେନିଆ
୨ ଆନ୍ଧ୍ର ପ୍ରଦେଶ
୩ ଜବଲପୁର
୪ ନମିତା ଗୋଖିଲେ ଲେଖିଛନ୍ତି
୫ ୧୯୩୦

## ଉତ୍ତର ଦାତା


ସ୍ୱାଗତ ପୂଜାହାରୀ, ସୋନପୁର


ଭଗବତୀ ପ୍ରସାଦ ପାଢ଼ୀ, ପୁରୀ


ସତ୍‌ଚିତ୍ ସାଗର, ହାଇଦ୍ରାବାଦ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀ ପ୍ରସିଦ୍ଧ ପର୍ଯ୍ୟଟନ ମାୟାଜାଲ

(୧– ଗ୍ରେଟ୍ ୱାଲ୍ ଅଫ୍ ଚାଇନା................................ ଚାଇନା
୨– ଇପ୍‌କଟ୍ ............................................... ଆମେରିକା
୩– ଡାମଏନ୍ ସାଡକ୍ ଫ୍ଲୋଟିଂ ମାର୍କେଟ୍..................... ଥାଇଲାଣ୍ଡ
୪– ଟାଇମ୍ସ ସ୍କୋୟାର୍........................................ ଆମେରିକା
୫– ଲଣ୍ଡନ୍ ଡଞ୍ଜୋଅନ୍........................................ ଇଂଲଣ୍ଡ
୬– କୋଷ୍ଟା ଡେଲ୍ ସୋଲ୍.....................................ସ୍ପେନ୍
୭– ବ୍ଲାର୍ନୀ ଷ୍ଟୋନ୍..............................................ଆୟର୍ଲାଣ୍ଡ
୮– ଡନ୍‌ସ ରିଭର୍ ଫଲ୍........................................ ଜାମାଇକା
୯– ଲିନିଂ ଟାୱାର୍ ଅଫ୍ ପିସା................................ ଇଟାଲୀ
୧୦– ହଲିଉଡ୍ ୱାକ୍ ଅଫ୍ ଫେମ୍.............................. ଆମେରିକା



## ଜାଣନ୍ତୁ ଦୁନିଆ ଦୁବାଇ

ସୁନା ଏବଂ ବିଳାସପୂର୍ଣ୍ଣ ତଥା ଅତ୍ୟାଧୁନିକ ସ୍ଥାପତ୍ୟ ଲାଗି ଦୁବାଇ ପୃଥିବୀ ପ୍ରସିଦ୍ଧ। ତେବେ ଏହା ସମ୍ପର୍କରେ ଆସନ୍ତୁ ଜାଣିବା କିଛି ରୋଚକ ତଥ୍ୟ ସମ୍ପର୍କରେ...

- ସମଗ୍ର ପୃଥିବୀରେ ବ୍ୟବହାର ହେଉଥିବା କ୍ରେନ୍ ସଂଖ୍ୟାର ପ୍ରାୟ ୨୫ ଭାଗ ଦୁବାଇରେ ଦେଖିବାକୁ ମିଳେ।
- ଦୁବାଇର ଏକ ମୁଖ୍ୟ ଆକର୍ଷଣ ହେଉଛି କୃତ୍ରିମ ପାମ୍ ଆଇସ୍‌ଲାଣ୍ଡ। ଏହାକୁ ନିର୍ମାଣ କରାଯିବା ଲାଗି ୯୪ ନିୟୁତ ଘନମିଟର ବାଲି ବ୍ୟବହାର କରାଯାଇଛି, ଯେଉଁଥିରେ ସମଗ୍ର ପୃଥିବୀର ସୀମା ଚାରିପଟେ ୨ ମିଟର ଓସାରରେ ୩ଟି ପାଚେରି କରାଯାଇ ପାରିବ।



- ଏଠାକାର ପୋଲିସ୍ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ସୁପର କାର୍ ବ୍ୟବହାର କରିଥା'ନ୍ତି। ଏହାର ଦାମ୍ ନ୍ୟୁୟର୍କ ୟୁନିଭର୍ସିଟିରେ ଜଣେ ଛାତ୍ର ୪ ବର୍ଷ ପଢ଼ିବା ଲାଗି ଆବଶ୍ୟକ ଅର୍ଥଠାରୁ ବି ଅଧିକ।
- କେବଳ ଭଲ ଦରମାକୁ ଆଖି ଆଗରେ ରଖି ଅନେକେ ଦୁବାଇରେ ଜବ୍ କରିବା ଲାଗି ଆଗ୍ରହ ପ୍ରକାଶ କରିଥା'ନ୍ତି ତା' ନୁହେଁ, ବରଂ ସେଠାରେ ଇନ୍‌କମ୍ ଟ୍ୟାକ୍ସ ଦେବାକୁ ପଡୁ ନ ଥିବାରୁ ଅନେକଙ୍କୁ ଅଧିକ ସଞ୍ଚୟ କରିବାକୁ ସୁବିଧା ହୋଇଥାଏ।
- ସବୁଠୁ ଅଧିକ ସୁନା ଦୁବାଇରେ ରହିଛି। ଏମିତିକି ଏଠାରେ ଏଟିଏମ୍‌ରୁ ସୁନା ବାର୍ କାଢ଼ିବାର ବ୍ୟବସ୍ଥା ରହିଛି। ଏଠାରେ ଥିବା ବୁର୍ଜ ଅଲ୍ ଆରବ ହୋଟେଲ୍‌ର ଇଣ୍ଟେରିଅର ଡେକୋରେଶନ ଲାଗି ୧୭୯୦ ବର୍ଗମିଟର ୨୪ କ୍ୟାରେଟ୍ ସୁନା ଲଗାଯାଇଛି।
- ପୃଥିବୀର ସବୁଠାରୁ ଉଚ୍ଚତମ କୋଠା ବୁର୍ଜ ଖଲିଫା(୨୭୨୨ ଫୁଟ) ଏଠାରେ ରହିଛି। ସେହିପରି ପୃଥିବୀର ଦୀର୍ଘତମ ସ୍ୱୟଂଚାଳିତ ଟେନ୍ ନେଟ୍‌ୱର୍କ(୭୪.୬କି.ମି.) ମଧ୍ୟ ଏଠାରେ ରହିଛି।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### କେରାଣ୍ଡି ଯୋର କେନାଲରେ ବୁଡି ବାବାଜୀଙ୍କ ମୃତ୍ୟୁ

**ରେଢ଼ାଖୋଲ,୧୬।୧୧(ଡି.ଏନ.ଏ.)** ରେଢ଼ାଖୋଲ ସହରର ସଦର ପ୍ରାଥମିକ ବିଦ୍ୟାଳୟ ନିକଟରେ ଯାଇଥିବା କେରାଣ୍ଡି ଜୋର କେନାଲକୁ ଗାଧୋଇବାକୁ ଯାଇ ଶନିବାର ସକାଳେ ପାଣିରେ ବୁଡି ଜଣେ ବାବାଜୀଙ୍କ ମୃତ୍ୟୁ ଘଟିଛି। ଏହି ବାବାଜୀ ଜଣକ ହେଲେ ବୌଦ୍ଧ ଜିଲା ସଦର ଥାନା ନାରାୟଣନଗରର ତୁଳସୀଦାସ ମେହେର (୭୯)। ଖବର ପାଇ ପୋଲିସ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ବାବାଜୀଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୨୨/୧୯) ରୁଜୁ ହୋଇଛି। ସୂଚନା ଅନୁସାରେ, ସ୍ଥାନୀୟ ରାମ ମନ୍ଦିରରେ ଚାଲିଥିବା ଭାଗବତ ପାରାୟଣ କାର୍ଯ୍ୟକ୍ରମକୁ ଏହି ବାବାଜୀ ଜଣକ ଆସିଥିଲେ। ହେଲେ ଶନିବାର ସକାଳେ ମନ୍ଦିର ନିକଟରେ ଯାଇଥିବା କେରାଣ୍ଡି ଜୋର କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡିଯାଇ ମୃତ୍ୟୁ ଘଟିଥିବା ପୋଲିସ କହିଛି।

**ଭାଗବତ ପାରାୟଣ କାର୍ଯ୍ୟକ୍ରମକୁ ଆସିଥିଲେ**

### ଦେଶୀ ମଦ ଜବତ, ଜଣେ ଗିରଫ

**ରେଢ଼ାଖୋଲ,୧୬।୧୧(ଡି.ଏନ.ଏ.)** ରେଢ଼ାଖୋଲ ପୋଲିସ ଶନିବାର ଏହି ଥାନା ଅନ୍ତର୍ଗତ କୁଟାସିଙ୍ଗା ଗ୍ରାମରେ ଚଢ଼ାଉ କରି ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜେଶ ପୃଷ୍ଟି (୨୨)। ତାଙ୍କ ନିକଟରୁ ପୋଲିସ ୫୨ ପାଉଚ ମଦ ଜବତ କରିଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ରାଜେଶଙ୍କୁ କୋର୍ଟ ଚାଲାଣ କରିଛି।



### ଏନ୍ଏସ୍ସିବି କଲେଜ ଛାତ୍ର ପୁରସ୍କୃତ

**ସମ୍ବଲପୁର,୧୬।୧୧ (ବ୍ୟୁରୋ)-** ଜିଲା ଓ ରାଜ୍ୟସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ନେତାଜୀ ସୁବାଷଚନ୍ଦ୍ର ବୋଷ (ଏନ୍ଏସ୍ସିବି) କଲେଜ ଛାତ୍ର ମହମ୍ମଦ ଜୁନେଥ ସଫଳତା ହାସଲ କରିଛନ୍ତି। ଜିଲାସ୍ତରରେ ପ୍ରଥମ ଓ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ହାସଲ କରି କଲେଜକୁ ଗୌରବାନ୍ୱିତ କରିଛନ୍ତି। କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁ, ଡ. ରଘୁମଣୀ ନାୟକ, ଡ. ବିଶ୍ୱମୋହନ ଜେନା ଶନିବାର ଛାତ୍ର ଜୁନେଥଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ମାନେଶ୍ୱର ଛକରୁ ପିକଅପ୍ ଭ୍ୟାନ୍ ଚୋରି

**ସମ୍ବଲପୁର,୧୬।୧୧(ବ୍ୟୁରୋ)-** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ଛକରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ପିକଅପ୍ ଭ୍ୟାନ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗାଡି ମାଲିକ କୃଷ୍ଣଚନ୍ଦ୍ର ମେହେର ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଗାଡି ନଂ. ଓଡି ୧୫ ଏନ-୫୦୫୯ ରାତିରେ ଘର ସମ୍ମୁଖରେ ଛିଡା ହୋଇଥିଲା। ହେଲେ ଦୁର୍ବୃତ୍ତକକେମାନେ ଆସି ଗାଡି ଚୋରି କରି ନେଇଯାଇଛନ୍ତି। ଏ ନେଇ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### କଫସିରପ ଜବତ, ଜଣେ ଗିରଫ

**ସମ୍ବଲପୁର,୧୬।୧୧(ବ୍ୟୁରୋ)** ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ କଫସିରପ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କରମଟୁଲିର ସଞ୍ଜୟ ଖଡିଆ। ତାଙ୍କ ନିକଟରୁ ୧୦ ବୋତଲ କଫସିରପ ଜବତ କରିଛି। ଏ ନେଇ ଥାନାରେ କେସ୍ ନଂ. ୫୦୬/୧୯ମାମଲା ରୁଜୁ ହୋଇଛି।

■ ଦ୍ୱିତୀୟ ଦିନରେ ମଧ୍ୟ ଧାନ କିଣାରେ ଅଚଳାବସ୍ଥା

# ଟୋକନ୍ ଦେଇ ପାରିଲାନି ପ୍ରଶାସନ

**ସମ୍ବଲପୁର/ପଡିଆବାହାଲ, ୧୬।୧୧(ବ୍ୟୁରୋ/ଡି.ଏନ.ଏ.)**

■ ଧାନ ରଖିବାକୁ ଆର୍ଏମ୍ସି, ସମବାୟ ସମିତି ଅମଙ୍ଗ
■ ସୋମବାର ପର୍ଯ୍ୟନ୍ତ ସମୟ ଦେଇଛନ୍ତି ଚାଷୀ

ସମ୍ବଲପୁର ଜିଲାରେ ଶନିବାର ଧାନ ସଂଗ୍ରହର ଦ୍ୱିତୀୟ ଦିନରେ ମଧ୍ୟ ଅଚଳାବସ୍ଥା ଦେଖା ଦେଇଛି। ପ୍ରଶାସନ ପକ୍ଷରୁ ଟୋକନ ଯୋଗାଇ ଦିଆଯାଇ ପାରି ନାହିଁ। ମାର୍କେଟ ୟାର୍ଡ ଓ କ୍ରୟ କେନ୍ଦ୍ର ଗୁଡିକରେ ଅବ୍ୟବସ୍ଥା ଦେଖା ଦେଇଥିଲା। ତେଣୁ ଚାଷୀ ଆଣିଥିବା ଧାନ ବିକ୍ରି କରିପାରି ନାହାନ୍ତି। ମାର୍କେଟ ଗୁଡିକରେ ଖୋଲା ଆକାଶ ତଳେ ଧାନ ସହ ଚାଷୀ ପଡି ରହିଛନ୍ତି। ଜିଲାରେ ପ୍ରାୟ ୫୦ରୁ ଅଧିକ ଗାଡି ଧାନ ବିକ୍ରି ପାଇଁ ଆସିଥିଲା। ହେଲେ ଯୋଗାଣ ବିଭାଗ, ଆରଏମସି ଓ ସମବାୟ ସମିତି ପକ୍ଷରୁ ଧାନ ରଖିବାକୁ ମନା କରି ଦିଆଯାଇଥିଲା। ଆରଏମସି ଓ ସମବାୟ ସମିତି କେବଳ କାଗଜ ପତ୍ରରେ ଧାନ କିଣା ବିକା କରି ସରକାରଙ୍କ ପାଖରୁ କମିସନ ପାଉଛନ୍ତି। ହେଲେ ଧାନ ରଖିବା ସମୟରେ ଏବେ ପଛଘୁଞ୍ଚା ଦେଉଛନ୍ତି। ଅନ୍ୟପଟେ ମିଲର୍ସମାନଙ୍କ ମଧ୍ୟ ଚୁକ୍ତି ସରି ନାହିଁ। ତେଣୁ ଧାନ ସଂଗ୍ରହ ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ ଚାଷୀ ଅଭିଯୋଗ କରିବା ସହ ଧାନ କିଣା ନୀତିକୁ ବିରୋଧ କରୁଛନ୍ତି। ନୀତିରେ ପରିବର୍ତ୍ତନ କରାଯାଉ। ପୂର୍ବ ବର୍ଷ ଭଳି ଜିଲାରେ ଧାନ କିଣା ବିକା କରାଯାଉ ବୋଲି ଦାବି କରିଛନ୍ତି। ଏହା ସହ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଚାଷୀ ଶେଷ ସମୟ ଦେଇଛନ୍ତି। ଏବେ ରାଜ୍ୟ ସରକାର ଓ ପ୍ରଶାସନ ଉପରେ ଚାପ ପଡିଛି। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ କହିଛନ୍ତି ଯେ, ଟୋକନ ବ୍ୟବସ୍ଥା ଓ ମିଲର୍ସ ଚୁକ୍ତି ଶୀଘ୍ର ସରିଯିବ। ଫଳରେ ସମସ୍ୟା ଦୂର ହୋଇଯିବ। ସୂଚନାଯୋଗ୍ୟ ଯେ, ଶନିବାର ଦ୍ୱିତୀୟ ଦିନରେ ପ୍ରାୟ ୧୫ଟି ମାର୍କେଟ ଓ କ୍ରୟ କେନ୍ଦ୍ରକୁ ୬୦ ଗାଡିରେ ୯ ହଜାର ପ୍ୟାକେଟ ଧାନ ବିକ୍ରି କରିବା ପାଇଁ ଚାଷୀ ଆଣିଥିଲେ। ଅନ୍ୟପଟେ ପ୍ରଥମ ଦିନରେ ମଧ୍ୟ ୫ ହଜାର ପକେଟ ମାର୍କେଟ ପଡି ରହିଥିଲା। ଏବେ ମାର୍କେଟ ଗୁଡିକରେ ଧାନ ଖୋଲା ଆକଶ ତଳେ ପଡି ରହିଛି। ଅନ୍ୟପକ୍ଷେ ଆମ ପଡିଆବାହାଲ ଖବରଦାତା ମଧ୍ୟ ଜଣାଇଛନ୍ତି ଯେ, ଶନିବାର ଦ୍ୱିତୀୟ ଦିବସରେ ଖଲିଆପାଲି ମାର୍କେଟ ୟାର୍ଡକୁ ସକାଳୁ ସକାଳୁ ଗୋଟିଏ ଟ୍ରକରେ ଧାନ ପହଞ୍ଚିଥିଲା। ହେଲେ ଧାନ ବିକ୍ରି ହୋଇପାରି ନ ଥିଲା। ଭୁବନେଶ୍ୱରରୁ ଟୋକନ ଆସିବ ବୋଲି କୁହାଯିବାରୁ ଚାଷୀମାନେ ପ୍ରତିବାଦ କରିଥିଲେ। ଶେଷରେ ସୋମବାର ସୁବିଧା କରି ଧାନ ଉଠାଇବାକୁ ଏକ ପ୍ରକାର ନିଷ୍ପତ୍ତି ହୋଇଛି। ଜୟଦୁର୍ଗା କୃଷକ କ୍ଲବ ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ଚାଷୀ ବିଦ୍ୟାଧର ମିଶ୍ର, ପ୍ରମୋଦ ମିଶ୍ର, ଶିବ ମେହେର ପ୍ରମୁଖ ବହୁ ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲା ମାନେଶ୍ୱର ମାର୍କେଟୟାର୍ଡରେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀମାନେ।

## ଜିଲାସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତା

**ସମ୍ବଲପୁର, ୧୬।୧୧ (ବ୍ୟୁରୋ)**

ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ସ୍କୁଲ ଓ କଲେଜସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତା ଶନିବାର ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲସ୍ତରରେ ସେଣ୍ଟଜୋସେଫ୍ କନଭେଣ୍ଟ ସ୍କୁଲର ଶିରିନ୍ ତ୍ରିପାଠୀ ପ୍ରଥମ, ରୋଜାଲିନ ମହାପାତ୍ର ଦ୍ୱିତୀୟ ଏବଂ ସେଣ୍ଟଜୋନ ସ୍କୁଲର ଶୁଭାଶିଷ ରାୟ ଚୌଧୁରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କଲେଜ ସ୍ତରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ପ୍ରଥମ, ସରକାରୀ ମହିଳା କଲେଜର ପ୍ରିତ୍ୱି ଯାଦବ ଦ୍ୱିତୀୟ ଓ ରୋଜାଲିନ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ହେମନ୍ତ କୁମାର ମହାପାତ୍ର, ଶିବଶଙ୍କର ନନ୍ଦ ବିଚାରକ ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ଶନିବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ।



ସମ୍ବଲପୁର ପ୍ରେସ୍ ଭବନଠାରେ ଜିଲାପାଳ ଶୁଭମ୍ ସକ୍ସେନାଙ୍କୁ ସମ୍ମାନିତ କରାଯାଉଛି।

## ବିକାଶରେ ଖବରଦାତାଙ୍କ ସହଯୋଗ ଆବଶ୍ୟକ

**ସମ୍ବଲପୁର/ କୁଚିଣ୍ଡା,୧୬।୧୧ (ବ୍ୟୁରୋ/ଡି.ଏନ.ଏ.)**

ଜିଲାରେ ବିଭିନ୍ନ ଦିଗରେ ବିକାଶ ପାଇଁ ମୁଖ୍ୟ ଦାୟିତ୍ୱ ରହିଛି। ହେଲେ ବିକାଶ ପାଇଁ ଖବରଦାତାମାନଙ୍କ ସହଯୋଗ ନିହାତି ଆବଶ୍ୟକ। ଖବରଗୁଡକ ପ୍ରକାଶ ବା ପରିବେଷଣ ହେବା ଫଳରେ ପ୍ରଶାସନକୁ ଲୋକଙ୍କ ଅନେକ ସମସ୍ୟା ଉପରେ ଜାଣିବାକୁ ମିଳିଥାଏ। ଗଣମାଧ୍ୟମ ଓ ଜିଲା ପ୍ରଶାସନ ମିଳିତ ଉଦ୍ୟମ କଲେ ଜିଲାର ବିକାଶ ହୋଇ ପାରିବ। ଖବର ଗୁଡିକ ପରିବେଷକଣ କଲା ସମୟରେ ପକ୍ଷଭୁକ୍ତ ଓ କାହା ପ୍ରରୋଚନାରେ ପ୍ରକାଶ ନ କରି ସତ୍ୟାସତ୍ୟ ତଦନ୍ତ କରି ପ୍ରକାଶ କରିବା ଉଚିତ। ଏହା ଜଣେ ସାମ୍ବାଦିକର ପରିଚୟ ହୋଇଥାଏ ବୋଲି ପ୍ରେସ୍ ଭବନରେ ଜାତୀୟ ପ୍ରେସ ଦିବସ ଅବସରରେ ଜିଲାପାଳ ଶୁଭମ୍ ସକ୍ସେନା ଯୋଗ ଦେଇ କହିଛନ୍ତି। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଭାବନୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଓଡିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଓୟୁଜେ) କୁଚିଣ୍ଡା ଶାଖା ପକ୍ଷରୁ ମଧ୍ୟ ଶନିବାର କୁଚିଣ୍ଡା ନ୍ୟୁ କଲ୍ୟାଣ ମଣ୍ଡପଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା'କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ମୁଖ୍ୟବକ୍ତା ରୂପେ କୁଚିଣ୍ଡା ମହାବିଦ୍ୟାଳୟର ଅଧକ୍ଷ ଡ. ସୁଦର୍ଶନ ପାଣିଗ୍ରାହୀ, ସମ୍ମାନୀତ ଅତିଥି ରୂପେ କୁଚିଣ୍ଡା ଥାନା ଆଇଆଇସି ପ୍ରକାଶ କର୍ଣ୍ଣ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ପ୍ରଭାତ ବେହେରା ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତପନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ କେତେକ ବରିଷ୍ଠ ଖବରଦାତାଙ୍କୁ ସଂଘ ପକ୍ଷରୁ ସମ୍ମାନୀତ କରାଯାଇଥିଲା।

## ଶିଶୁ ସୁରକ୍ଷା, ଅଧିକାର ସଚେତନତା ରାଲି

**ସମ୍ବଲପୁର, ୧୬।୧୧ (ବ୍ୟୁରୋ)**

ୱାଲ୍ଡ ଭିଜନ୍ ପକ୍ଷରୁ ଶିଶୁମାନଙ୍କ ଉପରେ ଯୌନ ଶୋଷଣ ବନ୍ଦ କରିବାକୁ ଏକ ସଚେତନତା ରାଲି ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଶେଷ ହୋଇଥିଲା। ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା, ଶିଶୁ ଶୋଷଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଚାଲଲାଣ ପ୍ରଭୃତି ରୋକିବା ଉଦ୍ଦେଶ୍ୟରେ ରାଲିର ପରିକଳ୍ପନା କରାଯାଇଥିବା ଆୟୋଜକମାନେ କହିଥିଲେ। ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟଅତିଥି, ଡା. ବାଳାଦିତ୍ୟ ଗୋବିନ୍ଦ, ପ୍ରଦୀପ କୁମାର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ନିକୋଲ ଲେକ୍ସା, ରଞ୍ଜନ ନାୟକ, ଦିଲୀପ ମାଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳିଗଲେ ଠିକା କମ୍ପାନୀ ସୁପରଭାଇଜର

**ସମ୍ବଲପୁର,୧୬।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଅନେକ ଛୋଟ ବଡ ଠିକା କମ୍ପାନୀ ଓ ସଂସ୍ଥା କାର୍ଯ୍ୟ କରୁଛନ୍ତି। ହେଲେ ସେମାନେ ଶ୍ରମିକ ଓ କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଏମାନଙ୍କ ଅବହେଳା ଯୋଗୁ ଅନେକ ସମୟରେ ଲୋକଙ୍କ ଜୀବନ ଚାଲି ଯାଇଛି। ବେସାହାରା ହୋଇ ଯାଉଛନ୍ତି କର୍ମଚାରୀଙ୍କ ପରିବାର। ସ୍ଥାନୀୟ ପୋଲିସ ସହିତ ସଲାସୁତୁରା କରି ପରିବାର ବର୍ଗଙ୍କୁ ବୁଝାଇ ମାମଲା ଚପାଇ ଦିଆଯାଉଛି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ସଦର ଥାନା ଅଞ୍ଚଳରେ। ଠିକା କମ୍ପାନୀ ବିକେଡିର ଷ୍ଟୋର ରୁମ୍ରୁ ଶୁକ୍ରବାର ଏକ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ସେ ହେଲେ ଦେବଗଡ ଜିଲା ବାରକୋଟ ଥାନା ଗୋଲାବନ୍ଧ ଗ୍ରାମର ମହେଶ୍ୱର ସାହୁ (୪୫)। ଷ୍ଟୋର ରୁମ୍ରେ ଅଗ୍ନିକାଣ୍ଡ ଘଟି ମହେଶ୍ୱର ଶୋଇଥିବା ଅବସ୍ଥାରେ ଜିଅନ୍ତା ଜଳି ଯାଇଥିଲେ। ତେବେ ଷ୍ଟୋର ରୁମରେ ନିଆଁ ଲଗାଇ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପାଉଁଶ ଓ ମୃତ ଶରୀରର କିଛି ଅଂଶ ସଂଗ୍ରହ କରିଥିଲେ। ଅନ୍ୟପଟେ ସୁପରଭାଇଜର ଓ ଶ୍ରମିକମାନଙ୍କୁ ସୁରକ୍ଷା ପ୍ରତି ଉକ୍ତ ଠିକା କମ୍ପାନୀ ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ଘଟଣା ଘଟିଛି ବୋଲି ଅଭିଯୋଗ ହୋଇଛି। ଠିକା କମ୍ପାନୀ ବିକେଡି ସୁପରଭାଇଜର ମହେଶ୍ୱରଙ୍କ ବୀମା, ଇପିଏଫ ଓ ଶ୍ରମିକ ଆଇନ ଅନୁସାରେ ଅନ୍ୟାନ୍ୟ ସୁବିଧା ସୁଯୋଗ କରି ନ ଥିବା ଅଭିଯୋଗ ହୋଇଛି। ତେଣୁ ଜିଲା ଶ୍ରମ ବିଭାଗ ପକ୍ଷରୁ ଏହାକୁ ନେଇ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମନାକୁ ଆସିବ। ମୃତକଙ୍କ ପରିବାରଙ୍କୁ ଉଚିତ ଅନୁକମ୍ପା ରାଶି ମିଳି ପାରିବ ଓ ପରିବାର ଲୋକେ ନ୍ୟାୟ ପାଇପାରିବେ। ଏଭଳି ଅନେକ ଘଟଣା ହେଉଥିଲେ ମଧ୍ୟ ଶ୍ରମ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତେଣୁ ଠିକାଦାର ଓ ଠିକା କମ୍ପାନୀମାନେ ମନଇଚ୍ଛା ଶ୍ରମିକ ଶୋଷଣ କରୁଛନ୍ତି। ଅନ୍ୟପଟେ ଏଭଳି ଘଟଣା ଘଟିବା ପରେ ନିଜକୁ ଶ୍ରମିକ ନେତା କହୁଥିବା ବ୍ୟକ୍ତିମାନେ ମଧ୍ୟ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସୁନାହାନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝୀ କହିଛନ୍ତି ଯେ, ଏହି ଘଟଣା ଉପରେ ବିଭାଗକୁ ଅଭିଯୋଗ ଆସିନାହିଁ। ଶ୍ରମିକମାନଙ୍କ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା ଯାଞ୍ଚ କରିବା ଶ୍ରମ କମିଶନରଙ୍କ ପରିସରଭୁକ୍ତ। ଏହି ଘଟଣା ବିଷୟରେ ତାଙ୍କୁ ଅବଗତ କରାଇ ତଦନ୍ତ କରାଯିବ ବୋଲି ସେ କହିଥିଲେ। ସେହିପରି ସଦର ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି ଯେ, ତଦନ୍ତ ପରିସରଭୁକ୍ତ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟକୁ ଭିତ୍ତିକରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଯଦି ହତ୍ୟା କରାଯାଇଥାଏ ତେବେ ମାମଲା ପରିବର୍ତ୍ତନ କରାଯିବ। ସୂଚନାଯୋଗ୍ୟ ଯେ, ମହେଶ୍ୱର ପ୍ରତିଦିନ ଭଳି ଷ୍ଟୋର ରୁମକୁ ଶୋଇବାକୁ ଯାଇଥିଲେ। ସକାଳେ ଟିଣ ଛାଉଣୀରେ ତିଆରି ହୋଇଥିବା ଷ୍ଟୋର ରୁମ୍ଟି ଜଳି ଯାଇଥିଲା। ଭିତରେ ଶୋଇଥିବା ମହେଶ୍ୱର ଜଳି ଯାଇଥିଲେ। ଘଟଣା ସମ୍ପର୍କରେ ଠିକା କମ୍ପାନୀ ମ୍ୟାନେଜର ନନ୍ଦକିଶୋର ସ୍ୱାଇଁ ପୋଲିସକୁ ସୂଚନା ଦେଇଥିଲେ।



ସମ୍ବଲପୁର ରାଜଘାଟରେ ବିଦ୍ୟୁତ୍ ଚୁଲାର କାର୍ଯ୍ୟକ୍ଷମ ଅବସରରେ ଉପସ୍ଥିତ ମହାନଗର ନିଗମ ଅଧିକାରୀ ଓ ସମ୍ବଲ ଅନୁଷ୍ଠାନ ସଦସ୍ୟ।

## ବର୍ଷକ ପରେ ରାଜଘାଟରେ କାର୍ଯ୍ୟକ୍ଷମ ହେଲା ବିଦ୍ୟୁତ୍ ଚୁଲା

**ସମ୍ବଲପୁର,୧୬।୧୧(ବ୍ୟୁରୋ)**

ସମ୍ବଲପୁର ରାଜଘାଟରେ ପ୍ରାୟ ବର୍ଷେ ହେଲା ଅଚଳ ହୋଇ ପଡିଥିବା ବିଦ୍ୟୁତ୍ ଚୁଲା ଶନିବାରଠାରୁ ପୁଣି କାର୍ଯ୍ୟକ୍ଷମ ହୋଇଛି। ସମ୍ବଲ ଅନୁଷ୍ଠାନ ପକ୍ଷରୁ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ଶତ୍କାର କରାଯାଇ ଏହି ବିଦ୍ୟୁତ୍ ଚୁଲାର ପରୀକ୍ଷା କରାଯାଇଥିଲା। ଏହି ସମୟରେ ହାନଗର ନିଗମ ଅଧିକାରୀ ଶୁଭଙ୍କର ମହାନ୍ତି, ସ୍ୱରୁପ ପଟ୍ଟନାୟକ, ସୌରୀ ପାଣିଗ୍ରାହୀ, ଦିଲୀପ କୁମାର ବୋଷ, ସୋନୁ ପ୍ରସାଦ, ରମେଶ ଦୀପ, ଅରୁଣ କୁମାର ଅଜାଡିୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ରାଜଘାଟକୁ ସମ୍ବଲପୁର ସହର ସମେତ ଆଖପାଖ ଗ୍ରାମାଞ୍ଚଳର କୌଣସି ଲୋକଙ୍କ ମୃତ୍ୟୁ ଘଟିଲେ ପରିବାର ଲୋକେ ମୃତଦେହ ଧରି ଅନ୍ତିମ ସଂସ୍କାର କରିବାକୁ ଏଠାକୁ ଆସିଥାନ୍ତି। ହେଲେ ଦୁଇବର୍ଷ ହେବ ଏଠାରେ ଥିବା ବିଦ୍ୟୁତ ଚୁଲା ଅଚଳ ହୋଇପଡ଼ିଥିବାରୁ ଶବଦାହ କରିନପାରି ଲୋକେ ହଇରାଣ ହରକତ ହେଉଥିଲେ। ଅନ୍ୟପକ୍ଷେ ବିକଳ୍ପ ଭାବେ ଶବଦାହ କରିବାକୁ ଏଠାରେ ଆବଶ୍ୟକ କାଠ ଯୋଗାଣ ନେଇ ମଧ୍ୟ ସମସ୍ୟା ହରିଛି। ମହାନଗର ନିଗମ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର କାଠ ଯୋଗାଇ ଦିଆଯାଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏଥିପାଇଁ ନି କଟରେ ଜଣେ ମୃତକଙ୍କ ପରିବାର ରାସ୍ତାରୋକ କରିବା ଭଳି ପଦକ୍ଷେପ ନେବାକୁ ପଛାଇ ନଥିଲେ।

## ୨ କରତ କଳରେ ବନ ବିଭାଗର ଚଢ଼ାଉ

**ସମ୍ବଲପୁର,୧୬।୧୧(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ଅଧୀନ ଟାଉନ ରେଞ୍ଜ କ୍ଷେତରାଜପୁର ଥାନା ଫାର୍ମରୋଡରେ ଥିବା ୨ଟି ବେଆଇନ କରତ କଳ ଉପରେ ଶନିବାର ବନ ବିଭାଗ ଚଢ଼ାଉ କରିଛି। ଏହି ଦୁଇ କରତ କଳ ପରିସରରୁ ବ୍ୟାପକ ମାତ୍ରାରେ କାଠଗଣ୍ଡି, ସାଇଜ କାଠ, ତିଆରି ହୋଇଥିବା ଫର୍ନିଚର, କରତ କଳ ସାମଗ୍ରୀ ଆଦିକୁ ଜବତ କରାଯାଇଛି। ତେବେ ଏହି କରତ କଳଗୁଡିକ ସରକାରୀ ଜମି ଉପରେ ଚାଲୁଥିବା ଜଣାପଡିଛି। ହେଲେ ଏହାର ମାଲିକ କିଏ ଜଣା ପଡି ନାହିଁ। ହେଲେ କରତକଳକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାରୁ କାହା ନାମରେ ବିଦ୍ୟୁତ୍ ସଂଯୋଗ ରହିଛି ତାହା ବିଦ୍ୟୁତ୍ ବିଭାଗ ଏସ୍ଡିଓଙ୍କୁ ମଗା ଯାଇଛି। ଫଳରେ ତାଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଡିଏଫଓ ସଞ୍ଜୀତ କୁମାର କହିଛନ୍ତି। ଏସିଏଫ ଲଳିତ କୁମାର ପାତ୍ର, ଏସିଏଫ ଲକ୍ଷ୍ମଣ ମାରାଡି, ଏସିଏଫ ତେଜରାଜ ନାୟକ, ଏସିଏଫ ମଦନଲାଲ ଶର୍ମା, ଓଏଫଏସ ପ୍ରଭୁଦତ୍ତ ହିମାଂଶୁ ମିଶ୍ର, ରେଞ୍ଜ ଅଫିସର ପ୍ରଭାକର ବେହେରା, ରେଙ୍ଗାଲି ରେଞ୍ଜ ଅଫିସର ହରିହର ପାତ୍ର, ଧମା ରେଞ୍ଜ ଅଫିସର ଆଲୋକ କୁମାର ଷଡଙ୍ଗୀ, ପଡିଆବାହାଲ ରେଞ୍ଜ ଅଫିସର ସୁରେଶ ମିର୍ଦ୍ଧା, ଧମା ଡେପୁଟି ରେଞ୍ଜ ଅଫିସର ବିଦ୍ୟାଧର ସାହୁଙ୍କ ସମେତ ୧୦ଜଣ ଫରେଷ୍ଟର, ୧୫ ଜଣ ଗାର୍ଡ ଓ ୪୦ ଜଣ ପାଟ୍ରୋଲିଂ ସ୍କ୍ୱାଡ୍ ସହ କ୍ଷେତରାଜପୁର ପୋଲିସ ଚଢ଼ାଉରେ ସାମିଲ ହୋଇଥିଲା।



ସମ୍ବଲପୁର ଫାର୍ମରୋଡର ଏକ ବେଆଇନ କରତ କଳ ଉପରେ ଚଢ଼ାଉ କରାଯାଉଛି।

■ ଜଙ୍ଗଲରୁ ଦନ୍ତାହାତୀର ମୃତଦେହ ଉଦ୍ଧାର ଘଟଣା

# ବ୍ୟବଚ୍ଛେଦ ପରେ ପୋତାଗଲା

**ସମ୍ବଲପୁର,୧୬।୧୧(ବ୍ୟୁରୋ)**

■ ଦାନ୍ତ କାଟି ନେଇଥିବା ଦୁର୍ବୃତ୍ତଙ୍କ ସୁରାକ ମିଳିଛି
■ ବନ ବିଭାଗକୁ ଦାୟୀ କଲେ ଅଞ୍ଚଳବସୀ

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅଧୀନ ବୀରସିଂଗଡ ଜଙ୍ଗଲରୁ ଶୁକ୍ରବାର ଉଦ୍ଧାର ହୋଇଥିବା ଏକ ୪ ବର୍ଷର ଦନ୍ତା ହାତୀର ମୃତଦେହକୁ ଶନିବାର ବ୍ୟଚ୍ଛେଦ ପରେ ପୋତି ଦିଆଯାଇଛି। ଆରସିସିଏଫ ଚିତ୍ତ ରଞ୍ଜନ ମିଶ୍ର, ଡିଏଫଓ ଡ.ସଞ୍ଜୀତ କୁମାରଙ୍କ ଉପସ୍ଥିତିରେ ସମ୍ବଲପୁର ପ୍ରାଣୀଧନ ବିଭାଗର ଡାକ୍ତରୀ ଟିମ୍ ବ୍ୟବଚ୍ଛେଦ କରିଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିବା ଡାକ୍ତରୀ ଟିମ୍ ସ୍ପଷ୍ଟ କରିଛନ୍ତି। ଏହାପରେ ବନବିଭାଗ ସେଠାରେ ଗାତ ଖୋଳି ପୋତି ଦେଇଛି। ଅନ୍ୟପଟେ ବନ ବିଭାଗ ସ୍ୱତନ୍ତ୍ର ଟିମ୍ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାର୍ହା ଶିକାର କରିବା ପାଇଁ ବିଦ୍ୟୁତ୍ ତାର ବିଛାଯାଇଥିବାରୁ ଏଭଳି ଘଟଣା ଘଟିଥିବା ଅନୁମାନ କରି ବନ ବିଭାଗ ଧରପଗଡ ଜାରି ରଖିଛି। ଅନ୍ୟପକ୍ଷେ ହାତୀର ୩/୪ ଇଞ୍ଚ ଦାନ୍ତକୁ ଉପାଡି ନେଇଥିବା ଅଭିଯୁକ୍ତଙ୍କ ସୁରାକ ମଧ୍ୟ ବନ ବିଭାଗ ପାଖରେ ଲାଗିଛି। ଶିଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ କହିଛି। ହେଲେ ବନ ବିଭାଗର ଅବହେଳାରୁ ହିଁ ଏହି ହାତୀଟିର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବାରମ୍ବାର ଏହି ଜଙ୍ଗଲରେ ବାର୍ହା ଶିକାର କରାଯାଉଛି। ହେଲେ ବନ ବିଭାଗ ପାଖରେ ସୂଚନା ଥିଲେ ମଧ୍ୟ ଶିକାରୀମାନଙ୍କୁ ଗିରଫ କରାଯାଉ ନାହିଁ। ଓଲଟା ସେମାନଙ୍କ ସହ ସଲା ସୁତୁରା କରାଯାଉଛି। ବେଳେ ବେଳେ ବନ ବିଭାଗ କର୍ମଚାରୀ ମଧ୍ୟ ବାର୍ହା ଓ କୁଟୁରା ମାସଂର ଭାଗ ନେଉଥିବା ଅଭିଯୋଗ ହେଉଛି।



ମୃତ ହାତୀର ବ୍ୟବଚ୍ଛେଦ କରାଯାଉଛି।



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



# ସାମାଜିକ ଗଣମାଧ୍ୟମ ମିଛ ଖବର ପ୍ରସାର ବଢ଼ାଉଛି

ସମ୍ବଲପୁର, ୧୬।୧୧ (ବ୍ୟୁରୋ)

ସଂପ୍ରତି ସମାଜରେ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ହେଉଛି। ଏହାଦ୍ୱାରା ମିଛ ଖବର ପ୍ରସାର ବଢ଼ିବାରେ ଲାଗିଛି । ଏହା ସମାଜ ପାଇଁ ନକରାତ୍ମକ ପ୍ରଭାବ ସୃଷ୍ଟି କରୁଛି । ଏହାକୁ ରୋକିବା ପାଇଁ ମୁଖ୍ୟ ସ୍ରୋତରେ ଥିବା ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଦାୟିତ୍ୱବାନ ହେବା ସମୟ ଆସିଛି । ଶନିବାର ଲଜପତ ରାୟ ଆଇନ କଲେଜ ସଭା କକ୍ଷରେ ଆୟୋଜିତ ଜାତୀୟ ଗଣମାଧ୍ୟମର ଭୂମିକା, ସମସ୍ୟା ଓ ଆହ୍ୱାନ ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ଆଲୋଚନା ଚକ୍ରରେ ବକ୍ତାମାନେ ଏହା କହିଛନ୍ତି । ପ୍ରେସ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ । ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଦୀପ ପ୍ରଜ୍ୱଳନ କରି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ । ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାୟ ଚାଟାର୍ଜୀ ମୁଖ୍ୟଅତିଥି, ଖଡଗପୁର ଆଇଆଇଟି ପ୍ରଫେସର ଉଦୟଶଙ୍କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଛାତ୍ରୀ ଋତୁପୂର୍ଣ୍ଣା ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ସହକାରୀ ପ୍ରଫେସର ତଥା ଆଲୋଚନାଚକ୍ର ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଢେଙ୍କାନାଳ ଆଇନ କଲେଜ ପ୍ରାଧ୍ୟାପକ ଡ. ବିଜୟ ମହାପାତ୍ରଙ୍କ ସଭାପତିତ୍ୱ ଓ ମଧୁସୂଦନ ଆଇନ କଲେଜ ପ୍ରାଧ୍ୟାପକ ଡ. ସୌମିତ୍ର ଚାଟାର୍ଜୀଙ୍କ ସଂଯୋଜନାରେ ପ୍ରଥମ ବୈଷୟିକ ଅଧିବେଶନ ହୋଇଥିଲା । ଏଥିରେ ୨୧ଜଣ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଅପରାହ୍ନରେ ଦ୍ୱିତୀୟ ବୈଷୟିକ ଅଧିବେଶନ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ସ୍ନାତକୋତ୍ତର ବିଭାଗ ପ୍ରାଧ୍ୟାପକ ପ୍ରୟାଶ ଦଣ୍ଡସେନା ଅଧ୍ୟକ୍ଷତା କରିଥିଲେ। ସେହିପରି ଢେଙ୍କାନାଳ ଆଇନ କଲେଜ ପ୍ରାଧ୍ୟାପକ ଡ. ବିଭୁରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ। ୨୫ଜଣ ସନ୍ଦର୍ଭ ଉପସ୍ଥାପନ କରିଥିଲେ । କଲେଜ ଛାତ୍ରୀ ନିକିତା ତ୍ରିପାଠୀ, ସୃଷ୍ଟି ପ୍ରଧାନ, ସବିହା ବେଗମ, ଦୀପ୍ତିରେଖା ଦାଶ, ଶ୍ୱେତା ଚକ୍ରବର୍ତ୍ତୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସନ୍ଧ୍ୟାରେ ସହକାରୀ ପ୍ରଫେସର ଅଙ୍କିତସୌରଭ ସାହୁଙ୍କ ପରିଚାଳନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।






ଶନିବାର ସମ୍ବଲପୁର ଆଇନ କଲେଜ ସଭା କକ୍ଷରେ ଆୟୋଜିତ ଜାତୀୟ ଆଲୋଚନା ଚକ୍ରରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରତିନିଧି ଓ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ବଦଳିଲେ ୧୩ ବିଚାର ବିଭାଗୀୟ ଅଧିକାରୀ

କଟକ ଅଫିସ,୧୬।୧୧: ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି ହୋଇଛି। ଏ ନେଇ ଶନିବାର ହାଇକୋର୍ଟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ରାଜ କୁମାର ସାହୁଙ୍କୁ କଟକ ଜିଲା ଦୌରାଜଜ୍ ପଦବୀକୁ ବଦଳି କରାଯାଇଛି। ସେହିପରି ବାଲେଶ୍ୱର ଜିଲାଜଜ୍ ଭାବେ ହିରଣ୍ମୟ ବିଶୋୟୀ, ସୋନପୁର ଜିଲା ଦୌରାଜଜ୍ ଭାବେ ଅରୁଣ କୁମାର ମଲ୍ଲିକ, ଗଞ୍ଜାମ ଜିଲା ଦୌରାଜଜ୍ ଭାବେ ରାମ ଶଙ୍କର ହୋତା, ଖୋର୍ଦ୍ଧା ଜିଲା ଦୌରାଜଜ୍ ଭାବେ ଲୋକନାଥ ମହାପାତ୍ର, ଭୁବନେଶ୍ୱର ସିବିଆଇ ସ୍ୱତନ୍ତ୍ର ଜଜ୍(କୋର୍ଟ ନଂ-୨) ଭାବେ ମାନସ ରଞ୍ଜନ ବାରିକ୍, ନବରଙ୍ଗପୁର ପରିବାର ଅଦାଲତ ଜଜ୍ ଭାବେ ଶୋଭନ କୁମାର ଦାସ, ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଭାବେ ସଞ୍ଜୀବ ଦୁବେ, ଭଦ୍ରକ ପରିବାର ଅଦାଲତର ଜଜ୍ ଭାବେ ବିକ୍ରମ କୁମାର ପ୍ରଧାନ, ବାଲେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଭାବେ ନୀତିଶ ନିଶାଙ୍କ, ବ୍ରହ୍ମପୁର ଏମ୍‌ଏସିଟି-୨(ମୋଟର ଦୁର୍ଘଟଣା କ୍ଲେମ୍ ଟ୍ରିବ୍ୟୁନାଲ)ର ସଦସ୍ୟ ଭାବେ ସୌଭାଗିନୀ ମଲ୍ଲିକ, କନ୍ଧମାଳ ଜିଲା ଦୌରାଜଜ୍ ଭାବେ ସାରଦା ପ୍ରସାଦ ନାୟକ ଏବଂ ଭଦ୍ରକ ଜିଲା ଦୌରାଜଜ୍ ଭାବେ ଶିଶିର କୁମାର ରଥଙ୍କୁ ବଦଳି କରାଯାଇଛି।

### ଗଣବଳାତ୍କାର ମାମଲା
### ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

ଚମ୍ପୁଆ, ୧୬।୧୧(ଡି.ଏନ.ଏ.) କେନ୍ଦୁଝର ଜିଲା ଯୋଡା ଥାନା ଇଲାକାରେ ଘଟିଥିବା ଏକ ଗଣବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ଉକ୍ତ ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଗଣବଳାତ୍କାରର ଶିକାର ହୋଇଥିବା ମହିଳା ୫ ମାସର ଶିଶୁକୁ ଧରି ତାଙ୍କ ସାନଭଉଣୀ ସହ କାର୍ଯ୍ୟକ୍ଷେତ୍ରରୁ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ବଳାତ୍କାର କରିଥିଲେ। ପୀଡିତାଙ୍କ ସାନଭଉଣୀ ଏହାଦେଖି ତାଙ୍କ ଭାଇଙ୍କୁ ଜଣାଇଥିଲେ। ପୀଡିତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ପରମେଶ୍ୱର ନାଏକ, ଜିତୁ ନାଏକ, ପବିତ୍ର ନାଏକଙ୍କୁ ଗିରଫ କରିଥିଲା।

### ଟୁଇଟ୍ କରି ଆଇଆଇସିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଏମ୍.ରାମପୁର, ୧୬।୧୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ଏମ.ରାମପୁର ଥାନା ଆଇଆଇସି ଉତ୍ତମ କୁମାର ସାହୁ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କରିବା ସହ ଗରିବ ଓ ଅସହାୟଙ୍କୁ ସବୁ ପ୍ରକାର ସହାୟତା ଦେଉଛନ୍ତି । ଏ ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କୁ ପ୍ରଶଂସା କରିଛନ୍ତି। ଏହିଭଳି ପଦକ୍ଷେପ 'ମୋ ସରକାର' କାର୍ଯ୍ୟକ୍ରମର ବଡ଼ ସଫଳତା ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେହିପରି ଜାତୀୟ ପ୍ରେସ୍ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଖବରଦାତା ଏବଂ ଗଣମାଧ୍ୟମ ବ୍ୟକ୍ତି ବିଶେଷଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।
- ଜାତୀୟ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ଲଜପତରାୟ ଆଇନ କଲେଜ ସଭା କକ୍ଷ, ପୂର୍ବାହ୍ନ ସାମେ ୧୦ଟା ।
- ନାଟୋତ୍ସବ ଉଦ୍‌ଯାପନୀ ଉତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

**କର୍ଲାମୁଣ୍ଡା**

- ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ, ମିଳିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଯୋରାଡବ୍ରା, ଅପରାହ୍ନ ୧ଟା।

**ବୌଦ୍ଧ**

- ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ସ୍ମୃତିସଭା, ଟାଉନ ହଲ, ପୂର୍ବାହ୍ନ ୧୦ଟା।

**ଉଲୁଣ୍ଡା**

- ମା' କନ୍ଧେନ ବୁଢୀ ଫୁଟବଲ ଟୁର୍ନାମେଣ୍ଟ: ବରଗଡ ବନାମ ସମ୍ବଲପୁର, ସରଳାକାନୀ ବନାମ ପୁରୁଣାକଟକ, ସାନଅଙ୍କରିଆ ଖେଳ ପଡିଆ, ପୂର୍ବାହ୍ନ ସାଢେ ୧୦ରୁ ଅପରାହ୍ନ ୪।୩୦।

**ନୂଆପଡ଼ା**

- କବି ସମ୍ମିଳନୀ, ଗଣପତି ପ୍ୟାଲେସ, ରାତି ୮ଟା ।

**ଦେବଗଡ଼**

- ମା କନକ ଦୁର୍ଗା ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ୍ ଉଦ୍‌ଯାପିତ, ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଅପରାହ୍ନ ୪ଟା।
- ଗଣ ସଫେଇ କାର୍ଯ୍ୟକ୍ରମ, ଦେବଗଡ଼ ପୌରାଞ୍ଚଳ, ସକାଳ ୭ଟା।

### ସମ୍ବଲପୁରରେ ରେଫରି ରିଫ୍ରେସର କୋର୍ସ

କଟକ ଅଫିସ,୧୬।୧୧

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସମ୍ବଲପୁରଠାରେ ରେଫରୀ ରିଫ୍ରେସର କୋର୍ସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୮୧ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଦୁର୍ଗାମାଧବ ନାୟକ ପ୍ରଶିକ୍ଷକ ଦାୟିତ୍ୱରେ ରହିଥିଲେ। ପୂର୍ବତନ ବିଧାୟକ ରବି ନାରାୟଣ ନାୟକ, ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଘାସିରାମ ସାହୁ, ଶ୍ୟାମ ସୁନ୍ଦର ସାହୁ, ଜର୍ଜ ମାଇକେଲ ହାସଁଦା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଭିସୁଟ୍‌ର ୨ଶହ କର୍ମଚାରୀ ରକ୍ତଦାନ କଲେ

ସମ୍ବଲପୁର,୧୬।୧୧(ବ୍ୟୁରୋ)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭିସୁଟ) ପରିସରରେ ମହା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅଟଳ ଚୌଧୁରୀ, କୁଳସଚିବ ଉପମା କାଲୋ, ନୀଲମ ପ୍ରକାଶ କୁଜୁର, ପୂର୍ବତନ ବିଧାୟିକା ତଥା ସଂଘର ସଭାପତି ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶିବିର ଚାଲିଥିଲା। ୬୦ ମହିଳା କର୍ମଚାରୀ, ଅଧିକାରୀ, ୧୪୦ ଜଣ ପୁରଷ କର୍ମଚାରୀ ମିଶି ମୋଟ ୨ ଶହ ୟୁନିଟ ରକ୍ତଦାନ କରିଥିଲେ । ବୁର୍ଲା ରେଡକ୍ରସ ଭଣ୍ଡାର ପକ୍ଷରୁ ସହଯୋଗ କରାଯାଇଥିଲା। କର୍ମଚାରୀ ପିତବାସ ଓଝା, ଅସୀତ କୁମାର ପ୍ରଧାନ, ସୁଧାଂଶୁ ଶେଖର ମହାନ୍ତି, ହରେନ୍ଦ୍ର କୁମାର ପାଢୀ, ବ୍ରଜ ବିଭାର, ଭଗବାନ ଟୁଡୁ, ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ସମ୍ବଲପୁର ଭିସୁଟ୍ କର୍ମଚାରୀ ସଂଘ ପକ୍ଷରୁ ରକ୍ତଦାନ ଶିବିରରେ ଅତିଥିମାନେ।

### ନେଡାଲ ଉଚ୍ଚ ବିଦ୍ୟାଳୟକୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର

ଦେବଗଡ,୧୬।୧୧ (ଡ଼ି.ଏନ୍.ଏ.)

ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଗାଙ୍ଗନଣ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓପେପା ନିର୍ଦ୍ଦେଶକ ଦ୍ୱାରା ଦିଆଯାଇଥିବା ୧୦ ହଜାର ଟଙ୍କାର ଚେକ୍ ଓ ମାନପତ୍ରକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ପ୍ରଧାନଶିକ୍ଷକ ଟିକେଶ୍ୱର ଦେହୁରୀଙ୍କୁ ପ୍ରଦାନ କରିଥିଲେ। ଏହାକୁ ନେଇ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମହଲରେ ଉତ୍ସୁକତା ଖେଳିଯାଇଛି।


**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

NIT No.: OMC/E-PROC/CMC/05/2019 **procurement Notice** Dated: 15.11.2019

| | | |
|---|---|---|
| 1. | Title of tender | Selection of agency for preparation, submission and obtaining approval of modification of Mining Plan from IBM under Rule 17(3) of the MCR, 2016 with PMCP under Rule-23 of MCDR, 2017 in respect of Gandhamardan (Block-A) Mining Lease of OMC |
| 2. | Availability of tender documents on the e-tendering portal of Government of Odisha | 16.11.2019 after 05:00PM |
| 3. | Last date of online submission of tender in Govt. portal | 30.11.2019 up to 5.00PM |
| 4. | Cost of Bid document | The bidder shall have to deposit Rs.2,000.00 (Two Thousand) + GST 18% only through on line as available in www.tendersodisha.gov.in |
| 5. | Earnest money deposit | The bidder shall have to deposit Rs.40,000.00 (Forty Thousand) only through on line as available in www.tendersodisha.gov.in |
| 6. | Date of opening of Techno- Commercial Bid | 02.12.2019 at 11:00AM. |
| 7. | Date of opening of Price- Bid | Shall be intimated through uploading in e-portal. |

All other details can be seen from the tender document available at Govt. website i.e https//tendersodisha.gov.in & in OMC website i.e. www.omcltd.in.
OMC reserves the right to reject this tender without assigning any reason thereof.
30005/11/0090/1920 General Manager (Mat.)
CAD-587



**CENTRAL ELECTRICITY SUPPLY UTILITY OF ORISSA**
**OFFICE OF THE SUPERINTENDING ENGINEER (ELECT.), ELECTRICALCIRCLE, CUTTACK, ORISSA-754012**
PHONE : 0674-2310703, 2312006, 2324223, FAX - 2310703
E-Mail : sectc@cescoorissa.com

Lt No.3340 **Notice Inviting Tender No.-(OT)- 04/19-20** Dated: 14.11.2019

**No.CAD-589 :-** Sealed quotations are invited from intending Registered HT Licensed Electrical Contractors having valid Registration to execute the electrical works for re-construction and shifting of 33KV line (Jagatsinghpur 33KV Feeder) existing inside the premises of STP-II, Matgajpur of OISIP due to construction of sewage treatement plant under CMC, Cuttack of CDD No.II, Cuttack in 100% Deposit work scheme on partly Turn key basis. The details of work alongwith Terms & Conditions of the above work which can be available on payment of Rs. 16,800/- (Rupees sixteen thousand eight hundred) only (Rs 15,000/- towards paper cost + 12% GST) (Non Refundable) in shape of cash / bank draft in the office of Superintending Engineer, Electrical Circle, CESU, Cuttack.

1. Sale/downloading of Tender Paper - 18.11.2019
2. Due date of receipt of Tender Paper - 05.12.19 up to 1.00 P.M.
3. Opening of Tender Paper - 05.12.19 at 03.30 P.M
4. Approx. works value - Rs 1,07,77,596/-

**Tender will summarily be rejected in absence of the following documents.**

1. EMD @ Rs 1,08,000/- of the estimated value to be deposited in shape of Cash/Bank draft drawn in favour of **"CESU, ELECTRICAL CIRCLE, CUTTACK"**.
2. Copy of valid License/PAN/GST up to the current financial year.
3. No Previous EMD will be adjusted.
4. No Telegraphic Tender will be accepted.
5. Copy of the Money Receipt towards purchase of Tender documents.

The undersigned reserves the right to accept or reject the Tender without assigning any reason thereof and also right to split-up the Tender quantity.

04010/11/0006/1920 **Sd./- Superintending Engineer (Elect) Electrical Circle, CESU, Cuttack**



**MUNICIPAL OFFICE, KENDRAPARA**
'e' Procurement NOTICE No 4974/ Dt. 16.11.19
Bid Identification No. KM_05-2019/20

| | | |
|---|---|---|
| 1 | Procurement Officer-Publisher/ Officer Inviting the Tender/ Bids (OIT) | Executive Officer, Kendrapara Municipality, Kendrapara |
| 2 | No. of Works | 3 Nos. |
| 3 | Estimated Cost (Approx.) of the Works. | Rs. 50 Lakhs to Rs. 1 Crore |
| 4 | Date & Time of availability of bid document in the portal | From 5 PM of Dt. 19.11.2019 to 5 PM of 04.12.2019 |
| 5 | Date & Time of Technical bid Opening | 11 AM of 05.12.2019 |

(1) Other details can be seen from Detailed Notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.
**Sd./- Executive Officer, Kendrapara Municipality**



**DEPARTMENT OF WATER RESOURCES**
**Odisha Community Tank Development Management Society**
Plot No-A-8/2, Beside RTO Office, Bhoi Nagar, Bhubaneswar-751022
Ph.. 0674--2542252, E-Mail: spuoipera.od@gov.in
**Letter No-553 Date-16/11/2019**
**QUOTATION CALL NOTICE FOR HIRING VEHICLES**

No. A-388: Sealed quotations are invited for supply of hired vehicles for official use of OCTDMS, Bhubaneswar on Monthly Basis for a period of one year.

- Sealed quotations should reach the Project Director, OCTDMS-cum-Additional Secretary to Govt., DoWR in the campus of Plot No-A-8/2, Superintending Engineer, Central Minor Irrigation Circle, beside RTO office, Bhoi Nagar, Bhubaneswar-751022 on or before 29/11/2019 by 3.00pm positively.
- Sealed quotations will be opened on same day i.e. on 29/11/2019 at 3.30pm in the Conference Hall of OCTMP in presence of all the bidders, who prefer to remain present.
- The bidder should write "QUOTATIONS FOR SUPPLY OF HIRED VEHICLES ON MONTHLY BASIS" on the top of the separate sealed envelope.
- The authority reserves the right to accept/reject any or all quotations without assigning reason thereof.

Further details can be seen in the Govt. of Odisha website www.odisha.gov. in under link advertisement.

32188/11/0003/1920 **Project Director, OCTDMS -cum-Additional Secretary to Govt.,DoWR**



**ODISHA POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT - V, BHUBANESWAR**
**ବିଜ୍ଞାପନ**
D-193

କନ୍‌ଷ୍ଟେବଲ ନମ୍ବର - ୮୮୬ ପ୍ରଶାନ୍ତ ପାତ୍ର
ପିତା - ଶ୍ରୀ ବ୍ରହ୍ମାନନ୍ଦ ପାତ୍ର
ଗ୍ରାମ - ଦେବଗାଁ, ପୋ, - ଛତ୍ର
ଥାନା - ଜଗତସିଂହପୁର, ଜିଲ୍ଲା - ଜଗତସିଂହପୁର

ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଆପଣ ଓ.ଏମ୍.ସି., କାଳିଆପାଣି, ଯାଜପୁରସ୍ଥିତ ଓ.ଆଇ.ଏସ୍.ଏଫ. କ୍ୟାମ୍ପରୁ ତା୧୧।୦୯।୨୦୧୯ରିଖ ଅପରାହ୍ନଠାରୁ ତା୧୩।୦୯।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୨ ଦିନ ଆକସ୍ମିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା୧୪।୦୯।୨୦୧୯ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଏପର୍ଯ୍ୟନ୍ତ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।
ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭(ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଆଇ.ଏସ୍.ଏଫ. କ୍ୟାମ୍ପ ଓ.ଏମ.ସି., କାଳିଆପାଣି, ଯାଜପୁରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

Address-O/O The Commandant, OISF, At- Plot No.139 (P) Keshari Nagar, Unit-V, Bhubaneswar, Pin-751001, Dist.- Khurda, E-Mail - comdtoisf.odpol@gov.in
12029/11/0033/1920



**GOVERNMENT OF ODISHA**
**"e"-PROCUREMENT NOTICE**
No.B-320 :- **WORKS DEPARTMENT**
**E-mail : ceroads.bbsr@gmail.com**
**Bid Identification No. CE-DPI & R-16/2019-20**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below :
2. Nature of work : Road and Bridge works
3. No. of work : 02 Nos.
4. Tender Paper cost : Rs.10,000.00
5. Class of Contractor : 'A' Class/ Special Class/ Super Class as noted against each work
6. Available of bid document in the website : From 10.00 A.M. of 14.11.2019 to 5.00 PM of 03.12.2019
7. Date of opening of Bid : Dt.04.12.2019 at 11.30 AM.
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Sd./-
34117/11/0046/1920 **Chief Engineer (DPI & Roads), Odisha**



Annexure-I
**OFFICE OF THE CHIEF RESEARCH OFFICER**
**HIRAKUD RESEARCH STATION, HIRAKUD**
**E-mail: cro_hrs@rocketmail.com**
**Quotation Call Notice No. 01/2019-20**
**No: 2509** **Date: 07.11.2019**

No. A-387: Sealed Quotations are invited from interested reputed Travel Agencies/Tour Operators or private individuals for providing 1 (one) No. of AC Diesel driven vehicles Tiago/Bolt/Celerio(Petrol) (BS-IV compliant Petrol Vehicle is preferable) having sitting capacity not more than five including driver, which shall conform to the Terms and conditions (Annexure-II) for the official use in the O/O THE DIRECTOR. RESEARCH & QUALITY CONTROL, BURLA on monthly rent basis.

1. The vehicle must be in Road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage permit, proof of up to date tax payment etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of account payee Bank Draft drawn in favour of the (CHIEF RESEARCH OFFICER. HIRAKUD RESEARCH STATION. HIRAKUD) Payable at SBI, Burla & submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants)
6. The vehicle must achieve a fuel efficiency of 17(Seventeen) Kms per litre.
7. The details of the make and year of manufacture of the vehicle, registration no, mileage (Kms covered per litre) and name of the driver with Driving license No. and period of validity should be specifically provided in the general bid information to be furnished with the Quotation (Annexure-III)
8. The Quotation completed in all respect should reach the undersigned on or before 26-11-2019 by 5.00 P.M. and shall be opened on 27-11-2019 11 A.M. in the O/O the Chief Research Officer, Hirakud Research Station, Hirakud in presence of the bidders or their authorized representatives.
9. The application form of Quotation containing General Bid information & Terms and conditions for Hiring of vehicles etc. will be available with "CHIEF RESEARCH OFFICER. HIRAKUD RESEARCH STATION. HIRAKUD" on payment of Rs. 600/-(Rupees Six Hundred) only from 20-11-2019 to 26-11-2019 or can be downloaded from Odisha Govt. Website www.odisha.gov.in from 20-11-2019 to 26-11-2019 . In case the application form is downloaded from Government website, the applicant shall furnish the demand draft for an amount of Rs. 600/- (Rupees Six Hundred) only towards the cost of application along with the application.

**Sd./- Chief Research Officer**
32244/11/0004/1920 **Hirakud Research Station, Hirakud**

> କ୍ୱାଲିଫାଇଂରେ ଫେରାରି ଟିମ୍‌ର ପ୍ରଦର୍ଶନକୁ ଦେଖିବା ପରେ ବ୍ରାଜିଲିଆନ ଫର୍ମୁଲାୱାନ ଗ୍ରାଁ ପ୍ରି ଜିତିବା ନେଇ ମୁଁ ଦୃଢ ନିଶ୍ଚିତ ନୁହେଁ ।
> —ଲୁଇସ୍ ହାମିଲଟନ, ମର୍ସିଡିଜ ଡ୍ରାଇଭର



> ରିୟଲ ମାଡ୍ରିଡ ତୁଳନାରେ ୱେଲ୍ସ ତରଫରୁ ପ୍ରତିନିଧିତ୍ୱ କରି ମୁଁ ଖେଳକୁ ଭଲରୂପେ ଉପଭୋଗ କରିପାରୁଛି ।
> —ଗ୍ୟାରେଥ ବାଲେ, ଫୁଟବଲର



## ସଂକ୍ଷେପରେ

### ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ
# ଫାଇନାଲରେ ପ୍ରମୋଦ



**ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଟୋକିଓରେ ଚାଲିଥିବା ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ପ୍ରମୋଦ ଭଗତ ପ୍ରବେଶ କରିଛନ୍ତି। ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୋଦ ୨୧-୭, ୨୧-୧୭ ସିଧାସଳଖ ଗେମ୍‌ରେ ଇଣ୍ଡୋନେସିଆର ମମନ ନୁର୍‌ଜାମନଙ୍କୁ ପରାସ୍ତ କରିଛନ୍ତି। ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ପ୍ରମୋଦଙ୍କ ମୁକାବିଲା ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କ ସହ ହେବ। ଏଥିପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ମଧ ପ୍ରମୋଦ ଏକପାଖିଆ ଭାବେ ଜିତିନେଇଥିଲେ। ଏଥିରେ ସେ ୨୧-୧୭, ୨୧-୧୭ ଗେମ୍‌ରେ ସାଥୀ ଭାରତୀୟ ଖେଳାଳି ବିକ୍ରମ କୁମାରଙ୍କୁ ହରାଇ ଅନ୍ତିମ-୪ରେ ପ୍ରବେଶ କରିଥିଲେ।

# ଇଣ୍ଟର ମିଲାନ କୋଚ୍‌ଙ୍କୁ ପୋଲିସ ସୁରକ୍ଷା

**ମିଲାନ, ୧୬।୧୧ (ଏଏଫ୍‌ପି):** ଇଣ୍ଟର ମିଲାନ କୋଚ୍ ଆଣ୍ଟୋନିଓ କୋଣ୍ଟେଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଛି। ଡାକ ଯୋଗେ ତାଙ୍କ ନିକଟକୁ ଏକ ଗୁଳି ସହ ଧମକପୂର୍ଣ୍ଣ ଚିଠି ଆସିଛି। ପ୍ରେରକଙ୍କ ବିଷୟରେ କୌଣସି ଖବର ନାହିଁ। ଚିଠିଟି କ୍ଲବ ଠିକଣାରେ ଆସଥିବା ସିରି ଏ' କ୍ଲବ ଇଣ୍ଟରମିଲାନ ତରଫରୁ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଏଭଳି ଧମକପୂର୍ଣ୍ଣ ଚିଠି ଆସିବା ନୂଆ କଥା ନୁହେଁ ବୋଲି କ୍ଲବ କହିଛି। କିନ୍ତୁ ଘଟଣାର ତଦନ୍ତ ଚାଲିଥିବାବେଳେ କୋଣ୍ଟେଙ୍କ ବାସଭବନ ବାହାରେ ଏବଂ ଇଣ୍ଟରମିଲାନ ଟ୍ରେନିଂ ଗ୍ରାଉଣ୍ଡରେ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, କୋଣ୍ଟେ ଗ୍ରୀଷ୍ମଋତୁରେ ଇଣ୍ଟରମିଲାନ ଦଳରେ ଯୋଗ ଦେଇଥିଲେ। ଇଟାଲୀର ଏହି ଦଳ ସିରି ଏ'ର ପଏଣ୍ଟ ଟେବୁଲରେ ଜୁଭେଣ୍ଟସ ପଛକୁ ୧ପଏଣ୍ଟ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଛି। ଇଟାଲୀ ନ୍ୟାଶନାଲ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ୫୦ ବର୍ଷୀୟ କୋଣ୍ଟେଙ୍କ ତତ୍ତ୍ୱାବଧାନରେ ଜୁଭେଣ୍ଟସ ୨୦୧୨ରୁ ୨୦୧୪ ପର୍ଯ୍ୟନ୍ତ କ୍ରମାଗତ ୩ଥର ସିରି ଏ' ଟାଇଟଲ ଜିତିଥିଲା। କୋଣ୍ଟେ ଆହୁରି ମଧ ଦୁଇଟି ସିଜନ ଚେଲ୍‌ସି ସହିତ କାର୍ଯ୍ୟ କରିଛନ୍ତି। ଚେଲ୍‌ସିକୁ ସେ ଉଭୟ ପ୍ରିମିୟର ଲିଗ୍ ଏବଂ ଏଫ୍‌ଏ କପ୍ ଜିତାଇଛନ୍ତି। ପରେ ସେ ଲୁସିଆନୋ ସ୍ପାଲେଟିଙ୍କ ସ୍ଥାନରେ ଇଣ୍ଟର ମିଲାନ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ପାଲେଟିଙ୍କ ଅଧୀନରେ ଇଣ୍ଟରମିଲାନ ଗତ ସିଜନରେ ୪ର୍ଥ ସ୍ଥାନ ଅଧିକାର କରିଥିଲା।

# ଅର୍ଥ ସଙ୍କଟରେ ଓସିଏ: ଆରମ୍ଭ ହୋଇନି ପ୍ରସ୍ତୁତି

**କଟକ ଅଫିସ,୧୬।୧୧**



## ବାଜିଲାଣି ବାରବାଟୀ ବିଗୁଲ୍
## ଡିସେମ୍ବର ୨୨ରେ ଭାରତ-ଇଣ୍ଡିଜ୍ ଦିନିକିଆ

ଆସନ୍ତା ଡିସେମ୍ବର ୨୨ରେ ବାରବାଟୀ ଷ୍ଟାଡିୟମରେ ହେବ ଭାରତ-ୱେଷ୍ଟଇଣ୍ଡିଜ ବିପକ୍ଷ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍। ପୋଲିସ ପ୍ରଶାସନ ପକ୍ଷରୁ ଏ ନେଇ ବିଗୁଲ ବାଜି ସାରିଲାଣି। ଏହି ଦିନିକିଆ ମ୍ୟାଚ୍ ଆୟୋଜନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ତେବେ ଆଉ ମାତ୍ର ୩୫ ଦିନ ବାକି ଥିବା ବେଳେ ଫନୀ ଝଡ଼ରେ ଉଜୁଡ଼ି ପଡ଼ିଥିବା ଷ୍ଟାଡିୟମର ସ୍ଥିତି ଏବେ ଯାଏଁ ସୁଧୁରିନି। ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇନି ବାରବାଟୀ ଷ୍ଟାଡିୟମ। ହାତରେ ଅନେକ କାମ ବାକି। ତେବେ ଅର୍ଥ ସଙ୍କଟରେ ପେଷି ହୋଇ କିଛି ବି ପଦକ୍ଷେପ ଗ୍ରହଣ କରି ପାରୁନି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)। କିଛି ଗ୍ୟାଲେରୀ ଓ ପ୍ୟାଭିଲିୟନର ଅବସ୍ଥା ଭଙ୍ଗାରୁଜା ହୋଇ ରହିଛି। କର୍ପୋରେଟ ବକ୍ସ, ନ୍ୟୁ ପ୍ୟାଭିଲିୟନ, ଗ୍ୟାଲେରୀ ନଂ-୫ ଓ ୭, ସଚିନ ତେନ୍ଦୁଲକର ଇନଡୋର ହଲ୍, ଓସିଏ ସମ୍ମିଳନୀ କକ୍ଷ, ମିଡ଼ିଆ ଗ୍ୟାଲେରୀ ସମେତ ଫ୍ଲଡଲାଇଟ୍ କ୍ଷତିଗ୍ରସ୍ତ ହୋଇଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ଅଧୀନରେ ବାରବାଟୀ ଷ୍ଟାଡିୟମ ରହୁଛି। ଗତ ଟେବୁଲ ଟେନିସ (ଟିଟି) ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଓଓଏ କେବଳ କର୍ପୋରେଟ ବକ୍ସ ମରାମତି କରିଛି। ଅନ୍ୟପକ୍ଷରେ ଫନୀ କ୍ଷୟକ୍ଷତି ବାବଦକୁ ଟଙ୍କାଟିଏ ମଧ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଯାଏଁ ଦେଇ ନ ଥିବା ଜଣାପଡ଼ିଛି। ଓସିଏ ପକ୍ଷରୁ ଫନୀ କ୍ଷୟକ୍ଷତି ୨୨କୋଟି ଟଙ୍କା ଆକଳନ କରାଯାଇଥିଲା। ଏବେ ୮୫ ଲକ୍ଷ ଟଙ୍କା ବ୍ୟୟରେ ଫ୍ଲଡଲାଇଟ୍ ବଲବ୍ କିଣା ହୋଇ ଆସିଛି। ବିସିସିଆଇ କୌଣସି ପାଣ୍ଠି ନ ଦେଲେ କେବଳ ଫ୍ଲଡଲାଇଟ ମରାମତି କରାଯାଇ ମ୍ୟାଚ୍ କାମଚଳାଇ ନେବା ସ୍ଥିତିରେ ଆୟୋଜନ ହେବାର ଆଶଙ୍କା ଦେଖାଦେଲାଣି। 'ମ୍ୟାଚ୍ ହେବା ନିଶ୍ଚିତ। ଏଭଳି ପରିସ୍ଥିତିରେ ସମସ୍ତ କାର୍ଯ୍ୟ ସୁଚାରୂପେ କରାଯିବାକୁ ଚେଷ୍ଟା କରାଯିବ' ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ୫ହଜାର ଟିକେଟ୍‌ର କ୍ଷତି ଚିନ୍ତା

ଗ୍ୟାଲେରୀ ନଂ-୭ ମରାମତି ନ ହେଲେ ଏଠାରେ ଦର୍ଶକଙ୍କୁ ବସିବାକୁ ଦିଆଯିବନି। ଅର୍ଥାତ୍ ଏହି ଗ୍ୟାଲେରୀର ଟିକେଟ ବିକ୍ରି ପାଇଁ ଉଦ୍ଦିଷ୍ଟ ହେବନି। ଏଠାରେ ପ୍ରାୟ ୫ ହଜାର ଦର୍ଶକ ବସିବାର ସୁବିଧା ରହିଛି। ଏବେ କେବଳ ଏହି ଚିନ୍ତା ଭିତରେ ରହିଛି ଓସିଏ। ଦୁଇ ଦିନ ଭିତରେ ଏକ ସରକାରୀ ଏଜେନ୍ସି ଏହି ଗ୍ୟାଲେରୀର ସ୍ଥିତି ସମୀକ୍ଷା କରି ମରାମତି ନିମନ୍ତେ ରିପୋର୍ଟ ଦେବ ବୋଲି ଜଣାପଡ଼ିଛି। ଉକ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ମରାମତି କାର୍ଯ୍ୟ ହୋଇ ଉକ୍ତ ଗ୍ୟାଲେରିର ଟିକେଟ୍ ବିକ୍ରି ପାଇଁ ଉଦ୍ଦିଷ୍ଟ କରିବାକୁ ଓସିଏ କର୍ତ୍ତୃପକ୍ଷ ସମସ୍ତ ଚେଷ୍ଟା କରୁଛନ୍ତି। ବାରବାଟୀରେ ଦର୍ଶକ କ୍ଷମତା ୪୨ ହଜାର ଥିବାବେଳେ ଗ୍ୟାଲେରି ନଂ-୭ ବାଦ୍ ପଡ଼ିଲେ ୩୭ ହଜାର ଦର୍ଶକ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍ ଉପଭୋଗ କରିବାର ସୁଯୋଗ ପାଇବେ।

### ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ
# ସରିତା ଦେବୀ ଆଥଲେଟ୍ସ କମିଶନକୁ ନିର୍ବାଚିତ

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.):** ଭାରତର ଭେଟେରାନ ମହିଳା ବକ୍ସର ଏଲ୍. ସରିତା ଦେବୀ ନିର୍ଦ୍ୱନ୍ଦ୍ୱରେ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଆଥଲେଟ୍ସ କମିଶନକୁ ନିର୍ବାଚିତ ହୋଇଛନ୍ତି। ସେ ଏସିଆନ ବ୍ଲକରୁ ପ୍ରତିନିଧିତ୍ୱ କରିବେ। ପଦବୀ ପାଇଁ ଏସିଆରୁ ସେ ଏକମାତ୍ର ପ୍ରାର୍ଥୀ ବୋଲି ସରିତା ଗତ ଜୁଲାଇରେ ସୂଚନା ଦେଇଥିଲେ। ଆଥଲେଟ୍ସ କମିଶନରେ ୫ଟି ଆଞ୍ଚଳିକ କନଫେଡେରେଶନ (ଏସିଆ, ଓସେନିଆ, ୟୁରୋପ, ଆମେରିକା ଏବଂ ୟୁରୋପ)ରୁ ଜଣେ ଲେଖାଏଁ ମହିଳା ଓ ପୁରୁଷ ବକ୍ସର ପ୍ରତିନିଧିତ୍ୱ କରିବେ। ୩୭ ବର୍ଷୀୟା ସରିତା ଏସିଆନ ଚାମ୍ପିୟନଶିପ୍‌ରେ ୮ଥର ପଦକ ଜିତିଛନ୍ତି। ତନ୍ମଧ୍ୟରେ ୫ ସ୍ୱର୍ଣ୍ଣ ପଦକ ରହିଛି। ବର୍ତ୍ତମାନ ସେ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ(ବିଏଫ୍‌ଆଇ)ର କାର୍ଯ୍ୟନିର୍ବାହୀ କମିଟିରେ ଜଣେ ଆଥଲେଟ୍ ପ୍ରତିନିଧି ଅଛନ୍ତି। ବିଏଫ୍‌ଆଇ ସରିତାଙ୍କ ନାମ ଏଆଇବିଏକୁ ସୁପାରିସ କରିଥିଲା।



ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ସବ୍‌ଜୁନିୟର ବାଳକ ଫୁଟବଲ ଦଳ।

# ଅନିଲ ଓଡ଼ିଶା ଅଧିନାୟକ

**କଟକ ଅଫିସ,୧୬।୧୧:** ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଆସନ୍ତା ୨୦ରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ(ଫାଇନାଲ ରାଉଣ୍ଡ) ଅନୁଷ୍ଠିତ ହେବ। ଏଥିନିମନ୍ତେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଶନିବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଅନିଲ ଟପ୍ପୋ ଦଳର ଅଧିନାୟକ ଥିବା ବେଳେ ନିପେନ୍ଦ୍ର ଦାସ ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି। ରବିବାର ପୂର୍ବାହ୍ନରେ ଦଳ ପଶ୍ଚିମବଙ୍ଗ ଅଭିମୁଖେ ଯାତ୍ରା କରିବ।

**ଓଡ଼ିଶା ଦଳ–** ଇନ୍ଦ୍ର କୁଜୁର, ସଦାନନ୍ଦ କହଁର, ତ୍ରିଲୋଚନ କିଣ୍ଡୋ, ପିଣ୍ଟୁ ଓରାମ, ଅଭିଶେକ ଏକ୍କା, ସପନ ସାମଲ, ମଙ୍ଗଲ ସୋରେନ, ନୱାଜୁଦ୍ଦିନ, ପ୍ରସନ୍ନ କେ ବାରା, ଅନିଲ ଟପ୍ପୋ (ଅଧିନାୟକ), ବିନୋଦ ମାଝି, ମାନସିଂ ହେମ୍ବ୍ରମ, ଭାଗୀରଥି ସୋରେନ, ଅଜୟ ଟପ୍ପୋ, ଶଶୀକାନ୍ତ ପ୍ରଧାନୀ, ବି.ଶିବ , ଅରବିନ ଲାକ୍ରା, ରହିମ ବାଡ଼ା, ଚିଣ୍ଟୁ ନାଗ, କହ୍ନେଇ ନାୟକ।

# ଭାରତର ପ୍ରଦର୍ଶନ ସମୀକ୍ଷା ହେବ

## ୧୯ ବର୍ଷରୁ କମ୍ ଫୁଟ୍‌ବଲ

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.)**

ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ୧୯ ବର୍ଷରୁ କମ୍ ଭାରତୀୟ ଫୁଟ୍‌ବଲ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ସମୀକ୍ଷା ହେବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଶନିବାର ଏ ସମ୍ପର୍କରେ ନିଷ୍ପତ୍ତି ନେଇଛି। ନ୍ୟାଶନାଲ ଟିମ୍ ଡାଇରେକ୍ଟର ଅଭିଷେକ ଯାଦବ ଏବଂ ଟେକ୍ନିକାଲ ଡାଇରେକ୍ଟର ଇସାକ୍ ଦୋରୁ ଏବଂ ସିନିୟର ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ପ୍ରମୁଖଙ୍କୁ ନେଇ ସମୀକ୍ଷା ବୈଠକ ହେବ। ଏଥିରେ ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳର କୋଚ୍ ଫ୍ଲଏଡ୍ ପିଣ୍ଟୋଙ୍କୁ ହାଜର ହେବାକୁ କୁହାଯାଇଛି। ନିକଟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଉଜ୍‌ବେକିସ୍ତାନଠାରୁ ୦-୨, ଗତଥରର ଚାମ୍ପିୟନ ସୌଦିଆରବ ଠାରୁ ୦-୪ ଏବଂ ଆଫଗାନିସ୍ତାନଠାରୁ ୦-୩ ଗୋଲରେ ହାରିଯାଇଥିଲା। ୧୮ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ଏବଂ ଓଏଫ୍‌ସି ୟୁଥ୍ ଡେଭଲପମେଣ୍ଟ ଟୁର୍ନାମେଣ୍ଟ ଜିତିବା ଦଳ ମୁଖ୍ୟ ରାଉଣ୍ଡରେ ପ୍ରବେଶ ଆଶା ନେଇ ଉପରୋକ୍ତ ପ୍ରତିଯୋଗିତାକୁ ଯାଇଥିଲା। ଦଳର ଦକ୍ଷତା ବୃଦ୍ଧି କରିବା ଲାଗି ବିପୁଳ ଅର୍ଥ ବ୍ୟୟ କରାଯାଇଥିଲା। ଦକ୍ଷତା ବୃଦ୍ଧି ପାଇଁ ଦଳକୁ ସର୍ବିୟା, ରୁଷିଆ, କ୍ରୋଏସିଆ ଏବଂ ତୁର୍କୀ ପଠାଯାଇଥିଲା। ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ କେଉଁ କାରଣରୁ ଭଲ ପ୍ରଦର୍ଶନ କରିପରିଲା ନାହିଁ ତାହା ପୁଙ୍ଖାନୁପୁଙ୍ଖ ସମୀକ୍ଷା ହେବ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ଜାଣିଛୁ ଗତଥରର ଚାମ୍ପିୟନ ସୌଦି ଆରବ ଏବଂ ବର୍ତ୍ତମାନ ଭଲ ପ୍ରଦର୍ଶନ କରିଆସୁଥିବା ଉଜ୍‌ବେକିସ୍ତାନକୁ ପରାସ୍ତ କରିବା ସହଜ ନ ଥିଲା। କିନ୍ତୁ ଏହି ଦୁଇଟି ଦଳ ବିପକ୍ଷରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରାଯାଇ ପାରିଥାନ୍ତା ବୋଲି ସେ କହିଛନ୍ତି। ବିଶେଷ କରି ଆଫଗାନିସ୍ତାନଠାରୁ ୦-୩ ଗୋଲରେ ପରାଜୟକୁ ଏଆଇଏଫ୍‌ଏଫ୍ ସହଜରେ ହଜମ କରିପାରୁନି।

# ଚଣ୍ଡିଗଡ଼ଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୧୬।୧୧:** ଗୁଣ୍ଟୁରର ଆର୍‌ଭିଆର୍ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ମହିଳା ଟି୨୦ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟରେ ଚଣ୍ଡିଗଡ଼ଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ଉଇକେଟ ବିନିମୟରେ ୧୧୧ ରନ କରିଥିଲା। ଦଳ ପକ୍ଷରୁ କାଜଲ ଜେନା ସର୍ବାଧିକ ୪୨ ରନ କରିଥିଲେ। ପୁନମ ନାୟକ ୩୦ ରନର ଇନିଂସ ଖେଳିଥିଲେ। ଚଣ୍ଡିଗଡ଼ ପକ୍ଷରୁ ନନ୍ଦିନୀ ଶର୍ମା, କାଶଭୀ ଗୌତମ, ଅମନଜିତ କୌର ଓ ଭି. ପାରୁଷୀ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଛନ୍ତି। ଅମନଜିତ ଓ କାଶଭୀଙ୍କ ଅଲରାଉଣ୍ଡର ପ୍ରଦର୍ଶନ ବଳରେ ଚଣ୍ଡିଗଡ଼ ୩ ଉଇକେଟ ହରାଇ ବିଜୟୀ ହୋଇଛି। ଅମନଜିତ ୪୭ ଓ କାଶଭୀ ୪୨ ରନର ଅପରାଜିତ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଇନ୍ଦ୍ରାଣୀ ଛତ୍ରିଆଙ୍କୁ ୨ଟି ଉଇକେଟ ମିଳିଥିଲା।

# ସିନିୟର ମହିଳା ହକି କ୍ୟାମ୍ପ୍‌ରେ ଓଡ଼ିଶାରୁ ୫

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.)**



ଖେଳାଳିଙ୍କ ଗହଣରେ କୋଚ୍ ଜୋର୍ଡ ମାରିଜନେ।

ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ ସିନିୟର ମହିଳା ହକି ଦଳର ଏକ କୋଚିଂ କ୍ୟାମ୍ପ୍ ସୋମବାରଠାରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ଆରମ୍ଭ ହେବ। ଏହି କ୍ୟାମ୍ପ୍ ଲାଗି ଶନିବାର ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ରାଣୀ ରାମପାଲ୍‌ଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାର ୫ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଦୀପ୍‌ଗ୍ରେସ ଏକ୍କା, ସୁନୀତା ଲାକ୍ରା, ରଶ୍ମିତା ମିଞ୍ଜ, ମିଡ୍‌ଫିଲ୍ଡର ଲିଲିମା ମିଞ୍ଜ ଓ ନମିତା ଟପ୍ପୋ। ଭୁବନେଶ୍ୱରରେ ଚଳିତ ମାସ ପ୍ରାରମ୍ଭରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆମେରିକାକୁ ୬-୫ ଗୋଲ (ଏଗ୍ରିଗେଟ୍) ବ୍ୟବଧାନରେ ପରାସ୍ତ କରି ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିସାରିଛି। ଏଣୁ କୋଚ୍ ଜୋର୍ଡ ମାରିଜନେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଳ ବର୍ତ୍ତମାନ ଲୟ ଓ ସ୍ଥିରତା ଉପରେ ଗୁରୁତ୍ୱ ଦେବାକୁ ଲକ୍ଷ୍ୟ ରଖିଛି। ଜାନୁୟାରୀ-ଫେବୃୟାରୀରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି।

# କଳିଙ୍ଗ ସ୍ପୋର୍ଟିଂକୁ ହରାଇଲା ମଙ୍ଗଳା କ୍ଲବ



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

## ଶରତ ଦେବ ସ୍ମାରକୀ ଫୁଟବଲ

**ଆଳି,୧୬।୧୧(ଡି.ଏନ.ଏ)**

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ୧୪ ତମ ରାଜ୍ୟସ୍ତରୀୟ ଶରତ ଦେବ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ଓ କଟକର ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ୨୦ତମ ମିନିଟରେ କଳିଙ୍ଗ ସ୍ପୋର୍ଟିଂ ଟିମ୍‌ର ରବିନ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟରେ ମଙ୍ଗଳା କ୍ଲବ ତରଫରୁ ସନାତନ ଲୋହାର ଏକ ଗୋଲ ସ୍କୋର କରିଥିଲେ । ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷହେବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ମଙ୍ଗଳା କ୍ଲବ ୪-୨ ଗୋଲରେ କଳିଙ୍ଗ ସ୍ପୋର୍ଟିଂକୁ ହରାଇ ଦେଇଥିଲା। ଶନିବାର ଖେଳରେ ଅତିଥି ଭାବେ ପୂର୍ବତନ ବରିଷ୍ଠ ଫୁଟବଲ ଖେଳାଳି ଭଗବାନ ମହାନ୍ତି, ଗୟାଧର ପାତ୍ର, ସୋରାଫ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଖେଳକୁ ରେଫରି ଭାବେ ସୁବ୍ରତ କୁମାର ପୁରୋହିତ, ଦେବାଶିଷ ବାଗ୍, ପ୍ରଦୀପ କୁମାର ଦାସ, ସୁଦୀପ ଦାସ ଓ ଶିବ ପ୍ରସାଦ ମଳିକ ପ୍ରମୁଖ ପରିଚାଳନା କରିଥିଲେ ।

# ଲିଙ୍ଗରାଜ ଚ୍ୟାଲେଞ୍ଜ ଭଲିବଲ୍ ଆରମ୍ଭ

**ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**



ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥିଙ୍କ ସହ ଖେଳାଳି ଓ କର୍ମକର୍ତ୍ତାମାନେ।

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଶନିବାରଠାରୁ ଦ୍ୱାଦଶ ଜାତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦୁଇ ଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରତିଯୋଗିତା ସ୍ଥାନୀୟ ଅଞ୍ଚଳ ତଥା ରାଜ୍ୟ ପାଇଁ ନିଶ୍ଚିତ ଭାବେ ସୁନାମ ଆଣିବା ସହ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ନେଇ ଏହା ଆୟୋଜନ ହୋଇଥିବାରୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ଏହି ଅବସରରେ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଭଲିବଲ୍ ଆସୋସିଏଶନର ସଭାପତି ସୁବୋଧ କୁମାର ରାଉତରାୟ ଓ ଆୟୋଜକ କ୍ଲବ୍‌ର ସଭାପତି ବାବୁ ସିଂ, ସମ୍ପାଦକ ରଜତ କୁମାର ତ୍ରିପାଠୀ, ସଂଯୋଜକ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଡିଏଲ୍‌ଡବ୍ଲ୍ୟୁ ବାରଣାସୀକୁ, ରାଉରକେଲାର ରାଇଜିଙ୍ଗ୍ କ୍ଲବ୍ ତାମିଲନାଡୁ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ତେବେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ହାରି ଯାଇଛି। ରବିବାର ବଳକା ଲିଗ୍ ମ୍ୟାଚ୍ ସହ ସେମିଫାଇନାଲ ଓ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ୨ଟି ଦଳ ଭାବେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଓ ରାଉରକେଲା ରାଇଜିଂ କ୍ଲବ ଅଂଶଗ୍ରହଣ କରୁଛନ୍ତି। ସେହିଭଳି ରାଜ୍ୟ ବାହାରୁ ଆନ୍ଧ୍ର ପ୍ରଦେଶ, ଇଷ୍ଟର୍ନ ରେଲ୍‌ୱେ, ଡିଏଲ୍‌ଡବ୍ଲ୍ୟୁ ବାରଣାସୀ, ତାମିଲନାଡୁ ସ୍ପୋର୍ଟ୍ସ ହଷ୍ଟେଲ ଯୋଗଦେବେ। ପ୍ରତିଯୋଗିତାରେ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ସମସ୍ତ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ ଉତ୍ସବରେ ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ଧରିତ୍ରୀ DHARITRI
ରବିବାର, ୧୭ ନଭେମ୍ବର, ୨୦୧୯



ଭାରତୀୟ ଦଳର ବୋଲିଂ ବିଭାଗରେ ପରସ୍ପର ମଧ୍ୟରେ ସମ୍ପର୍କ ରହିଛି। ଜଣେ ଅନ୍ୟର ସଫଳତାରେ ଆନନ୍ଦ ଉଠାଇପାରୁଛି ।
–ଇଶାନ୍ତ ଶର୍ମା, ଭାରତୀୟ ଫାଷ୍ଟ ବୋଲର



ଆମ ଫାଷ୍ଟ ବୋଲିଂ କମ୍ବିନେଶନ ଯେକୌଣସି ପିଚ୍‌ରେ ବିପକ୍ଷ ଦଳକୁ ଧରାଶାୟୀ କରିପାରିବାର ସାମର୍ଥ୍ୟ ରଖିଛି ।
–ବିରାଟ କୋହଲି, ଭାରତୀୟ ଅଧିନାୟକ



## ସଂକ୍ଷେପରେ

### ଏସିସି ଇମର୍ଜିଂ ଟିମ୍ସ କପ୍
## ଭାରତକୁ ହରାଇଲା ବାଂଲାଦେଶ

**ସାଭର,୧୬।୧୧ (ପି.ଟି.):** ଗୋଟିଏ ପଟେ ବାଂଲାଦେଶ ସିନିୟର ଦଳ ପ୍ରଥମ ଟେଷ୍ଟରେ ଭାରତଠାରୁ ଇନିଂସ ପରାଜୟ ବରଣ କରିଥିବା ବେଳେ ଅନ୍ୟପଟେ ବାଂଲାଦେଶ ଜୁନିୟର ଦଳ ୬ ଉଇକେଟରେ ଭାରତକୁ ପରାସ୍ତ କରିଛି। ସାଭରଠାରେ ଚାଲିଥିବା ଏସିଆନ କ୍ରିକେଟ କାଉନସିଲ (ଏସିସି) ଇମର୍ଜିଂ ଟିମ୍ସ କପ୍‌ରେ ଘରୋଇ ବାଂଲାଦେଶଠାରୁ ଭାରତ ପରାସ୍ତ ହୋଇଛି। ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ୪୨.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବାଂଲାଦେଶ ସିନିୟର ଦଳ ପାଇଁ ଟି୨୦ ଖେଳିଥିବା ସୌମ୍ୟ ସରକାର ୬୮ ବଲରୁ ୭୩ ରନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଅଧିନାୟକ ନାଜମୁଲ ହୋସେନ ଶାଣ୍ଟୋ ୮୮ ବଲରୁ ୯୪ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ଭାରତ ପାଇଁ ଏହା ପ୍ରଥମ ପରାଜୟ ସାବ୍ୟସ୍ତ ହୋଇଛି। ତେବେ ଏହା ପୂର୍ବରୁ ଭାରତ ନେପାଳକୁ ହରାଇଥିଲା। ତେବେ ବାଂଲାଦେଶ ତା'ର ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ବାଂଲାଦେଶ ଦଳରେ ୨୦ ବର୍ଷୀୟ ମହମ୍ମଦ ନଇମ ସାମିଲ ରହିଛନ୍ତି। ଉଲ୍ଲେଖଥାଉ କି, ନଇମ ଗତ ରବିବାର ନାଗପୁରରେ ଅନୁଷ୍ଠିତ ତୃତୀୟ ଟି୨୦ ମ୍ୟାଚ୍‌ରେ ଭାରତ ବିପକ୍ଷରେ ଲଢୁଆ ୮୧ ରନ ସଂଗ୍ରହ କରିଥିଲେ।

## ସେମିରୁ ବିଦାୟ ନେଲେ ଶ୍ରୀକାନ୍ତ

**ହଂକଂ, ୧୬।୧୧ (ପି.ଟି.):** ଭାରତର କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ୪୦୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଶନିବାର ସ୍ଥାନୀୟ ଫେଭରାଇଟ୍ ଲି ଚିଅକ୍ ୟୁଙ୍କଠାରୁ ସେ ୯-୨୧, ୨୩-୧୫ରେ ହାରିଯାଇଛନ୍ତି। ଏହି ମ୍ୟାଚ ୪୨ମିନିଟରେ ଶେଷ ହୋଇଥିଲା। ଶ୍ରୀକାନ୍ତଙ୍କ ପରାଜୟ ଦ୍ୱାରା ଚାମ୍ପିୟନଶିପ୍‌ରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ଇଣ୍ଡିଆ ଓପନ ସୁପର ୫୦୦ ପ୍ରତିଯୋଗିତା ପରେ ଶ୍ରୀକାନ୍ତଙ୍କର ଏହାଥିଲା ପ୍ରଥମ ସେମିଫାଇନାଲ। ଭାରତୀୟ ଖେଳାଳି ପୂର୍ବରୁ ଥରେମାତ୍ର ଇଣ୍ଡିଆ ଓପନରେ ୨୩ ବର୍ଷୀୟ ଲି'ଙ୍କୁ ଭେଟିଥିଲେ। ଏହି ମ୍ୟାଚରେ ସେ ବିଜୟୀ ହୋଇଥିଲେ।

## ବେସାମରିକ କବାଡ଼ି: କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ସିମ୍ଲାରେ ଚାଲିଥିବା ବେସାମରିକ କବାଡ଼ି ପ୍ରତିଯୋଗିତା (ମହିଳା)ରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିୟନ ହରିୟାଣା, ତେଲେଙ୍ଗାନା ଓ ଛତିଶଗଡ଼କୁ ନେଇ ଓଡ଼ିଶା ପୁଲ୍-ଏ'ରେ ସ୍ଥାନ ପାଇଛି। ଓଡ଼ିଶା ପ୍ରଥମେ ହରିୟାଣା ନିକଟରୁ ପରାସ୍ତ ହୋଇଥିଲେ ମଧ୍ୟ ପରେ ତେଲେଙ୍ଗାନା ଓ ଛତିଶଗଡ଼କୁ ହରାଇ ଅନ୍ତିମ-୮ରେ ପହଞ୍ଚିଛି। ଯଶୋବନ୍ତୀ ବେହେରା ଓଡ଼ିଶା ଦଳର ଅଧିନାୟିକା ରହିଥିବାବେଳେ ସୁଭଦ୍ରା ମଲ୍ଲିକ, ଶ୍ରୀଛନ୍ଦା ପ୍ରଧାନ, ଶୋଭାଙ୍ଗୀ ରାୟ, ସଂଘମିତ୍ରା ଶତପଥି, ନିବେଦିତା ରାଉତ ଓଡ଼ିଶା ଦଳର ସଦସ୍ୟା ରହିଛନ୍ତି।

# ଭାରତର ଇନିଂସ ବିଜୟ

**ଇନ୍ଦୋର,୧୬।୧୧(ପି.ଟି.)**

ଯୁବ ଓପନର ମୟଙ୍କ ଅଗ୍ରୱାଲଙ୍କ ଦ୍ୱିଶତକ ଓ ପରେ ଦ୍ରୁତ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତୀୟ କ୍ରିକେଟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶକୁ ମାତ୍ର ୩ ଦିନ ମଧ୍ୟରେ ଏକ ଇନିଂସ ଓ ୧୩୦ ରନରେ ପରାସ୍ତ କରିଛି। ଏଥିସହିତ ଭାରତ ୨ ମ୍ୟାଚ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ୨୪୩ ରନର ଦ୍ୱିଶତକୀୟ ପାଳି ଖେଳିଥିବା ମୟଙ୍କ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। କୋଲକାତାର ଐତିହାସିକ ଇଡେନ ଗାର୍ଡେନ୍‌ରେ ଆସନ୍ତା ୨୨ ତାରିଖରୁ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହା ଦିବାରାତ୍ରିଭିତ୍ତିକ ହେବ ଓ ଭାରତ ପ୍ରଥମଥର ପାଇଁ ଡେ ଆଣ୍ଡ ନାଇଟ୍ ଟେଷ୍ଟ ଖେଳିବ।

### ଇନ୍ଦୋର ଟେଷ୍ଟ
- ୩ ଦିନରେ ଖେଳ ଶେଷ
- ଅଗ୍ରୱାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ଭାରତ ୧-୦ରେ ଅଗ୍ରଣୀ

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ବାଂଲାଦେଶ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୮.୩ ଓଭରରେ ୧୫୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସ ଆରମ୍ଭ କରି ୧୧୪ ଓଭରରେ ୬ ଉଇକେଟ ହରାଇ ୪୯୩ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୩୪୩ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ତୃତୀୟ ଦିବସରେ ୬୯.୨ ଓଭରରେ ୨୧୩ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ଏକ ଇନିଂସ ୧୩୦ ରନରେ ବିଜୟୀ ହୋଇଥିଲା। ଏହି ଦମ୍‌ଦାର ବିଜୟ ସହ ଭାରତ ୬୦ ପଏଣ୍ଟ ହାସଲ କରିଛି। ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟେବୁଲରେ ଭାରତ ମୋଟ ୩୦୦ ପଏଣ୍ଟ ହାସଲ କରିବା ସହ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ଏଥିସହ ଭାରତ କ୍ରମାଗତ ତୃତୀୟଥର ପାଇଁ ଇନିଂସ ବିଜୟ ହାସଲ କରି ବିରଳ ହ୍ୟାଟ୍ରିକ ଅର୍ଜନ କରିଛି। ଏହାପୂର୍ବରୁ ଭାରତ ଗତ ଟେଷ୍ଟ ସିରିଜରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ମଧ୍ୟ ଇନିଂସ ବିଜୟ ହାସଲ କରିଥିଲା।



ଉଇକେଟ ପତନ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

### ସଂକ୍ଷିପ୍ତ ସ୍କୋର
- ବାଂଲାଦେଶ ପ୍ରଥମ ଇନିଂସ: ୫୮.୩ ଓଭରରେ ୧୫୦ ଅଲଆଉଟ।
- ଭାରତ ପ୍ରଥମ ଇନିଂସ: ୧୧୪ ଓଭରରେ ୪୯୩/୬ (ଇନିଂସ ଘୋଷଣା)।
- ବାଂଲାଦେଶ ଦ୍ୱିତୀୟ ଇନିଂସ: ୬୯.୨ ଓଭରରେ ୨୧୩ ଅଲଆଉଟ (ମୁସ୍‌ଫିକର- ୬୪, ମିରାଜ- ୩୮, ଲିଟନ- ୩୫, ସାମି- ୪/୩୧, ଅଶ୍ୱିନ- ୩/୪୨, ଉମେଶ- ୨/୫୧, ଇଶାନ୍ତ-୧/୩୧)

ଓଭର ନାଇଟ୍ ସ୍କୋର ୪୯୩/୬ରେ ହିଁ ଭାରତ ପ୍ରଥମ ଇନିଂସ ଘୋଷଣା କରିଥିଲା। ଫଳରେ ଶନିବାର ତୃତୀୟ ଦିବସ ଆରମ୍ଭରୁ ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ନିୟମିତ ଅନ୍ତରରେ ଉଇକେଟ ହରାଇବା ସହ ଅଲଆଉଟ ହୋଇଥିଲା।

### ଭାରତର ୩ଟି କ୍ରମାଗତ ଇନିଂସ ବିଜୟ

**ସିଜନ: ୧୯୯୨/୯୩**

| | |
|---|---|
| ଇନିଂସ ଓ ୨୨ ରନ ବନାମ ଇଂଲଣ୍ଡ | ଚେନ୍ନାଇ |
| ଇନିଂସ ଓ ୧୫ ରନ ବନାମ ଇଂଲଣ୍ଡ | ମୁମ୍ବାଇ |
| ଇନିଂସ ଓ ୧୩ ରନ ବନାମ ଇଂଲଣ୍ଡ | ଦିଲ୍ଲୀ |

**ସିଜନ: ୧୯୯୩/୯୪**

| | |
|---|---|
| ଇନିଂସ ଓ ୧୧୯ ରନ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ଇନିଂସ ଓ ୯୫ ରନ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ଇନିଂସ ଓ ୧୭ ରନ ବନାମ ଶ୍ରୀଲଙ୍କା | ଅହମ୍ମଦାବାଦ |

**ସିଜନ ୨୦୧୯/୨୦**

| | |
|---|---|
| ଇନିଂସ ଓ ୧୩୭ ରନ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| ଇନିଂସ ଓ ୨୦୨ ରନ ବନାମ ଦକ୍ଷିଣ ଆଫ୍ରିକା | ରାଞ୍ଚି |
| ଇନିଂସ ଓ ୧୩୦ ରନ ବନାମ ବାଂଲାଦେଶ | ଇନ୍ଦୋର |

**ଭାରତୀୟ ଅଧିନାୟକଙ୍କ ଦ୍ୱାରା ସର୍ବାଧିକ ଇନିଂସ ବିଜୟ**

| | |
|---|---|
| ୧୦ | ବିରାଟ କୋହଲି |
| ୯ | ଏମ୍‌ଏସ୍ ଧୋନୀ |
| ୮ | ମହମ୍ମଦ ଆଝାରୁଦ୍ଦିନ |
| ୭ | ସୌରଭ ଗାଙ୍ଗୁଲି |

ବାଂଲାଦେଶର ଟପ୍ ଅର୍ଡର ଓ ଟେଲ ଏଣ୍ଡର ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ତେବେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନେ ସାମାନ୍ୟ ସଂଘର୍ଷ କରି ପରାଜୟକୁ ବିଳମ୍ବିତ କରିଥିଲେ। ୩ ଜଣ ଟପ୍ ଅର୍ଡର ଓ ଟେଲ ଏଣ୍ଡର ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦଳ ତରଫରୁ ମୁସ୍‌ଫିକର ରହିମ ସର୍ବାଧିକ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ମେହେଦି ହାସନ ମିରାଜ ୩୮, ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୩୫, ମହମ୍ମଦ ମିଥୁନ ୧୮ ଓ ମହମୁଦୁଲ୍ଲା ୧୫ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଏହାପୂର୍ବରୁ ଦୁଇ ଓପନର ଶଦ୍‌ମାନ ଇସ୍‌ଲାମ ୬, ଇମ୍‌ରୁଲ କାଏସ୍ ୬, ଅଧିନାୟକ ମୋମିନୁଲ ହକ୍ ୭ ରନ କରି ଆଉଟ ହୋଇଥିଲେ। ସେହିପରି ତାଇଜୁଲ ଇସ୍‌ଲାମ ୬ ଓ ଶେଷ ବ୍ୟାଟ୍ସମ୍ୟାନ ଭାବେ ଇବାଦତ ହୋସେନ ୧ ରନ କରି ଆଉଟ ହୋଇଥିବା ବେଳେ ଆବୁ ଜାଏଦ ୪ ରନ କରି ଅପରାଜିତ ରହିଥିଲେ। ମୁସ୍‌ଫିକର ଓ ଲିଟନ ଷଷ୍ଠ ଉଇକେଟରେ ୬୩, ମୁସ୍‌ଫିକର ଓ ମେହିଦି ହାସନ ମିରାଜ ସପ୍ତମ ଉଇକେଟରେ ୫୯ ରନ ସଂଗ୍ରହ କରି ଭାରତର ବିଜୟକୁ ସାମାନ୍ୟ ବିଳମ୍ବିତ କରିଥିଲେ।

୩ ଦ୍ରୁତ ବୋଲର ମହମ୍ମଦ ସାମି, ଉମେଶ ଯାଦବ ଓ ଇଶାନ୍ତ ଶର୍ମା ଯଥାକ୍ରମେ ୪, ୨ ଓ ଗୋଟିଏ ଉଇକେଟ ହାସଲ କରିଥିଲେ। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୩ଟି ମୂଲ୍ୟବାନ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ସାମି ମୋଟ ଉପରେ ୭, ଉମେଶ ୪ ଓ ଇଶାନ୍ତ ଶର୍ମା ୩ ଉଇକେଟ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ପେସ୍ ବୋଲିଂ ସାମ୍‌ନାରେ ବାଂଲାଦେଶ ବେଶ୍ ଅସହାୟ ମନେ ହେଉଥିଲା।

## ଟ୍ୱିଲାଇଟ୍ ଟ୍ରେନିଂ: ଇନ୍ଦୋରରେ ଅଧିକ ୨ ଦିନ ରହିବେ କ୍ରିକେଟର

**ଇନ୍ଦୋର,୧୬।୧୧(ପି.ଟି.)**

ପ୍ରଥମଥର ପାଇଁ ଭାରତୀୟ କ୍ରିକେଟ ଦଳ ଆସନ୍ତା ୨୨ ତାରିଖରୁ ଐତିହାସିକ ଇଡେନ ଗାର୍ଡେନରେ ଦିବାରାତ୍ର ଟେଷ୍ଟ ଖେଳିବ। ପିଙ୍କ୍ ବଲ୍ ବା ଗୋଲାପୀ ବଲ୍‌ରେ ଏହି ମ୍ୟାଚ ଖେଳାଯିବ। ଫଳରେ ସନ୍ଧ୍ୟା ତଥା ରାତିରେ ଅଭ୍ୟାସ କରିବା ଅର୍ଥାତ୍ 'ଟ୍ୱିଲାଇଟ୍ ଟ୍ରେନିଂ'ପାଇଁ ଭାରତୀୟ କ୍ରିକେଟର ଇନ୍ଦୋରରେ ଆହୁରି ଅଧିକ ଦୁଇଦିନ ରହିବେ। ଏପରି କି ବାଂଲାଦେଶ ଦଳ ମଧ୍ୟ ଅଭ୍ୟାସ ପାଇଁ ଏଠାରେ ରହିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଥିବାରୁ ବାକି ୨ ଦିନ ଏଠାରେ ରହି ଅଭ୍ୟାସ ଉପରେ ଦଳ ଗୁରୁତ୍ୱ ଦେବ ବୋଲି କୁହାଯାଇଛି।

ଆଗାମୀ ଦୁଇଦିନରେ ଭାରତ ପିଙ୍କ୍ ବଲ୍‌ରେ ଅଭ୍ୟାସ କରିବ ଓ ଏହାକୁ 'ଟ୍ୱିଲାଇଟନ ଜୋନ୍' ବୋଲି କୁହାଯାଉଛି। ଗୋଧୂଳି ବା ସନ୍ଧ୍ୟା ସମୟରେ କିପରି ଖେଳିବାକୁ ହୁଏ ଆମେ ତାହା ଜାଣିନାହୁଁ। ତେଣୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ନେବାକୁ ଆମେ ସ୍ଥିର କରିଛୁ ବୋଲି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୁହାଯାଇଛି। ପୂର୍ବରୁ ଚେତେଶ୍ୱର ପୂଜାରାଙ୍କ ସମେତ କେତେଜଣ ଖେଳାଳି ଦୁଲୀପ୍ ଟ୍ରଫି ଖେଳିବା ଅବସରରେ ସନ୍ଧ୍ୟା ସମୟରେ ପିଙ୍କ୍ ବଲ୍‌ରେ ଖେଳିଛନ୍ତି ଓ ଏହାକୁ ଚ୍ୟାଲେଞ୍ଜ୍ ପୂର୍ଣ୍ଣ କହିଛନ୍ତି। ସନ୍ଧ୍ୟା ସମୟରେ ଆକାଶ ଓ ପିଙ୍କ୍ ବଲ୍‌ର ରଙ୍ଗ କମଳା ରଙ୍ଗ ପରି ମନେ ହୋଇଥାଏ। ଫଳରେ ଏହି ସମୟରେ ବଲକୁ ଦେଖିବାରେ ସମସ୍ୟା ରହିଥିଏ ଓ ଏଥିପାଇଁ ବ୍ୟାଟିଂ କରିବା ମଧ୍ୟ କଷ୍ଟକର ହୋଇଥାଏ ବୋଲି ପୂଜାରା କହିଛନ୍ତି। ତେବେ ଏହି ସମୟରେ ଅଧିକ ଖେଳିଲେ ଜଣେ ବ୍ୟାଟ୍ସମ୍ୟାନ ଅଭ୍ୟସ୍ତ ହୋଇଥାନ୍ତି ଓ ବଲ୍‌ର ଗତି ସମ୍ପର୍କରେ ଅବଗତ ହୋଇଥାନ୍ତି।

ଏପର୍ଯ୍ୟନ୍ତ ପିଙ୍କ୍ ବଲ୍‌ରେ ବୋଲିଂ କରିନାହିଁ। ବେଳେବେଳେ ଏହି ବଲ୍ ଗୋଲାପୀ କିମ୍ବା କମଳା ରଙ୍ଗ ଭଳି ମନେ ହୋଇଥାଏ। ତେଣୁ ଅଭ୍ୟାସ କରିବା ନିହାତି ଜରୁରୀ ବୋଲି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି। ଅନ୍ୟପଟେ ଖେଳାଳିମାନେ ଉଭୟ ନୂଆ ଓ ପୁରୁଣା ପିଙ୍କ୍ ବଲ୍‌ରେ ଅଭ୍ୟାସ କରବା ଜରୁରୀ ବୋଲି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି। ନେଟ୍ସରେ ବ୍ୟାଟ୍ସମ୍ୟାନମାନେ ଭିନ୍ନ ବଲ୍ ସହ ଅଭ୍ୟାସ କରିବା ଆବଶ୍ୟକ। ନୂଆ ପିଙ୍କ୍ ବଲ୍, ୨୦ ଓଭର ପିଙ୍କ୍ ବଲ୍ ଓ ଗୋଟିଏ ୫୦ ଓଭର ପିଙ୍କ୍ ବଲ୍‌କୁ ନେଇ ଅଭ୍ୟାସ କରିବା ଦରକାର ବୋଲି ସେ କହିଛନ୍ତି। ସେଣ୍ଟର ଉଇକେଟରେ ଓ କଳା ସାଇଡ ସ୍କ୍ରିନ୍‌ରେ ଏହି ମ୍ୟାଚ୍ ଖେଳାଯିବ। ତେଣୁ ନେଟ୍ ପ୍ରାକ୍ଟିସ୍‌ରେ ଖେଳାଳିମାନେ ଧ୍ୟାନ ଦେବା ଉଚିତ ହେବ ବୋଲି ସଚିନ କହିଛନ୍ତି। ଆସନ୍ତା ୧୯ ତାରିଖରେ ଦୁଇ ଦଳ କୋଲକାତା ଯାତ୍ରା କରିବ ଓ ଏହା ପର ଦୁଇଦିନରେ ଇଡେନ ଗାର୍ଡେନରେ ଅଭ୍ୟାସ କରିବ।



## ଯୁବିଙ୍କ ଟି୧୦ ପଦାର୍ପଣ

**ଦୁବାଇ, ୧୬।୧୧:** ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ (ଯୁବି) ଦୁବାଇ ପ୍ରିମିୟର ଟି୧୦ର ତୃତୀୟ ସଂସ୍କରଣରେ ଖେଳି ଶୁକ୍ରବାର ଟି୧୦ ଫର୍ମାଟରେ କ୍ୟାରିୟର ଆରମ୍ଭ କରିଛନ୍ତି। ଶେଖ ଜାୟେଦ କ୍ରିକେଟ ଷ୍ଟାଡିୟମରେ ନର୍ଦନ ୱାରିଅର୍ସ ବିପକ୍ଷ ମ୍ୟାଚ୍‌ରେ ଯୁବି ମାରାଠା ଆରବିଆନ୍ସ ପାଇଁ ଖେଳିଥିଲେ। କ୍ରିସ ଲିନ୍ନ ଆଉଟ୍ ହେବା ପରେ ୪ର୍ଥ ସ୍ଥାନରେ ଆସିଥିଲେ ଯୁବରାଜ। ସେ ଆନ୍ଦ୍ରେ ରସେଲଙ୍କ ବଲକୁ ଏକ ୪ ଚୌକା ଲଗାଇଥିଲେ। ପରବର୍ତ୍ତୀ ୪ ବଲରେ ୨ ରନ୍ କରିଥିଲେ। ୬ଷ୍ଠ ବଲକୁ ଲଙ୍ଗ୍ ଅନ ଅଞ୍ଚଳକୁ ଉଠାଇ ମାରିବାକୁ ଯାଇ ରୟାଦ ଏମରିଟଙ୍କ ହାତରେ ଧରା ପଡ଼ିଥିଲେ। ୩୭ ବର୍ଷୀୟ କ୍ରିକେଟର ମୋଟ ଉପରେ ୬ ବଲରେ ୬ ରନ୍ କରି ଆଉଟ୍ ହୋଇଥିଲେ। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମରାଠା ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୮୮ ରନ୍ କରିଥିଲା। ଜବାବରେ ରସେଲଙ୍କ ୨୪ ବଲରୁ ୫୮ ରନ୍‌ର ଇନିଂସ ବଳରେ ୱାରିଅର୍ସ ୭ ଓଭରରେ ମ୍ୟାଚ୍ ଜିତି ନେଇଥିଲା।

No. MM-91

**OFFICE OF THE DIVISIONAL FOREST OFFICER & WILDLIFE WARDEN**
**CHANDAKA WILDLIFE DIVISION**
GAJA VIHAR, BARAMUNDA, BHUBANESWAR-751003
Ph. (0674) 2355400, Email-dfochandakawl.od@gov.in/ chandakadampara@gmail.com

Tender Notice No.03/ 2019 Dated 16th November 2019

**Tender Call Notice**

Sealed tenders are invited in two Bid systems from established/ reputed/ registered/ experienced and accredited manufactures within the country of India for supply of FRP Boats as detailed below for use in Chandaka Wildlife Division, Bhubaneswar.

| FRP Boats | Quantity | Cost of Tender Paper | EMD to be deposited | Dimension |
|---|---|---|---|---|
| Supply, Installation and commissioning of 10 (Ten) Seater FRP Boat | 4 (Four) | Rs.1000/- | 2% of the quoted price | Length: 5.60 Mtrs<br>Breadth: 1.80 Mtrs<br>Engine: 1 No. 25 HP Four Stroke Yamaha make outboard Engine (Imported) with remote control.<br>Steering: Front Steering System |

Non-transferable Tender Documents for supply of FRP Boats as stated above will be available and can be available and can be collected in person from the office of the Divisional Forest Officer, Chandaka Wildlife Division, Bhubaneswar, Odisha on payment of cost of Tender Document as mentioned above on working days. The Tender Document cost which is non- refundable, should be deposited in shape of crossed Demand Draft from any Nationalized Bank drawn in favour of the Divisional Forest Officer, Chandaka Wildlife Division, Bhubaneswar payable at Bhubaneswar.

1. Tender papers / documents will be available in the O/o the DFO, Chandaka Wildlife Division, Bhubaneswar from dt.20/11/2019 to dt.13/12/2019 (during office hours).
2. Receiving of Tender papers will be within dt. 20/11/2019 until 03.00 PM on 17/12/2019.
3. Tender opening 12.30 PM on 18/12/2019.

Sd/-Divisional Forest Officer
Chandaka Wildlife Division Bhubaneswar

08096/11/0004/1920

## ଡିଡିସିଏରୁ ଇସ୍ତଫା ଦେଲେ ରଜତ ଶର୍ମା

**ନୂଆଦିଲ୍ଲୀ,୧୬।୧୧(ପି.ଟି.)**



ସିନିୟର ଜର୍ନାଲିଷ୍ଟ ରଜତ ଶର୍ମା ଶନିବାର ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଆସୋସିଏଶନ ମଧ୍ୟରେ ଚାପ ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ୨୦ ମାସର କାର୍ଯ୍ୟକାଳରେ ସେ ବହୁ ଉତ୍ଥାନ ପତନ ଦେଇ ଗତି କରିଛନ୍ତି। ସାଧାରଣ ସମ୍ପାଦକ ବିନୋଦ ତିହାରାଙ୍କ ସହ ତାଙ୍କର ମତଭେଦ ଥିଲା, ଯାହାଙ୍କୁ ଆସୋସିଏଶନର ସମ୍ପୂର୍ଣ୍ଣ ସମର୍ଥନ ରହିଥିଲା। ଏଠାରେ ସର୍ବଦା ଟଣାଓଟାର ଓ ଭିତିରି ଚାପ ରହିଛି। କେତେ ଜଣ କ୍ରିକେଟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ପଛାଉ ନାହାନ୍ତି। ନିୟମ ଅନୁସାରେ ନିଷ୍ଠାର ସହ କାର୍ଯ୍ୟ କରିବା ସମ୍ଭବ ନ ଥିଲା ବୋଲି ଜର୍ନାଲିଷ୍ଟରୁ କ୍ରିକେଟ ପ୍ରଶାସକ ହୋଇଥିବା ଶର୍ମା କହିଛନ୍ତି। ଉଲ୍ଲେଖଥାଉ କି, ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ ସମ୍ପୂର୍ଣ୍ଣ ସମର୍ଥନ ପରେ ଶର୍ମା କ୍ରିକେଟ ପ୍ରଶାସନରେ ଯୋଗ ଦେଇଥିଲେ। ଡିଡିସିଏ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଜେଟଲିଙ୍କ ଦେହାନ୍ତ ପରେ ବିଭିନ୍ନ ବିଭାଗରୁ ଶର୍ମାଙ୍କ ଉପରେ ଚାପ ପକାଯାଇଥିଲା। ଶର୍ମା କହିଛନ୍ତି, କ୍ରିକେଟର ଉନ୍ନତି ଦିଗରେ କାର୍ଯ୍ୟ କରୁଥିବାବେଳେ ମୁଁ ବାଧା ଓ ବିରୋଧର ସମ୍ମୁଖୀନ ହୋଇଛି। ମୋତେ ଦାୟିତ୍ୱ ଦୂରେଇ ରଖିବା ପାଇଁ ଏଭଳି କରାଯାଉଥିଲା। ଏହି କାରଣରୁ ମୁଁ ଡିଡିସିଏ ସଭାପତି ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ନଭେମ୍ବର ୧୭/୨୦୧୯ Sambalpur, Sunday, November 17 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


କୁବେର


ଦୁବ୍ରଜ


ଜୀବନ


ଶୀତିକଣ୍ଠ


ଶେଷଦେବ



ଶିଶିର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଭିସୁଟ୍ କୁଳପତିଙ୍କ ପ୍ରକୋଷ୍ଠରେ ଭଙ୍ଗାରୁଜା

- ବିରୋଧ କରିବାରୁ ସୁରକ୍ଷା କର୍ମୀ, ଡ୍ରାଇଭରଙ୍କ ସହ ହାତାହାତି
- ପୋଲିସ ଜିମା ଦେଲେ କର୍ମଚାରୀ, ଅଭିଯୁକ୍ତ ଜଣେ ଠିକାଦାର
- ଏକ କାମରେ ଭିସୁଟ ଉପରେ ୪ ହଜାର ଟଙ୍କା ସିକ୍ୟୁରିଟି ରହିଛି
- ପରିବାର ଲୋକେ କହିଲେ ମାନସିକ ଭାରସାମ୍ୟ ହରାଇ ଉତ୍ୟକ୍ତ ହୋଇ ଉଠନ୍ତି

**ସମ୍ବଲପୁର, ୧୬।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ କୁଳପତିଙ୍କ ପ୍ରକୋଷ୍ଠରେ ଶନିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଜଣେ ବ୍ୟକ୍ତି ପଶି ଭଙ୍ଗାରୁଜା କରିଛନ୍ତି। କୁଳପତି ପ୍ରଫେସର ଅଟଳ ଚୌଧୁରୀ ନିଜ ପ୍ରକୋଷ୍ଠରେ ବସିଥିବା ବେଳେ ଏହି ଘଟଣା ଘଟିଛି। ନିକଟସ୍ଥ କିରବା ଗ୍ରାମର ଅଶୋକ ମିର୍ଦ୍ଧା ନାମକ ଜଣେ ଯୁବକ ଏଭଳି କାଣ୍ଡ କରିଛନ୍ତି। ସେ କୁଳପତିଙ୍କୁ ଭେଟିବାର ଅଛି ବୋଲି ସେଠାରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ କହିଥିଲେ। ହେଲେ ଭିତରକୁ ଯିବା ପରେ କୁଳପତିଙ୍କ ଚ୍ୟାମ୍ବରରେ ଥିବା ଚୌକି ଓ ଟେବୁଲରେ ଲାଗିଥିବା କାଚକୁ ବାଡେଇ ଭାଙ୍ଗି ଦେଇଥିଲେ। ପ୍ରକୋଷ୍ଠ ବାହାରକୁ ଆସି ବାରଣ୍ଡାରେ ଥିବା ଫୁଲକୁଣ୍ଡଗୁଡିକ ଫିଙ୍ଗି ଦେଇଥିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପାଟିତୁଣ୍ଡ କରିଥିଲେ। ଉପସ୍ଥିତ ସୁରକ୍ଷା କର୍ମୀ ଓ କୁଳପତି ଚୌଧୁରୀଙ୍କ ଡ୍ରାଇଭର ଅଶୋକଙ୍କୁ ବିରୋଧ କରିଥିଲେ। ହେଲେ ସେ ଅଧିକ ଉତ୍ୟକ୍ତ ହୋଇ ସେମାନଙ୍କ ସହ ହାତାହାତି ହୋଇଥିଲେ। ପାଟିତୁଣ୍ଡ ଶୁଣି ଆଖପାଖରେ ଥିବା ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ଅଶୋକଙ୍କୁ କାବୁ କରି ବୁର୍ଲା ପୋଲିସ ଜିମା ଦେଇଥିଲେ। ହୀରାକୁଦ ଏସ୍‌ଡିପିଓ ଶିଶୁ ରଞ୍ଜନ ମହାପାତ୍ର କହିଛନ୍ତି ଯେ, ଅଶୋକ ଜଣେ ଠିକାଦାର। ବହୁ ବର୍ଷ ପୂର୍ବେ ସେ ଭିସୁଟର କିଛି କାମ କରିଥିଲେ। ପୂର୍ବ କୁଳପତିଙ୍କ ସମୟରେ ତାଙ୍କର ମାତ୍ର ୪ହଜାର ଟଙ୍କା ସିକ୍ୟୁରିଟି ବାବଦକୁ ଜମା ରହିଛି। ସେହି ଟଙ୍କା ପାଇବାକୁ ସେ ଏଭଳି କରିଛନ୍ତି କିମ୍ବା ଅନ୍ୟ କେଉଁ କାରଣରୁ କୁଳପତିଙ୍କୁ ଆକ୍ରମଣ କରିବାକୁ ଯାଇଥିଲେ ତାହାର ତଦନ୍ତ ଜାରି ରହିଛି । ଘଟଣା ପରେ ଅଶୋକଙ୍କ ପରିବାର ଲୋକଙ୍କୁ ଡାକି ପୋଲିସ ପଚରାଉଚରା କରିଛି। ସେମାନେ ମଧ୍ୟ ସମାନ କଥା କହିଛନ୍ତି। ଅନ୍ୟପକ୍ଷେ ଅଶୋକଙ୍କ ବେଳେ ବେଳେ ମାନସିକ ସମସ୍ୟା ଦେଖା ଦେଇଥାଏ। ହଠାତ୍ ସେ ଉତ୍ୟକ୍ତ ହୋଇ ପଡନ୍ତି ବୋଲି ପରିବାର ବର୍ଗ କହିଥିବା ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇଛନ୍ତି। କୁଳପତି ପ୍ରଫେସର ଚୌଧୁରୀ କହିଛନ୍ତି ଯେ, ସେ ଅଭିଯୁକ୍ତଙ୍କୁ ଜାଣିନାହାନ୍ତି। କେଉଁ କାରଣରୁ ଏଭଳି ଘଟଣା ଘଟିଲା ସେ କହିପାରିବେ ନାହିଁ।


ଭିସୁଟ୍ କୁଳପତିଙ୍କ ପ୍ରକୋଷ୍ଠ ବାହାରେ ଫୁଲକୁଣ୍ଡ ଭଙ୍ଗାରୁଜା କରାଯାଇଛି।

## ଅଟୋ ଓଲଟିଲା, ୭ ମହିଳା ଆହତ

**ବରଗଡ଼ ଅଫିସ,୧୬।୧୧:** ବରଗଡ଼ ଜିଲା ଜଟଲା ଶ୍ରୀଗିଡ଼ା ନିକଟରେ ଶନିବାର ସନ୍ଧ୍ୟାରେ ଏକ ଅଟୋ ଓଲଟି ପଡ଼ିଥିଲା। ଫଳରେ ସେଥିରେ ବସିଥିବା ୭ ଜଣ ମହିଳା ଆହତ ହୋଇଥିଲେ। ଆହତମାନେ ହେଲେ ସୁବାଶିନୀ ଭୋଇ(୩୦), ମଞ୍ଜୁ ଭୋଇ(୩୫), ନୃପତି ସାହୁ(୫୦), ଗୋଲାପୀ ଖମାରୀ(୬୫), ଆହ୍ଲାଦିନୀ ସାହୁ(୩୫), ପଦ୍ମିନୀ ନାଏକ(୨୫) ଏବଂ ସୈରେନ୍ଧ୍ରୀ ଖମାରୀ(୨୫)। ସେମାନଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଅଟନ୍ତି। ପ୍ରକାଶ ଯେ, ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ୯ଜଣ ମହିଳା ପଦ୍ମପୁରରେ ହେଉଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ସାରି ଏକ ବୋଲେରୋରେ ସେମାନେ ସୋହେଲା ପର୍ଯ୍ୟନ୍ତ ଆସିଥିଲେ। ସୋହେଲାରୁ ଏକ ଅଟୋରେ ଘରକୁ ଫେରୁଥିଲେ। ଫେରିବା ବାଟରେ ଅଟୋଟି ଓଲଟି ପଡ଼ିବାରୁ ସେମାନଙ୍କ ମଧ୍ୟରୁ ଉପରୋକ୍ତ ୭ଜଣ ଆହତ ହୋଇଥିଲେ। ଏହାପରେ ସେମାନଙ୍କୁ ସେଠାରୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା।

# ହାତୀ ଆକ୍ରମଣରେ ଯୁବଚାଷୀ ମୃତ

- ଧାନ ଜଗିବାକୁ ଯାଇ ଜମିରୁ ଫେରୁଥିବାବେଳେ ହାତୀପଲ ହାବୁଡ଼ରେ ପଡ଼ିଥିଲେ

**ଲୋଇସିଂହା, ୧୬।୧୧(ଡି.ଏନ.ଏ.)**

ଜମିକୁ ଧାନ ଜଗିବାକୁ ଯାଇ ଘରକୁ ଫେରୁଥିବାବେଳେ ବଲାଙ୍ଗୀର ବନଖଣ୍ଡର ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଧଉଁରାଦାଦର ଗାଁରେ ଶନିବାର ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଶ୍ରୀରାମ ବିଶାଳ(୪୫)। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗାଁରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଗାଁରେ ଫରେଷ୍ଟ ବିଟ୍ ହାଉସ ଥିଲେ ସୁଦ୍ଧା ହାତୀ ସ୍କ୍ୱାଡ ଓ ବନ କର୍ମଚାରୀ କେବେ ଆସୁ ନାହାନ୍ତି। ତେଣୁ ହାତୀପଲଙ୍କ ଗତିବିଧି ଜଣା ନ ପଡିବାରୁ ଅକାରଣରେ ଜଣେ ଚାଷୀଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ ଅଭିଯୋଗ କରି ହୋହଲ୍ଲା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଆଗଲପୁର ତହସିଲଦାର ବିନୋଦ ବିହାରୀ ନାଏକ, ରେଞ୍ଜ ଅଫିସର ରାଜକିଶୋର ନାଏକ, ଆଇଆଇସି ଲଳିତା ଲେକ୍ରା ଓ ଷ୍ଟାଫ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ନିୟମିତ ଭାବେ ବନ ବିଭାଗ ଓ ହାତୀ ସ୍କ୍ୱାଡ କର୍ମଚାରୀ ସମ୍ପୃକ୍ତ ଅଞ୍ଚଳକୁ ଆସି ହାତୀ ଗତିପଥ ଅନୁଧ୍ୟାନ କରିବେ। ଆବଶ୍ୟକ ରିପୋର୍ଟ ଗଲା ପରେ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ସହାୟତା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ମିଳିବ ବୋଲି ରେଞ୍ଜ ଅଫିସର ନାଏକ କହିଥିଲେ । ରେଡକ୍ରସରୁ ୧୦ହଜାର ଓ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କାର ସହାୟତା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ତତ୍କାଳ ପ୍ରଦାନ କରାଗଲା ପରେ ଲୋକେ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଛାଡିଥିଲେ। ଏ ନେଇ ଲୋଇସିଂହା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୯) ରୁଜୁ କରାଯାଇଛି।

ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ଅଧୀନ ଧଉଁରାଦାଦର ଗାଁର କ୍ଷୁଦ୍ରଚାଷୀ ଶ୍ରୀରାମ ବିଶାଳ। ବିଧବା ମା' ଭୂମିସୂତା, ସ୍ତ୍ରୀ ମନ୍ଦୋଦରୀ, ଯୁକ୍ତଦୁଇ ପଢୁଥିବା ଝିଅ ବର୍ଷା, ପୁଅ ସୀମନ୍ତ(୧୪), ବାଦଲ(୯)କୁ ନେଇ ତାଙ୍କ ପରିବାର। ଚାଷ କରି ସେ ପରିବାର ପ୍ରତିପୋଷଣ କରୁଥିଲେ । ଗାଁ ନିକଟ ଛେଳିଆପାଟ ଜଙ୍ଗଲ ତଳି କଅଁଝରନରେ ଥିବା ତାଙ୍କ ଅଢେଇ ଏକର ଜମିରେ ସେ ଚଳିତ ବର୍ଷ ଖରିଫ ଧାନ ଫସଲ କରିଥିଲେ। ଧାନ କଟା ସରିଯାଇଥିଲା। ଶୁକ୍ରବାର ଟ୍ରାକ୍ଟରରେ ଗୋଟିଏ ଟ୍ରିପ କଟାଧାନ ସେ ଖଳାକୁ ଆଣିଥିଲେ । ଅବଶିଷ୍ଟ କଟାଧାନକୁ ବାର୍ହା ପଲଙ୍କଠାରୁ ରକ୍ଷା କରିବା ପାଇଁ ସବୁଦିନ ପରି ଶୁକ୍ରବାର ରାତିରେ ସେ ଜମିକୁ ଜଗିବାକୁ ଯାଇଥିଲେ। ସେଠାରୁ ଶନିବାର ସକାଳେ ସେ ଘରକୁ ଫେରୁଥିବାବେଳେ ହଠାତ୍ ହାତୀପଲ ହାବୁଡରେ ପଡିଯାଇଥିଲେ। ସାମନାରେ ପାଇ ହାତୀପଲ ଶ୍ରୀରାମଙ୍କୁ ଆକ୍ରମଣ କରିବା ସହ ଦଳିଚକଟି ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କ ସମ୍ପର୍କୀୟମାନେ ସେହି ଜମିକୁ ଯାଉଥିବାବେଳେ ଶ୍ରୀରାମଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ସେଠାରେ ପଡିଥିବା ଦେଖିବାକୁପାଇଥିଲେ।

**ବିଟ୍ ହାଉସରେ ବନ କର୍ମଚାରୀ ରହୁ ନ ଥିବାରୁ ଉତ୍ତେଜନା**



- ଆଶାକର୍ମୀ ସଂଘର ରାଜ୍ୟ ସମ୍ମିଳନୀ, ଏଆଇଟିୟୁସି ଶତବାର୍ଷିକୀ ସମାରୋହ ଉଦ୍‌ଘାଟିତ

# ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ ସଂସ୍ଥା କରାଯାଉ


ନିଖିଳ ଓଡିଶା ଆଶାକର୍ମୀ ସଂଘର ୩ୟ ରାଜ୍ୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି, କର୍ମକର୍ତ୍ତା।

**ସୁନ୍ଦରଗଡ଼, ୧୬।୧୧ (ଡି.ଏନ୍.ଏ )**

ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ୩ୟ ରାଜ୍ୟ ସମ୍ମିଳନୀ ଓ ଏଆଇଟିୟୁସି ଶତବାର୍ଷିକୀ ସମାରୋହ ସୁନ୍ଦରଗଡ ମାଦ୍ରିକାଲୋ ଭବନ (ସିଭିକ ସେଣ୍ଟର) ଠାରେ ଶନିବାର ଉଦ୍‌ଘାଟିତ ହୋଇଛି। ସଂଘର ଉପସଭାପତି କମ୍ରେଡ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ସର୍ବଭାରତୀୟ ଆଶାକର୍ମୀ ସଂଘର ସଭାନେତ୍ରୀ ମଙ୍ଗଳା ପାଣ୍ଡେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ ସଂସ୍ଥା କରାଇବା ସହ ସମସ୍ତ ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ସହ ମାସିକ ସର୍ବନିମ୍ନ ମଜୁରି ୧୮ହଜାର ଟଙ୍କା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ମଜୁରି ବୋର୍ଡ, ସାମାଜିକ ନିରାପତ୍ତା ବୋର୍ଡ ଓ ଅନ୍ୟାନ୍ୟ ବୋର୍ଡକରଣ ବନ୍ଦ କରିବା ଓ ଦରବୃଦ୍ଧି ବନ୍ଦ ଦାବିରେ ଆଗାମୀ ଜାନୁୟାରୀ ୮ରେ ଦେଶବ୍ୟାପୀ ଧର୍ମଘଟ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ଡ. ସୌରୀବନ୍ଧୁ କର ଉଦ୍‌ବୋଧନ ଦେଇ ଏଆଇଟିୟୁସିର ୧୦୦ବର୍ଷ ର ତ୍ୟାଗ ଓ ଆତ୍ମ ବଳିଦାନର ଲୋମହର୍ଷଣକାରୀ ଇତିହାସ ବିଷୟରେ ସୂଚନା ଦେଇଥିଲେ। ଆଗାମୀ ଦିନର ଐତିହାସିକ ଦାୟିତ୍ୱ ଶ୍ରମିକ ଶ୍ରେଣୀ ବହନ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭାପତି କମ୍ରେଡ ଅଶୋକ କୁମାର ଦାଶ ଏହି ଶତବାର୍ଷିକୀ ସମାରୋହରେ ଅଂଶ ଗ୍ରହଣ କରିଥିବା ଆଶାକର୍ମୀ ତଥା ଏଆଇଟିୟୁସି ସହିତ ସଂଯୁକ୍ତ ସମସ୍ତ ଶ୍ରମିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କ ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ୟାମ କାଲେ, ଏଆଇଟିୟୁସି ସର୍ବଭାରତୀୟ ସାଧାରଣ ପରିଷଦ ସଦସ୍ୟ ଜୟନ୍ତ ଦାସ, ଅନିତ ଚକ୍ରବର୍ତ୍ତୀ ଉଦ୍‌ବୋଧନ ଦେଇଥିଲେ। ନିଖିଳ ଓଡିଶା ଆଶା କର୍ମୀ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ ଏହି ଅଧିବେଶନ ସମ୍ପର୍କରେ ସୂଚନା ଦେଇଥିଲେ। ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମଚାରୀ ସଂଘର ରାଜ୍ୟ ଉପସଭାପତି ମିନତି ସାହୁ, ଆଶାକର୍ମୀ ସଂଘର ସହସାଧାରଣ ସମ୍ପାଦିକା ମାତିଲଦା କୁଲୁ ପ୍ରମୁଖ ଆଶାକର୍ମୀମାନଙ୍କର ବିଭିନ୍ନ ସମସ୍ୟା, ଦେଶର ଆର୍ଥିକ ମାନ୍ଦାବସ୍ଥା, ଏଆଇଟିୟୁସିର ଗତ ୧୦୦ବର୍ଷର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧିବେଶନ ପ୍ରାରମ୍ଭରେ ସଂଘର ଦିବଂଗତ ସଭାପତି ତଥା ପୂର୍ବତନ ସାଂସଦ ଦ୍ୱିତୀକୃଷ୍ଣ ପଣ୍ଡା, ଏଆଇଟିୟୁସିର ପୂର୍ବତନ ସାଧାରଣ ସମ୍ପାଦକ ତଥା ସାଂସଦ ଗୁରୁଦାସ ଦାଶଗୁପ୍ତ, ଅର୍ଦ୍ଧେନ୍ଦୁ ଭୂଷଣ ବର୍ଦ୍ଧନ, ପ୍ରମୋଦ ଗୋଗେଇ, ଡିଏଲ ସଚଦେବା, ଜିଏଲ ଧର, ପ୍ରହଲ୍ଲାଦ ସେଠୀ, ଲକ୍ଷ୍ମୀ ନାରାୟଣ ରାଏସିଂ, ଅବନୀ ବରାଳ ପ୍ରମୁଖ ନେତୃବୃନ୍ଦଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା। ଏହି ସମାରୋହ ପୂର୍ବରୁ ନାରୀ କଲ୍ୟାଣ କେନ୍ଦ୍ର ପ୍ରାଙ୍ଗଣରେ ସଂଘର ଉପସଭାପତି ବିଜୟ ଜେନା, ଏଆଇଟିୟୁସିର ପତାକା ଉତ୍ତୋଳନ କଲାପରେ ଶୋଭାଯାତ୍ରାରେ ରାଜ୍ୟର ବିଭିନ୍ନ ଜିଲା ତଥା ରାଜ୍ୟ ବାହାରୁ ଆସିଥିବା ଆଶାକର୍ମୀ ଓ ସଙ୍ଗଠନର ନେତୃବୃନ୍ଦ ସୁନ୍ଦରଗଡ ସହର ପରିକ୍ରମା କରିଥିଲେ।

- ସାବତ ମା' ଭାଇଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଟିଟିଲାଗଡ, ୧୬।୧୧(ଡି.ଏନ.ଏ.):** ଏକ ହତ୍ୟା ମାମଲାର ବିଚାର କରି ବଲାଙ୍ଗୀର ଜିଲା ଟିଟିଲାଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ନାୟାର ଅଭିଯୁକ୍ତ ନୃପ ରଣାଙ୍କୁ ଆଜୀବନ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲଦଣ୍ଡର ଆଦେଶ ଦେଇଛନ୍ତି । ଘଟଣାରୁ ଜଣାପଡିଛି ଯେ, ସିନ୍ଧେକେଲା ଥାନା ଅଧୀନ ଟିଟିସିଲେଟ ଗ୍ରାମରେ ୨୦୧୬ ମାର୍ଚ୍ଚ ୧୭ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। ନୃପ ରଣା ନିଜ ସାବତ ମା' ରୁକ୍ମିଣୀ ରଣା ଏବଂ ସାବତ ଭାଇ ରାକ୍ଷୀ ରଣା(୫)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପିତା ହେମ ରଣାଙ୍କ ଜମିବାଡି ସାବତ ଭଉଣୀ ଭାଇଙ୍କୁ ମିଳିଯିବ ଓ ସେ ଆଶାନୁଯାୟୀ ଭାଗ ପାଇପାରିବେ ନାହିଁ ଚିନ୍ତା କରି ନୃପ କ୍ରୋଧରେ ଏପରି କାଣ୍ଡ କରିଥିବା କୁହାଯାଇଥିଲା। ହତ୍ୟାକାଣ୍ଡ ପରେ ହେମ ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ( ନଂ. ୬୦/୧୬)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ କୋର୍ଟ ୧୫ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ରକ୍ତଭିଜା ଲୁଗା ସହିତ ୨୨ଟି ଦସ୍ତାବିଜ ମଧ୍ୟ କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଏହି ସବୁକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତ ନୃପଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଅଭିଯୁକ୍ତ ଟିଟିଲାଗଡ ସବ୍‌ଜେଲରେ ଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୭ ନଭେମ୍ବର, ୨୦୧୯



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି, ସେ ହିଁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### ଭିଜିଲାନ୍ସ ଜଜ୍ ସର୍କିଟ କୋର୍ଟର ଶୁଭାରମ୍ଭ

ବରଗଡ଼ ଅଫିସ,୧୬।୧୧

ବରଗଡ଼ରେ ଶୁକ୍ରବାର ଭିଜିଲାନ୍ସ ଜଜ୍‌ଙ୍କ ଏକ ସର୍କିଟ୍ କୋର୍ଟର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜିଲା ଓକିଲ ସଂଘ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସଞ୍ଜୟ କୁମାର ସାହୁଙ୍କ ସମେତ ଫେମିଲି କୋର୍ଟ ଜଜ୍ ରାଜକିଶୋର ନାୟକ, ଅତିରିକ୍ତ ଜିଲାଜଜ୍ ଆଶୁତୋଷ ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଜିଲା ଓକିଲ ସଂଘର ସଭାପତି ବେଲାଲସେନ ସରାଫ, ଉପସଭାପତି ସରୋଜ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ କୁମାର ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ସଭାରେ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ, ଓକିଲ ସଂଘର ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ ।

### ଜଳନ୍ଧର ଦରବାର ଉଦ୍‌ଯାପିତ

ଭେଡ଼େନ, ୧୬।୧୧(ଡ଼ି.ଏନ.ଏ) ବରଗଡ଼ ଜିଲା ବରମକେଲା ଠାରେ ତିନିଦିନ ଧରି ଚାଲିଥିବା ଜଳନ୍ଧର ଦରବାର ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଅନ୍ତିମ ସନ୍ଧ୍ୟାରେ ଜଳନ୍ଧର ଦରବାରରେ ବିଷ୍ଣୁଙ୍କ ଦ୍ୱାରା ବୃନ୍ଦାବତୀଙ୍କ ସତୀତ୍ୱ ହରଣ, ଶିବଙ୍କ ଦ୍ୱାରା ଜଳନ୍ଧର ନିହତ ଆଦି ଦୃଶ୍ୟାଭିନୟ ହୋଇଥିଲା। ରାଜ ଦରବାରରେ ଅତିଥି ଭାବେ ଯୁବନେତା ଉମେଶ ପଣ୍ଡା, କିଶୋର ମିଶ୍ର, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜଳନ୍ଧର ଭୂମିକାରେ ନରହରି ପ୍ରଧାନ, ମନ୍ତ୍ରୀ ନରେନ୍ଦ୍ର ରଣା, ଶିବ ଚଏତୁ ସାହୁ ଏବଂ ବିଷ୍ଣୁ ଭୂମିକାରେ ଜୟକିଶନ ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ । ବରମକେଲା ଗୌନ୍ତିଆ କ୍ଷୀରୋଦ୍ର ରଣା, ନରସିଂହ ପ୍ରଧାନ, ବେଦବର ପ୍ରଧାନ, ସଭାପତି ବଡ଼େଇ ସରପଞ୍ଚ ମେନକା ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

■ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ

# ତୁଟୁନି ଟୋକନ ବିବାଦ

ବରଗଡ଼ ଅଫିସ/ଅତାବିରା,୧୬।୧୧

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକିୟା ଜଟିଳ ହେବାରେ ଲାଗିଛି। ଟୋକନ ବ୍ୟବସ୍ଥା ଭଳି ନୂଆ ନୀତି, ଅବ୍ୟବସ୍ଥା ଯୋଗୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାକୁ ନେଇ ଚାଷୀ ଅସନ୍ତୋଷ କୁହୁଳୁଥିବା ବେଳେ ନିକଟ ଭବିଷ୍ୟତରେ ବଡ଼ ଧରଣର ଆନ୍ଦୋଳନ ହେବା ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଚାଷୀମାନେ ସଙ୍ଗଠିତ ହେଉଥିବାବେଳେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ତୁହାକୁ ତୁହା ଆଲୋଚନା କରୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ନିଷ୍କର୍ଷ ବାହାରି ପାରି ନାହିଁ। ଫଳରେ କୌଣସି ମଣ୍ଡିରୁ ବସ୍ତାଟିଏ ମଧ୍ୟ ଧାନ ବିକ୍ରି ହୋଇପାରି ନାହିଁ। ଅନ୍ୟପଟେ ଟୋକନ ବ୍ୟବସ୍ଥାକୁ ନେଇ ବିରୋଧ ଜୋର୍ ଧରିଥିବାବେଳେ ଚାଷୀମାନେ ମଣ୍ଡିକୁ ଧାନ ଆଣି ଗଦା କରୁଥିବା ପରିଲକ୍ଷିତ ହୋଇଛି।

ଗତ ମାସ ୩୧ ତାରିଖରେ ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା । ସେହି ବୈଠକରେ ଚାଷୀମାନେ ଧାନ କିଣାବିକାରେ ଟୋକନ ବ୍ୟବସ୍ଥାକୁ ଦୃଢ଼ ବିରୋଧ କରିଥିଲେ ଏବଂ ତୁରନ୍ତ ମଣ୍ଡି ଖୋଲିବାକୁ ଦାବି କରିଥିଲେ। ତେବେ ଶୁକ୍ରବାରଠାରୁ ମଣ୍ଡି ଖୋଲାଯାଇଥିଲେ ମଧ୍ଧ ଧାନ କିଣାବିକାରେ ଅଚଳାବସ୍ଥା ଲାଗି ରହିଛି। ଟୋକନ ବ୍ୟବସ୍ଥାକୁ ହଟା ନ ଗଲେ ଚାଷୀମାନେ ଧାନ ବିକିବେ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ଅଛନ୍ତି । ଏହା ଏବେ ଧାନ କିଣାବିକାରେ ପ୍ରଶାସନ ପାଇଁ ଅଡୁଆ ସାଜିଛି ।



ଚାଷୀମାନେ ଗୋଡ଼ଭଗା ମଣ୍ଡିକୁ ଧାନ ଆଣି ଗଦା କରୁଛନ୍ତି।

■ ଟୋକନ ବ୍ୟବସ୍ଥାକୁ ଦୃଢ଼ ବିରୋଧ
■ ଆନ୍ଦୋଳନ ପାଇଁ ଚାଷୀ ଏକାଠି
■ ଚାଷୀ ଓ ପ୍ରଶାସନ ମଧରେ ଆଲୋଚନା ବିଫଳ

ଶନିବାର ସୁଦ୍ଧା ଅତାବିରା ଆରଏମସି ଅଧୀନ ବିଭିନ୍ନ ମଣ୍ଡିରେ ପ୍ରାୟ ୪୫ ହଜାର ପ୍ୟାକେଟ୍ ଧାନ ଗଦା ହୋଇଥିବା ସୂଚନା ମିଳିଛି । ହେଲେ ଟୋକନ ବ୍ୟବସ୍ଥା ଯୋଗୁ ତାହା ଏପର୍ଯ୍ୟନ୍ତ ବିକ୍ରି ହୋଇପାରି ନାହିଁ । ଏ ନେଇ ଚାଷୀମାନେ ଗୋଡ଼ଭଗା, ଖୁଣ୍ଟପାଲି, କାଦୋବାହାଲ ଆଦି ସ୍ଥାନରେ ଶନିବାର ବୈଠକ କରିଥିଲେ। ବୈଠକରେ ଟୋକନ ବ୍ୟବସ୍ଥାକୁ ଦୃଢ଼ ବିରୋଧ କରାଯାଇ ଥିବାବେଳେ ଏହାକୁ ଉଚ୍ଛେଦ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସେମାନେ ନିଷ୍ପତ୍ତି ନେଇଥିଲେ। ସେହିପରି ରବିବାର ଏ ନେଇ ଗୋଡ଼ଭଗାରେ ଚାଷୀଙ୍କ ଏକ ସମାବେଶ ହେବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଶୁକ୍ରବାର ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ, ସହକାରୀ ସମବାୟ ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ, ମାଷ୍ଟର ଟ୍ରେନର ଉମେଶ ନାଏକ, ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକ ପ୍ରମୁଖ ଗୋଡ଼ଭଗାକୁ ଯାଇ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା।

ଗୋଟିଏ ପଟେ ମଣ୍ଡି ଖୋଲିବାରେ ବିଳମ୍ବ ଏବଂ ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷରେ ଅଭାବୀ ବିକ୍ରି ପାଇଁ ସୁଯୋଗ ସୃଷ୍ଟି କରୁଛି । ମଣ୍ଡିରେ ବସ୍ତାଟିଏ ଧାନ ବିକ୍ରି ହୋଇନାହିଁ ସତ, ହେଲେ ମଧ୍ୟସ୍ଥି(ବେପାରୀ) ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ ଅର୍ଥାତ୍ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୮୧୫ ଏବଂ ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପ୍ରତି ୧୮୩୫ ଟଙ୍କା ବଦଳରେ ତହିଁରୁ ୨ଶହରୁ ୩ଶହ ଟଙ୍କା କମ୍ ଦରରେ ଚାଷୀଙ୍କ ଧାନ କିଣାଯାଇ କେତେକ ରାଇସ୍ ମିଲକୁ ଯାଉଥିବା ଅଭିଯୋଗ ହୋଇଛି । ଫଳରେ ଚାଷୀଙ୍କ ଦାବିକୁ ନଜରରେ ରଖି କୌଣସି ବିହିତ ପଦକ୍ଷେପ ନିଆ ନ ଗଲେ ଆଗକୁ ଧାନ କିଣାବିକା ଆହୁରି ଜଟିଳ ହେବ ଏବଂ ଅଭାବୀ ବିକ୍ରି ଜୋର୍ ଧରିବା ସହିତ ଚାଷୀ ଆନ୍ଦୋଳନ ମଧ୍ୟ ତୀବ୍ର ହେବା ଆଶଙ୍କା ରହିଛି ।

## ଟୋକନ ବ୍ୟବସ୍ଥାକୁ ବିରୋଧ କରି ଚାଷୀ ଅସନ୍ତୋଷ

ଭେଡ଼େନ, ୧୬।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅଞ୍ଚଳରେ ଧାନ କିଣାବିକା ପାଇଁ ଶୁକ୍ରବାର ମଣ୍ଡି ଖୋଲିଛି। କିନ୍ତୁ ଏହି ପ୍ରକ୍ରିୟାରେ ସରକାରଙ୍କ ଟୋକନ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରିଛନ୍ତି। ଏହାକୁ ନେଇ ଶୁକ୍ରମାର ଭେଡ଼େନ ବ୍ଲକର ସର୍ବବୃହତ ମାର୍କେଟୟାର୍ଡ଼ ଥୁଆପାଲିରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଟୋକନ ବ୍ୟବସ୍ଥା ନ କରି ଯେଉଁ ଚାଷୀ ଆଗ ଧାନ ଆଣିବେ ତାଙ୍କ ଧାନ ଆଗ ଏଣ୍ଟ୍ରିହେଉ ଏବଂ ଆଗ ବିକ୍ରି ହେଉ ବୋଲି ଚାଷୀମାନେ ଦାବି କରିଥିଲେ। ଏହାସହ ଯେଉଁ ଚାଷୀ ଧାନ ଆଣିଥିଲେ ତାଙ୍କର ଧାନକୁ ମାର୍କେଟରେ ଗଦା କରି ରଖିଦେଇଛନ୍ତି। ଏହି ସମସ୍ୟାକୁ ନେଇ ଅପରାହ୍ନରେ ପୁଣିଥରେ ଚାଷୀମାନଙ୍କ ବୈଠକ ବସି ଟୋକନ ବ୍ୟବସ୍ଥାକୁ ନେଇ ବିରୋଧ ଜାରି ରଖିଥିଲେ। ଏହି ବୈଠକରେ ଚାଷୀ ଅରବିନ୍ଦ ହୋତା, ସୋମନାଥ ଭୋଇ, ଗଣେଷରାମ ବାଗ, ଚାଷୀ ଗିରି ନଇ, ମୁରଲି ଭୋଇ, ସତ୍ୟ କର୍ଣ୍ଣ, ପୁଷ୍କର ହୋତାଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ।

## ଫୁଟବଲ: ବରପାଲି, ବ୍ରାହ୍ମଣଡିହି ବିଜୟୀ

ବରଗଡ଼ ଅଫିସ,୧୬।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ବରପାଲି ଓ ବ୍ରାହ୍ମଣଡିହି ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ବରପାଲି ଓ ପଦ୍ମପୁର ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ବରପାଲି ୧–୦ ଗୋଲରେ ବିଜୟୀ ହୋଇଥିଲା। ବରପାଲିର ବିବେକ ବାଗ ଗୋଟିଏ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ସେହିପରି ବ୍ରାହ୍ମଣଡିହି ଓ ବରଗଡ଼ ବ୍ଲୁ ଡାଇମଣ୍ଡ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ ବ୍ରାହ୍ମଣଡିହି ୨–୦ ଗୋଲରେ ବିଜୟୀ ହୋଇଥିଲା। ବ୍ରାହ୍ମଣଡିହିର ମୁକେଶ ପଟେଲ, ଶନିଶ୍ଚନ୍ଦ୍ର ବିଶି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ପଞ୍ଚାନନ ପାତ୍ର, ଶୁଭମ ପାତ୍ର, ଗୋପାଳ ନାୟକ, ଉମେଶ ଭୋଇ, ରଞ୍ଜୁ ଛତ୍ରିଆ, ନିରଞ୍ଜନ ମହାକୁର, ବିଶିକେଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ ।

## ରାସପୂର୍ଣ୍ଣିମା ଯାତ୍ରା ଉଦ୍‌ଯାପିତ

ଭେଡ଼େନ, ୧୬।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ବୁର୍ଦ୍ଦା ହାଇସ୍କୁଲ ପଡ଼ାରେ ଚାଲିଥିବା ରାସପୂର୍ଣ୍ଣିମା ଯାତ୍ରା ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବରିହାପାଲିର ମହିଳା ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସୁଶ୍ରୀ ଦାଶଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମଲୋଚନ ଭୋସାଗର, ଲକ୍ଷ୍ମୀ ସୁନା, ସଦାନନ୍ଦ ହରିପାଲ, ଦଶରଥ ଭୋସାଗରଙ୍କ ସମେତ ପଡ଼ାବାସୀ ସହଯୋଗ କରିଥିଲେ ।

ଧରିତ୍ରୀ ପ୍ରଭାବ

## ଶ୍ରୋତୀଙ୍କୁ ସାହାଯ୍ୟର ହାତ୍ ବଢ଼ାଲା ପରଶାସନ

ଜାମଟିକ୍ରା, ୧୬।୧୧(ଡି.ଏନ୍.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ଅଧୀନ ଖଲିଆପାଲି ଗାଁର ଗରିବ୍ ଦମ୍ପତି ଫକୀର ଭୋଇ ଆର ସାବିତ୍ରୀଙ୍କର ଝିଁ ହେଉଛନ୍ ଶ୍ରୋତୀ ଭୋଇ(୫)। ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ଟଁକା ପଏସା ଅଭାବୁ ମା'ବାପ୍ ଝିଁର ଚିକିଛା କରେଇ ନାଇଁ ପାରବାର। ଇ ବାବ୍‌ଦେ ଗଲା ନଭେମ୍ବର ୧୫ ତାରିଖ ଶୁକୁରବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଅଜନା ରୋଗ୍‌ରେ ଶଡୁଛନ୍ ଶ୍ରୋତୀ, ମା'ବାପ୍‌କେ ଘାରୁଛେ ଝିଁର ଚିକିଛା ଚିନ୍‌ତା' ଶୀର୍‌ଷକରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବରଗଡ଼ ଜିଲାପାଳଙ୍କର ନିରଦେଶରେ ଶନିବାର ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ା, ବୁଗବୁଗା ରାଜସ୍ୱ ଅଧିକାରୀ ଇନ୍ଦ୍ର କୁମାର ବାଦୀ, ଥାନୀଅ ଅଙ୍ଗନୱାଡ଼ି କରମୀ ପିଙ୍କି ଗଡ଼ତିଆ, ଅତାବିରା ଡାକ୍‌ତରଖାନାର ଗୁଟେ ଡାକ୍‌ତରୀ ଦଲ ଶ୍ରୋତୀଙ୍କର ଘରେ ପୁହୁଁଚିଥିଲେ। ପରିବାର ଲୁକ୍‌କୁ ସବୁ ପଚ୍‌ରାଉଚ୍‌ରା କଲା ଉତାରୁ ଶ୍ରୋତୀ ଆର ତାକର ମା'ବାପ୍‌କେ ଗୁଟେ ସରକାରୀ ଗାଡ଼ିଥି ବସେଇ ବରଗଡ଼ ଜିଲା ମୁଖିଆ ଡାକ୍‌ତରଖାନାକେ ନେଇଥିଲେ। ସେଠାନେ ଡାକ୍‌ତରମାନେ ଶ୍ରୋତୀର ପରୀକ୍ଷା ନିରୀକ୍ଷା କରି ଫିଦିନ ବ୍ୟାୟାମ କରବାକେ ପରାମଶ ଦେଇଥିଲେ। ସେନ୍‌ତା ଆଏବାର ଶୁକୁରବାର ଫେନ୍ ବରଗଡ଼ ମୁଖିଆ ଡାକ୍‌ତରଖାନାକେ ଆଏବାକେ କହିଥିଲେ।

## ସୁପ୍ରିୟା ସ୍ମାରକୀ ଫୁଟବଲ : ଲୋଇସିରା, ବରଗଡ଼ ବିଜୟୀ

ବରଗଡ଼ ଅଫିସ,୧୬।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ଲୋଇସିରା ଏବଂ ବରଗଡ଼ର ୟୁନାଇଟେଡ୍ କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଲୋଇସିରା ଓ ରକ୍ସା ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଲୋଇସିରାର ମୁକେଶ ଦାଶ ଏବଂ ପ୍ରତିପକ୍ଷ ଦଳ ରକ୍ସାର ଶେଷଦେବ ହାତୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ଫଳରେ ମ୍ୟାଚ୍ ୧–୧ ଗୋଲରେ ବରାବର ସ୍ଥିତିରେ ରହିଥିଲା । ଏହାପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ୫–୨ ଗୋଲରେ ଲୋଇସିରା ବିଜୟୀ ହୋଇଥିଲା । ସେହିପରି ବରଗଡ଼ର ୟୁନାଇଟେଡ କ୍ଲବ ଓ ଭେଡ଼େନର ମାନସ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ଏଥିରେ ୟୁନାଇଟେଡ୍ କ୍ଲବ ୨–୧ ଗୋଲରେ ବିଜୟୀ ହୋଇଥିଲା । ୟୁନାଇଟେଡ କ୍ଲବର ମନୋଜ ବରିହା ୨ଟି ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ମାନସ ସ୍ପୋର୍ଟିଂର ସୁନୀଲ ସେଠ ଗୋଟିଏ ଗୋଲ ସ୍କୋର କରିଥିଲେ । ଶ୍ରୀନିବାସ ରାଓ, ଉମେଶ ଭୋଇ, ପ୍ରଦୀପ ଭୋଇ, ସୁରେଶ ଦାଶ, ଅଶ୍ୱିନୀ ମେହେର, ସୁରେଶ ବେହେରା, ନିରଞ୍ଜନ ମହାକୁର ମ୍ୟାଚ୍ ପରିଚାଳନା କରିଥିଲେ ।

## ଜାପାନିଜ ଏନ୍‌ସେଫାଲାଇଟିସ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ

ପାଇକମାଲ, ୧୬।୧୧ (ଡି.ଏନ.ଏ)

ପାଇକମାଲ ବ୍ଲକ ଜବାହାର ନବୋଦୟ ବିଦ୍ୟାଳୟରେ ଜାପାନିଜ ଏନସେଫାଲାଇଟସ୍ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଶୁକ୍ରବାର ଉଦଘାଟିତ ହୋଇଛି। ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରନାରାୟଣ ପଶାୟତ, ବିଇଓ ଚୂଡ଼ାମଣି ବାରିକ, ପିଏଚଇଓ ତୁଷ କୁମାର ଚନ୍ଦ୍ରକାର, ବିଜୟ ସରାଫ, ସୁବ୍ରତ ବିଶ୍ୱାଳ, ଜନକଲାଲ ମେହେର, ମଳୟ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରଥମରୁ ଦଶମ ଶ୍ରେଣୀର ୨୧୫ଜଣ ଛାତ୍ରୀଛାତ୍ରଙ୍କୁ ଟିକାକରଣ କରାଯାଇଥିଲା। ସେହିପରି ବୁକୁରାମୁଣ୍ଡା ସରକାରୀ ସେବାଶ୍ରମରେ ଟିକାକରଣ କରାଯାଇଛି । ସ୍କୁଲର ସମୁଦାୟ ୮୭ଜଣ ଛାତ୍ରୀଛାତ୍ରଙ୍କୁ ଟିକାକରଣ କରାଯାଇଥିବା ସେବାଶ୍ରମର ସହକାରୀ ଶିକ୍ଷକ ଲଳିତ କୁମାର ମହାନନ୍ଦ କହିଛନ୍ତି ।




ଅସ୍‌କୁରା ହେଇ ପଡ଼ିଛେ ଅଙ୍ଗନୱାଡ଼ି କୁଠା

## କରମୀଙ୍କର ଘରେ ଚାଲିଛେ ପାଠ୍‌ପଢ଼ା

ଗଣ୍ଡତୁରୁମ, ୧୬।୧୧(ଡି.ଏନ୍.ଏ.)

ବରଗଡ ଜିଲା ଭେଡେନ ବ୍ଲକ ସିଆଲଖଣ୍ଡାହଥା ପଁଚେତ୍ ଅଧୀନ ଖଲିଆପାଲି ଗାଁର ୩ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ର ଅସ୍‌କୁରା ହେଇ ପଡ଼ିରହିଛେ। କେନ୍ଦ୍ରର ଚାରହିକୁତି ଅନାବନା ଘାସ୍, ଗଛଲତା ଢାପି ହେଇ ରହିଛେ। ଏନ୍‌ତାଥି ଅଙ୍ଗନୱାଡ଼ି କରମୀ ଛାତ୍ରୀଛାତ୍ରଙ୍କୁ ନିଜ ଘରେ ପାଠ୍‌ପଢ଼ାବାରେ ସଂଗେ ପୁଷ୍ଟିକର ରଁଧା ଖାଏଦ୍ ଦେଉଛନ୍।

ସୂଚନା ଅନ୍‌ସାରେ ସରକାରକଁର ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଗଲା ୨୦୧୨–୧୩ ବଛର୍‌ରେ ଥାନୀଅ ପ୍ରାଥମିକ ସ୍କୁଲ ପରିସରରେ ୫ ଲାଖ୍ ଟଁକା ଖରଚ୍‌ରେ ଇ ଅଙ୍ଗନୱାଡ଼ି କୁଠା ତିଆର କରାଯାଇଥିଲା। ହେଲେ କୁଠାର ତିଆରି କାମ୍ ସରିଥିଲେ ବି ଠିକାଦାର ଝନ୍‌କ ଝରକା କବାଟ ଠିକ୍ ହିସାବେ ନାଇଁ ଲଗେଇ। ଯେନ୍‌ଥିରଲାଗି ମହିଲା କରମୀକଁର ପକ୍ଷେ ଝରକା କବାଟ ଖୁଲବାର, ବଁନ୍ଦ୍ କରବାର ସମ୍ଭବ ନାଇଁ ହେବାର। କୁଠା ତିଆରିବେଲର ଗେଟି, ବାଲି ଏଭ୍‌ତକ ଘରଭିତରେ ପଡ଼ି ରହିଛେ। ସେନ୍‌ତା ଆଏଜ୍‌ତକ ଇ କୁଠାର ଜିମା ଅଙ୍ଗନୱାଡ଼ି କରମୀକୁଁ ନାଇଁ ଦିଆଯାଇଥିବାର ଗାଁବାସୀ ଅଭିଯୋଗ କରିଛନ୍। ଯେନ୍‌ଥିରଲାଗି ଅଙ୍ଗନୱାଡ଼ି କରମୀ ସୁବାଶିନୀ ଦୀପ ୧୬ ଝନ୍ ଛୁଆକୁ ନିଜର ଘରେ ପାଠ୍ ପଢ଼ାବାର ସଂଗେ ରଁଧା ଖାଏଦ୍ ଦେଉଛନ୍। ଗାଁବାସୀ ସମସିଆର ସମାଧାନ ଲାଗି ଥାନୀଅ ସରପଁଚ୍‌ନୁ ମୂଳ କରି ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ବିଡିଓ ଆର ଜିଲାପାଳକୁଁ ଲେଖିକରି ଦେଇଥିଲେ ବି କିଛି ଲାଭ ନାଇଁ ହେବାର। ଯେନ୍‌ଥିରଲାଗି ଗାଁବାସୀକର ଭିତରେ ଅସନ୍‌ତୋଷ ଭାବ୍ ବଢ଼ତେଲ ଯାଉଛେ। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାଏକଙ୍କୁଁ ପଚରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା। ନୂତନ କୁଠାକେ ସଫାସୁତର କରବାର ସଂଗେ ଝରକା କବାଟ ଠିକ୍‌ରେ ଲଗେଇ କରମୀକଁର ଜିମା ଦିଆଯିବା ବଲି ସେ କହିଛନ୍।



ଅସ୍‌କୁରା ହେଇ ପଡ଼ିଥିବାର ଅଙ୍ଗନୱାଡ଼ି କୁଠା।

କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
ଓଡ଼ିଶା ଶାସନ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।

ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବୌଦ୍ଧ,୧୬।୧୧(ସ୍ୱ.ପ୍ର):** ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ସହାୟତାରେ ଛତରଙ୍ଗ କେନ୍ଦୁପତ୍ର କାର୍ଯ୍ୟାଳୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ମହେନ୍ଦ୍ର ସାଏ, ଡ. ଗୋପାଳ ଚରଣ ପାତ୍ର, ଡ. ଶ୍ରୀମନ୍ତ ରଞ୍ଜନ ସ୍ୱାଇଁ, ଡ. ପ୍ରଦୀପ କୁମାର ବେହେରା ଯୋଗଦେଇ ୪୨୫କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ସ୍ୱାଇଁ, ଛତରଙ୍ଗ ରେଞ୍ଜର ଶରତ କୁମାର ମାଝୀ ଉପସ୍ଥିତ ଥିଲେ ।

### ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ବୌଦ୍ଧ/ଘଣ୍ଟାପଡ଼ା, ୧୬।୧୧ (ସ୍ୱ.ପ୍ର./ଡି.ଏନ.ଏ):** ବୌଦ୍ଧ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଶନିବାର ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ସାର ପ୍ରଧାନଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ପାଦକ ରାଜକିଶୋର ମହାରଣା, ଏକାଦଶୀ ବାଘ ଉପସ୍ଥିତ ଥିଲେ ।
କଣ୍ଟାମାଳ ବ୍ଲକ ମସିଣାଗୋରା ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ସ୍ଥାନୀୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଛି । ଶିକ୍ଷାବିତ୍ ମନ୍ଦରଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟର ୧୩୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମନ୍ଦରଧର ବେହେରା, ଦେବାଧି ମଲିକ , ଧର୍ମାନନ୍ଦ ସାହୁ, କାର୍ତ୍ତିକେଶ୍ୱର ବେହେରା, ପ୍ରଭାତି ରଣା, ଦୁର୍ଗାଚରଣ ଚାଉଳିଆ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଲିଙ୍ଗଗତ ସମ୍ବେଦନଶୀଳ ଗ୍ରାମପଞ୍ଚାୟତ ବିକାଶ ତାଲିମ କର୍ମଶାଳା

**ବୌଦ୍ଧ,୧୬।୧୧(ସ୍ୱ.ପ୍ର)-** ହରଭଙ୍ଗା ବ୍ଲକ ସଭାଗୃହରେ ଲିଙ୍ଗଗତ ସମ୍ବେଦନଶୀଳ ପଞ୍ଚାୟତ ବିକାଶ ତାଲିମ କର୍ମଶାଳା ଆରମ୍ଭ ହୋଇଛି । ପିଡିସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଲିଙ୍ଗଗତ ସମ୍ବେଦନଶୀଳତା ଏକ ସମ୍ବେଦଶୀଳ ବିଷୟ ହୋଇଥବାରୁ ଏହାର ବାସ୍ତବିକତାକୁ ସମସ୍ତେ ବୁଝିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ବିଡିଓ ରବିନ୍ଦ୍ର କୁମାର ଶତପଥୀ ୫ଟି ପଞ୍ଚାୟତରୁ ଆସିଥିବା ତାଲିମ ସାଥୀମାନଙ୍କୁ ସ୍ୱାଗତ କରିଥିଲେ। ଶିବିରରେ ବାଣିଭୂଷଣପୁର, କରଞ୍ଜକଟା, ଛତରଙ୍ଗ, ହରଭଙ୍ଗା, ଧଳପୁର ଆଦି ପଞ୍ଚାୟତର ସରପଞ୍ଚ, ଜିଆରଏସ, ପିଇଓ, ଅଙ୍ଗନଓ୍ୱାଡି କର୍ମୀ, ଆଶା, ୱାର୍ଡ ସଭ୍ୟ, ଏସଏଚଜି ମହିଳା ତାଲିମ ନେଇଥିଲେ। ଭାଷଣ ଦେଇଥିଲେ। ।

### ଡାକ୍ତରଙ୍କୁ ମାଡ଼ ପ୍ରତିବାଦରେ ଧାରଣା

**ତରଭା ୧୬।୧୧(ଡି.ଏନ.ଏ.)-** ଗତ କିଛି ଦିନ ତଳେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ତ୍ତବ୍ୟରତ ଡାକ୍ତର ଜୟପ୍ରକାଶ ପଧାନଙ୍କୁ କେତେକ ଦୁର୍ବୃତ୍ତ ଆକ୍ରମଣ କରିବା ସହିତ ମାଡ ମାରିଥିଲେ । ଏହାର ପ୍ରତିବାଦରେ ଶନିବାର ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନଙ୍କ ସହିତ କର୍ମଚାରୀ କଳାବ୍ୟାଜ ପରିଧାନ କରି ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ଏଥିରେ ସ୍ତ୍ରୀରୋଗ ବିଶେଷଜ୍ଞ ଡା.କ୍ଷୀରୋଦ୍ର କୁମାର ମିଶ୍ର, ଡା.ସୁଲଗ୍ନା ନେଗୀ, ଡା.ଚିରଞ୍ଜିବୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### କେନାଲରେ ବୁଡ଼ି ବାବାଜୀଙ୍କ ମୃତ୍ୟୁ

**ରେଢାଖୋଲ,୧୬।୧୧(ଡି.ଏନ.ଏ.)-** ରେଢାଖୋଲ ସହରର ସଦର ପ୍ରାଥମିକ ବିଦ୍ୟାଳୟ ନିକଟରେ ଯାଇଥିବା କେରାଣ୍ଡି ଜୋର କେନାଲକୁ ଗାଧୋଇବାକୁ ଯାଇ ଶନିବାର ସକାଳେ ପାଣିରେ ବୁଡି ଜଣେ ବାବାଜୀଙ୍କ ମୃତ୍ୟୁ ଘଟିଛି। ଏହି ବାବାଜୀ ଜଣକ ହେଲେ ବୌଦ୍ଧ ଜିଲା ସଦର ଥାନା ନାରାୟଣନଗରର ତୁଳସୀଦାସ ମେହେର (୭୯)। ପୋଲିସ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ବାବାଜୀଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଧାନକିଣାରେ ନୂଆ ବ୍ୟବସ୍ଥାକୁ ନେଇ ଅସନ୍ତୋଷ

**ସାରସମାଲ, ମାୟାବର୍ହାର ଚାଷୀ ଜିଲାପାଳଙ୍କୁ ଭେଟିଲେ**

**ସୋନପୁର,୧୬।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ମାୟାବର୍ହା ଓ ସାରସମାଲରେ ଧାନ ସଂଗ୍ରହକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗୋଟିଏ ପଟେ ଧାନ ବିକ୍ରି ପାଇଁ ଗ୍ରାମର ପଞ୍ଜୀକୃତ ଚାଷୀଙ୍କୁ ଅନଲାଇନ ଟୋକନ ମିଳିନି। ଅନ୍ୟପକ୍ଷେ ଧାନ ସଂଗ୍ରହ ସ୍ଥାନ ପରିବର୍ତ୍ତନକୁ ନେଇ ଦୁଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ଏହି ଦୁଇ ଗ୍ରାମର ଶତାଧିକ ଚାଷୀ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ନିଜର ସମସ୍ୟା ଜଣାଇଛନ୍ତି। ମାୟାବର୍ହା ପ୍ରାଥମିକ ସେବା ସମବାୟ ସମିତି ଅଧିନସ୍ଥ ଏହି ଚାଷୀମାନେ ସାଇବାବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ କିଣାକୁ ବିରୋଧ କରିଛନ୍ତି। ପୂର୍ବରୁ ସାରସମାଲ ଗ୍ରାମର ଚାଷୀ ସ୍ଥାନୀୟ ମାର୍କେଟ୍ ୟାର୍ଡରେ ଧାନ ବିକ୍ରି କରୁଥିଲେ। କିନ୍ତୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଚାୟତ କାର୍ଯ୍ୟାଳୟରେ ଧାନ କିଣିବେ। ଏହା ଚାଷୀଙ୍କୁ ଦୂର ହେବ ଓ ଅଯଥା ଖର୍ଚ୍ଚାନ୍ତ ହେବେ ବୋଲି ଅଭିଯୋଗ କରିଛନ୍ତି। ସେହିପରି ମାୟାବର୍ହା ଗ୍ରାମର ଚାଷୀ ପ୍ୟାକ୍ସରେ ଧାନ ବିକ୍ରି କରୁଥିଲେ। ଏବେ ସେମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଧାନ ବିକ୍ରି ପାଇଁ ଯିବାକୁ ପଡିବ। ଗତ ରବିରେ ଚାଷୀଙ୍କ ଧାନ ବିକ୍ରି ନ ହୋଇ ରହି ଯାଇଥିଲା। ଚାଷୀ ଅସୁବିଧା ଭୋଗିଥିଲେ। ଚଳିତ ଖରିଫରେ ଯେପରି ସମସ୍ୟା ନ ହୁଏ ସେ ସମ୍ପର୍କରେ ଦୃଷ୍ଟି ଦେବାକୁ ଚାଷୀ ଅନୁରୋଧ କରିଥିଲେ। ପରେ ଚାଷୀମାନେ ଜିଲାପାଳଙ୍କ ପରାମର୍ଶକ୍ରମେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରାଙ୍କୁ ନିଜର ସମସ୍ୟା ଜଣାଇ ଥିଲେ। ଚାଷୀ ଦୀନ ସାହୁ, ପର୍ଶୁରାମ ଭୋଇ, ମହାଜନ ଭୋଇ, ରୂପଧର ପ୍ରଧାନ, ନାରାୟଣ ସାହୁ, ପୂର୍ଣ୍ଣନନ୍ଦ ସାହୁ, ମାନଭଞ୍ଜନ ଖମାରୀ ଶରତ ପଧାନ, ଗଜାନନ ପଧାନ ଓ ଗୌରଚନ୍ଦ୍ର ସାହୁ ପ୍ରମୁଖ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିଥିଲେ।



ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ନିଜର ସମସ୍ୟା ଜଣାଉଛନ୍ତି ।

## ଗାରିମା ରୌପ୍ୟ ପଦକ ପାଇଁ କର୍ମଶାଳା

**ଡୁଙ୍ଗୁରିପାଲି, ୧୬।୧୧(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକ ବେହେରାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାରିମା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଗଡତ୍ୟା ସଭାପତିତ୍ୱ କରିଥିଲେ। ଅତିଥିଭାବେ ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ, ସଂଯୋଜକ ଅକ୍ଷୟ ସାହୁ, ନରେଶ ପୂଜାରୀ ଉପସ୍ଥିତ ଥିଲେ । ଏବିଇଓ ଗଞ୍ଜାଲୁ ମିର୍ଦ୍ଧା ଓ ଦିଲୀପ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ପରିଚାଳିତ କର୍ମଶାଳାରେ ବ୍ରୋଞ୍ଜ ପଦକ ପାଇଥିବା ୨୫ଟି ବିଦ୍ୟାଳୟର ୧୦୦ଜଣ ଶିକ୍ଷକ ଯୋଗଦେଇ ଆଗାମୀ ରୌପ୍ୟ ପଦକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରିବା ସହ ଶିକ୍ଷତା କାର୍ଯ୍ୟ, ଶିକ୍ଷତା ଉପକରଣ ଓ ଦକ୍ଷତା ତଥା ଶ୍ରେଣୀ ଅନୁଯାୟୀ ପ୍ରଶ୍ନ ପ୍ରସ୍ତୁତି କରିଥିଲେ । ମୁରାରୀ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ଶିଶୁ ମହୋତ୍ସବ ସର୍ଗିଫୁଲ

**ବୌଦ୍ଧ/ବଘିଆପଡା, ୧୬।୧୧ (ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତର ମେଣ୍ଡିଆଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଏନ.ସି ଜ୍ୟୋତିରଞ୍ଜନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ପ୍ରୋବେସନାଲ ଅଧିକାରୀ ଏମ. ଅନୁରାଧା, ମେଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱରୂପ କୁମାର ମହାପାତ୍ର, ବଡବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜ କିଶୋର ମିଶ୍ର, ହରେକୃଷ୍ଣପୁରଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହାସହ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦଯାପନୀ ସନ୍ଧ୍ୟାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସର୍ଗୀଫୁଲ ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଚିହ୍ନଟ ଓ ବିକାଶ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ବିନୋଦ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚଳନା କରିଥିଲେ। ବଡବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିରଞ୍ଚି ପ୍ରସାଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ ମହାକୁଡଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଲିଙ୍ଗରାଜ ସାହୁ, ନାରାୟଣ ସେଠୀ, ବିମଳ ବେହେରା, ସନତ ଭୋଇ, ସୁବାଷିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।




ସର୍ଗୀଫୁଲ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଋଷି ଚିନ୍ତନ ସମ୍ମିଳନୀ

**ବୌଦ୍ଧ,୧୬।୧୧(ସ୍ୱ.ପ୍ର)**

ବୌଦ୍ଧ ସହରର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅଖିଳ ଭାରତୀୟ ସନ୍ଥ ସମିତିପକ୍ଷରୁ ପ୍ରଥମ ଋଷିଚିନ୍ତନ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜିଲା ଋଷିକ୍ଷେତ୍ରର ସଭାପତି ଜଗଦାନନ୍ଦ ଦାସଜୀ ମହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ପ୍ରଦେଶ ସଭାପତି ମହାମଣ୍ଡଳେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ଗିରିଜୀ ମହାରାଜ ଯୋଗ ଦେଇଥିଲେ । ଭାରତ ବର୍ଷରେ ଋଷି ସଂସ୍କୃତିର ପୁନରୁତ୍‌ଥାନ ପାଇଁ ପ୍ରାରମ୍ଭିକ ପ୍ରଚେଷ୍ଟାରେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ ସେ କହିଥିଲେ। ପ୍ରଦେଶ ସଙ୍ଗଠନ ମନ୍ତ୍ରୀ ସ୍ୱାମୀ ସତ୍ୟାନନ୍ଦ ବ୍ରହ୍ମଚାରୀ ବୌଦ୍ଧ ଜିଲାରେ ଜଣେ ଋଷି ୪ ଜଣ ଆଚାର୍ଯ୍ୟ ଓ ୬୯ଜଣ ଧର୍ମ ରକ୍ଷକ ନିଯୁକ୍ତି ପ୍ରଦାନ କରି ସାମ୍ପ୍ରତିକ ପରିସ୍ଥିତି ଏବଂ ଚିରାଚରିତ ସମସ୍ୟା ଉପରେ କାର୍ଯ୍ୟ କରିବା ପାଇଁ କହିଥିଲେ । ଏହି ସମ୍ମିଳନୀରେ ପଶ୍ଚିମ ପ୍ରାନ୍ତ ସଂଯୋଜକ କ୍ରାନ୍ତି ସ୍ୱରୂପାନନ୍ଦ ଗିରି, ସ୍ୱାମୀ ରାଜେନ୍ଦ୍ର ଚୈତନ୍ୟ, ସ୍ୱାମୀ ନକୁଳ ପୁରୀ ନିଜ ମତ ଉପସ୍ଥାପନ କରିଥିଲେ । ଭାରତ ସ୍ୱାଭିମାନ ନ୍ୟାସର ପ୍ରଭାରୀ ଦେବାଶିଷ ପୁରୋହିତ ସାଧୁମାନଙ୍କୁ ସ୍ୱାଗତ ଜଣାଇବା ସହିତ ସମ୍ମାନିତ କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ମକ୍‌ଡ୍ରିଲ

**ଉଲୁଣ୍ଡା, ୧୬।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଝାରବାହାଲି ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଅଗ୍ନିଶମ ବିଭାଗ ତରଫରୁ ମକ୍‌ଡ୍ରିଲ ତଥା ବିଭିନ୍ନ ବିପଦପୂର୍ଣ୍ଣ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ରାଧାମୋହନ ପୂଜାହାରୀଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନିଆଁରୁ ବର୍ତ୍ତିବା, ନିଆଁକୁ ଆୟତ୍ତ କରିବା, ବଜ୍ରପାତ, ସାପ କାମୁଡା, ଘରପୋଡି ଆଦିରୁ ବଞ୍ଚିବା ସହ ଅନ୍ୟକୁ କିପରି ବଞ୍ଚାଇ ପାରିବା ସେ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଉଲୁଣ୍ଡା ଅଗ୍ନିଶମ ବିଭାଗ ଅଧିକାରୀ ଭରତଲାଲ ଏକ୍କାଙ୍କ ତତ୍ତ୍ୱାବଧାନରେ ଗ୍ୟାସ ସିଲିଣ୍ଡରରେ ନିଆଁ ଲଗାଯାଇ ତାହାକୁ କିପରି ସହଜ ଉପାୟରେ ନିୟନ୍ତ୍ରଣ କରାଯାଇ ପାରିବ ବ୍ୟାବହାରିକ ପଦ୍ଧତିରେ ଶିକ୍ଷା ଦିଆଯାଇଥିଲା । ଏହାସହ ପାଣି ଏବଂ ପାଉଡର ବ୍ୟବହାର କରି ନିଆଁଲିଭା ଯନ୍ତ୍ରରେ ନିଆଁକୁ ଆୟତ୍ତ କରିବାର ପ୍ରଣାଳୀ କୁହାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମ ବିଭାଗର ହାବିଲଦାର ରଣଧୀର ଟେଟେ, ଏସ.କେ. ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇଥିଲେ।

## ତରଭାରେ ପ୍ରେସ୍ ଦିବସ ପାଳିତ

**ତରଭା, ୧୬।୧୧(ଡି.ଏନ.ଏ.)**

ତରଭା ବ୍ଲକ ରାଜୀବ ସଭାଗୃହରେ ଶନିବାର ତରଭା ସାମ୍ବାଦିକ ସଂଘ ତରଫରୁ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଯୋଗଦେଇଥିଲେ । ଏହି ଅବସରରେ ସାମ୍ବାଦିକମାନେ ତହସିଲଦାରଙ୍କୁ ସଂଘର ଏକ ସ୍ଥାୟୀ ଘର ପାଇଁ ସହରରେ କିଛି ଜମି ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ଅକ୍ଷୟ ବାଘ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘ ଉପସଭାପତି ରାଜକୁମାର ମାହାଣା, କପିଳାଶ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ରାମଚନ୍ଦ୍ର ପୂଝାରୀ ଓ ନରୋତ୍ତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ସମସ୍ତ ଶିଶୁଙ୍କୁ ସ୍ୱାସ୍ଥ୍ୟ ଅଧିକାର ଦାବି

**ବୌଦ୍ଧ,୧୬।୧୧(ସ୍ୱ.ପ୍ର)**

ସରକାର ସମସ୍ତଙ୍କୁ ଶିକ୍ଷିତ କରାଇବା ଲକ୍ଷ୍ୟରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ଶିକ୍ଷା ଅଧିକାର ଆଇନ ଲାଗୁ କରିଥିବାବେଳେ ସମାନ ଭାବରେ ସ୍ୱାସ୍ଥ୍ୟ ଅଧିକାର ଆଇନ ଲାଗୁ କରିବାକୁ ଆଦିମ ଅଧିବାସୀ ଏକତା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ବୌଦ୍ଧରେ ମଞ୍ଚ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ସରକାର ତୁରନ୍ତ ଗ୍ରାମାଞ୍ଚଳର ଲୋକମାନଙ୍କୁ ଏହିମୌଳିକ ଅଧିକାର ପ୍ରଦାନ ପାଇଁଆଇନ ତିଆରି କରିବାକୁ ଦାବି କରାଯାଇଥିଲା । ଓଡ଼ିଶା ଶ୍ରମଜୀବୀ ମଞ୍ଚର ଆହ୍ୱାନକ୍ରମେ ରାଜ୍ୟର ୧୭ଟି ଜିଲାରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଛି । ବୌଦ୍ଧ ଜିଲାରେ ଆଦିମ ଅଧିବାସୀ ଏକତ ମଞ୍ଚ ସହାୟକ ଅନୁଷ୍ଠାନ ଭାବେ ତିନୋଟି ବ୍ଲକର ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଅନୁଧ୍ୟାନ କରିଥିଲା। ଏହି ସମୟରେ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ବିଦ୍ୟାଳୟ ଓ ଚିକିତ୍ସାଳୟ ଗସ୍ତ କରିବା ସହିତ ଶିକ୍ଷା ବ୍ୟବସ୍ଥା, ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କୁ ମିଳୁଥିବା ବିଭିନ୍ନ ଯୋଜନାର ସହାୟତା, ଚିକିତ୍ସାଳୟରେ ରୋଗୀଙ୍କୁ ମିଳୁଥିବା ସୁବିଧା ସୁଯୋଗ, ଡାକ୍ତର ପଦବୀ ପୂରଣ ସମ୍ପର୍କରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଜିଲା ସଂଯୋଜକ ପ୍ରଭାତ ସାହୁ, ବ୍ଲକ ସଂଯୋଜକ ନିରଞ୍ଜନ ବିଶି, ସଞ୍ଜୟ ପ୍ରଧାନ, ଅଶୋକ କୁମାର ନାଏକ, ମିନକେତନ ମେହେର, ମୋହନ ରାଜହଂସ ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ସେମିନାର

**ଡୁଙ୍ଗୁରିପାଲି, ୧୬।୧୧ (ଡି.ଏନ.ଏ.)**

ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ରାଜନୀତି ବିଜ୍ଞାନର ସେମିନାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଗିରଥି ପୁରୋହିତ ସଭାପତିତ୍ୱ କରିଥିଲେ। ପ୍ଲାଟୋଙ୍କ ଶିକ୍ଷାନୀତି ଓ ଆଜିର ସମାଜରେ ତାର ପ୍ରାସଙ୍ଗିକତା ଉପରେ ଆଲୋଚନା ହୋଇଥିଲା। ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଡ.ସରୋଜ କୁମାର ଦାଶ ଉକ୍ତ ପ୍ରସଙ୍ଗ ଉପରେ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ କିଶୋର ମେହେର, ଭଗିରଥି ପୁରୋହିତ, ବିଜୟାନନ୍ଦ ଦାଶ, ପଦ୍ମିନୀ ଗୁରୁ, ବିରାଟ ପଧାନ, ଯୋଗେନ୍ଦ୍ର ସାହୁ ନିଜସ୍ୱ ମତ ପ୍ରଦାନ କରିଥିଲେ। ବିଭାଗ ତରଫରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ନିର୍ମଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ପ୍ରେସ୍ ଦିବସ ପାଳିତ

**ବୌଦ୍ଧ,୧୬।୧୧ (ସ୍ୱ.ପ୍ର)**

ବୌଦ୍ଧରେ ଜାତୀୟ ପ୍ରେସ୍ ଦିବସ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷାରେ ଶନିବାର ପାଳିତ ହୋଇ ଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ଶିଶିର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲାପାଳ ମିଶ୍ର ଜିଲାର ବିକାଶ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ରବିନ୍ଦ୍ର କୁମାର ରାଉତ ଓ ଦିବ୍ୟଶଙ୍କର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ସଂଘର ଉପ ସଭାପତି ରବିନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଜିଲାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଭାର୍ଜନ ପ୍ରଧାନ, ଦେବାଶିଷ ପୁରୋହିତ, ହିମାଂଶୁ ଶେଖର ସାହୁ, ସୀତାକାନ୍ତ ସିଂ ପ୍ରମୁଖ ଯୋଗ ଦେଇଥିଲେ ।




ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ସୁବର୍ଣ୍ଣପୁରରେ ଜାତୀୟ ପ୍ରେସ୍ ଦିବସ

# ଗଣମାଧମ ସମାଜର ଜାଗ୍ରତ ପ୍ରହରୀ

**ସୋନପୁର,୧୬।୧୧(ନି.ପ୍ର.)**

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଡିଆରଡିଏ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ଏସ୍‌ପି ଦେବୀ ପ୍ରସାଦ ଦାଶ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଗଣମାଧମ ସମାଜର ପ୍ରକୃତ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛି। ସରକାର ଓ ପ୍ରଶାସନର ଦୋଷ ତୃଟିକୁ ସାମ୍ନାକୁ ଆଣିବା ଗଣମାଧମର ଦାୟିତ୍ୱ। ତେବେ ପ୍ରକାଶିତ ଖବର ତଥ୍ୟ ଭିତ୍ତିକ ହେବା ଆବଶ୍ୟକ ବୋଲି ଏସ୍‌ପି କହିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧମର ଖବରଦାତାମାନେ ବହୁ କଷ୍ଟ ସ୍ୱୀକାର କରି ତୃଣମୂଳସ୍ତରରେ ଖବର ସଂଗ୍ରହ କରୁଛନ୍ତି। ପ୍ରଶାସନ ଜାଣିବା ପୂର୍ବରୁ ସେମାନେ ଆଗ ଜାଣୁଛନ୍ତି। ପ୍ରଶାସନ ଜନଚେତନା ହେବା କ୍ଷେତ୍ରରେ ଗଣମାଧମର ଭୂମିକା ଅନସ୍ୱୀକାର୍ଯ୍ୟ। ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ଗଣମାଧମ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ବର୍ତ୍ତମାନ ମଧ ଦେଶର ସ୍ୱାର୍ଥ ପାଇଁ ଗଣମାଧମ ବେଶ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରୁଥିବା ପଣ୍ଡା କହିଥିଲେ। ବିଶିଷ୍ଟ ଐତିହାସିକ ତଥା ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷ ଡ. କେଦାର ନାଥ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ସେତେବେଳେ ଗଣମାଧମରେ ପ୍ରକାଶିତ ନ ହେବା ସମ୍ପର୍କରେ ନିଜର ମତ ରଖିଥିଲେ। ଠିକ୍ ଖବର ଲୋକଙ୍କୁ ଜଣାଇବା ଗଣମାଧମର ଗୁରୁ ଦାୟିତ୍ୱ। ଏହି ଅବସରରେ ବୈଦ୍ୟୁତିକ ଗଣମାଧମଠାରୁ ଛାପା ଗଣମାଧମର ମହତ୍ୱ ଖୁବ୍ ଅଧିକ ଓ ଏହା ସବୁ ବେଳେ ବଜାୟ ରହିବ ବୋଲି ଡ. ମିଶ୍ର କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହରିଚରଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାପତି ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ଖବର ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବା ବରିଷ୍ଠ ଖବରଦାତା ସ୍ୱୟମ୍ଭୁନାଥ ଖଣ୍ଡଗିରି, ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ରତନ କୁମାର ପଟ୍ଟନାୟକ, ଗୌରଚରଣ ପରିଛା, ଅଶୋକ କୁମାର ସାହୁ, ପବିତ୍ର କୁମାର ପାଣ୍ଡିଆ, ଧ୍ରୁବରାଜ ମିଶ୍ର, ରବିନ୍ଦ୍ର କୁମାର ହୋତା, ବେଣୁଧର ପ୍ରଧାନ, ସତ୍ୟବାନ ପୁରୋହିତ, ତୀର୍ଥବାସୀ ପଣ୍ଡା, ବିବେକାନନ୍ଦ ମିଶ୍ର, ମନୋରଞ୍ଜନ ତ୍ରିପାଠୀ ଓ ସନ୍ତୋଷ କୁମାର ମିଶ୍ରଙ୍କୁ ଅତିଥିବୃନ୍ଦ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଖବରଦାତା ଗୋବିନ୍ଦ ଠାକୁରଙ୍କ ବିୟୋଗରେ ୨ମିନିଟ୍ ନୀରବ ପ୍ରାଥନା କରାଯାଇଥିଲା। ବରିଷ୍ଠ ଖବରଦାତା ବ୍ରଜମୋହନ ଦାନୀ, ଅକ୍ଷୟ ପୂଜାରୀ, ଦିଲୀପ ପାତ୍ର ଓ ଉରୁକ୍ରମ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବ୍ୟୋମକେଶ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।




ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



ବିଜ୍ଞାନମେଳା ଲାଗି ବେଆଇନ୍ ଅର୍ଥ ସଂଗ୍ରହ ପ୍ରସଙ୍ଗ

# ଡିଇଓ ଅଫିସ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୧୬।୧୧**




ବଲାଙ୍ଗୀର ଡିଇଓ ଅଫିସ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ଫେରସ୍ତ ହୋଇନି ସଂଗୃହୀତ ଅର୍ଥ
- .ଅସାଧୁ ଶିକ୍ଷକ ଗୋଷ୍ଠୀ ସମ୍ପୃକ୍ତି ଅଭିଯୋଗ
- ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଜିଲାପାଳଙ୍କୁ ଦେଲେ ଦାବିପତ୍ର

ଶିକ୍ଷା ବିଭାଗର କୌଣସି ସର୍କୁଲାର ନ ଥିବା ସତ୍ତ୍ୱେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ସରକାରୀ ସ୍କୁଲରେ ବିଜ୍ଞାନ ମେଳା ଆୟୋଜନ ନାଁରେ ବେଆଇନ୍ ଅର୍ଥ ସଂଗ୍ରହ କରାଯାଇଛି। ଏନେଇ ଧରିତ୍ରୀ ଖବରକାଗଜରେ ତଥ୍ୟାତ୍ମକ ଖବର ପରିବେଷଣ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ଦେଓଗାଁ ବିଇଓ ଅଫିସରୁ ବିଧିବଦ୍ଧ ଭାବେ ବେଆଇନ୍ ଚିଠି କରାଯାଇ ବିଭିନ୍ନ ସ୍କୁଲଗୁଡିକରୁ ଅର୍ଥ ସଂଗ୍ରହ କରାଯିବା ଶିକ୍ଷା ଅଧିକାର ଆଇନକୁ ଉଲଂଘନ କରିଛି। ଏହାର ପ୍ରତିବାଦରେ ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ପକ୍ଷରୁ ଶନିବାର ସ୍ଥାନୀୟ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଥିଲା। ଗତ ଅକ୍ଟୋବର ୧ତାରିଖରେ ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଚିଠି(ନଂ.୧୧୯୨/୦୧.୧୦.୧୯) କରାଯାଇ ବ୍ଲକ ଅନ୍ତର୍ଗତ କୁର୍ଲା କ୍ଲଷ୍ଟରର ସମସ୍ତ ସରକାରୀ, ବ୍ଲକ୍‌ଗ୍ରାଣ୍ଟ, ଆଡେଡ୍ ସ୍କୁଲ, ୟୁଜି ହାଇସ୍କୁଲ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ତଥା ବ୍ଲକର ସମସ୍ତ ସିଆର୍‌ସିସି ଓ ବିଜ୍ଞାନ ଶିକ୍ଷକଙ୍କୁ ବିଜ୍ଞାନ ମେଳା ଆୟୋଜନ କରିବା ନେଇ ବିଭିନ୍ନ ସ୍କୁଲରୁ ଅର୍ଥ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଛା ୪ ଶହ ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଛା ୬ ଶହ ଟଙ୍କା, ଉଚ୍ଚ ପ୍ରାଥମିକ ସ୍କୁଲର ଷଷ୍ଠ, ସପ୍ତମ ଶ୍ରେଣୀ ପାଇଁ ୪ ଶହ ଟଙ୍କା, ୟୁଜି ହାଇସ୍କୁଲ ଓ ହାଇସ୍କୁଲର ପ୍ରଥମରୁ ଦଶମ ଶ୍ରେଣୀ ପାଇଁ ୧୧ ଶହ ଟଙ୍କା, ହାଇସ୍କୁଲର ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ୮ ଶହ ଟଙ୍କା, ହାଇସ୍କୁଲ ନବମ ଓ ଦଶମ ଶ୍ରେଣୀ ସକାଶେ ୬ ଶହ ଟଙ୍କା, ଆଡେଡ ଓ ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲରୁ ୬ ଶହ ଟଙ୍କା ଲେଖାଏଁ ସଂଗ୍ରହ କରିବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ବିଜ୍ଞାନ ମେଳା ଆୟୋଜନ କରିବାକୁ ଏହି ଅର୍ଥ ସଂଗ୍ରହ ପାଇଁ ବିଇଓ ଅଫିସରୁ ଚିଠି କରାଯାଇ ସିଆର୍‌ସିସିମାନଙ୍କୁ କ୍ଷମତାପ୍ରାପ୍ତ କରାଯାଇଥିଲା । ପରେ ଡିଇଓ ଉକ୍ତ ବେଆଇନ୍ ଚିଠିକୁ ପ୍ରତ୍ୟାହାର କରିନେବାକୁ ଓ ବିଜ୍ଞାନ ମେଳା ଆୟୋଜନ ନାଁରେ ସଂଗୃହୀତ ଟଙ୍କାକୁ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଘଟଣାକୁ ନେଇ ଏଆଇଡିଏସ୍‌ଓ ପକ୍ଷରୁ ଡିଇଓଙ୍କୁ ଦାବିପତ୍ର ଦିଆଯାଇଥିଲା। ସରକାରୀ ସ୍କୁଲରେ ବେଆଇନ୍ ଅର୍ଥ ସଂଗ୍ରହ କରି ମଉଜ ମଜ୍‌ଲିସ କରାଯାଉଥିବା ଅଭିଯୋଗ ହୋଇଛି। ଏଥିରେ କିଛି ଅସାଧୁ ଶିକ୍ଷକ ଗୋଷ୍ଠୀ ସମ୍ପୃକ୍ତ ଥିବା ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଡିଇଓଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଦେଓଗାଁ ବିଇଓ ଅର୍ଥ ଫେରସ୍ତ କରି ନ ଥିବା ଅଭିଯୋଗ ହୋଇଛି। ଏଆଇଡିଏସ୍‌ଓ ପ୍ରତିନିଧିମାନେ ପରେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଥିବା ଜଣାପଡିଛି।



ସର୍ବେକ୍ଷଣ ଅଧିକାରୀମାନେ ଚୁଡାପାଲିର ଏକ ଦୋକାନ୍‌ର ତଥ୍ୟ ସଂଗ୍ରହ କରୁଛନ୍ତି।

# ଜିଲା ପରିସଂଖ୍ୟାନ ସହନିର୍ଦ୍ଦେଶକଙ୍କ କ୍ଷେତ୍ର ପରିଦର୍ଶନ

**ବଲାଙ୍ଗୀର ଅଫିସ, ୧୬।୧୧**

ଦେଶର ସପ୍ତମ ଅର୍ଥନୈତିକ ସର୍ବେକ୍ଷଣ ଜନଗଣନା ଅବସରରେ ସିଏସ୍‌ସିମାନଙ୍କ ଦ୍ୱାରା ଚାଲିଥିବା ସର୍ବେକ୍ଷଣ କାର୍ଯ୍ୟକ୍ରମ ନିରୀକ୍ଷଣ ପାଇଁ ବଲାଙ୍ଗୀର ଜିଲା ପରିସଂଖ୍ୟାନ ସହନିର୍ଦ୍ଦେଶକ ଲିଙ୍ଗରାଜ ମହାପାତ୍ରଙ୍କ ସହ ଭୁବନେଶ୍ୱରର ଡିଇଏସ୍ ଉଦୟ ବେହେରା, ଏଏସ୍‌ଓ ଅନୁପ କୁମାର ପଣ୍ଡା, ସିଏସ୍‌ସି ଜିଲା ଅଧିକାରୀ ଅନିରୁଦ୍ଧ ମହାମଲ୍ଲିକ କ୍ଷେତ୍ର ପରିଦର୍ଶନ କରିଥିଲେ। ଜିଲାର ବିଭିନ୍ନ ସ୍ଥାନ ସର୍ବେକ୍ଷଣ ନିରୀକ୍ଷଣ କରି ଅଧିକାରୀମାନେ ଚୁଡ଼ାପାଲି ପଞ୍ଚାୟତର ସର୍ବେକ୍ଷଣ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହି ଅବସରରେ ଚୁଡାପାଲି ଭିଏଲଇ ରୂପଧର ନାହାକ, ସ୍ଥାନୀୟ ପରିଗଣନାକାରୀ ଦୁଷ୍ମନ୍ତ କୁମୁରା, ପ୍ରବୀଣ କୁମୁରା, ନରେନ୍ଦ୍ର ବାରିକ, ରଞ୍ଜନ ଧରୁଆ ବିଭିନ୍ନ ଘର ଓ ଦୋକାନକୁ ଯାଇ ସର୍ବେକ୍ଷଣ ତଦାରଖରେ ସହଯୋଗ କରିଥିଲେ।

ଜାତୀୟ ପ୍ରେସ୍ ଦିବସ ପାଳିତ

# ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମୁରିବାହାଲ,୧୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ସାମ୍ବାଦିକ କାର୍ଯ୍ୟାଳୟ ତଥା ରାଜାରାମ ମୋହନ ରାଏ ପାଠାଗାରରେ ଜାତୀୟ ପ୍ରେସ ଦିବସପାଳିତ ହୋଇଯାଇଛି। ସଂଘର ସଭାପତି ଭଗବାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଗୋଷ୍ଠି ଉନ୍ନୟନ ଅଧିକାରୀ ସିପକ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ସମାଜ ଗଠନରେ ଖବରଦାତାଙ୍କ ମୁଖ୍ୟ ଭୂମିକା ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ମୁରିବାହାଲ ତହସିଲଦାର ଅମୃତଲାଲ ବେହେରା, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ନାୟକ, ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ବରିଷ୍ଠ ଆଇନଜୀବୀ ଜୟଦେବ ପୁରୋହିତ ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ଶ୍ରୀବସ୍ତ ବେହେରା ପରିଚାଳନା କରିଥିବା ବେଳେ ଦୁର୍ଗା ନନ୍ଦ ମହାକୁର, ସୁବ୍ରତ କୁମାର ମହାକୁର, ବନବିହାରୀ ଯୋଶୀ, ଶରତ ଷାଣ୍ଡ, ପ୍ରଫୁଲ୍ଲ ବଘାର, କେଦାର ବଡଜେନା, ନିମାଇଁଚରଣ ବଘାର ପ୍ରମୁଖ ସହଯୋଗ କରିଥିଲେ। ସୁଦାମଚରଣ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

**ଟିଟିଲାଗଡ଼,୧୬।୧୧(ଡି.ଏନ.ଏ.)**

ସାଧାରଣ ଜନତାଙ୍କ ସ୍ୱର ହେଉଛି ଗଣମାଧ୍ୟମ। ଏନେଇ ଖବରଦାତା କାହାରି ଗୋଡାଣିଆ ନ ହୋଇ ସତ୍ୟ ସମ୍ବାଦ ପରିବେଷଣ ପ୍ରତି ଗୁରୁତ୍ୱ ପ୍ରଦାନ କଲେ ଅନୁଷ୍ଠାନର ମର୍ଯ୍ୟାଦା ସହ ସମାଜରେ ସୁଶାସନ ପ୍ରତିଷ୍ଠା ଦିଗରେ ସହାୟକ ହେବ ବୋଲି ଟିଟିଲାଗଡ଼ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ସୁଧାକର ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢୀ, ସମ୍ମାନିତ ଅତିଥି ଭାବେ ଦିଲୀପ ପୁରୋହିତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଖବରଦାତା ସତ୍ୟବ୍ରତ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବିଭିନ୍ନ ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।






ମୁରିବାହାଲରେ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ(ବାମ)। ଟିଟିଲାଗଡ଼ରେ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।




ମୁଖ୍ୟଅତିଥି କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

# ନାଇସ୍ କମର୍ସ କଲେଜର ଫୁଡ୍ ଫେଷ୍ଟିଭାଲ

**ବଲାଙ୍ଗୀର ଅଫିସ,୧୬।୧୧**

ବଲାଙ୍ଗୀର ନାଇସ୍ କଲେଜ ଅଫ୍ କମର୍ସ ପକ୍ଷରୁ ସ୍ଥାନୀୟ ଟ୍ରାନ୍ସପୋର୍ଟ ପଡ଼ିଆରେ ଶନିବାର ଅପରାହ୍ନରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଓଭୋ ଫାର୍ମର ଡାଇରେକ୍ଟର ସୌମେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ତାରା ହୋଟେଲ ପରିଚାଳକ ରାକେଶ ଅଗ୍ରୱାଲ, ଗାର୍ଡେନ୍ ଇନ୍ ପରିଚାଳକ ମନୋଜ ମିଶ୍ର, ବାଟିକା ହୋଟେଲର ଜ୍ୟୋତିର୍ମୟ ତ୍ରିପାଠୀ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟାପିକା ସ୍ମୃତିଶ୍ରୁତି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସିଏନ୍‌ସି କଲେଜ ଡାଇରେକ୍ଟର ଆଶୁତୋଷ ପୁରୋହିତ ଓ ପ୍ରଦୀପ ସାହୁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଫୁଡ୍ ଫେଷ୍ଟିଭାଲ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ମୁଖ୍ୟଅତିଥି ମିଶ୍ର ବକ୍ତବ୍ୟ ରଖି ସଫଳ ଉଦ୍ୟୋଗୀ ହେବା ପାଇଁ ଆବଶ୍ୟକ ନିଷ୍ଠା, ଉତ୍ସର୍ଗୀକୃତ ମନୋଭାବ ଓ ନୂଆ କୌଶଳର ପ୍ରୟୋଗ ଉପରେ ଧ୍ୟାନ ଦେବାକୁ କହିଥିଲେ। ସିଏନ୍‌ସି କଲେଜ ଫୁଡ୍ ଫେଷ୍ଟିଭାଲ ମାଧ୍ୟମରେ ସଫଳ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରୁଥିବାରୁ ଏହାକୁ ପ୍ରଶଂସା କରିଥିଲେ। ଫୁଡ୍ ଫେଷ୍ଟିଭାଲରେ ପ୍ରତୀକ ଅଗ୍ରୱାଲ ଏବଂ ସାଥୀ ପ୍ରଥମ ସ୍ଥାନ, ରିଆ ଅଗ୍ରୱାଲ ଓ ସାଥୀ ଦ୍ୱିତୀୟ ଓ ଏସ୍‌କେ ରିବୁଲ ଇସଲାମ୍ ଓ ସାଥୀ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ୪୦ରୁ ଊର୍ଦ୍ଧ୍ୱ ଷ୍ଟଲ ଲଗାଇ ସୁସ୍ୱାଦୁ ବ୍ୟଞ୍ଜନ ବିକ୍ରି କରିଥିଲେ । ଫୁଡ ଫେଷ୍ଟିଭାଲରେ ସହରର ବହୁ ଲୋକ ଯୋଗଦେଇ ଖାଦ୍ୟପେୟର ମଜା ଉଠାଇଥିଲେ।

# ଝରବାହାଲିରେ ରାମାୟଣ ପାରାୟଣ

**ଟିକ୍ରାପଡ଼ା,୧୬।୧୧(ଡି.ଏନ୍.ଏ.)**

ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ ଝରବାହାଲି ଗ୍ରାମରେ ଶ୍ରୀରାମ ଚରିତ ମାନସ ମଣ୍ଡଳୀ ଆନୁକୂଲ୍ୟରେ ପାରାୟଣ ପାରାୟଣ ଶନିବାର ସମ୍ପନ୍ନ ହୋଇଯାଇଛି । ସୁବର୍ଣ୍ଣପୁର ଜିଲା କୁମୁଣ୍ଡେର ଇପ୍‌ସିତ ମିଶ୍ର ବ୍ୟାସ ଭାବେ ରହି ରାମାୟଣ ପାଠ କରିଥିଲେ। ସୁଷମା ବଗର୍ତ୍ତୀ, କୁବିହାରୀ ବଗର୍ତ୍ତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ବୃନ୍ଦାବନ ମହାନ୍ତି ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କଣ୍ଟାବାଞ୍ଜି ମାତାମଠ ମହନ୍ତ ଅଦ୍ୱୈତ ପ୍ରସାଦ ଦାସ, ପ୍ରବଚକ ଲିଙ୍ଗରାଜ ବେହେରା, ସ୍ଥାନୀୟ ସରପଞ୍ଚ ବଜରଙ୍ଗଲାଲ ଜୈନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




With Best Compliments From: BLOCK DEVELOPMENT OFFICER, KORAPUT


## କଫ ସିରପ ଜବତ୍, ଜଣେ ଗିରଫ

**ଖପ୍ରାଖୋଲ,୧୬।୧୧(ଡି.ଏନ୍.ଏ.):** ବେଆଇନ ଭାବେ କଫ୍‌ସିରପ ବିକ୍ରିଅଭିଯୋଗରେ ଖପ୍ରାଖୋଲ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପାଟେର ଗ୍ରାମର ମୁନୁ ସାହୁ (୨୫)। ଏନେଇ ଖପ୍ରାଖୋଲ ଥାନା ପୋଲିସ ଏକ ମାମଲା(ନଂ.୨୧୮/୧୯) ରୁଜୁ କରି ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

# ଦୁରଦିନ୍‌ରେ ନାଁକରା କଳାକାର କାଳିନ୍ଦ୍ରୀ

**ଲାଠୋର,୧୬।୧୧(ଡି.ଏନ.ଏ.)**



କାଳାକାର କାଳିନ୍ଦ୍ରୀ ସୁନା।

ସରକାର କଳାକାରମାନଙ୍କୁ ଭିନେ ଭିନେ ସରକାରୀ ସୁବିଧା ସୁଯୋଗ ଦେବାର ସଂଗେ କଳାକାର ଭତା ବି ଦେଉଛନ୍। ହେଲେ ଅନେକ୍ କଳାକାର ଇ ସବୁ ସରକାରୀ ସୁବିଧା ଆର ଭତାରୁ ବଁଚିତ୍ ଥିବାର ଅଭିଯୋଗ ହେଉଛେ। ଏନ୍ତା ଗୁଟେ ଘଟନା ଦେଖବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗାଁର ଜୟଭୀମ କଲୋନୀ ପଡ଼ାରେ। ସୂଚନା ଅନ୍‌ସାରେ କଲୋନୀ ପଡ଼ାର କାଳିନ୍ଦ୍ରୀ ସୁନା(୫୭)। ସେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ଝନେ ଉପାସକ୍ ଆର ନାଁକରା କଳାକାର ଆଏ। ସେନ୍ତା ସେ ଏକାଧାରରେ ପାରଂପରିକ ପୁରନା ଗୀତ ଆର ଆଧୁନିକ୍ ଗୀତ୍‌ର ଗାହାକ ଆର ଲେଖକ୍ ଆଏ। ଇଥିରଲାଗି ୧୯୯୯ ସାଲେ ବଲାଙ୍ଗୀର ଲୋକ ଉଛବ୍‌ରେ ସଂସ୍କୃତି ଓ ପର୍ଯ୍ୟଟନ ଆର ପଁଚେତିରାଜ ବିଭାଗ ତରଫୁ ଝନେ ନାଁକରା କଳାକାର ହିସାବେ ସେ ମାନ୍‌ପତର ସଂଗେ ପୁରସ୍କୃରୁତ ହେଇଛନ୍। ଏନ୍ତା କି ସେ ୨୦୧୯ ସାଲେ ପଶ୍ଚିମ ଓଡ଼ିଶା ସାଂସ୍କୃତିକ କଳା ପରିଷଦ ଓଡ଼ିଶା ତରଫୁ ପଶ୍ଚିମ ଓଡ଼ିଶା କଳା ପ୍ରତିଭା ସନ୍‌ମାନ ପାଇଛନ୍। କଣ୍ଟାବାଞ୍ଜି ଲୋକ ମହୋଛବ, ଡାଲଖାଇ ସାଂସ୍କୃତିକ କଳା ପରିଷଦ ଚାରିଟେବୁଲ ଟ୍ରଷ୍ଟ, କଳଙ୍ଗାଦଣ୍ଡା ଓ ଲୋକନୃତ୍ୟ ଦଳ, ପଶ୍ଚିମ ଓଡ଼ିଶା ଲୋକକଳା ପୁନରୁଦ୍ଧାର ପରିଷଦରୁ ନାଁକରା କଳାକାର ହିସାବେ ସେ ମାନ୍‌ପତର ପାଇଛନ୍। ସବୁଥିରୁ ବଡ଼ କଥା ହେଉଛେ ସେ ସନ୍ଥକବି ଭୀମଭୋଇ ସାଂସ୍କୃତିକ ଅନୁଷ୍ଠାନ ଆର ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କର ତରଫୁ ତାହାକୁ ନୂଆପଡ଼ାନେ ଗଲା ୧୬।୧।୨୦୧୯ରେ ମାନପତର ଦେଇ ସନାମନା କରାଯାଇଛେ। ଏନ୍ତା ଅନେକ ଅନୁଷ୍ଠାନ ତରଫୁ ସେ ଝନେ ନାଁକରା କଳାକାର ହିସାବେ ପରଶଁସା ସାଉଁଟିଛନ୍। ହେଲେ ଦୁଖର କଥା ଆଏଜ୍‌ତକ ସେ ସରକାରଙ୍କର କଳାକାର ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଏହେଦ୍‌କା ସେ ମାଏକିନା ଚମ୍ପାବତୀ, ଦୁଇ ଝିଁ ନମିତା ଆର ରୁଚିତା(ଦିବ୍ୟାଙ୍ଗ)କୁଁ ନେଇ ଲାଠୋରରେ ରହୁଛନ୍। ସରକାରୀ ସାହାଯ୍ କହେଲେ ଆବାସ ଯୋଜନାରେ ଘରଖଁଡ଼େ, ପଁଚେତ୍‌ରୁ ମାସିକ ମିଳୁଥିବାର ୧୫ କେ.ଜି. ଚାଉଲ ଆର ଦିବ୍ୟାଙ୍ଗ ଝିଁ ପାଉଥିବାର ୫ଶହ ଟଁକା ଭତା। ଇଦିଗେଜିଲାପରଶାସନଦୁରୁଷ୍ଟିଦେଇ କାଳିନ୍ଦି ସୁନାକୁଁ କଳାକାର ଭତା ଆର ତାକର ଦିବ୍ୟାଙ୍ଗ ଝିଁକେ ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।


## କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
ଓଡ଼ିଶା ଶାସନ
DSPL-151

**ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।**

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଲି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



**ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଜିଲାସ୍ତରୀୟ ବୁଦ୍ଧିଜ୍ଞାନ ପରୀକ୍ଷା

**ନୂଆପଡା ଅଫିସ,୧୬।୧୧-** ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ଜିଲାସ୍ତରୀୟ ବୁଦ୍ଧିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ବିଚାରକ ଭାବେ ସୁଶାନ୍ତ ଯୋଷୀ, ପ୍ରମୁଲା କୁଣ୍ଡୁ, ଗିରିଧାରୀ ସା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ବିଭାଗ ଏବଂ କନିଷ୍ଠ ବିଭାଗରେ ପରୀକ୍ଷା ହୋଇଥିଲା। ବରିଷ୍ଠ ବିଭାଗରେ ୫୩ଜଣ ଏବଂ କନିଷ୍ଠ ବିଭାଗରେ ୨୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କନିଷ୍ଠ ବିଭାଗରେ ସୁମିତ ବାଗ ପ୍ରଥମ, ପ୍ରଦୀପ ଅଘରିଆ ଦ୍ୱିତୀୟ, ରାମା ଗୌଡ ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ । ବରିଷ୍ଠ ବିଭାଗରେ ଡେଭିଡ ଚନ୍ଦ୍ରକାର ପ୍ରଥମ, ଚୂଡାମଣୀ ବାଗ ଦ୍ୱିତୀୟ ଏବଂ ଗାରିମା ଦେଶ ମୁଖ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ । କାର୍ଯ୍ୟକ୍ରମ ଶେଷରେ ତୋର୍ଗା ହାଇସ୍କୁଲ ପ୍ରଧାନଶିକ୍ଷକ କିଶୋର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

### ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବୋଡେନ,୧୬।୧୧(ଡି.ଏନ.ଏ.)-** ନୂଆପଡ଼ା ଜିଲା ବୋଡେନ ହାଇସ୍କୁଲ ପଡିଆଠାରେ ଶନିବାର ବୋଡେନ ସରସ୍ୱତୀ ଶିଶୁ ମନ୍ଦିରର ଏକ ବିଶଂତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ସମିତି ସଭ୍ୟ ସୌଦାଗର ସାହୁ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତୋପସିଂ ମାଝି ପ୍ରମୁଖ ଉପସ୍ଥିତ ହୋଇଥିଲେ। ଏଥିରେ ବିଦ୍ୟାଳୟ ସମ୍ପାଦକ ହରିସିଂ ମାଝି ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତଯୋଗିତା ଅଂଶ ଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟ ଗୁରୁଜିଗୁରୁମା, ପରିଚାଳନା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି, ସମ୍ମାନିତ ଅତିଥି ଭାବେ ନୂଆପଡା ବିଭାଗ ପ୍ରମୁଖ ଗୟାଧର ମହାନ୍ତି, ବିଦ୍ୟାଳୟ ସଭାପତି ସୁଜନେଶ୍ୱର ସଂ ମଲ୍ଲିକ ପ୍ରମୁଖ ସମସ୍ତେ ଉପସ୍ଥିତ ହୋଇଥିଲେ। ବିଦ୍ୟାଳୟ ପ୍ରଧାନ ଗୁରୁଜି ତ୍ରିନାଥ ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବିଦ୍ୟାଳୟ ସହସମ୍ପାଦକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଗୁରୁଜି ସଶା ହରିଜନ ପରିଚାଳନା କରିଥିଲେ। କ୍ରୀଡା ପ୍ରମୁଖ ରଞ୍ଜନ ହଂସଙ୍କ ପରିଚାଳିତରେ ହୋଇଥିଲା।

ସିନାପାଲିକୁ ଏନଏସି ମାନ୍ୟତା ଦାବି

# ସଦର କାପସି ଗ୍ରାମବାସୀଙ୍କ ବିରୋଧ

ସିନାପାଲି ବିଡିଓ, ତହସିଲଦାର, ଥାନା ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର

**ସିନାପାଲି,୧୬।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ସହରକୁ ଏନଏସି ମାନ୍ୟତା ଦାବିରେ ଗତ ଶୁକ୍ରବାର ସିନାପାଲି ନାଗରିକ କମିଟି ସିନାପାଲି ସହରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରିଥିଲା। ଅନ୍ୟପଟେ ସଦର କାପସି ଗ୍ରାମର ଜନସାଧାରଣ ଏହାକୁ ବିରୋଧ କରିବା ସହ କାପସି ଓ ସରଧାପୁର ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ ଦାବି କରି ସିନାପାଲି ବିଡିଓ, ତହସିଲଦାର ଓ ସିନାପାଲି ଥାନା ଅଧିକାରୀଙ୍କ ଜରିଆରେ ନୂଆପଡା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖଥିବା ଅନୁସାରେ କାପସି ଗ୍ରାମର ଜନସଂଖ୍ୟା ୨ ହଜାରରୁ ଊର୍ଦ୍ଧ୍ୱ । ଏଠାରେ ସିନାପାଲି ଜୁନିୟର କଲେଜ, ଡିଗ୍ରୀ କଲେଜ, ମା' ଦ୍ରୋପଦୀ ଜଗତ ମହିଳା ମହାବିଦ୍ୟାଳୟ, ଗୋଷ୍ଠୀ ଚିକିତ୍ସା କେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଜେଏମଏଫସି କୋର୍ଟ ଆଦି ରହିଛି । ଏହି କାର୍ଯ୍ୟାଳୟକୁ ସଂଲଗ୍ନ କରି ସରଧାପୁର ଗ୍ରାମ ମଧ ରହିଛି । ଏହିଗୁଡିକର ସମ୍ମିଶ୍ରଣରେ କାପସି ଗ୍ରାମଠାରେ ନୂତନ ପଞ୍ଚାୟତ ଗଠନ କରାଯାଇ ଏହାର କାର୍ଯ୍ୟାଳୟ ଡାକ୍ତରଖାନା ନିକଟରେ ନିର୍ମାଣ କରିବାକୁ ଦୃଢ଼ ଦାବି କରିଛନ୍ତି । ଏପରି କି ସିନାପାଲି ଗ୍ରାମପଞ୍ଚାୟତରେ ଆମ ଗାଁ ରହିଥିବା ବେଳେ ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏବେବି ସଦର ପଞ୍ଚାୟତରେ ରହି ମଧ ଅବହେଳାର ଶୀକାର ହେବାକୁ ପଡୁଛି ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ପ୍ରକାଶଯୋଗ୍ୟ ଯେ, ସିନାପାଲି ସହରକୁ ଏନଏସି ମାନ୍ୟତା ଦାବି ନେଇ ବହୁବାର ଆନ୍ଦୋଳନ କରିବା ସହ ଗତ ଶୁକ୍ରବାର ସିନାପାଲିରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବା ସହ ସିନାପାଲି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ସିନାପାଲିକୁ ଏନଏସି ମାନ୍ୟତା ପାଇବାକୁ ହେଲେ ସିନାପାଲି ସମେତ କାପସି, ଗେଡାଳ, ଯୁଗେନପଦର, ପଲସାପଡା ଗ୍ରାମକୁ ନେଇ ଜନସଂଖ୍ୟା ଭିତ୍ତିରେ ଦାବି ପୂର୍ବରୁ ଜଣାଇ ଆସୁଛନ୍ତି । ହେଲେ କାପସିର ଜନସାଧାରଣ ଏହାକୁ ବିରୋଧ କରିବା ସହ ଏକ ନୂତନ ପଞ୍ଚାୟତ ଗଠନ ଦାବି କରିବା ଯୋଗୁ ଏନଏସି ଘୋଷଣାକୁ ନେଇ ଏବେ ଦ୍ୱନ୍ଦ ଉପୁଜିବାରେ ଲାଗିଛି । ଏ ସମ୍ପର୍କରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ କାପସି ଜନସାଧାରଣଙ୍କ ଦାବିପତ୍ର ଗ୍ରହଣ କରି ଜିଲାପାଳଙ୍କୁ ପ୍ରେରଣ କରାଯାଇଛି । ଯାହା ନିଷ୍ପତ୍ତି ନେବେ ଜିଲାପାଳ ବୋଲି କହିଛନ୍ତି ।



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କାପସି ଗ୍ରାମବାସୀ ।

# ଅନ୍ୱେଷା କେନ୍ଦ୍ରରେ ୩ ଶିଶୁ ଅସୁସ୍ଥ

**ନୂଆପଡ଼ା ଅଫିସ,୧୬।୧୧**

ସ୍ଥାନୀୟ ଗୋଡତରସ୍ଥିତ କାନଚନବେନ ପବ୍ଲିକ ସ୍କୁଲରେ ଚାଲିଥିବା ଅନ୍ୱେଷା କେନ୍ଦ୍ରରେ ପ୍ରାର୍ଥନା ଶ୍ରେଣୀରେ ୩ ଶିଶୁ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି। ଶିଶୁମାନେ ହେଲେ ୪ର୍ଥ ଶ୍ରେଣୀରେ ପାଠ ପଢୁଥିବା ଡିଲେମଣୀ ଚିନ୍ଦା। ତାଙ୍କ ନିଜ ଗାଁ କୋମନା ବ୍ଲକର କୁଞ୍ଜାଲପଡା ବୋଲି ଜଣାପଡିଛି। ଏହିଭଳି ମୋଟା ନୂଆପଡାର ୪ର୍ଥ ଶ୍ରେଣୀ ଛାତ୍ରୀ ବୈଷ୍ଣବୀ ମାଝି, ୫ମ ଶ୍ରେଣୀ ଛାତ୍ରୀ ରାଜମତି କେଉଁଟ। ଏମାନେ ପ୍ରତିଦିନ ଜଳଖିଆରେ ସୁଜି ଖାଇ ଆସୁଥିବା ହେତୁ ପେଟ ସହ ମୁଣ୍ଡ ବ୍ୟଥା ହୋଇଥିବା ଶିଶୁମାନେ କହିଛନ୍ତି। ଶୁକ୍ରବାର ବୈଷ୍ଣବୀ ଏବଂ ରାଜମତିଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ବେଳେ ଶନିବାର ଡିଲେମଣୀ ପ୍ରାର୍ଥନା ଶ୍ରେଣୀରେ ମୁଣ୍ଡ ବୁଲାଇ ତଳେ ପଡିଯିବା ପରେ ତାଙ୍କୁ ନୂଆପଡାକୁ ଆଣି ଭର୍ତ୍ତି କରାଯାଇଛି। ଏହା ଉପରେ ପରିଚାଳକ ଜୟ ଢୋଲକିଆଙ୍କୁ ଫୋନ ଯୋଗେ ପଚାରିବାରେ ଏହା ଉପରେ ଆମେ ଦୃଷ୍ଟି ରଖିଛୁ। ପିଲାଙ୍କ ଖାଦ୍ୟପେୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି ।

ଅନ୍ୱେଷା ଯୋଜନାରେ ଅନିୟମିତତା ଅଭିଯୋଗ

# ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉନାହିଁ

**ନୂଆପଡା ଅଫିସ,୧୬।୧୧**

ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଶିଶୁଙ୍କୁ ସିବିଏସଇ ପାଠ୍ୟକ୍ରମରେ ମୁକ୍ତ ଆବାସିକ ଶିକ୍ଷା ବ୍ୟବସ୍ଥା କରିବାକୁ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ଏଥିରେ ବିଭିନ୍ନ ଗାଇଡଲାଇନକୁ ବ୍ୟତିକ୍ରମ କରି ଶିଶୁଙ୍କୁ ଧାର୍ଯ୍ୟ ଖାଦ୍ୟ ଏବଂ ଆନୁଷଙ୍ଗିକ ସୁବିଧା ଦେଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ଖୋଦ ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜିଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହା ଉପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି ।

ପ୍ରକାଶ ଯେ, ଜିଲାରେ କାଞ୍ଚନବେନ ରସିକଲାଲ ପବ୍ଲିକ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ମୋଟ ୫୭୪ ଜଣ ଛାତ୍ରୀଛାତ୍ର ଆବାସିକ ଶିକ୍ଷାଗ୍ରହଣ କରୁଛନ୍ତି। ଏହିକ୍ରମରେ ଖାଦ୍ୟପେୟ ବ୍ୟବସ୍ଥା ସକାଶେ ପ୍ରତି ଶିଶୁ ପିଛା ବାର୍ଷିକ ୧୪ ହଜାର ଟଙ୍କା ସରକାର ଦେଉଥିବାବେଳେ ପାଠ୍ୟକ୍ରମ ସହ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ୨୫ ହଜାର ଟଙ୍କା ଅନୁଦାନ ଆସିଥାଏ। ହେଲେ ସବୁ ନିତିନିୟମକୁ ଭଣ୍ଡୁର କରି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ପିଲାଙ୍କୁ ମେନୁ ହିସାବରେ କୌଣସି ଖାଦ୍ୟ ପେୟ ଦିଆଯାଉ ନ ଥିବା କୁହାଯାଉଛି। ପିଲାଙ୍କୁ ପ୍ରତ୍ୟହ ସକାଳ ଜଳଖିଆ ଭାବେ କେବଳ ପୋହା ଏବଂ ସୁଜି ଦିଆଯାଉଥିବାବେଳେ ବର୍ଷର କୌଣସି ଦିନ ମାଛ କିମ୍ବା ମାଂସ ଦିଆଯାଉ ନ ଥିବା ଛାତ୍ରୀଛାତ୍ର ସ୍ପଷ୍ଟ କରିଛନ୍ତି। ତେବେ ଏହାକୁ ଭିତ୍ତିକରି ଯୁବ କଂଗ୍ରେସ ରବୀନ୍ଦ୍ର କୁମାର ମଙ୍ଗରାଜ ନିଜ ସହଯୋଗୀଙ୍କ ସହ ମିଶି ଶନିବାର ଅପରାହ୍ନରେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝିଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏହା ଉପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଅନୁରୋଧ କରିଛନ୍ତି । ଏହା ଉପରେ ତୁରନ୍ତ ଏକ କମିଟି ଗଠନ କରି ତଦନ୍ତ କରିବେ ବୋଲି ମଙ୍ଗଳ ଅଧିକାରୀ ମାଝି କହିଛନ୍ତି ।



ଜିଲା ମଙ୍ଗଳ ଅଧିକାରୀଙ୍କୁ ଯୁବ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଶିଶୁ ସୁରକ୍ଷାକୁ ନେଇ ଜିଲାସ୍ତରୀୟ କର୍ମଶାଳା

**ଖଡିଆଲ,୧୬।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଲସ୍ଥିତ ସ୍ୱୟଂ ଶକ୍ତି ହଲଠାରେ ଇନିସେଫ୍ ସହାୟତାରେ ସ୍ୱଚ୍ଛାସେବୀ ଅନୁଷ୍ଠାନ ସୃଷ୍ଟି ଦ୍ୱାରା ପ୍ରଣିତ ସିଆରସିର ୩୦ ବର୍ଷ ପୂରଣ ଉପଲକ୍ଷେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଶିଶୁମାନଙ୍କୁ ସମାଜରେ ଏକ ସୁରକ୍ଷିତ ବ୍ୟବସ୍ଥାରେ ରଖିବା ପାଇଁ ସବୁ ପ୍ରକାର ସୁବିଧା ଓ ସହଯୋଗ ଦିଆଯିବ ବୋଲି ସୃଷ୍ଟିର ସମ୍ପାଦକ ସମସ୍ତଙ୍କୁ ଅବଗତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ଅଧିକାରୀ ବଳଦେବ ରଥ ଏବଂ ଅନ୍ୟତମ ଅତିଥି ସିଡବ୍ଲୁସି ସଭ୍ୟ କୁମୁଦ ହୋତା ଯୋଗଦେଇଥିଲେ। ଏହି କର୍ମଶାଳାରେ ଜିଲା ଶିଶୁ ଅଧିକାରୀ ସରକାରଙ୍କ ବିଭିନ୍ନ ସୁରକ୍ଷା ଓ ବିକାଶ ଯୋଜନା ବିଷୟରେ ଅବଗତ କରିଥିଲେ ଏବଂ ଶିଶୁମାନଙ୍କ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି କହିଥିଲେ। ସେହିପରି ଶିଶୁମାନଙ୍କୁ ସୁରକ୍ଷିତ ବ୍ୟବସ୍ଥାରେ ରଖିବା ପାଇଁ ସିଡବ୍ଲୁସି ସବୁ ସହଯୋଗ କରିବ ଓ ଜିଲାର ଯେଉଁ ଶିଶୁମାନେ ଅସୁରକ୍ଷିତ ସେମାନେ ୧୦୯୮କୁ ଯୋଗାଯୋଗ କରି ତୁରନ୍ତ ସହଯୋଗ ପାଇ ପାରିବେ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଖଡିଆଳ ବ୍ଲକର ୩ଟି ପଞ୍ଚାୟତ ଯଥା ଭୁଲିଆସିକୁଆଁ, ବାଦି ଓ ଅରେଡାରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ନ ଥିବାରୁ ସଭା ଉଦବେଗ ପ୍ରକାଶ ପାଇଥିଲା। ଏହି ସଭାରେ ଉପସ୍ଥିତ ଥିବା ଜୁନାନୀ ଗାଁର ସ୍କୁଲ ଶିଶୁ କଳାକାରମାନଙ୍କ ଦ୍ୱାରା ବାଲ୍ୟ ବିବାହ ଉପରେ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା। କଳାକାରମାନଙ୍କୁ ସୃଷ୍ଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନ ଆଶୁତୋଷ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ନୂଆପଡା ଅଫିସ/କୋମନା, ୧୬।୧୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ କାଣ୍ଡେତରା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଲାଲ ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଗଣ୍ଡାମେର କ୍ଲଷ୍ଟର ସିଆରସିସି ବିନୋଦ କୁମାର ଭୋଇ ମୁଖ୍ୟବକ୍ତା, ମା' ବସ୍ତ୍ରାୟଣୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ମହତାବ ଗିରି, କଣ୍ଟାପାଲି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁଷମା ମହାଉତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୋଟ ୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

କୁନି କୁନି ଶିଶୁମାନଙ୍କ ମଧ୍ୟରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଥାଏ। ତାକୁ ପଦାକୁ ଆଣିବାକୁ ଏହି ଭଳି ମେଳାଗୁଡିକର ଆବଶ୍ୟକତା ରହିଥିବା ବକ୍ତାମାନେ କହିଥିଲେ। କାଣ୍ଡେତରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବୀନ କୁମାର ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ।







ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଗଣମାଧ୍ୟମକୁ ସଶକ୍ତ କରିବା ଆବଶ୍ୟକ

**ନୂଆପଡା ଅଫିସ,୧୬।୧୧**

**ଜାତୀୟ ପ୍ରେସ ଦିବସ**

ସଶକ୍ତ ଗଣମାଧ୍ୟମ ଦେଶର ଗଣତନ୍ତ୍ରକୁ ସୁଦୃଢ କରିପାରିବ। ଦେଶ ବିଭିନ୍ନ ଦିଗରେ ବିକାଶ କରି ଚାଲିଛି। ହେଲେ ଆଜିକୁ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ (ପ୍ରେସ)ର ସ୍ଥିତି ଦୋଦୁଲ୍ୟମାନ ହୋଇପଡିଛି । ଯଦିବା ଏହା ବର୍ତ୍ତମାନ ଦେଶର ପ୍ରଗତିରେ ପ୍ରମୁଖ ଭୂମିକା ରଖିଛି । ତଥାପି ଏହା ସଶକ୍ତି ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି । ଶନିବାର ସ୍ଥାନୀୟ ମୃତିକା ସଂରକ୍ଷଣ ବିଭାଗ ସଭାଗୃହରେ ଆୟୋଜିତ ଜାତୀୟ ପ୍ରେସ ଦିବସ ଅବସରରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଛନ୍ତି। ପୂର୍ବାହ୍ନ ୧୧ଟାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଉପଜିଲାପାଳ ତରଣୀସେନ ନାଏକ ମୁଖ୍ୟଅତିଥି, ଧରିତ୍ରୀ ପ୍ରତିନିଧି ତଥା ବରିଷ୍ଠ ଖବରଦାତା ଘନଶ୍ୟାମ ଭୋଇ ମୁଖ୍ୟବକ୍ତା, ଗଜେନ୍ଦ୍ର ନିଆଲ, ସୁରେନ୍ଦ୍ର ତିୱାରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଏହି ବର୍ଷ ପାଇଁ ସରକାର ରଖିଥିବା ଖବର ପ୍ରେରଣ, ତର୍ଜମା ଏକ ଯାତ୍ରା ଶୀର୍ଷକ ବିଷୟରେ ବକ୍ତାମାନେ ମତ ରଖି କହିଥିଲେ ଯେ ଦିନ ଥିଲା ଚିଠି ମାଧ୍ୟମରେ ଖବରଦାତା ଖବର ପ୍ରେରଣ କରୁଥିଲା । ବହୁ ବିଳମ୍ବରେ ତର୍ଜମା ହେଉଥିଲା । ହେଲେ ଦିନକୁ ଦିନ ଟେକ୍ନୋଲଜି ଯେତିକି ଆଗକୁ ଆସିଛି ଛାପା ହେଉକି ବୈଦ୍ୟୁତିକ ଗଣମାଧ୍ୟମ ମଧ୍ୟ ସେତିକି ପରିମାର୍ଜିତ ଏବଂ ବିକାଶ ଆଡକୁ ଯାଇଛି। ଆଜିର ଦିନରେ ପ୍ରେସ ଯେତିକି ମୁକ୍ତ ଏବଂ ଅବାଧ ହେବା କଥା ବିଭିନ୍ନ ସମୟରେ କଣ୍ଠରୋଧ କରିବାର ଉଦ୍ୟମ ହୋଇଥାଏ। ସେଥିପାଇଁ ସରକାରଙ୍କ ତରଫରୁ ସୁରକ୍ଷା ବ୍ୟବସ୍ଥା କଡାକଡି ରହିବା ଜରୁରୀ ହୋଇପଡିଛି। ସେହିଭଳି ଏହି କ୍ଷେତ୍ରରେ କାମ କରୁଥିବା ବୁଦ୍ଧିଜୀବୀମାନଙ୍କ ସବୁପ୍ରକାରସ୍ଥିତି ପ୍ରତି ସରକାର ଯତ୍ନବାନ ହେବାକୁ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ବରିଷ୍ଠ ଏବଂ ପ୍ରତିଷ୍ଠିତ ଖବରଦାତାମାନେ ଯୋଗଦେଇଥିଲେ। ଏଥିରେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।

ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଲି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920

facebook.com/HFWOdisha http://www.health.odisha.gov.in/ @HFWOdisha



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ଟ୍ରେନରେ କଟି ମହିଳାଙ୍କ ମୃତ୍ୟୁ

**ଟିଟିଲାଗଡ଼,୧୬।୧୧(ଡି.ଏନ.ଏ.):** ଟିଟିଲାଗଡ଼-କେସିଙ୍ଗା ରେଳ ଧାରଣାରେ ଶନିବାର ଟ୍ରେନରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ହେଲେ ମହିଳାଙ୍କ ପରିଚୟ ଜଣାପଡି ନାହିଁ। ତାଙ୍କ ବୟସ ୫୦ ବର୍ଷ ମଧ୍ୟରେ ହେବ ବୋଲି ଜିଆର୍‌ପି ପୋଲିସ ଅନୁମାନ କରୁଛି। ନାନ୍ଦେଡ- ସମ୍ବଲପୁର ଟ୍ରେନ(ନଂ. ୨୦୮୦୯)ରେ ମହିଳା ଜଣକ କଟି ଯାଇଥିବା ଜିଆର୍‌ପି ଏଏସ୍‌ଆଇ ପଦ୍ମଲୋଚନ ଖର୍ସେଲ ସୂଚନା ଦେଇଛନ୍ତି। ଜିଆର୍‌ପି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଟିଟିଲାଗଡ଼ ଜିଆର୍‌ପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୩୩/୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ଅବକାରୀ ବିଭାଗର ଚଢାଉ: ୨ ଗିରଫ

**କଣ୍ଟାବାଞ୍ଜି,୧୬।୧୧(ଡି.ଏନ୍.ଏ.):** କଣ୍ଟାବାଞ୍ଜି ଅବକାରୀ ବିଭାଗ ତୁରେକେଲା ଥାନା ଅଧୀନ ମହୁଲବାହାଲି ଚେରମେନ ପଡ଼ାରେ ଚଢାଉ କରି ୨୨ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ପବିତ୍ର ମାଝି(୩୨) ଓ ଉମାଶଙ୍କର ମେହେର(୪୦)। ଏନେଇ ଅବକାରୀ ବିଭାଗ ପୃଥକ ୨ଟି ମାମଲା(ନଂ. ୫୨/୧୯ ଏବଂ ୫୩/୧୯) ରୁଜୁକରି ଗିରଫ ପବିତ୍ର ଏବଂ ଉମାଶଙ୍କରଙ୍କୁ କୋର୍ଟ ଚାଲାଣ କରିଛି। ଚଢାଉରେ କଣ୍ଟାବାଞ୍ଜି ଅବକାରୀ ଥାନା ଅଧିକାରୀ ସୁବେନ୍ଦ ନାଗ, ଏଏସ୍‌ଆଇ ଅଲେଖ ପୁଟେଲ, ଏସ.ଡି.କୁଅଁର, ଗୀତାଞ୍ଜଳି କୁମ୍ଭାର, ଜତିନ କୁମାର ଦୀପ, ତୁଲେଶ୍ୱର ଖୁରା, ପ୍ରଫୁଲ୍ଲା ନାଗ, ମମତା ବେହେରା ପ୍ରମୁଖ ସାମିଲ ଥିଲେ।

### ପୋଷାକ ବଣ୍ଟନ ଉତ୍ସବ

**ଲାଠୋର,୧୬।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଅଙ୍ଗନ୍‌ୱାଡି କେନ୍ଦ୍ରଠାରେ ଗୁରୁବାର କେନ୍ଦ୍ର ଯାଞ୍ଚ କମିଟିର ସଭାପତି ସୁରେଶ କୁମୁରାଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳନ ସହ ପ୍ରିସ୍କୁଲ ଶିଶୁମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ନାଏବ ସରପଞ୍ଚ ସୁଶାନ୍ତ ନାଗ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ୱାର୍ଡ ମେମ୍ବର ଗୌରି ଛତ୍ରିଆ, ମାତୃ କମିଟି ସଦସ୍ୟା ସୁମିତ୍ରା ନାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ସରପଞ୍ଚ ଶିଶୁମାନଙ୍କ ପ୍ରତି ଯତ୍ନ ସହ ଅଙ୍ଗନୱାଡି କେନ୍ଦ୍ରର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଭିଭାବକମାନେ ନିଜ ଶିଶୁମାନଙ୍କୁ ନେହେରୁଙ୍କ ବେଶରେ ସଜେଇ ଅଙ୍ଗନୱାଡି କେନ୍ଦ୍ରକୁ ଆଣିଥିଲେ। ଯାହାକି ଉପସ୍ଥିତ ଅତିଥି ଏବଂ ଜନସାଧାରଣଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ୪୦ଜଣ ଶିଶୁଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ସେହିପରି ଲାଠୋର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣି ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବରିଷ୍ଠ ମଞ୍ଚ କଳାକାରଙ୍କ ପରଲୋକ

**ଦେଓଗାଁ,୧୬।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ଅନ୍ତର୍ଗତ ଦେଓଗାଁର ବରିଷ୍ଠ ମଞ୍ଚ କଳାକାର ଦାଶରଥି ମହାନ୍ତି(୭୫)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ଯୋଗୀସାଗର ନିକଟରେ ତାଙ୍କର ଅନ୍ତିମ ଶତ୍କାର କରାଯାଇଥିଲା। ବଡ ପୁଅ ରଜନୀକାନ୍ତ ମହାନ୍ତି ମୁଖାଗ୍ନି ଦେଇଥିଲେ।

# କୂଅରୁ ହକରଙ୍କ ଗଳିତ ମୃତଦେହ ଉଦ୍ଧାର

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**କଣ୍ଟାବାଞ୍ଜି,୧୬।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆଶ୍ରମପଡ଼ାସ୍ଥିତ ରାଧାସ୍ୱାମୀ ସତ୍‌ସଙ୍ଗ ଆଶ୍ରମ ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରୁ କଣ୍ଟାବାଞ୍ଜି ପୋଲିସ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ସେ ହେଲେ କଣ୍ଟାବାଞ୍ଜି ଆନନ୍ଦନଗରରେ ରହୁଥିବା କମଲ ବାଗ(୨୫)। ସେ ବିଭିନ୍ନ ଖବର କାଗଜର ହକକକର ଭାବେ କାମ କରୁଥିଲେ। ଅନ୍ୟପକ୍ଷେ କମଲଙ୍କ ବଡ ଭାଇ ନିଳକଣ୍ଠ ବାଗ ଭାଇ କମଳଙ୍କୁ ଯୋଜନା ମୁତାବକ ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା (ନଂ.୨୬୬/୨୦୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

ସୂଚନା ଯୋଗ୍ୟ କମଲ ବାଗ ୧୦ରୁ ୧୨ବର୍ଷ ହେଲା ବିଭିନ୍ନ ଖବର କାଗଜର ହକର ଭାବେ କାମ କରି ଆସୁଥିଲେ। ଗତ ୧୧ତାରିଖ ରାତିରୁ ସେ ନିଖୋଜ ହୋଇଯାଇଥିଲେ।



କମଲ ବାଗ (ଫାଇଲ ଫଟୋ)।

ପରିବାର ଲୋକେ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ଏନେଇ ପରିବାର ଲୋକେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା(ନଂ. ୩୨/୨୦୧୯) ରୁଜୁକରି ତଦନ୍ତ ଚଳାଇଥିଲା। ହେଲେ ଶୁକ୍ରବାର ସନ୍ଧ୍ୟାରେ ରାଧାସ୍ୱାମୀ ଆଶ୍ରମର ବିଜୟ ଶର୍ମା ସ୍ଥାନୀୟ ଜଣେ ଖବରଦାତାଙ୍କୁ ପରିତ୍ୟକ୍ତ କୂଅରୁ ଦୁର୍ଗନ୍ଧ ବାହାରୁଥିବା ଜଣାଇଥିଲେ। ଏନେଇ ଖବରଦାତା



ପୋଲିସ ଅଧିକାରୀମାନେ ଘଟଣାର ତଦନ୍ତ କରୁଛନ୍ତି।

ପୋଲିସକୁ ଜଣାଇଥିଲେ। ପରେ କଣ୍ଟାବାଞ୍ଜି ଥାନା ଆଇଆଇସି ବିଜୟା ନନ୍ଦ କରକରା ଏବଂ ସବ୍‌ଇନ୍ସପେକ୍ଟର ମୁର୍ମୁ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଶନିବାର ସକାଳେ କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି କରକରା, ତୁରେକେଲା ଆଇଆଇସି ସତ୍ୟଜିତ କାଣ୍ଡେଲକର, ଏସ୍‌ଆଇ ପ୍ରଣୟ ମୁର୍ମୁଙ୍କ ସହ ବଲାଙ୍ଗୀର ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗ କର୍ମଚାରୀ ପରିତ୍ୟକ୍ତ କୂଅରୁ ମୃତଦେହ ଉଦ୍ଧାର କରିବା ପରେ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ୬ଦିନ ତଳେ କମଲଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଥିବା ବେଳେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଜଣାପଡିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତା

# ପ୍ରମୋଦ ପ୍ରଥମ

**ଟିକ୍ରାପଡ଼ା,୧୬।୧୧(ଡି.ଏନ୍.ଏ.)**

ଭୁବନଶ୍ୱରରେ ଅନୁଷ୍ଠିତ ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତାରେ ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଅଧୀନ ଦେଓଗାଁସ୍ଥିତ ଗୁରୁକୁଳ ସପ୍ତର୍ଷି ସେବାଶ୍ରମର ପ୍ରମୋଦ ପରାଭୁଏ ରାଜ୍ୟସ୍ତରରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରମୋଦଙ୍କ ସଫଳତା ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ୨ ଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକର ଟେଲେଣ୍ଟ ହଣ୍ଟ ପ୍ରତିଯୋଗିତାରେ ଯୋଗାସନ ପ୍ରଦର୍ଶନ କରି ପ୍ରମୋଦ ପ୍ରଥମ ହୋଇଥିଲେ। ଶିଶୁ ଦିବସ ଦିନ ଭୁବନେଶ୍ୱରର ଜୟଦେବ ଭବନଠାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ପ୍ରମୋଦଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଗୁରୁକୁଳ ସପ୍ତର୍ଷି ସେବାଶ୍ରମ ସଂସ୍ଥାପକ ପଣ୍ଡିତ ସହଦେବ ଶାସ୍ତ୍ରୀ ଓ ଅନ୍ତେବାସୀମାନେ ପ୍ରମୋଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।




ଭୁବନେଶ୍ୱରର ଜୟଦେବ ଭବନଠାରେ ମନ୍ତ୍ରୀ ଟୁକୁନି ସାହୁ ପ୍ରମୋଦଙ୍କୁ ପୁରସ୍କୃତ କରୁଛନ୍ତି।

### ଜରାସିଂହାରେ ଧାନମଣ୍ଡି ଉଦ୍‌ଘାଟିତ

# ପ୍ରଥମ ଦିନରେ ୪୨ କୁଇଣ୍ଟାଲ ଧାନ ଉଠିଲା

**ଦେଓଗାଁ,୧୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା କୃଷି ସେବା ସମବାୟ ସମିତି ପରିସରରେ ଶୁକ୍ରବାର ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ପେକ୍ସ ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଡିଏମ୍ ପରକ୍ଷୀତ ସେଠୀ, ସମ୍ମାନିତ ଅତିଥିଭାବେ ଅଭିରାମ ପ୍ରଧାନ, ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବ୍ଲକ ଯୋଗାଣ ଅଧିକାରୀ ପ୍ରଭାତ କୁମାର ଦାଶ,ଏଆର୍‌ସିଏସ୍ ଗଜେନ୍ଦ୍ର ପଣ୍ଡା, ଏସ୍‌ଏଆର୍‌ସିଏସ୍ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଚଳିତ ବର୍ଷ କିପରି ଚାଷୀମାନେ ସୁବିଧାରେ ଧାନ ବିକ୍ରୟ କରିପାରିବେ ସେନେଇ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ଥାନୀୟ ମିଲ ମାଲିକମାନେ ଉପସ୍ଥିତ ରହି ବିଭାଗ ପକ୍ଷରୁ ଏଫଏକ୍ୟୁମାନର ଧାନ ନିର୍ଣ୍ଣୟ କରିବା ପାଇଁ ଦାବି ଉଠାଇଥିଲେ। ମଣ୍ଡିର ପ୍ରଥମ ଦିବସରେ ପ୍ରଥମ ଚାଷୀ ଭାବେ କୁଲିଆବାହାଲ ଗ୍ରାମର ପଦ୍ମନାଭ ସିଂ ଚିନ୍ଦାଙ୍କଠାରୁ ୪୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଆନନ୍ଦ କୁମାର ବେହେରା, କୃଷି ବିଭାଗ ଅଧିକାରୀ, ସମବାୟ ବିଭାଗର କର୍ମଚାରୀ, ଆରଏମସିର ଅଧିକାରୀ ବୃନ୍ଦ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ପେକ୍ସ ସମ୍ପାଦକ ମୋତିଲାଲ ବରର୍ତ୍ତୀ, ଲିଲୁ ସିଂ ତଥା କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।



ଜରାସିଂହାପେକ୍ସରେ ଜିଲାସ୍ତରୀୟ ଧାନମଣ୍ଡିକୁ ଏଡିଏମ୍ ଉଦ୍‌ଘାଟନ କରୁଛନ୍ତି।

### ବଲାଙ୍ଗୀର ନବୋଦୟ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

**ବେଲପଡ଼ା, ୧୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମ୍ବଲପୁର ନବୋଦୟ ବିଦ୍ୟାଳୟଠାରେ ଅନୁଷ୍ଠିତ ରିଜିଓନାଲ ଲେଭେଲ ବିଜ୍ଞାନ କଂଗ୍ରେସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳତା ହାସଲ କରିଛନ୍ତି। ସ୍ୱଚ୍ଛ ସବୁଜ ଏବଂ ସୁସ୍ଥ ରାଷ୍ଟ୍ର ନିର୍ମାଣରେ ବିଜ୍ଞାନ ଓ ପ୍ରଯୁକ୍ତି ଅନ୍ୱେଷଣ ବିଷୟରେ ଆଧାରିତ ପ୍ରକଳ୍ପକୁ ସିନିୟର ଗ୍ରୁପରୁ ଦଶମ ଶ୍ରେଣୀ ଛାତ୍ର ଅନିଶ ମିଶ୍ର ପ୍ରଦର୍ଶିତ କରି ପ୍ରଥମ ସ୍ଥାନ ଓ ଜୁନିୟର ଗ୍ରୁପରୁ ଅଷ୍ଟମ ଶ୍ରେଣୀ ଛାତ୍ର ଜାଗ୍ରତ ବେହେରା ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ଅଧିବେଶନରେ ୧୬ଟି ନବୋଦୟ ବିଦ୍ୟାଳୟର ୧ହାଜରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ଓମଣି କଣ୍ଡନମ କୃତୀ ଛାତ୍ର ତଥା ଗ୍ରୁପ ଲିଡରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ଜାତୀୟ ପ୍ରେସ ଦିବସ ପାଳିତ

**ସଇଁତଲା,୧୬।୧୧(ଡି.ଏନ୍.ଏ.)**

ସଇଁତଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏଥିରେ ସଇଁତଲା ବିଡିଓ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ବରିଷ୍ଠ ଖବରଦାତା ଦୟାନିଧି ସାହୁ ସମ୍ମାନିତ ଅତିଥି ଏବଂ ସମାଜିକ କର୍ମୀ ଗୌତମ କ୍ଷେତୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିର୍ଭିକତାର ସହ ଖବର ପରିବେଷଣ କରିବାକୁ ଖବରଦାତାମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଖବରଦାତା ଅଶୋକ ତ୍ରିପାଠୀ, ତରୁଣ ବେହେରା, ପ୍ରମୋଦ ସେଲମା, ଆଲୋକ ସାହୁ, ନାରାୟଣ ସାହୁ, ପ୍ରଦୀପ ବାଗ, ରାଖାଲ ପ୍ରସାଦ ଶତପଥୀ, ଅନି ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜିଲାସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ

## ବଲାଙ୍ଗୀରରୁ ଭୁବନେଶ୍ୱର ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ

**ଦେଓଗାଁ,୧୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଗୌରଗୋଠ ପଞ୍ଚାୟତ ପରିସରରେ ଶୁକ୍ରବାର ଜିଲା ଲୋକଉନ୍ନତି ସଂଗଠନ ପକ୍ଷରୁ ଜିଲାସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନ ସମ୍ପାଦକ ରୁପାଧର ପୁଟାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଏନ୍‌ଟିୟୁସି କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ମହିଳା ଶ୍ରମଜୀବୀ ମଞ୍ଚ ସଭାନେତ୍ରୀ ଶାନ୍ତୀ ଭୋଇ, ପ୍ରଫେସର ପ୍ରମୋଦ କୁମାର ବାଗ, ଚାଷୀ ମୂଳିଆ ସଂଘ ସଭାପତି ପ୍ରେମାନନ୍ଦ ଭୋଇ, ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ମିଶ୍ର, ବଡ଼ବାହାଲ ସରପଞ୍ଚ ଜୟ ରଣା ପ୍ରମୁଖ ଯୋଗଦେଇ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୌରଗୋଠରେ ସରକାରଙ୍କ ପକ୍ଷରୁ ଆୟୁର୍ବେଦ ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ଓ ସ୍ୱାସ୍ଥ୍ୟର ସଚେତନତା ବାର୍ତ୍ତା ନେଇ ସଂଗଠନ ପକ୍ଷରୁ ଏକ ସାଇକେଲ ଶେଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏଥିରେ ମହିଳା ଓ ପୁରୁଷ ସଦସ୍ୟ ଯୋଗ ଦେଇଛନ୍ତି। ଶୋଭାଯାତ୍ରା ଜିଲାର ବିଭିନ୍ନ ବ୍ଲକ ଗସ୍ତ କରି ଶିକ୍ଷା ଓ ସ୍ୱାସ୍ଥ୍ୟରସ୍ଥିତି ଅନୁଧ୍ୟାନ କରିବ। ଏପରି କି ଡିସେମ୍ବର ୧୦ତାରିଖରେ ମାନବାଧିକାର ଦିବସରେ ଶୋଭାଯାତ୍ରା ଭୁବନେଶ୍ୱରରେ ପହଞ୍ଚିବ ବୋଲି ସଂଗଠନ ସମ୍ପାଦକ ରୁପାଧର ପୁଟା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଆଦିବାସୀ ନେତା ଟଙ୍କଧର ଧରୁଆ, ଉପେନ୍ଦ୍ର ଧରୁଆ, ପିତାମ୍ବର ପଧାନ, ବିଶ୍ୱନାଥ ବାଗ, ହରିଶ୍ଚନ୍ଦ୍ର ପୁରନ୍ଦର, ବିକ୍ରମ, ପିଙ୍କୁଙ୍କ ସହ ସ୍ଥାନୀୟ ସମସ୍ତ ମହିଳା ସଂଗଠନ ସହଯୋଗ କରିଥିଲେ।



ଗୌରଗୋଠରେ ଜିଲାସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ ଅବସରରେ ମହିଳାମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉତ୍ସବ

**ଲାଠୋର,୧୬।୧୧(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ମାଲପଡ଼ା ଗ୍ରାମରେ ମୂଳ ନିବାସୀ ଛାତ୍ର ଓ ଯୁବ ସାମୁଖ୍ୟ ସଦସ୍ୟ ତନ୍ତ୍ର ଧରୁଆଙ୍କ ଅଧ୍ୟକ୍ଷତାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପଦେଷ୍ଟା ମୁକେଶ ସୁନା, ଶ୍ରୀପତି କୁମ୍ଭାର, ମହିଳା ସଂଘର୍ଷ ସମିତି ରାଜ୍ୟ ସଂଯୋଜିକା ସନ୍ଧ୍ୟାରାଣି ବାରିକ, ପୁଷ୍ପାଞ୍ଜଳି ଦଳପତି, ଶିକ୍ଷକ ଭୀଷ୍ମଦେବ ଧରୁଆ, ଗୁଗୁନ କୁଅଁର, ଜୟନ୍ତ ବୁଡେକ, ଧନପତି ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିର୍ସା ମୁଣ୍ଡା ଏବଂ ଡ. ଆମ୍ବେଡ଼କରଙ୍କ ଫଟୋ ଚିତ୍ରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶ୍ରୀଧର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନିଳାମ୍ବର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ଇଲେଭେନଷ୍ଟାର ସମ୍ବଲପୁର

**ଦେଓଗାଁ,୧୬।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅଧୀନ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ପଞ୍ଚମ ସୁରେନ୍ଦ୍ର ମେହେର ମେମୋରିଆଲ ଅଲ୍ ଓଡ଼ିଶା ଫୁଟବଏ ଟୁର୍ନାମେଣ୍ଟର ଶନିବାର ଏମ୍‌ପି କ୍ଲବ ଫୁଲବାଣୀ ଓ ଇଲେଭେନଷ୍ଟାର ସମ୍ବଲପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଲେଭେନଷ୍ଟାର ସମ୍ବଲପୁର ଦଳ ୨-୧ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ଶ୍ରୀବସ୍ତ ମେହେର, କୁନ୍ତେ ମେହେର, କୈଳାସ କର୍ତ୍ତି, ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ଏବଂ ପ୍ରମୋଦ କୁମାର ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାକ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ତଥା ସାଇଟର ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଯୋଗଦେଇ ଗ୍ରାମାଞ୍ଚଳରେ ମଧ୍ୟ ପ୍ରତିଭା ସମ୍ପନ୍ନ ଖେଳାଳି ରହିଛନ୍ତି। ସେମାନଙ୍କ ପ୍ରତିଭାର ବିକାଶ ପାଇଁ ଉତ୍ତମ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସଚ୍ଚିଦାନନ୍ଦ ପାଢୀ, ନିରଞ୍ଜନ ପୁଟେଲ, ଜରାସିଂହା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଆନନ୍ଦ ବେହେରା, ଦୁର୍ଗାପ୍ରସାଦ ସିଂ ଦେଓ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ନାମେଣ୍ଟକୁ ସମ୍ପାଦକ ସୁନ୍ଦରମଣି ଦଣ୍ଡସେନା, କୋଷାଧ୍ୟକ୍ଷ ଲିଲୁ ସିଂ ତଥା ବିଏନ୍‌ଏଏ ସଦସ୍ୟ ବୃନ୍ଦ ସହଯୋଗ କରୁଛନ୍ତି। ରବିବାର ଆମ୍ବେଡ଼କର କ୍ଲବ କୋରାପୁଟ ଓ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।



ଅତିଥିଙ୍କ ସହ ଖେଳାଳିମାନେ।

### ଜାତୀୟ ପ୍ରେସ ଦିବସରେ ଆଲୋଚନାଚକ୍ର

# ଖବର ପରିବେଷଣ ପର ସଂଶ୍ଳେଷଣ ଗୁରୁତ୍ୱପୂର୍ଣ୍ଣ

**ବଲାଙ୍ଗୀର ଅଫିସ, ୧୬।୧୧**

ବଲାଙ୍ଗୀର ଜିଲା ପ୍ରଶାସନ ଓ ଜିଲା ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ସନ୍ଦୀପ ମାଡକର୍ ଓ ସଂଘ ସାଧାରଣ ସମ୍ପାଦକ ବଳରାମ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ବିଷୟ ସମ୍ବାଦ ପରିବେଷଣ-ବ୍ୟାଖ୍ୟାନ: ଏକ ଅଭିଯାନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ।




କୃତୀ ପ୍ରତିଯୋଗୀଙ୍କ ସହ ଜାତୀୟ ପ୍ରେସ୍ ଦିବସର ଅତିଥିମାନେ।

ଆଲୋଚିତ ବିଷୟ ଉପରେ ଛାତ୍ରବକ୍ତା ସୁରଚିତା ଗୁରୁ, ସ୍ୱର୍ଣା ମିଶ୍ର, ଅଭିସ୍ମିତା ଶ୍ୟାମଳୀ ମିଶ୍ର, ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର, ହୃଷୀକେଶ ବାଗ, ଆନନ୍ଦଚନ୍ଦ୍ର ସାହୁ, ସତ୍ୟନାରାୟଣ ବେହେରା, ସତ୍ୟସୁନ୍ଦର ଭଞ୍ଜ, ଗୋପବନ୍ଧୁ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଭୂକଲ୍ୟାଣ ଗଡ଼ତ୍ୟା, ନରେଶ କୁମାର ସାହୁ, ବିଶ୍ୱଜିତ୍ ଦାଶ, ଚିତ୍ତରଞ୍ଜନ ମିଶ୍ର ଓ ମନୋରଞ୍ଜନ ଯୋଷୀ ବକ୍ତବ୍ୟ ରଖିଥିଲେ । ଖବର ପରିବେଷଣ- ବ୍ୟାଖ୍ୟାନ୍ : ଏକ ଅଭିଯାନ ଉପରେ ବକ୍ତବ୍ୟ ରଖି ଆଲୋଚକମାନେ କହିଥିଲେ ଯେ, ଖବରକୁ ବୁଝିବା ଓ ବୁଝାଇବା ଏକ ଦୁରୁହ ବ୍ୟାପାର । ତେବେ ଖବରଟିଏ ପରିପେଷଣ ହେଲା ପରେ ଏହାର ସଂଶ୍ଳେଷଣ ଆରମ୍ଭ ହୋଇଯାଏ। ଏହାକୁ ନେଇ ପାଠକ, ଜନସାଧାରଣ ଓ ବିଶ୍ଳେଷକମାନେ ଭିନ୍ନ ମତପୋଷଣ କରନ୍ତି । ଏଭଳି ନିଷ୍କର୍ଷ ବହୁ ଦିଗରୁ ଗୁରୁତ୍ୱପୂର୍ଣ୍ଣ । ଭାରତ ଭଳି ଗଣତାନ୍ତ୍ରିକ ଦେଶ ଓ ବିବିଧ ସଂସ୍କୃତି, ଧର୍ମ ଓ ଲୋକାଚାରର ଦେଶରେ ଗଣମାଧ୍ୟମ ଅନେକ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ଓ ଏହି ଅଭିଯାନ ବାସ୍ତବରେ ଆମକୁ ଅନେକ କିଛି ଶିକ୍ଷା ଦେଇଥାଏ ବୋଲି ଅତିଥି ଓ ଆଲୋଚକମାନେ ମତ ଦେଇଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶେଷରେ ପାର୍ଥବନ୍ଧୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ବେଦାନ୍ତ ପକ୍ଷରୁ ଶିଶୁ ଦିବସ, ଶିଶୁ ସମ୍ମିଳନୀ ଉଦ୍‌ଘାଟିତ

**ଭବାନୀପାଟଣା,୧୬।୧୧(ଡି.ଏନ.ଏ.)**- କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି। ଲାଞ୍ଜିଗଡ ନିୟମଗିରି ବେଦାନ୍ତ ନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ମୁଖ୍ୟ ପରିଚାଳନା ଅଧିକାରୀ ରାକେଶ ମୋହନ ମୁଖ୍ୟଅତିଥିଭାବେ ଯୋଗଦେଇ ଶିଶୁମାନେ ଦେଶର ଭବିଷ୍ୟତ, ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ତଥା କୁପୋଷଣ ଦୂର ପାଇଁ ବେଦାନ୍ତ ସଦାସର୍ବଦା ବିଭିନ୍ନ କାର୍ଯ୍ୟକ୍ରମମାନ ଜାରି ରଖିଛି ବୋଲି କହିଥିଲେ । ଏହି ଅବସରରେ ପ୍ରାଥମିକ ବିଦ୍ୟାଳୟ ଓ ଶିଶୁ ଯତ୍ନକେନ୍ଦ୍ରଗୁଡିକ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡି, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ତଥା ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଶିଶୁ ମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେହିପରି ଡିଏଭି ବେଦାନ୍ତ ଆର୍ନ୍ତଜାତୀୟ ବିଦ୍ୟାଳୟ ପକ୍ଷରୁ ଏକ ତିନି ଦିନିଆ ଶିଶୁ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି।

# ନିଲାମ ହେଉନି, ଚାଲିଛି ବାଲି ଚୋରାଚାଲାଣ

**କୁନାଗଡ,୧୬।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ତହସିଲରେ ଥିବା ବାଲିଘାଟଗୁଡିକ ନିଲାମ ହେଉ ନ ଥିବାରୁ ମନଇଚ୍ଛା ବାଲି ଚୋରାଚାଲାଣ ଚାଲିଛି। ଦିନ ଦ୍ୱିପହରେ ବାଲିମାଫିଆମାନେ ଟ୍ରାକ୍ଟର, ଜେସିବି ସାହାଯ୍ୟରେ ବାଲି ଚୋରାଚାଲାଣ କରୁଛନ୍ତି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। ଏଥିପ୍ରତି ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ବେଫିକର ହୋଇ ବସିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଜୁନାଗଡ ତହସିଲ ଅଧୀନରେ ଥିବା ବୋଦେଲ ହାତୀନଦୀ କୂଳ ଘାଟରେ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଘାଟକୁ ବିଭାଗ ପକ୍ଷରୁ ନିଲାମ କରାଯାଇ ନ ଥିବା କିମ୍ବା କାହାକୁ ଅସ୍ଥାୟୀ ପରମିଟ ଦିଆଯାଇ ନ ଥିବାରୁ ବାଲିମାଫିଆଙ୍କ ପାଇଁ ଏହା ସୁବିଧା ହୋଇଯାଇଛି। ପ୍ରତିଦିନ



ବୋଦେଲ ଘାଟରୁ ଜେସିବି ଲଗେଇ ବାଲି ଚୋରାଚାଲାଣ ଚାଲିଛି ।

ସ୍ଥାନୀୟ ବାଲିମାଫିଆମାନେ ଟ୍ରାକ୍ଟର ଯୋଗେ ଏଠାରୁ ଶହ ଶହ ଟ୍ରିପ ବାଲି ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଏପରି କି ବାଲିମାଫିଆମାନେ ଶୀଘ୍ର ବାଲି ଉଠାଣ କରିବା ପାଇଁ ଜେସିବି ଲଗେଇ ଥିବା ମଧ୍ୟ ଦେଖିବାକୁ ମିଳିଛି। ରାଜସ୍ୱ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏହା ଦିନକୁ ଦିନ ବଢିବାରେ ଲାଗିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଅତର୍କିତ ଚଢାଉ କରି ବାଲିମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଓ ଜୁନାଗଡ ଭାରପ୍ରାପ୍ତ ତହସିଲଦାର ପ୍ରଭାସ ବୁଡାୟକଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

**ଜୁନାଗଡ଼ ତହସିଲ**
- ବେଫିକର ରାଜସ୍ୱ ବିଭାଗ
- ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି

# ସରସ୍ୱତୀ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

**ଜୁନାଗଡ,୧୬।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଚାର୍ଯ୍ୟ ବିରଞ୍ଚି ନାରାୟଣ କୈବର୍ତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଚିଚୈଗୁଡା ସରପଞ୍ଚ ସୁଧିରା ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ମେହେର, ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ଗଜିନ୍ଦ୍ର ମେହେର ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ଯାଏ ମୋଟ ୩୮୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଦୌଡ ଡିଆଁ, ଗୋଲା ଫିଙ୍ଗା, ଥାଲି ଫିଙ୍ଗା ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ୧୬୨ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟ ଶାରୀରିକ ପ୍ରମୁଖ ରାଜେଶ ବେମାଲ ପରିଚାଳନା କରିଥିବା ବେଳେ ଅନ୍ୟ ଗୁରୁଜୀ, ଗୁରମାମାନେ ସହଯୋଗ କରିଥିଲେ।



କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିବୃନ୍ଦ ।



ଜୁନାଗଡ଼ ଆରଏମ୍‌ସିରେ ବରିଷ୍ଠ ନାଗରିକ ସଙ୍ଗଠନର ବୈଠକ ।

# ବରିଷ୍ଠ ନାଗରିକ ସଙ୍ଗଠନ ବୈଠକ

**ଜୁନାଗଡ,୧୬।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଆରଏମସି ସଭାଗୃହରେ ଶୁକ୍ରବାର ବରିଷ୍ଠ ନାଗରିକ ସଙ୍ଗଠନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ (ବିଏସଏସଓ) ତୁଷାର ରଞ୍ଜନ ସାହୁଙ୍କ ସମେତ ସଙ୍ଗଠନ ପଦାଧିକାରୀ ଓ ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ସରକାର ବରିଷ୍ଠ ନାଗରିକଙ୍କ ପାଇଁ କରିଥିବା ବିଭିନ୍ନ ସୁବିଧା ଓ ସୁଯୋଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ତୃଣମୂଳସ୍ତରରେ କିଭଳି ପହଞ୍ଚି ପାରିବ ଓ ଜନସାଧାରଣ ଏହାର ଲାଭ କିପରି ଉଠାଇ ପାରିବେ ସେ ନେଇ ଉପସ୍ଥିତ କର୍ମକର୍ତ୍ତା ଗୁରୁତ୍ୱାରୋପ କରିଥିଲେ। ଏହା ସହ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରିବାକୁ ସଙ୍ଗଠନ ପକ୍ଷରୁ ଉପସ୍ଥିତ ବିଏସଏସଓ ସାହୁଙ୍କୁ ନିବେଦନ କରାଯାଇଥିଲା। ପରେ ସଙ୍ଗଠନକୁ ପରିଚାଳନା କରିବା ପାଇଁ ଏକ ସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଈଶ୍ୱର ପୂଝାରୀ, ଉପସଭାପତି ଗୋଲକ ଚନ୍ଦ୍ର ମେହେର, ସମ୍ପାଦକ ଭୁବନେଶ୍ୱର ସାହୁ, ସହସମ୍ପାଦକ ଜୁଗଲ କିଶୋର ନାୟକ, ସଙ୍ଗଠନ ସମ୍ପାଦକ ବିମ୍ବାଧର ପ୍ରଧାନୀ, କୋଷାଧ୍ୟକ୍ଷ ଦିଲୀପ କୁମାର ମେହେର, ସଦସ୍ୟ କୃଷ୍ଣ ମୋହନ ପାଢି, ଆଦିତ୍ୟ କୁମାର ପଣ୍ଡା, ତୁଳସୀ ପ୍ରସାଦ ଗୁରୁ, ସରୋଜ କୁମାର ଭୋଇ, ଶ୍ରୀବତ୍ସ ମେହେର, ରାହାସ ବିହାରୀ ବେହେରା ପ୍ରମୁଖ ମନୋନୀତ ହୋଇଥିଲେ। ସେହିପରି ଖବରଦାତା ରଜନୀକାନ୍ତ ବୈଠାରୁଙ୍କୁ ମିଡିଆସେଲ ଦାୟିତ୍ୱ ଦିଆଯାଇଥିଲା।

କାୟାକଳ୍ପ ମୂଲ୍ୟାୟନ ପାଇଁ ପହଞ୍ଚିଲେ

# ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଦଳର ପରିଦର୍ଶନ

**କର୍ଲାମୁଣ୍ଡା,୧୬।୧୧(ଡି.ଏନ.ଏ.)**

**କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର କାୟାକଳ୍ପ ମୂଲ୍ୟାୟନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ପରିଦର୍ଶନରେ ଆସିଥିବା ଜଣାପଡିଛି। ପ୍ରତିନିଧି ଦଳ ଡାକ୍ତରଖାନାର ରୋଗୀ ସେବା, ପରିପାର୍ଶ୍ୱିକ ପରିସ୍ଥିତି, ପରିଷ୍କାର ପରିଚ୍ଛନ୍ନତା ଉପରେ ତଦନ୍ତ କରି ମୂଲ୍ୟାୟନ କରିଥିଲେ। ଏହି ଟିମରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡ. ସମ୍ବିତ କୁମାର ବେହେରା, ଡ. ଜ୍ଞାନରଞ୍ଜନ ପଧାନ, ମନ୍ମଥ କୁମାର ମହାନ୍ତି ଓ କଳାହାଣ୍ଡି ଜିଲା କାର୍ଯ୍ୟକ୍ରମ ପରିଚାଳକ ଅବନୀ ରଞ୍ଜନ ମହାପାତ୍ର, ଉପ ପରିଚାଳକ ବଭାନୀ ଶଙ୍କର ସାହୁ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁଧିର ପଣ୍ଡା, ସହରାଞ୍ଚଳ ଉପପ୍ରବନ୍ଧକ ନିହାର ଠାକୁର ପ୍ରମୁଖ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଡଃ ଆଶିଷ ଧରୁଆ, ଡ. ସୁନୀଲ କୁମାର ସେଠୀ, ଡଃ ଏସ.କେ ପଟେଲ, ବିପିଏମ ଅଜିତ ସିଂ କୁମାର, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ, ଫାର୍ମାସିଷ୍ଟ ପବିତ୍ର କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ପ୍ରତିନିଧି ଟିମ୍‌ଙ୍କ ସହ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ବୃନ୍ଦ।

# ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ ପକ୍ଷରୁ ଜାତୀୟ ପ୍ରେସ ଦିବସ

**କେସିଙ୍ଗା,୧୬।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ନିୟୁଷ୍ଟାର ସିନେପ୍ଲେକ୍ସଠାରେ ଜାତୀୟ ପ୍ରେସ ଦିବସ ୟୁନିୟନ ଜିଲା ସଭାପତି ନିରୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଜେଲ ସୁପରିଣ୍ଟେଣ୍ଡେଣ୍ଟ ମନୋରଞ୍ଜନ ପ୍ରତିହାରୀ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଜିଲାର ନାଟ୍ୟକାର ପ୍ରତାପ ଧଙ୍ଗଡାମାଝି ଯୋଗଦେଇଥିଲେ। ଅତିଥିଗଣ ସାମ୍ବାଦିକଙ୍କ ସୁରକ୍ଷା, ଜୀବନବୀମା, ସ୍ୱାସ୍ଥ୍ୟଗତ ବୀମା ଓ ଜାତୀୟ ପ୍ରେସ ଦିବସର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଶେଷରେ ଦୁଇଜଣ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ଓଡିଶା ଜର୍ଣ୍ଣାଲିଷ୍ଟ ୟୁନିୟନ ପକ୍ଷରୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ ଉକ୍ତ ୟୁନିୟନ ଉପସଭାପତି ତୁମେଶ୍ୱର ସାହୁ, ସଞ୍ଜୀବ ଦାଶ, ମଧୁ ସିଲୁର, ସନ୍ତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ନିରୋଜ ପଟ୍ଟନାୟକ ସଙ୍ଗଠନକୁ ସୁଦୃଢ଼ କରିବା ସହିତ ନୂତନ ସଭ୍ୟ ଗ୍ରହଣ କରିବା ପାଇଁ ପ୍ରକାଶ କରିଥିଲେ। ସମ୍ପାଦକ ସତ୍ୟନାରାୟଣ ପଣ୍ଡା (ଓକିଲ) ସାମ୍ବାଦିକମାନଙ୍କ ପ୍ରତି ଯେଉଁ ଆକ୍ରମଣ ହେଉଛି ସେମାନଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।





ଜାତୀୟ ପ୍ରେସ ଦିବସରେ ଉପସ୍ଥିତ ଅତିଥି ବୃନ୍ଦ ।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ

**ଭବାନୀପାଟଣା,୧୬।୧୧ (ଡି.ଏନ.ଏ.)**

ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ ଶିଶୁ ଦିବସ ଅବସରରେ ଶୁଭାରମ୍ଭ ହୋଇଛି। ସପ୍ତାହ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମରେ ବାହାରିଥିବା ଏକ ସଚେତନତା ରଥକୁ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରାଜେଶ ନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ ସମିତି ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଜେଜେବି ସଦସ୍ୟ ରୁପେଶ ହୋତା, ସଦସ୍ୟା ବସନ୍ତ ପଟ୍ଟନାୟକ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ସଚେତନତା ରଥ ଏକ ସପ୍ତାହ ଧରି ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଆଇନ ଅନୁମୋଦିତ ପୋଷ୍ୟସନ୍ତାନ ଗ୍ରହଣ ସମ୍ପର୍କରେ ଥିବା ବିଭିନ୍ନ ପ୍ରକ୍ରିୟା, ଆବେଦନ ଓ ଏଥି ନିମନ୍ତେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବ। ଆଇନ ଅନୁମୋଦିତ ଭାବେ ନିସନ୍ତାନ ଦମ୍ପତି ପୋଷ୍ୟ ସନ୍ତାନ ଆଇନ ଅନୁମୋଦିତ ପୋଷ୍ୟ ସନ୍ତାନ କେନ୍ଦ୍ରରୁ ଗ୍ରହଣ କରିପାରିବେ। ଏଥିପାଇଁ ଜିଲାରେ ଭବାନୀପାଟଣାର ନେହରୁ ସେବା ସଂଘ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଏଜେନ୍ସି ଏବଂ ଧର୍ମଗଡ ବ୍ଲକ ଗମ୍ଭୀରୀଗୁଡାରେ ଥିବା ଯଶୋଦା ଅନାଥାଶ୍ରମ ଆଇନ ଅନୁଯାୟୀ ଆବେଦନ କରି ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ। ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ କଲେ କୌଣସି ଅଭିଭାବକ କିମ୍ବା ପୋଷ୍ୟ ସନ୍ତାନ ହୋଇ ଯାଉଥିବା କୌଣସି ପୁଅଝିଅ ଅସୁବିଧାର ସମ୍ମୁଖିନ ହେବେ ନାହିଁ। ଏହି ବାର୍ତ୍ତାକୁ ନେଇ ସପ୍ତାହ ବ୍ୟାପୀ ଏହି ସଚେତନତା ରଥ ଜିଲାର ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି ଜନସାଧାରଙ୍କୁ ସଚେତନ କରାଇବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ପ୍ରକାଶ କରିଛନ୍ତି।

ସ୍କୁଲ କୋ-ଅର୍ଡିନେଟରଙ୍କୁ ଛଟେଇ, ଇ-ବିଦ୍ୟାଳୟ କାର୍ଯ୍ୟକ୍ରମ ବନ୍ଦ

# ଖତଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଉପକରଣ

**ଭବାନୀପାଟଣା,୧୬।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକର ହାଇସ୍କୁଲରେ ଇ-ବିଦ୍ୟାଳୟ କାର୍ଯ୍ୟାକ୍ରମରେ କାର୍ଯ୍ୟରତ ସ୍କୁଲ କୋ-ଅର୍ଡିନେଟରମାନଙ୍କୁ ସାମୂହିକ ଛଟେଇ କରି ଦିଆଯାଇଛି। ଏଥିଯୋଗୁ ଭବାନୀପାଟଣା ବ୍ଲକ ସମସ୍ତ କେନ୍ଦ୍ରରେ ଇ-ବିଦ୍ୟାଳୟ କାର୍ଯ୍ୟକ୍ରମ ୭ ମାସରୁ ଉର୍ଦ୍ଧ୍ୱ ହେଲାଣି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ଭବାନୀପାଟଣା ବ୍ଲକର ବୋର୍ଡା ଜନତା ହାଇସ୍କୁଲ, କର୍ଲାପଡା ବିମ୍ବାଧର ହାଇସ୍କୁଲ, ମାଲଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଥୁଆପଦର ସରକାରୀ ୟୁଜିଏଚଏସ, ସେଁପୁର ସରକାରୀ ୟୁଜିଏଚ୍‌ଏସ୍, ବୋରଭଟ୍ଟା ଶିବ ପ୍ରସାଦ ହାଇସ୍କୁଲ, ଦାଦପୁର ଦଧିବାମନ ହାଇସ୍କୁଲ ସମେତ କଳାହାଣ୍ଡି ଜିଲାର ୧୧୦ଟି ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ମିଶନ ସହ ଇନଫ୍ରାଷ୍ଟ୍ରକଚର ଲିଜିଙ୍ଗ ଏଣ୍ଡ ଫାଇନାନ୍ସ ସର୍ଭିସ ଏଜୁକେସନ ଲିମିଟେଡ ନାମକ ସଂସ୍ଥା ୨୦୧୪ରୁ ୫ ବର୍ଷର ଚୁକ୍ତିନାମା କରି ଇ-ବିଦ୍ୟାଳୟ କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ କେନ୍ଦ୍ର ଖୋଲାଯାଇ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଉଥିଲା। ଗତ ମାର୍ଚ୍ଚରୁ ଚୁକ୍ତି ଅବଧି ଶେଷ ହୋଇଯିବା ଯୋଗୁ କାର୍ଯ୍ୟରତ ସ୍କୁଲ କୋ-ଅଡିନେଟର ତଥା କମ୍ପ୍ୟୁଟର ଶିକ୍ଷକମାନଙ୍କୁ ଛଟେଇ କରି ଦିଆଯାଇଛି। ଚୁକ୍ତି ଅବଧି ପୁରି ଯାଇଥିଲେ ମଧ୍ୟ ସରକାର ପୁନଃ ଚୁକ୍ତି ନବୀକରଣ ପାଇଁ ପଦକ୍ଷେପ ଗ୍ରହଣ ନ କରିବାରୁ ଇ-ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ କମ୍ପ୍ୟୁଟର ଲେବରେ ମାସ ମାସ ଧରି ତାଲା ପଡ଼ି ରହିଛି। ଫଳରେ ଲକ୍ଷ ଲକ୍ଷ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ ଏବେ ଖତ ଖାଉଛି। ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ସରକାର ଏହି ଲେବ୍‌ଗୁଡିକର ପୁନଃ କାର୍ଯ୍ୟକ୍ଷମ ପାଇଁ ଇଚ୍ଛା ପ୍ରକାଶ କରୁନ ଥି ବାରୁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜିଲା କୋ-ଅର୍ଡିନେଟର ସଂଘ ଓ ଭବାନୀପାଟଣା ବ୍ଲକ ଅଭିଭାବକ ସଂଘ ପକ୍ଷରୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାନସଭା ଅଧୀବେଶନରେ ସରକାରଙ୍କୁ ଏ ନେଇ ପ୍ରଶ୍ନ କରିବେ ବୋଲି ସେ କହିଛନ୍ତି।

# ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ

## ବିଧାନସଭାରେ ଆସୁ ସାମ୍ବାଦିକ ସୁରକ୍ଷା ଆଇନ: ଓୟୁଜେ

**ଜୁନାଗଡ,୧୬।୧୧(ଡି.ଏନ.ଏ.)**

ଦିନକୁ ଦିନ ସାମ୍ବାଦିକଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବଢିବାରେ ଲାଗିଛି। ଫଳରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ଏବେ ନିଜକୁ ଅସୁରକ୍ଷିତ ମନେ କରୁଛି। ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଓୟୁଜେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପାଖରେ ଫେରାଦ ହୋଇଥିବାବେଳେ କିଛିଟା ଯର୍ଥାତ୍ ଦାବିକୁ ଗୁରୁତ୍ୱପୂର୍ଣ୍ଣ ମନେ କରି କାର୍ଯ୍ୟକାରୀ କରାଯାଇଛି। ତେଣୁ ବିଧାନସଭା ଚଳିତ ଶୀତକାଳୀନ ଅଧିବେସନରେ ଦୀର୍ଘ ମିୟାଦି ଦାବି ସାମ୍ବାଦିକ ସୁରକ୍ଷା ଆଇନକୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ନିଶ୍ଚିତ ଭାବରେ ତତ୍ପରତା ଦେଖାଇବେ ବୋଲି ଓୟୁଜେ ସରକାରଙ୍କ ପାଖରେ ନିବେଦନ କରିଛି। ଏହି ଅବସରରେ ନିକଟରେ ରାଜ୍ୟର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଆକ୍ରମଣ କରାଯିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ସେହିପରି ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାରୀ ଅଧିକାରୀମାନେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ମନ୍ତବ୍ୟ ଦେବା ପାଇଁ ସହଯୋଗ କରୁ ନ ଥିବାରୁ ଏହାକୁ ମଧ୍ୟ ରାଜ୍ୟ ସରକାର ପୁନଃହ ବିଚାର କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟ ରାଜ୍ୟ ଭଳି ଏଠାରେ ମଧ୍ୟ ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟବୀମା ରାଶିଙ୍କୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଥିଲା। କଳାହାଣ୍ଡି ଜିଲା ଜୁନାଗଡ ସହର ସଂସ୍କୃତି ଭବନଠାରେ ଶନିବାର ଓଡିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସରେ ଉପରୋକ୍ତ ଦାବିଗୁଡିକୁ ଅତିଥିମାନେ ଉଲ୍ଲେଖ କରିଛନ୍ତି। କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିୟନ ସଭାପତି କମ୍ବୁପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନନ୍ଦ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ଓୟୁଜେର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ପରିକ୍ଷିତ ବିଶ୍ୱାଳ, ଉପସଭାପତି ଉପନ କୁମାର ସାହୁ, ଗୃହ କିମିଟି ଅଧ୍ୟକ୍ଷ ସୁରେଶ ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜୁନାଗଡ ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଜିଲା ସାଙ୍ଗଠନିକ ସମ୍ପାଦକ ଅଂଶୁମାନ ପାତ୍ର ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସ୍ୱାଗତ ଭାଷଣ ରାଜ୍ୟ ସମ୍ପାଦକ ଇଙ୍ଗିତ ପଣ୍ଡା ଦେଇଥିବାବେଳେ ହିମାଂଶୁ ଶେଖର ବରାଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲା ସଭାପତି କମ୍ବୁପାଣି ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସାମ୍ବାଦିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇ ଇଙ୍ଗିତ କୁମାର ପଣ୍ଡାଙ୍କୁ କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ ଓ ଶେଷଦେବ ବେହେରାଙ୍କୁ କଳାହାଣ୍ଡି ପ୍ରତିଭା ସମ୍ମାନ ଭାବେ ସମ୍ମାନିତ କରଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ଓୟୁଜେର ସକ୍ରିୟ ସଦସ୍ୟ ବୈଦନାଥ ବେହେରା, ଅଞ୍ଜନ କୁମାର ରଥ, ଲିଙ୍ଗରାଜ ମିଶ୍ର, ଉତ୍ତମ କୁମାର ଦାଶ, ପ୍ରବୀଣ ପଟ୍ଟନାୟକ, ସୁଧାଂଶୁ ଶେଖର ବରାଡ, ତ୍ରିଲୋଚନ ସୁନାନୀ, ସୁନୀଲ କୁମାର ସିଂ, ଭରତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଉପଲକ୍ଷେ ୧୫ ଜଣ ସାମ୍ବାଦିକ ନୂତନ ସଦସ୍ୟତା ଭାବେ ଓୟୁଜେରେ ଯୋଗଦାନ କରିଥିଲେ। ଅନୀଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।





ଜୁନାଗଡଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସରେ ମଞ୍ଚାସୀନ ଅତିଥି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ବଦଳିଲେ ୧୩ ବିଚାର ବିଭାଗୀୟ ଅଧିକାରୀ

କଟକ ଅଫିସ,୧୬।୧୧: ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି ହୋଇଛି। ଏ ନେଇ ଶନିବାର ହାଇକୋର୍ଟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ରାଜ କୁମାର ସାହୁଙ୍କୁ କଟକ ଜିଲା ଦୌରାଜଜ୍ ପଦବୀକୁ ବଦଳି କରାଯାଇଛି। ସେହିପରି ବାଲେଶ୍ୱର ଜିଲାଜଜ୍ ଭାବେ ହିରଣ୍ମୟ ବିଶୋୟୀ, ସୋନପୁର ଜିଲା ଦୌରାଜଜ୍ ଭାବେ ଅରୁଣ କୁମାର ମଲ୍ଲିକ, ଗଞ୍ଜାମ ଜିଲା ଦୌରାଜଜ୍ ଭାବେ ରାମ ଶଙ୍କର ହୋତା, ଖୋର୍ଦ୍ଧା ଜିଲା ଦୌରାଜଜ୍ ଭାବେ ଲୋକନାଥ ମହାପାତ୍ର, ଭୁବନେଶ୍ୱର ସିବିଆଇ ସ୍ୱତନ୍ତ୍ର ଜଜ୍(କୋର୍ଟ ନଂ-୨) ଭାବେ ମାନସ ରଞ୍ଜନ ବାରିକ୍, ନବରଙ୍ଗପୁର ପରିବାର ଅଦାଲତ ଜଜ୍ ଭାବେ ଶୋଭନ କୁମାର ଦାସ, ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍ ଭାବେ ସଞ୍ଜୀବ ଦୁବେ, ଭଦ୍ରକ ପରିବାର ଅଦାଲତର ଜଜ୍ ଭାବେ ବିକ୍ରମ କୁମାର ପ୍ରଧାନ, ବାଲେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଭାବେ ନୀତିଶ ନିଶାଙ୍କ, ବ୍ରହ୍ମପୁର ଏମ୍ଏସିଟି-୨(ମୋଟର ଦୁର୍ଘଟଣା କ୍ଲେମ୍ ଟ୍ରିବ୍ୟୁନାଲ)ର ସଦସ୍ୟ ଭାବେ ସୌଭାଗିନୀ ମଲ୍ଲିକ, କନ୍ଧମାଳ ଜିଲା ଦୌରାଜଜ୍ ଭାବେ ସାରଦା ପ୍ରସାଦ ନାୟକ ଏବଂ ଭଦ୍ରକ ଜିଲା ଦୌରାଜଜ୍ ଭାବେ ଶିଶିର କୁମାର ରଥଙ୍କୁ ବଦଳି କରାଯାଇଛି।

### ଗଣବଳାତ୍କାର ମାମଲା
### ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

ଚମ୍ପୁଆ, ୧୬।୧୧(ଡି.ଏନ.ଏ.)
କେନ୍ଦୁଝର ଜିଲା ଯୋଡା ଥାନା ଇଲାକାରେ ଘଟିଥିବା ଏକ ଗଣବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ଉକ୍ତ ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଗଣବଳାତ୍କାରର ଶିକାର ହୋଇଥିବା ମହିଳା ୫ ମାସର ଶିଶୁକୁ ଧରି ତାଙ୍କ ସାନଭଉଣୀ ସହ କାର୍ଯ୍ୟକ୍ଷେତ୍ରରୁ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ବଳାତ୍କାର କରିଥିଲେ। ପୀଡିତାଙ୍କ ସାନଭଉଣୀ ଏହାଦେଖି ତାଙ୍କ ଭାଇଙ୍କୁ ଜଣାଇଥିଲେ। ପୀଡିତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ପରମେଶ୍ୱର ନାଏକ, ଜିତୁ ନାଏକ, ପବିତ୍ର ନାଏକଙ୍କୁ ଗିରଫ କରିଥିଲା।

### ୨ ଚାଷୀ ୧୩୨ କୁଇଣ୍ଟାଲ ଧାନ ବିକିଲେ

ସୋନପୁର,୧୬।୧୦(ନି.ପ୍ର.)
ଓଡିଶା ରାଜ୍ୟ ଯୋଗାଣ ନିଗମ ଶନିବାର ସୁବର୍ଣ୍ଣପୁର ଜିଲାର ମାତ୍ର ୩ଜଣ ଚାଷୀଙ୍କୁ ଖରିଫ ଧାନ ବିକ୍ରି କରିବା ପାଇଁ ଅନଲାଇନ ଟୋକନ ଇସ୍ୟୁ କରିଛି। ଏହି ଚାଷୀମାନେ ହେଲେ ରାଜକୁମାର ଡନସେନା, ଅଖି ସାହୁ ଓ କ୍ଷିରୋଦ୍ର ଡନସେନା। ଶନିବାର ଚାଷୀ ରାଜକୁମାର ଓ କ୍ଷିରୋଦ୍ର ଡୁଙ୍ଗୁରିପାଲି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ମୋଟ ୧୩୨ କୁଇଣ୍ଟାଲ ୨ କିଲୋ ଧାନ ବିକ୍ରି କରିଛନ୍ତି । ଅନ୍ୟତମ ଚାଷୀ ଅଖି ମାର୍କେଟ୍ ୟାର୍ଡକୁ ଧାନ ଆଣି ପାରି ନ ଥିଲେ। ଶୁକ୍ରବାର ଜିଲାରେ ଧାନ କିଣା ଆରମ୍ଭ ପାଇଁ ପୂର୍ବରୁ ନିଷ୍ପତ୍ତି ହୋଇଥିଲେ ହେଁ ଚାଷୀଙ୍କୁ ଟୋକନ ମିଳି ନ ଥିଲା। ଫଳରେ ଚାଷୀ ଧାନ ବିକ୍ରି କରି ପାରି ନ ଥିଲେ। ଅସନ୍ତୋଷକୁ ଦୃଷ୍ଟିରେ ରଖି ରାଜ୍ୟ ଯୋଗାଣ ନିଗମ ଶନିବାର ୩ ଚାଷୀଙ୍କୁ ଟୋକନ ଇସ୍ୟୁ କରିବା ପରେ ଜିଲାରେ ଧାନ କିଣାର ଶୁଭାରମ୍ଭ ହୋଇଛି । ମାତ୍ର ଏହା ଯଥେଷ୍ଟ ନୁହଁ। ଏହି ଜିଲାର ୪୭ ହଜାର ୯୯୦ ଜଣ ଚାଷୀ ଖରିଫ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି । ଧାନ ଅମଳ ଆରମ୍ଭ ହୋଇ ଥିବାରୁ ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଅଧିକ ସଂଖ୍ୟକ ଚାଷୀଙ୍କୁ ଅନଲାଇନ ଟୋକନ ଇସ୍ୟୁ କରିବା ପାଇଁ ଦାବି ହେଉଛି।

### କମୁଛି ସରଗୀ ପତର ଖଳିଦନା ଚାହିଦା
# ପୋରଛାହନ୍ ଅଭାବ୍, ଦୁରଦିନ୍‌ରେ ଶ୍ରମିକ

ଗୁଡଭେଲିପଦର, ୧୬।୧୧ (ଡି.ଏନ୍.ଏ.)



ଝନେ ମହିଲା ଖଲିଦନା ଟିପ୍‌ବାରେ ବାଇ ଅଛନ୍।

ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ହେଉଛେ ଗୁଟେ ଆଦିବାସୀ ବହୁଲ ଅଂଚଲ। ଇ ଅଂଚଲର ଅନେକ ଗାଁଗଁଡ଼ା ପାହାଡ଼ ପରବତ ଘେରା ଜଂଗଲ ଭିତରେ ରହିଛେ। ଅନେକ ଗାଁଗଁଡ଼ାକେ ଫିଦିନିଆଁ ରାସ୍ତା ବି ନାଁଇଁନ। ଏନ୍‌ତାଥି ଅନେକ ଆଦିବାସୀ ପରିବାର ଜଂଗଲଜାତ ଦରବ୍ ଯେନ୍‌ତା କି ସରଗୀ ପତର, କାଠି, ମହୁ, ଝୁଣା, ଚାର, କେଁଦୁ, କୁଲେର ଶାଗ, ବହଲ କଢ଼ ବିକାଭଂଗା କରି ନିଜର କୁଟୁମ ପୁଷୁଛନ୍। ଏନ୍‌ତା କଣ୍ଟାମାଲ ବ୍ଲକ ବିଲାସପୁର ପଁଚେତ୍‌ର ରାକ୍ଷାସକୁଟି ଗାଁର ଅନେକ ଆଦିବାସୀ ପରିବାର ସରଗୀ ପତରର ଦନାଖଲି ତିଆରିକେ ନିଜର ଜୀବନ୍ ଜୀବ୍‌କା ହିସାବେ ଧରି ନେଇଛନ୍। ଗାଁର ଅନେକ ପରିବାର ସଖାଲୁ ଏକଯୋଟ ହେଇ ପାସର ଜଂଗଲକେ ସରଗୀ ପତର ଠୁଲାବାକେ ଯାଉଛନ୍। ପତର ଆନ୍‌ଲା ଉତାରୁ ପରିବାରମାନକେ କୁଟୁମବସିଆ ବସି ଖଲିଦନା ଟିପୁଛନ୍। ସେଟାକେ ଆସର ପାସର ଗାଁଗଁଡ଼ା, ବଜାରରେ ବିକି ଦୁଇ ପଏସା ରୁଜଗାର କରୁଛନ୍। ସରଗୀ ପତରର ଖଲିଦନାଟା ଆମର ସଂସ୍କୃତି ପରମ୍ପରା ସଂଗେ ବି ଯୁଡ଼ିହେଇ ରହିଛେ। ବିହାବରୁ, ପୂଜାପାଠ୍‌ରେ ଇ ସରଗୀ ପତରର ଖଲିଦନା ବେଭାର ହେଇଆସୁଛେ। ହେଲେ ଆଏଜ୍‌କାଲି ସମିଆ ବଦିଲବାର ସଂଗେ ବଡ଼ଭାଗି ଲୋକ୍ ଛପେଇ, ସୋଲ୍‌ର ଖଲିଦନା ବେଭାର କରୁଛନ୍। ଯେନ୍‌ଥିରଲାଗି ଇ ସରଗୀ ପତର ଖଲିଦନାର ଚାହିଦା ଦିନୁଦିନ୍‌କେ କମବାରେ ଲାଗିଛେ। ଇତାର ସିଧାସଲଖ ପରଭାବ ପତର ଖଲିଦନାକେ ନିଜର ଜୀବନ୍ ଜୀବ୍‌କା କରିଥିବାର ପରିବାରମାନକର ଉପରେ ପଡୁଛେ। ଇ ଜୀବ୍‌କାରେ ଏହେଦ୍‌କା କୁଟୁମ ପୁଷ୍‌ବାର ଭିଡ଼ ହେଇଯାଉଛେ ବଲି ପତର ଶ୍ରମିକ ଉଲାସ ପାତ୍ର କହିଛନ୍। ସେନ୍‌ତା ଦିନ୍‌କୁ ପାଖାପାଖି ୩ଶହ ଖଲିଦନା ତିଆରି ପାରୁଥିବାର କହିଛନ୍ ପତର ଶ୍ରମିକ ଲକ୍ଷ୍ମୀ ଦୀପ। ହେଲେ ପରିଶ୍‌ରମ ହିସାବେ ଦାମ ନାଇଁ ମିଲବାର। ଆମେ ଖଲି ଶହକ ୩୦ ଟଁକା ଆର ଦନା ଶହକ ୨୫ ଟଁକାରେ ବିକୁଛୁଁ ବଲି ସେ କହିଛନ୍। ଇ ସରଗୀ ପତର ଖଲିଦନା ଟିପି କୁଟୁମ ପୁଷୁଥିବାର ଶ୍ରମିକମାନକୁ କେହେନ୍‌ସି ପରକାର ସରକାରୀ ପୋରଛାହନ୍ ନାଇଁ ମିଲବାର। ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଅନେକ ଯୋଜନା ତିଆର କରୁଛନ୍ ସତ୍। ହେଲେ ଇ ସରଗୀ ପତର ଖଲିଦନା ଟିପି କୁଟୁମ ପୁଷୁଥିବାର ଶ୍ରମିକମାନକୁ ସରକାର ଦୁରୁଷ୍ଟି ଦେଇ ପୋରଛାହନ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।

### ବିଦ୍ୟାଳୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ
## ଉଲୁଣ୍ଡା, ବୀରମହାରାଜପୁର ବିଜୟୀ

ସୋନପୁର,୧୬।୧୧(ନି.ପ୍ର.)
ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ପକ୍ଷରୁ ସୁବର୍ଣ୍ଣପୁର ଜିଲା ବିଦ୍ୟାଳୟ ସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଗାନ୍ଧୀ ପଡିଆରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୬ଟି ବ୍ଲକରୁ ୬ଟି ଦଳ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ମ୍ୟାଚ୍ ଉଲୁଣ୍ଡା ଓ ଡୁଙ୍ଗୁରିପାଲି ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଲୁଣ୍ଡା ୯ ଉଇକେଟ୍‌ରେ ମ୍ୟାଚ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିନିକା ଓ ବୀରମହାରାଜପୁର ମଧ୍ୟରେ ଆୟୋଜିତ ହୋଇଥିଲା। ବୀରମହାରାଜପୁର ୩୪ରନରେ ମ୍ୟାଚ୍ ବିଜୟୀ ହୋଇଥିଲା। ବି.ସତ୍ୟନାରାୟଣ ରାଓ, ଜୟନାରାୟଣ ମେଣ୍ଡଲି, ଶ୍ୟାମ ସୁନ୍ଦର ପାତ୍ର ଓ ପୁରୁଷୋତ୍ତମ ପାତ୍ର ମ୍ୟଚ୍ ପରିଚାଳନା କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସୋନପୁର ଓ ଉଲୁଣ୍ଡା ମଧ୍ୟରେ ଓ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ବୀରମହାରାଜପୁର ଓ ତରଭା ମଧ୍ୟରେ ଅନୁଷ୍ଠିତ ହେବ। ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା କ୍ରିକେଟ୍ ସଂଘର ସଭାପତି ପଠାନ ପଣ୍ଡା, ଅଭିମନ୍ୟୁ କୁଶଳ, ଜନମୁରା ସରପଞ୍ଚ ଅରବିନ୍ଦ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ମଞ୍ଚ ପରିଚାଳନା କରିଥିଲା ବେଳେ କୋସଲ ହାଇସ୍କୁଲର ସଞ୍ଜୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରମା ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁମତି କ୍ରମେ କୋସଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।
- ଜାତୀୟ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ଲଜପତରାୟ ଆଇନ କଲେଜ ସଭା କକ୍ଷ, ପୂର୍ବାହ୍ନ ସାମେ ୧୦ଟା ।
- ନାଟୋତ୍ସବ ଉଦ୍‌ଯାପନୀ ଉତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

**କର୍ଲାମୁଣ୍ଡା**
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ, ମିଳିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଯୋରାଡବ୍ରା, ଅପରାହ୍ନ ୧ଟା।

**ବୌଦ୍ଧ**
- ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ସ୍ମୃତିସଭା, ଟାଉନ ହଲ, ପୂର୍ବାହ୍ନ ୧୦ଟା।

**ଉଲୁଣ୍ଡା**
- ମା' କନ୍ଧେନ ବୁଢୀ ଫୁଟବଲ ଟୁର୍ନାମେଣ୍ଟ: ବରଗଡ ବନାମ ସମ୍ବଲପୁର, ସରଳାକାନୀ ବନାମ ପୁରୁଣାକଟକ, ସାନଅଙ୍କରିଆ ଖେଳ ପଡିଆ, ପୂର୍ବାହ୍ନ ସାଢେ ୧୦ରୁ ଅପରାହ୍ନ ୪।୩୦।

**ନୂଆପଡ଼ା**
- କବି ସମ୍ମିଳନୀ, ଗଣପତି ପ୍ୟାଲେସ, ରାତି ୮ଟା ।

**ଦେବଗଡ଼**
- ମା କନକ ଦୁର୍ଗା ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ୍ ଉଦ୍‌ଯାପିତ, ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଅପରାହ୍ନ ୪ଟା।
- ଗଣ ସଫେଇ କାର୍ଯ୍ୟକ୍ରମ, ଦେବଗଡ଼ ପୌରାଞ୍ଚଳ, ସକାଳ ୭ଟା।

### ସମ୍ବଲପୁରରେ ରେଫରି ରିଫ୍ରେସର କୋର୍ସ

କଟକ ଅଫିସ,୧୬।୧୧– ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସମ୍ବଲପୁରଠାରେ ରେଫରୀ ରିଫ୍ରେସର କୋର୍ସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୮୧ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଦୁର୍ଗାମାଧବ ନାୟକ ପ୍ରଶିକ୍ଷକ ଦାୟିତ୍ୱରେ ରହିଥିଲେ। ପୂର୍ବତନ ବିଧାୟକ ରବି ନାରାୟଣ ନାୟକ, ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଘଷିରାମ ସାହୁ, ଶ୍ୟାମ ସୁନ୍ଦର ସାହୁ, ଜର୍ଜ ମାଇକେଲ ହାସଁଦା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## କନ୍ଧେନ ବୁଢ଼ୀ ଫୁଟବଲ ଟୁର୍ନାମେଣ୍ଟ : ଅମାମୁଣ୍ଡା ଫାଇନାଲରେ

ଉଲୁଣ୍ଡା, ୧୬।୧୧ (ଡି.ଏନ.ଏ.)



ଶନିବାର ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚରେ ରେଫରୀଙ୍କ ସହ ଉଭୟ ଦଳର ଖେଳାଳିମାନେ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମା' କନ୍ଧେନ ବୁଢୀ ଆଦିବାସୀ କ୍ଲବ ସାନଅଙ୍କରିଆ ତରଫରୁ ୨୩ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ବଜରଙ୍ଗୀ କ୍ଲବ ସମ୍ବଲପୁର ଦଳ ୨–୦ଗୋଲରେ ବୀରମହାରାଜପୁର ସ୍ପୋର୍ଟିଂକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚରେ ବଲାଙ୍ଗୀର ଅମାମୁଣ୍ଡା ଦଳ ସୋନପୁର ଆଦିବାସୀ କ୍ଲବକୁ ୧–୦ ଗୋଲରେ ପରାସ୍ତ କରିଛି। ଗ୍ରୁପ ଏ ପାଇଁ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ଅମାମୁଣ୍ଡା ଦଳ ବଜରଙ୍ଗୀ କ୍ଲବ ସମ୍ବଲପୁରକୁ ୩–୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳ ସବୁକୁ ଅଭି ମହାନନ୍ଦ, ନନ୍ଦୁ ନାଏକ ଓ କିଶୋର ଭୋଇ ପରିଚାଳନା କରିଥିଲେ। ବିମଳ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହା ପୂର୍ବରୁ ଆୟୋଜକ ଅନୁଷ୍ଠାନର ସଭାପତି ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବକୁ ଜିଲା କ୍ରିକେଟ ଆସୋସିଏଶନ ସଭ୍ୟ ପ୍ରଦୀପ ସେଠୀ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ପାଦକ ସୁବାସ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଟୁଲୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତ୍ରିଲୋଚନ ନାଏକ, ଦେବାନନ୍ଦ କଅଁର, ଲିଟୁ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଗ୍ରୁପ ବି ଖେଳରେ ବରଗଡ ଓ ସମ୍ବଲପୁର, ସରଳାକାନୀ ଓ ପୁରୁଣାକଟକ ମଧ୍ୟରେ ମ୍ୟାଚ ଆୟୋଜିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ।


**MUNICIPAL OFFICE, KENDRAPARA**
'e' Procurement NOTICE No 4974/ Dt. 16.11.19
Bid Identification No. KM_05-2019/20

| | | |
|---|---|---|
| 1 | Procurement Officer-Publisher/ Officer Inviting the Tender/ Bids (OIT) | Executive Officer, Kendrapara Municipality, Kendrapara |
| 2 | No. of Works | 3 Nos. |
| 3 | Estimated Cost (Approx.) of the Works. | Rs. 50 Lakhs to Rs. 1 Crore |
| 4 | Date & Time of availability of bid document in the portal | From 5 PM of Dt. 19.11.2019 to 5 PM of 04.12.2019 |
| 5 | Date & Time of Technical bid Opening | 11 AM of 05.12.2019 |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in.
(2) Corrigendum if any shall only be published in the above website.
Sd./- Executive Officer, Kendrapara Municipality

**GOVERNMENT OF ODISHA**
**"e"-PROCUREMENT NOTICE**
No.B-320 :- **WORKS DEPARTMENT**
E-mail : ceroads.bbsr@gmail.com
Bid Identification No. CE-DPI & R-16/2019-20

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below :
2. Nature of work : Road and Bridge works
3. No. of work : 02 Nos.
4. Tender Paper cost : Rs.10,000.00
5. Class of Contractor : 'A' Class/ Special Class/ Super Class as noted against each work
6. Available of bid document in the website : From 10.00 A.M. of 14.11.2019 to 5.00 PM of 03.12.2019
7. Date of opening of Bid : Dt.04.12.2019 at 11.30 AM.
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Sd./-
34117/11/0046/1920 Chief Engineer (DPI & Roads), Odisha

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
NIT No.: OMC/E-PROC/CMC/05/2019 **procurement Notice** Dated: 15.11.2019

| | | |
|---|---|---|
| 1. | Title of tender | Selection of agency for preparation, submission and obtaining approval of modification of Mining Plan from IBM under Rule 17(3) of the MCR, 2016 with PMCP under Rule-23 of MCDR, 2017 in respect of Gandhamardan (Block-A) Mining Lease of OMC |
| 2. | Availability of tender documents on the e-tendering portal of Government of Odisha | 16.11.2019 after 05:00PM |
| 3. | Last date of online submission of tender in Govt. portal | 30.11.2019 up to 5.00PM |
| 4. | Cost of Bid document | The bidder shall have to deposit Rs.2,000.00 (Two Thousand) + GST 18% only through on line as available in www.tendersodisha.gov.in |
| 5. | Earnest money deposit | The bidder shall have to deposit Rs.40,000.00 (Forty Thousand) only through on line as available in www.tendersodisha.gov.in |
| 6. | Date of opening of Techno-Commercial Bid | 02.12.2019 at 11:00AM. |
| 7. | Date of opening of Price- Bid | Shall be intimated through uploading in e-portal. |

All other details can be seen from the tender document available at Govt. website i.e https//tendersodisha.gov.in & in OMC website i.e. www.omcltd.in.
OMC reserves the right to reject this tender without assigning any reason thereof.
30005/11/0090/1920 General Manager (Mat.)
CAD-587

**DEPARTMENT OF WATER RESOURCES**
Odisha Community Tank Development Management Society
Plot No-A-8/2, Beside RTO Office, Bhoi Nagar, Bhubaneswar-751022
Ph.. 0674--2542252, E-Mail: spuoipera.od@gov.in
Letter No-553 Date-16/11/2019
**QUOTATION CALL NOTICE FOR HIRING VEHICLES**
No. A-388: Sealed quotations are invited for supply of hired vehicles for official use of OCTDMS, Bhubaneswar on Monthly Basis for a period of one year.
- Sealed quotations should reach the Project Director, OCTDMS-cum-Additional Secretary to Govt., DoWR in the campus of Plot No-A-8/2, Superintending Engineer, Central Minor Irrigation Circle, beside RTO office, Bhoi Nagar, Bhubaneswar-751022 on or before 29/11/2019 by 3.00pm positively.
- Sealed quotations will be opened on same day i.e. on 29/11/2019 at 3.30pm in the Conference Hall of OCTMP in presence of all the bidders, who prefer to remain present.
- The bidder should write "QUOTATIONS FOR SUPPLY OF HIRED VEHICLES ON MONTHLY BASIS" on the top of the separate sealed envelope.
- The authority reserves the right to accept/reject any or all quotations without assigning reason thereof.

Further details can be seen in the Govt. of Odisha website www.odisha.gov.in under link advertisement.
Project Director, OCTDMS -cum-Additional Secretary to Govt.,DoWR
32188/11/0003/1920

**CENTRAL ELECTRICITY SUPPLY UTILITY OF ORISSA**
**OFFICE OF THE SUPERINTENDING ENGINEER (ELECT.), ELECTRICALCIRCLE, CUTTACK, ORISSA-754012**
PHONE : 0674-2310703, 2312006, 2324223, FAX - 2310703
E-Mail : sectc@cescoorissa.com
Lt No.3340 **Notice Inviting Tender No.-(OT)- 04/19-20** Dated: 14.11.2019
**No.CAD-589 :-** Sealed quotations are invited from intending Registered HT Licensed Electrical Contractors having valid Registration to execute the electrical works for re-construction and shifting of 33KV line (Jagatsinghpur 33KV Feeder) existing inside the premises of STP-II, Matgajpur of OISIP due to construction of sewage treatement plant under CMC, Cuttack of CDD No.II, Cuttack in 100% Deposit work scheme on partly Turn key basis. The details of work alongwith Terms & Conditions of the above work which can be available on payment of Rs. 16,800/- (Rupees sixteen thousand eight hundred) only (Rs 15,000/- towards paper cost + 12% GST) (Non Refundable) in shape of cash / bank draft in the office of Superintending Engineer, Electrical Circle, CESU, Cuttack.
1. Sale/downloading of Tender Paper - 18.11.2019
2. Due date of receipt of Tender Paper - 05.12.19 up to 1.00 P.M.
3. Opening of Tender Paper - 05.12.19 at 03.30 P.M
4. Approx. works value - Rs 1,07,77,596/-

**Tender will summarily be rejected in absence of the following documents.**
1. EMD @ Rs 1,08,000/- of the estimated value to be deposited in shape of Cash/Bank draft drawn in favour of **"CESU, ELECTRICAL CIRCLE, CUTTACK"**.
2. Copy of valid License/PAN/GST up to the current financial year.
3. No Previous EMD will be adjusted.
4. No Telegraphic Tender will be accepted.
5. Copy of the Money Receipt towards purchase of Tender documents.

The undersigned reserves the right to accept or reject the Tender without assigning any reason thereof and also right to split-up the Tender quantity.
Sd./- Superintending Engineer (Elect)
04010/11/0006/1920 Electrical Circle, CESU, Cuttack

**ODISHA POLICE, OISF, HEADQUARTERS**
PLOT NO.139 (P) KESHARI NAGAR, UNIT - V, BHUBANESWAR
**ବିଜ୍ଞାପନ**
D-193
କନ୍‌ଷ୍ଟେବଳ ନମ୍ବର – ୮୮୬ ପ୍ରଶାନ୍ତ ପାତ୍ର
ପିତା - ଶ୍ରୀ ବ୍ରହ୍ମାନନ୍ଦ ପାତ୍ର
ଗ୍ରାମ – ଦେବଗାଁ, ପୋ, – ଛତ୍ର
ଥାନା – ଜଗତ୍‌ସିଂହପୁର, ଜିଲ୍ଲା – ଜଗତ୍‌ସିଂହପୁର
ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଆପଣ ଓ.ଏମ୍.ସି., କାଳିଆପାଣି, ଯାଜପୁରସ୍ଥିତ ଓ.ଆଇ.ଏସ୍.ଏଫ. କ୍ୟାମ୍ପରୁ ତା୧୧।୦୯।୨୦୧୯ରିଖ ଅପରାହ୍ନଠାରୁ ତା୧୩।୦୯।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୨ ଦିନ ଆକସ୍ମିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା୧୪।୦୯।୨୦୧୯ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଏପର୍ଯ୍ୟନ୍ତ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି। ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭(ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଆଇ.ଏସ୍.ଏଫ. କ୍ୟାମ୍ପ ଓ.ଏମ.ସି., କାଳିଆପାଣି, ଯାଜପୁରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./– ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା
Address-O/O The Commandant, OISF, At- Plot No.139 (P) Keshari Nagar, Unit-V, Bhubaneswar, Pin-751001, Dist.- Khurda, E-Mail - comdtoisf.odpol@gov.in
12029/11/0033/1920

Annexure-I
**OFFICE OF THE CHIEF RESEARCH OFFICER HIRAKUD RESEARCH STATION, HIRAKUD**
E-mail: cro_hrs@rocketmail.com
**Quotation Call Notice No. 01/2019-20**
No: 2509 Date: 07.11.2019
No. A-387: Sealed Quotations are invited from interested reputed Travel Agencies/Tour Operators or private individuals for providing 1 (one) No. of AC Diesel driven vehicles Tiago/Bolt/Celerio(Petrol) (BS-IV compliant Petrol Vehicle is preferable) having sitting capacity not more than five including driver, which shall conform to the Terms and conditions (Annexure-II) for the official use in the O/O THE DIRECTOR. RESEARCH & QUALITY CONTROL, BURLA on monthly rent basis.
1. The vehicle must be in Road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage permit, proof of up to date tax payment etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of account payee Bank Draft drawn in favour of the (CHIEF RESEARCH OFFICER. HIRAKUD RESEARCH STATION. HIRAKUD) Payable at SBI, Burla & submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants)
6. The vehicle must achieve a fuel efficiency of 17(Seventeen) Kms per litre.
7. The details of the make and year of manufacture of the vehicle, registration no, mileage (Kms covered per litre) and name of the driver with Driving license No. and period of validity should be specifically provided in the general bid information to be furnished with the Quotation (Annexure-III)
8. The Quotation completed in all respect should reach the undersigned on or before 26-11-2019 by 5.00 P.M. and shall be opened on 27-11-2019 11 A.M. in the O/O the Chief Research Officer, Hirakud Research Station, Hirakud in presence of the bidders or their authorized representatives.
9. The application form of Quotation containing General Bid information & Terms and conditions for Hiring of vehicles etc. will be available with "CHIEF RESEARCH OFFICER. HIRAKUD RESEARCH STATION. HIRAKUD" on payment of Rs. 600/-(Rupees Six Hundred) only from 20-11-2019 to 26-11-2019 or can be downloaded from Odisha Govt. Website www.odisha.gov.in from 20-11-2019 to 26-11-2019 . In case the application form is downloaded from Government website, the applicant shall furnish the demand draft for an amount of Rs. 600/- (Rupees Six Hundred) only towards the cost of application along with the application.

Sd./- Chief Research Officer
32244/11/0004/1920 Hirakud Research Station, Hirakud



"ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ବୋଲେରୋ- ବାଇକ୍ ମଧ୍ୟରେ ଧକ୍କା: ବାଇକ ଆରୋହୀ ମୃତ

**ବାଲିଶଙ୍କରା, ୧୬।୧୧ (ଡି.ଏନ.ଏ):** ତଲସରା ଥାନା ଅନ୍ତର୍ଗତ ମୁରୁକିଆ ଗ୍ରାମ ନିକଟରେ ଶନିବାର ଅପରାହ୍ନ ୪ଟାରେ ବାଇକ ବୋଲେରୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି । ପୋଲିସ ସୂଚନା ଅନୁସାରେ ବୋଲେରୋ ଗାଡି ନଂ. ସିଜି ୧୪ ଏମସି-୮୯୧୫ ଯୋଗେ ବିପରିତ ଦିଗ ଓ ବାଇକ ଯୋଗେ ସଉନାମରା ଗ୍ରାମର ଅଜିତ ତିର୍କୀ (୪୫) ରାଜମିସ୍ତ୍ରୀ ଭାବେ କାର୍ଯ୍ୟକରି ନିଜ ଗ୍ରାମକୁ ଆସୁଥିବା ସମୟରେ ଦୁର୍ଘଟଣା ଘଟି ଯାଇଥିଲା । ତଲସରା ପୋଲିସ ଓ ବନଦେଗା ଫାଣ୍ଡି ଖବରପାଇ ଘଟଣା ସ୍ଥଳରେ ପହଞ୍ଚିବ ଶବ ଜବତ କରିଥିଲେ। ମୃତ ବ୍ୟକ୍ତିଙ୍କର କ୍ଷୟକ୍ଷତି ଓ ତାଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିବାବେଳେ ସେ ଜଣେ ଗରିବ ପରିବାର ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସଉନାମରା ଗ୍ରାମବାସୀଙ୍କ ଦାବି କରିଛନ୍ତି।

### ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ଯକ୍ଷ୍ମା ରୋଗର ଚିକିତ୍ସା ବ୍ୟବସ୍ଥା

**କୁଆଁରମୁଣ୍ଡା,୧୬।୧୧(ଡି.ଏନ.ଏ):** ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକ ଅଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଯକ୍ଷ୍ମା ରୋଗର ଚିକିତ୍ସା ନିମନ୍ତେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରାଯାଉଛି। ଏ ନେଇ ମଧ୍ୟ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ପ୍ରୟୋଗ କରାଯାଇଛି। ଡିଜିଟାଲ ଟେକ୍ନୋଲୋଜି ଅନ୍ତର୍ଗତ ଅତ୍ୟାଧୁନିକ ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ର ପ୍ରଦାନ କରାଯାଇଛି। ଏହା ସହ ଆଗାମୀ ଦିନରେ ଏକ୍ସ-ରେ ମେସିନ୍, ଯକ୍ଷ୍ମାରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭ୍ରାମ୍ୟମାଣ ବାହନର ବ୍ୟବସ୍ଥା କରାଯାଉଛି ବୋଲି ଜିଲା ଯକ୍ଷ୍ମା ଚିକିତ୍ସା ଆୟୋଜକ ଦୀନବନ୍ଧୁ ମହାକୁଲ ସୂଚନା ଦେଇଛନ୍ତି। ଏହି ବ୍ୟବସ୍ଥା ସମଗ୍ର ରାଜ୍ୟରେ ପ୍ରଥମ କରି ସୁନ୍ଦରଗଡ଼ ଜିଲାରୁ ଶୁଭାରମ୍ଭ ହୋଇଛି ବୋଲି ଆରଏନଟିସିପି ଚିକିତ୍ସା ଆୟୋଜକ ମହାକୁଳ ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

# ବୃତ୍ତିଗତ ବ୍ୟବସ୍ଥା ମଧ୍ୟରେ ନିରପେକ୍ଷତା ବଜାୟ ରଖିବାକୁ ଆହ୍ୱାନ

**ସୁନ୍ଦରଗଡ଼, ୧୬।୧୧ (ଡି.ଏନ୍.ଏ)**

ଗଣମାଧ୍ୟମ ସମାଜ ବ୍ୟବସ୍ଥାର ଜାଗ୍ରତ ପ୍ରହରୀ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଚତୁର୍ଥସ୍ତମ୍ଭର ମାନ୍ୟତା ହାସଲ କରିଥିବା ଗଣମାଧ୍ୟମର ରହିଛି ଗୁରୁ ଦାୟିତ୍ୱ। ତୃଣମୂଳସ୍ତରରୁ ଜାତୀୟ ପର୍ଯ୍ୟନ୍ତ ସମସ୍ୟାକୁ ଲୋକଲୋଚନକୁ ଆଣିବାର ଦାୟିତ୍ୱ ବହନ କରିଥିବା ଏହି ବ୍ୟବସ୍ଥାରେ ଲୋକଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ରହିଛି। ତେଣୁ ଗଣମାଧ୍ୟମ ପ୍ରତିନିଧିମାନେ ଅନୁସନ୍ଧାନ ମୂଳକ ତଥ୍ୟଭିତ୍ତିକ, ନିରପେକ୍ଷ ଖବର ପରିବେଷଣ କରି ଏହି ବିଶ୍ୱସନୀୟତାକୁ ବଜାୟ ରଖନ୍ତୁ ବୋଲି ଶନିବାର ଜିଲାସ୍ତରୀୟ ପ୍ରେସ ଦିବସ ପାଳନ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଜିଲା ପ୍ରେସକ୍ଲବ ସମ୍ମିଳନୀ କକ୍ଷ ଠାରେ ପାଳିତ ଏହି ସମାରୋହରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂପ୍ରତି ଗଣମାଧ୍ୟମ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନଚର୍ଯ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରୂପେକାର୍ଯ୍ୟ କରୁଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗଦେଇ ପରାଧୀନ ଭାରତରେ ଗଣମାଧ୍ୟମର ଭୂମିକା, ସାମ୍ପ୍ରତିକ ସମାଜବ୍ୟବସ୍ଥାରେ ଗଣମାଧ୍ୟମର ଗୁରୁଦାୟିତ୍ୱ ଓ ବୌଦ୍ଧିକ ଦିଗଦର୍ଶନ ମାଧ୍ୟମରେ ଚତୁର୍ଥସ୍ତମ୍ଭର ଗୁରୁତ୍ୱକୁ ପ୍ରତିପାଦିତ କରି ଖବରଦାତାମାନେ କୌଣସି ବିଭ୍ରାନ୍ତିକର ଖବର ପରିବେଷଣ ନକରି ତଥ୍ୟଭିତ୍ତିକ ଅନୁସନ୍ଧାନମୂଳକ ଖବର ପରିବେଷଣ ରେ ବ୍ରତୀ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ସବୀର ସଭାରେ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଖବରଦାତା ଅଶୋକ କୁମାର ଷଡଙ୍ଗୀ ,ବିଜୟ ବରୁଆ, ଅଶୋକ କୁମାର ବାବୁ ପ୍ରମୁଖ ଖବର ସଂଗ୍ରହ ବେଳେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ବର୍ତ୍ତମାନ ସରକାରୀ କଟକଣା ଯୋଗୁଁ ପ୍ରେସ୍ ସ୍ୱାଧୀନତା ବିପନ୍ନର ଆଶଙ୍କା ସୃଷ୍ଟିହୋଇଥିବା ସହ ଖବରଦାତାମାନଙ୍କର ନିରାପତ୍ତା ଓ ସାମାଜିକ ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଗୋପୀନାଥ ସାହୁ ସଭା ସଂଚାଳନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଗୋପବନ୍ଧୁ କଲ୍ୟାଣ ଯୋଜନାରେ ଖବରଦାତାମାନଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ବିତରଣ କରାଯାଇଥିଲା। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନୀଲ କୁମାର କେରକେଟା ଧନ୍ୟବାଦ ଦେଇଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମିଳା ବାର୍ଲା, ଯୁଧିଷ୍ଠିର ସାହୁ, ଶୁକ୍ରୁ ଟପ୍ପୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଜାତୀୟ ପ୍ରେସ୍ ଦିବସ ସଭାରେ ମଞ୍ଚାସୀନ ଅତିଥି।

# ଏନ୍‌ଟିପିସି ନିର୍ମିତ ଖପୁରିକଛାର କଲୋନୀ ଉଦ୍‌ଘାଟିତ

**ହେମଗିର, ୧୬।୧୧ (ଡି.ଏନ.ଏ)**

ଜାତୀୟ ତାପଜ ବିଦ୍ୟୁତ ନିଗମ (ଏନଟିପିସି) ଭାରତ ସରକାରଙ୍କଠାରୁ ହେମଗିର ବ୍ଲକର ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ପାଇଲା ପରେ ତାର ବିସ୍ଥାପିତ ପ୍ରକ୍ରିୟା ଚାଲୁରଖିଛି । ଏହି ପ୍ରକଳ୍ପ ଦ୍ୱାରା ୪ଟି ଗ୍ରାମ ତୁଲିଙ୍ଗା, ମଝାପଡା, ଖପୁରିକଛାର, ବେଲଡିହି ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହୋଇଛି । ଏହି ବିସ୍ଥାପିତ ଗ୍ରାମବାସୀଙ୍କ ପାଇଁ କମ୍ପାନୀ କଲାମେଘାଠାରେ କଲୋନୀ ନିର୍ମାଣ କରି ପ୍ରତି ପରିବାରକୁ ଥଇଥାନ କରିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ପ୍ରତି ଗ୍ରାମ ପାଇଁ ସ୍ୱତନ୍ତ୍ର କଲୋନୀ ନିର୍ମାଣ କରିଥିବା ବେଳେ ଖପୁରିକଛାର ଗ୍ରାମ ପାଇଁ ମଧ କଲୋନୀ ନିର୍ମାଣ କରିଛି । ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପାଇଁ ମୁଖ୍ୟଅତିଥି ଭାବରେ କମ୍ପାନୀର ବାଣିଜ୍ୟକ ନିର୍ଦ୍ଦେଶକ ଏକେ ଗୁପ୍ତା, ସମ୍ମାନିତ ଅତିଥି ଭାବରେ ନିର୍ଦ୍ଦେଶକ ପ୍ରକାଶ ତିୱାରୀ, ଖଣିମୁଖ୍ୟ ସରିଦୁତ ମିଶ୍ର ଆସି କଲୋନୀର ଶୁଭାରମ୍ଭ କରିଥିଲେ । ଏଥିରେ ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପର ଜିଜିଏମ ସିଆର ବାରିକ ଉପସ୍ଥିତ ରହି ଖଣି ଓ କଲୋନୀ ଏବଂ ବିସ୍ଥାପିତ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଡିଜିଏମ ଏ.କେ ମିଶ୍ର, ସିନିୟର ମ୍ୟାନେଜର ଏ.କେ ରାଉଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଏନଟିପିସି ଓ ସୈନିକ ମାଇନିଂର ବହୁ କର୍ମକର୍ତ୍ତା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ ।



ଖପୁରିକଛାର କଲୋନୀ ଉଦ୍‌ଘାଟନୀ ମୁହୂର୍ତ୍ତ।

# ଡାଲମିଆ ଆଇଟିଆଇର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ



ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥି।

**ରାଜଗାଙ୍ଗପୁର, ୧୬।୧୧ (ଡି.ଏନ.ଏ)**

ଝଗରପୁର ସ୍ଥିତ ଡାଲମିଆ ପ୍ରାଇଭେଟ ଆଇଟିଆଇର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ପୂର୍ବାଞ୍ଚଳ ଉତ୍ପାଦନ ମୁଖ୍ୟ ସୁନୀଲ କୁମାର ଗୁପ୍ତା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର ୟୁନିଟ ମୁଖ୍ୟ ଲୋକେଶ କୁମାର ବାହେଡି ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ଦିଗରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓମ ପ୍ରକାଶ ଅଗ୍ରୱାଲ, ହରିକୃଷ୍ଣ ସାହୁ, ପ୍ରଶାନ୍ତ ଚୌଧୁରୀ, ରାଜେନ୍ଦ୍ର କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଡିଆଇଟିଆଇର ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ଶିକ୍ଷା ଅନୁଷ୍ଠାନ ଉପରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କୁ ବିସ୍ତୃତ ଭାବେ ଶିକ୍ଷା ଶୈଳୀ ଉପରେ ସୂଚନା ଦେଇଥିଲେ। ପ୍ରଶିକ୍ଷକ ଶିବଶଙ୍କର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼, ୧୬।୧୧ (ଡି.ଏନ୍.ଏ)**

ଓଡିଶା ଶିକ୍ଷା ସେବାର ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ପଦୋନ୍ନତି ହୋଇ ଏଠାରୁ ପୁରୀ ଜିଲାକୁ ବଦଳି ହୋଇଛି । ଶନିବାର ସ୍ଥାନୀୟ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହଠାରେ ସୁନ୍ଦରଗଡ ଜିଲାର ସମସ୍ତ ବ୍ଲକ ଅଧିକାରୀ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ସଭାରେ ଅଧ୍ୟକ୍ଷତା କରିଥିଲେ। ସସ୍ମିତା ନାଏକ ସଭା ସଂଯୋଜନା କରିଥିବା ବେଳେ ଅମାତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବଡଗାଁ, ୧୬।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ଜଣେ ବୃଦ୍ଧଙ୍କ ପୋଖରୀରେ ବୁଡି ମୃତ୍ୟୁ ହୋଇଛି । ଲଦୋ ସୋରେଙ୍ଗ (୬୫) ଗାଁ ନିକଟ ପୋଖରୀକୁ ମଧ୍ୟାହ୍ନ ୧୨ଟାରେ ଗାଧୋଇବାକୁ ଯାଇଥିଲେ। ପୋଖରୀରେ ପଶିବାକ୍ଷଣୀ ଗୋଡ କାଦୁଅରେ ପଶି ଯିବାରୁ ବୁଡି ଯାଇଥିଲେ । ପାଣିରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ ।




# କୋଇଡାରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ



କୋଇଡାରେ ବିର୍ସା ମୁଣ୍ଡା ଜୟନ୍ତୀରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଟେନ୍‌ସା, ୧୬।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ବସଷ୍ଟାଣ୍ଡଠାରେ କୋଇଡା ବିର୍ସା ମୁଣ୍ଡା କମିଟି ପକ୍ଷରୁ ଶହୀଦ ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଦିବାସୀ ସମ୍ପ୍ରଦାୟର ୫୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେବା ସହ ବିଭିନ୍ନ ପ୍ରକାରର ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଢ଼ୋଲ, ମାଦଳ ବଜାଇ ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସକୁ ପାଳିବା ସହ ଅତିଥିମାନଙ୍କୁ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ନିକଟକୁ ପାଛୋଟି ନେଇଯାଇଥିଲେ। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୋଇଡା ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ସମ୍ମାନିତ ଅତିଥି ଭାବେ କୋଇଡା ବିଡିଓ ରମେଶ ହାଁସଦା, ସମାଜସେବୀ ବିଶ୍ୱନାଥ ଭଞ୍ଜ, କୋଇଡା ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପେଙ୍ଗୁଆ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅଳ୍ପ ବୟସରେ କିପରି ଇଂରେଜ ମାନଙ୍କ ସହିତ ଧନୁତୀରରେ ଯୁଦ୍ଧ କରି ଦେଶ ପାଇଁ ଜୀବନ ଦେଇଛନ୍ତି। ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ନୃତ୍ୟ ଗୀତରେ ଭାଗ ନେଇଥିବା ଗ୍ରୁପମାନଙ୍କୁ କମିଟି ପକ୍ଷରୁ ସମ୍ମାନ କରାଯାଇଥିଲା । ସେହିପରି କୋଇଡାରେ ଭଲ କାମ କରି ସୁନାମ ଅର୍ଜନ କରିଥିବା ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା । କମିଟିର ଜନ ଡୁଙ୍ଗଡୁଙ୍ଗ ମଞ୍ଚ ପରିଚାଳନା କରିଥିବା ବେଳେ ତ୍ରିଲୋଚନ ସାହୁ, ଅର୍ଜୁନ ନାଏକ, କାଳନ୍ଦି ସାହୁ, ବୁଲୁ ପରିଡା ସମେତ କମିଟି ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଲୋଡି ଅନୁଷ୍ଠିତ ହୋଇଥିଲା ।

### ଆଦିବାସୀଙ୍କ ଅଧିକାର ଶୀର୍ଷକ ଆଲୋଚନାଚକ୍ର

# ଦିଗହରା ହେଉଛି ଜଙ୍ଗଲ ଅଧିକାର ଆଇନ

**ସୁନ୍ଦରଗଡ଼, ୧୬।୧୧ (ଡି.ଏନ୍.ଏ)**

ଆଦିବାସୀଙ୍କ ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାର ଅଭାବ ନାହିଁ । ହେଲେ ପୁରୁଷାନୁକ୍ରମେ ଜଙ୍ଗଲରେ ବସବାସ କରିଆସୁଥିବା ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପାରିକ ବନବାସୀମାନଙ୍କର ଅଧିକାରର ସୁଫଳ ମିଳିପାରୁ ନାହିଁ। ସେମାନଙ୍କ ଦ୍ୱାରା ଅଧୀକୃତ ଜମିକୁ ଜଙ୍ଗଲ ଅଧିକାର ଆଇନ ଜରିଆରେ ସ୍ୱୀକୃତି ପ୍ରଦାନ ପାଇଁ ଥିବା ସରକାରୀ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁ ଏହି ଆଇନ୍ ଦିଗହରା ହୋଇପଡିଛି ବୋଲି ସ୍ଥାନୀୟ ଆଠକୋଣିଆ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ଆଦିବାସୀଙ୍କ ଅଧିକାର ଶୀର୍ଷକ ଏକ ଆଲୋଚନାଚକ୍ରରେ ଏହା ମତ ପ୍ରକାଶ ପାଇଛି। ଜଙ୍ଗଲରେ ବସବାସ କରୁଥିବା ଅଧିବାସୀମାନେ ଜଳ, ଜମି, ଜଙ୍ଗଲ ଉପରେ ନିର୍ଭର କରି ଚଳି ଆସୁଥିବାବେଳେ ଏବେ ବିଭିନ୍ନ ଖଣି, ଖାଦାନ ଓ ଶିଳ୍ପାନୁଷ୍ଠାନ ଗଢି ଉଠୁଥିବା ଯୋଗୁ ପ୍ରାକୃତିକ ସମ୍ବଳ ନଷ୍ଟ ହେଉଥିବା ବେଳେ ଆଦିବାସୀମାନେ ନିଜର ଜୀବିକା ମଧ୍ୟ ହରାଉଛନ୍ତି। ଆଠକୋଣିଆ ଆଦିବାସୀ ଏକତା ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସୁପ୍ରିୟାନ୍ ଖାଖା, ଜନ କେରକେଟା, ଗେରୋଟି ଖେସ୍, ସୁନୀଲ ଖାଲକୋ, ଆଭ୍ରା ଲାକ୍ରା ପ୍ରମୁଖ ଆଦିବାସୀ ନେତୃବୃନ୍ଦ ଆଲୋଚନାରେ ଭାଗନେଇ ଆଦିବାସୀଙ୍କ ଅଧିକାର, ପେଶା ଆଇନ୍‌ର କାର୍ଯ୍ୟକାରିତା, ଗ୍ରାମସଭାର ଗୁରୁତ୍ୱ ଓ ଲଘୁ ବନଜାତ ଦ୍ରବ୍ୟର ଉଚିତ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ, କାମ୍ପା ପ୍ରକଳ୍ପରେ ହେଉଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦେଶୀ ପ୍ରଜାତିର ବିଭିନ୍ନ ଫଳପ୍ରଦାନକାରି ବୃକ୍ଷରୋପଣ କରାଯିବା ପାଇଁ ଦାବି ହୋଇଥିଲା।




ଆଦିବାସୀଙ୍କ ଅଧିକାର ଶୀର୍ଷକ ଆଲୋଚନାଚକରେ ଭାଗ ନେଇଥବା ଅତିଥ. ବକ୍ତା।

କୁଷ୍ଠ ରୋଗ
ଚିହ୍ନଟ ଅଭିଯାନ
୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।
ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ ।
ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।

ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଲି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha

## ସଂକ୍ଷେପରେ

### ପାନୀୟ ଜଳ ପାଇଁ ପଡ଼ାବାସୀ ହନ୍ତସନ୍ତ

କୋଲାବିରା,୧୬।୧୧(ଡି.ଏନ୍.ଏ.)- ସରକାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ରାଜକୋଷରୁ ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି ଟଙ୍କାରେ ଗ୍ରାମାଞ୍ଚଳରେ ଲୋକଙ୍କ ପିଇବା ପାଣି ସୁବିଧା ପାଇଁ ଅନେକ ସ୍ଥାନରେ ନଳକୂପ, ପାନୀୟ ପ୍ରକଳ୍ପ କରାଯାଉଛି। ହେଲେ କୌଣସି କାରଣରୁ ନଳକୂପ କିମ୍ବା ପ୍ରକଳ୍ପ ଅଚଳ ହେଲେ ବିଭାଗୀୟ କର୍ତ୍ତୃପକ୍ଷ ମରାମତି ପାଇଁ ଆନ୍ତରିକତା ଦେଖାଉ ନାହାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକରେ। ମିଳିଥିବା ସୂଚନା ଅନୁଯାୟୀ, କୋଲାବିରା ବସ୍ତିର ତେଲେଙ୍ଗାପଡ଼ା, ଜମିଦାରପଡ଼ା, ଘସିଆପଡ଼ାକୁ ୧୫ ଦିନରୁ ଊର୍ଦ୍ଧ୍ୱ ହେଲା ବିତରଣ ଜନିତ ଅବ୍ୟବସ୍ଥା ଯୋଗୁ ପଡ଼ାବାସୀ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ଫଳରେ ଉକ୍ତ ପଡ଼ାବାସୀ ପାନୀୟ ଜଳ ପାଇଁ ଦୂରରେ ଥିବା ଏକ ନଳକୂପ ଉପରେ ନିର୍ଭର କରୁଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ସଂସ୍ଥା ପକ୍ଷରୁ କୋଲାବିରା ବସ୍ତିର ଉପରମୁଣ୍ଡରେ ଥିବା ଓଭରହେଡ ଟ୍ୟାଙ୍କରୁ କୋଲାବିରା ଗ୍ରାମକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ହେଲେ ଓଭରହେଡ ଟ୍ୟାଙ୍କରୁ କୁମ୍ଭାରପଡ଼ା ପର୍ଯ୍ୟନ୍ତ ପାଣି ଆସୁଥିବାବେଳେ ତେଲେଙ୍ଗାପଡ଼ା, ଜମିଦାରପଡ଼ା ଓ ଘସିଆପଡ଼ାକୁ ପାଣି ଆସୁନାହିଁ। ଫଳରେ ଉକ୍ତ ପଡ଼ାବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଡ଼ାବାସୀଙ୍କ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ହିମାଂଶୁ ସାଙ୍କୁ ପଚାରିବାରୁ ମୁଁ ସମସ୍ୟା ସମ୍ପର୍କରେ ଅବଗତ ଅଛି। କିଛି ଯନ୍ତ୍ରାଂଶ ମଗାଯାଇଛି। ତାହା ଆସିଲେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ବେଲପାହାଡ଼, ୧୬।୧୧(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ଅଞ୍ଚଳର ଜମିଦାର ବଂଶଜ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ବିଜୟ କୁମାର ଭ୍ରମରବର ରାୟଙ୍କ ରବିବାର ଅପରାହ୍ନରେ ପରଲୋକ ହୋଇଛି। ଗତ କିଛିମାସ ହେଲା ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ରାୟ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଓ ଉପସଭାପତି ପଦବୀରେ ରହି ଦଳର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିଆସୁଥିଲେ। ଗତବର୍ଷ ସ୍ୱର୍ଗତ ରାୟ ତାଙ୍କ ଏକମାତ୍ର ପୁତ୍ରଙ୍କୁ ହରାଇଥିଲେ। ସେହିଦିନଠାରୁ କ୍ରମଶଃ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ବର୍ତ୍ତମାନ ତାଙ୍କର ଏକ ମାତ୍ର ଝିଅ ବିଦେଶରେ ଚାକିରି କରୁଛନ୍ତି। ସ୍ୱର୍ଗତ ରାୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେଲା ପରେ ବେଲପାହାଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ଶିଶୁ ନାଟକ ମହୋତ୍ସବ 'ଇନ୍ଦ୍ରଧନୁ' ଉଦ୍‌ଯାପିତ

# 'କଁଚା ମାଏଟ୍' ଶ୍ରେଷ୍ଠ ପ୍ରଯୋଜିତ ନାଟକ



ଉଦ୍‌ଯାପନୀ ସନ୍ଧ୍ୟାରେ ମିରର୍ ଥିଏଟର ପରିବେଷିତ ପାଚେନ୍ ନାଟକର ଏକ ଦୃଶ୍ୟ।

**ବେଲପାହାଡ଼, ୧୬।୧୧(ଡି.ଏନ୍.ଏ.)**

ନାଟ୍ୟ ଅନୁଷ୍ଠାନ ମିରର୍ ଥିଏଟର ପକ୍ଷରୁ ବେଲପାହାଡ଼ ସହର ଗୁମାଡ଼େରା ବଡ଼କଁଟାସ୍ଥିତ ନାଟ୍ୟମଞ୍ଚରେ ଆୟୋଜିତ ଶିଶୁ ନାଟକ ମହୋତ୍ସବ 'ଇନ୍ଦ୍ରଧନୁ' ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ବେଲପାହାଡ଼ ସହରର ମୋଟ ୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଦଳ ଅଂଶଗ୍ରହଣ କରି ନାଟକ ପ୍ରଦର୍ଶନ କରିଥିଲେ। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଯୋଜିତ ନାଟକ ବିଭାଗରେ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟର ନାଟକ 'କଁଚା ମାଏଟ୍' ପ୍ରଥମ, ବେଲପାହାଡ଼ ଗିରିଧାରିଲାଲ ଉଚ୍ଚ ବିଦ୍ୟାଳୟ ନାଟକ 'ସାବ୍‌ଧାନ୍' ଦ୍ୱିତୀୟ ଓ ବିବେକାନନ୍ଦ ବିଦ୍ୟାଳୟର ନାଟକ 'ଜୁଏ କୁହୁଲୁଛେ' ତୃତୀୟ ବିବେଚିତ ହୋଇଛି। ଶ୍ରେଷ୍ଠ ନିର୍ଦ୍ଦେଶନା ବିଭାଗରେ ନାଟକ 'ସାବ୍‌ଧାନ୍'ର ନିର୍ଦ୍ଦେଶିକା ସୁଜାତା ସାହୁ ପ୍ରଥମ, ନାଟକ 'ଧୂସର ପୃଥିବୀ'ର ନିର୍ଦ୍ଦେଶିକା ମିନତି ମହାପାତ୍ର ଦ୍ୱିତୀୟ ଓ ନାଟକ 'କଁଚା ମାଏଟ୍'ର ନିର୍ଦ୍ଦେଶକ ଅଭିମନ୍ୟୁ ସା ତୃତୀୟ ବିବେଚିତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶନା ବିଭାଗରେ ନାଟକ 'କଁଚା ମାଏଟ୍'ର ଚକ୍ରଧର ବାଗ ପ୍ରଥମ, ନାଟକ 'ସାବ୍‌ଧାନ୍'ର ସ୍ମୃତିରେଖା ବିଶ୍ୱାଳ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଅଭିନୟ ବିଭାଗରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟର ନାଟକ 'କଁଚା ମାଏଟ୍'ର ପ୍ରୀତି ବାଗ ପ୍ରଥମ, ଛୁଆଲିବେର୍ଣ୍ଣା ନରସିଂହ ଉଚ୍ଚ ବିଦ୍ୟାଳୟର ନାଟକ 'ଚିଠି'ର ସାନିଆ ବେହେରା ଦ୍ୱିତୀୟ ଏବଂ ବେଲପାହାଡ଼ ଆଦର୍ଶ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନାଟକ 'ଗାନ୍ଧିଜୀଙ୍କ ସ୍ୱପ୍ନ–ରାମ ରାଜ୍ୟ'ର ଆରତୀ ଗଡ଼ିଆଙ୍କ ସହିତ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟର ନାଟକ 'କଁଚା ମାଏଟ୍'ର ପ୍ରିୟଙ୍କା ମୁଚୁଲିଆ ତୃତୀୟ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ଅଭିନେତା ଭାବରେ ବେଲପାହାଡ଼ ବିବେକାନନ୍ଦ ବିଦ୍ୟାଳୟର ନାଟକ 'ଜୁଏ କୁହୁଲୁଛେ'ର ସଚିଚାନନ୍ଦ ପତି ପ୍ରଥମ, ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟର ନାଟକ 'କଁଚା ମାଏଟ୍'ର ଶକ୍ତିମାନ ରାଉତ ଦ୍ୱିତୀୟ ଓ ବେଲପାହାଡ଼ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ନାଟକ 'ଧୂସର ପୃଥିବୀ'ର ନିଶାନ୍ତ ଲେଙ୍କା ତୃତୀୟ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ 'ଗାନ୍ଧିଜୀଙ୍କ ସ୍ୱପ୍ନ–ରାମ ରାଜ୍ୟ'ର ବର୍ଷା ଦାଶ ପ୍ରଥମ, ନାଟକ 'ସାବ୍‌ଧାନ୍' ଗୋପାଳ ସାହୁ ଦ୍ୱିତୀୟ, ନାଟକ 'ଚିଠି'ର ଶିବାନୀ ଖର୍ଡ଼ିଆ ତୃତୀୟ ହୋଇଛନ୍ତି। ଏହା ସହିତ 'ଗାନ୍ଧିଜୀଙ୍କ ସ୍ୱପ୍ନ–ରାମ ରାଜ୍ୟ'ର ନିଶା ମାଳିଙ୍କୁ ସ୍ୱତନ୍ତ୍ର ଅଭିନୟ ପୁରସ୍କାର ପ୍ରଦାନ କରାଯାଇଛି। ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜକ ଅନୁଷ୍ଠାନ ମିରର ଥିଏଟର ପକ୍ଷରୁ ନାଟକ 'ପାଚେନ୍' ମଞ୍ଚସ୍ଥ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ପୌର ପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, କାଉନସିଲର ରଞ୍ଜିତା ବିଶ୍ୱାଳ, ଜେନାମଣି ସେଠ୍ ଓ ଶମ୍ଭୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମିରର ଥିଏଟରର ନିର୍ଦ୍ଦେଶକ ସୁବାସ ପ୍ରଧାନ ମହୋତ୍ସବ ଆୟୋଜନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

# ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ




ଜାତୀୟ ପ୍ରେସ୍ ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।



ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୬।୧୧(ଡି.ଏନ୍.ଏ.)**

■ଗଣମାଧ୍ୟମ ସମାଜର ପଥ ପ୍ରଦର୍ଶକ:ଏଡିଏମ୍

■ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ

ଝାରସୁଗୁଡ଼ା ଜିଲା ପ୍ରଶାସନ ତରଫରୁ ସର୍କିଟ୍ ହାଉସ୍‌ରେ ଶନିବାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି ଡିଆର୍‌ଡିଏ) ତପିରାମ ମାଝିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଏଲ୍‌ଏନ୍ କଲେଜ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ବାଦିକତା–ବାର୍ତ୍ତା ଓ ବ୍ୟାଖ୍ୟାନ: ଏକ ଯାତ୍ରା ଶୀର୍ଷକ ଆଲୋଚନାଚକ୍ର ରହିଥିଲା। ଏଥିରେ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ସାହୁ ତାଙ୍କ ବକ୍ତବ୍ୟରେ ଗଣମାଧ୍ୟମ ସମାଜର ପଦପ୍ରଦର୍ଶକ। ଏହାକୁ ଦୃଷ୍ଟିରେ ରଖି ଖବରଦାତାମାନେ ଖବର ପରିବେଷଣ କଲାବେଳେ ସମାଜକୁ ଦିଗଦର୍ଶନ ଦେଲାଭଳି ଗଠନ ମୂଳକ ଉପସ୍ଥାପନା କରିବା ଆବଶ୍ୟକତା ରହିଛି। ରାଷ୍ଟ୍ରଗଠନରେ ମଧ୍ୟ ଗଣମାଧ୍ୟମର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଗଣମାଧ୍ୟମ ଦେଶର ଜାଗ୍ରତ ପ୍ରହରୀ ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଖବରଦାତାମାନେ କାର୍ଯ୍ୟକରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ପ୍ରାଧ୍ୟାପକ ଦେବତା ତାଙ୍କ ବକ୍ତବ୍ୟରେ ଖବର ଅନ୍ୟକୁ ଜଣାଇବାକୁ ବାର୍ତ୍ତା କୁହାଯାଇଥାଏ। ବାର୍ତ୍ତା ଶବ୍ଦଟି ଯେମିତି ପବିତ୍ର ସେମିତି ବାର୍ତ୍ତା ବାହାକ(ଖବରଦାତା)ମାନେ ହେଉଛନ୍ତି ମହାନ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରକଳ୍ପ ଅଧିକାରୀ (ପିଡି ଡିଆର୍‌ଡିଏ)ମାଝି କହିଥିଲେ ଯେ, ଦେଶର ବିକାଶ ପାଇଁ ପ୍ରଗତି, ଶାନ୍ତି ଓ ମୈତ୍ରୀର ଆବଶ୍ୟକତା ରହିଛି। ଏହାକୁ ଆଧାରକରି ଗଣମାଧ୍ୟମ କାର୍ଯ୍ୟକରିବା ଆବଶ୍ୟକ ବୋଲି ସେ କହିଥିଲେ। ସଭାରେ ଜିଲା ସାମ୍ବାଦିକ ସଂଘ ସଭାପତି ନୀଳେନ୍ଦ୍ର କୁମାର ଗଜେନ୍ଦ୍ର, ମେହେବୁବ୍ ମହତାବ, ସନ୍ତୋଷ ମିଶ୍ର, ପ୍ରଶାନ୍ତ ମହାନ୍ତି, ତପସିଲାଲ୍ ତିୱାରୀ, ପ୍ୟାରେଲାଲ୍ ଶ୍ରୀବାସ୍ତବ, ବସନ୍ତ ଜେନା, ଜୀବନ ମହାନ୍ତି, ସୁରେଶ ତ୍ରିପାଠୀ ପ୍ରମୁଖ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏଥିରେ ଜିଲାର ଝାରସୁଗୁଡ଼ା, ବେଲପାହାଡ଼, ବ୍ରଜରାଜନଗର, ଲଖନପୁର, କୁଲାବିରା, ଲଇକେରା, କିର୍ମିରା ଆଦି ପୌରାଞ୍ଚଳ ଓ ବ୍ଲକ ଅଞ୍ଚଳର ଶତାଧିକ ଖବରଦାତା ଉପସ୍ଥିତ ଥିଲେ। ଶେଷରେ ଡିଆଇପିଆର୍‌ଓ ଅଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**କିର୍ମିରା, (ଡି.ଏନ୍.ଏ.)**

ଓୟୁଜେ ଦ୍ୱାରା ଅନୁବନ୍ଧିତ ଝାରସୁଗୁଡା ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ସର୍କିଟ ହାଉସ ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ସଂଘର ଜିଲା ସଭାପତି ତ୍ରିଲୋଚନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଜୟ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ସଂପାଦକ ସୁମନ୍ତ ଶେଖର ବହିଦାର ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସଂଘର କୋଷାଧ୍ୟକ୍ଷ ସୁରେଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଉପସଭାପତି ବନବାସୀ ଗୌଡ଼, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତ ସାହୁ, କୁଞ୍ଜବିହାରୀ ପଟେଲ, ଡିଲେଶ୍ୱର ବାଗ, ଅଜୟ ଶର୍ମା, ବିରଞ୍ଚି ସ୍ୱାଇଁ, ସଞ୍ଜୟ ବାହୁବଲେନ୍ଦ୍ର, ପ୍ରକାଶ ପଧାନ, ମହେନ୍ଦ୍ର ସାଏ, ଜିବର୍ଦ୍ଧନ କଲ୍ୟାରୀ ପ୍ରମୁଖ ଯୋଗଦେଇଥିଲେ।

■୩ ମାସ ଧରି ପାଣି ଘେରରେ ମାଙ୍କଡ଼ ଦଳ

## ଖବର ପ୍ରସାରଣ ପରେ ଉଦ୍ଧାରକଲା ବନ ବିଭାଗ



ପାଣି ଘେରରେ ଥିବା ମାଙ୍କଡ଼ ଦଳଙ୍କୁ ଯନ୍ତାରେ ଉଦ୍ଧାର କରି ବାହାରକୁ ଅଣାଯାଉଛି।

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୬।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ପତରାପାଲି ପଞ୍ଚାୟତ ଡୁମେରମୁଣ୍ଡା ଗ୍ରାମ ନିକଟ ହୀରାକୁଦ ଜଳଭଣ୍ଡାର ପାଣି ଘେରରେ ଥିବା ଏକ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟାୱାରରେ ୩ ମାସ ଧରି ଏକ ମାଙ୍କଡ ଦଳ ଫସି ରହିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ବନ ବିଭାଗ ଓ ସ୍ଥାନୀୟ ଗ୍ରାମବାସୀ ୪ ଦିନ ଧରି ଉଦ୍ଧାର କାର୍ଯ୍ୟ ଜାରିରଖିଥିଲେ। ଶନିବାର ଏହି ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ପାଣି ଘେରରେ ଫସି ରହିଥିବା ମାଙ୍କଡ଼ ଦଳକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡ଼ିଦିଆଯାଇଛି। ଏନେଇ ଝାରସୁଗୁଡ଼ାବାସୀ ବନ ବିଭାଗ ଓ ଡୁମେରମୁଣ୍ଡା ଗ୍ରାମବାସୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସୂଚନାନୁଯାୟୀ ଡୁମେରମୁଣ୍ଡା ଗ୍ରାମ ନିକଟରେ ହୀରାକୁଦ ଜଳଭଣ୍ଡାର ପାଦଦେଶରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟାୱାର ରହିଛି। ଏହି ଟାୱାର ଅଞ୍ଚଳରେ ବର୍ଷା ପୂର୍ବରୁ ଏକ ମାଙ୍କଡ ଦଳ ଏଠାରେ ରହିଯାଇଥିଲେ। ପରେ ଜଳଭଣ୍ଡାରରେ ବର୍ଷା ପାଣି ବୃଦ୍ଧିହେବା ଫଳରେ ଟାୱାର ଅଞ୍ଚଳ ପାଣି ଘେରରେ ରହିଯାଇଥିଲା। ଟାୱାର ଉପରକୁ ଗଲେ ଉଚ୍ଚକ୍ଷମତା ସମ୍ପନ୍ନ ଜୀବନ୍ତ ବିଦ୍ୟୁତ୍ ତାର ଓ ତଳକୁ ଓହ୍ଲାଇଲେ ଅଥଳଅଥଳ ପାଣି। ଫଳରେ ମାଙ୍କଡ଼ ଦଳ ସେଠାରେ ଫସି ରହିଯାଇଥିଲେ। ଏହି ଘଟଣା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ନଜରକୁ ଆସିଥିଲା। ପରେ ମତ୍ସ୍ୟଜୀବୀମାନେ ମାଛମରା ଡଙ୍ଗାରେ ଯାଇ ପାଣିଘରରେ ଥିବା ମାଙ୍କଡ଼ ଦଳଙ୍କୁ ପ୍ରତିଦିନ ଖାଇବା ପାଇଁ କିଛି ଖାଦ୍ୟ ସାମଗ୍ରୀ ଦେଉଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଫସି ରହିଥିବା ମାଙ୍କଡ଼ ଦଳ ମଧ୍ୟରେ ୧୧ଗୋଟି ମାଙ୍କଡ଼ ରହିଥିଲେ। ସେ ମଧ୍ୟରୁ ୫ ମାଙ୍କଡ଼ ବିଦ୍ୟୁତ୍ ଆଘାତ ଓ ପାଣିରେ ପଡି ମୃତ୍ୟୁବରଣ କରିଛନ୍ତି। ବାକି ୬ ମାଙ୍କଡ଼ ଟାୱାରରେ ଫସି ଜୀବନ ସହିତ ସଂଗ୍ରାମ କରୁଥିଲେ। ଏଭଳି ସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନେ ଖବରପାଇ ଫସି ରହିଥିବା ମାଙ୍କଡ଼ଙ୍କ ଫଟୋ ଉତ୍ତୋଳନ ପୂର୍ବକ ଗଣମାଧ୍ୟମରେ ଖବର ପ୍ରକାଶ କରିଥିଲେ। ଖବର ପ୍ରସାରଣ ପରେ ଡିଏଫ୍‌ଓ ସୁଶାନ୍ତ କୁମାରଙ୍କ ନିର୍ଦ୍ଦେଶ କ୍ରମେ ରେଞ୍ଜର ରମେଶ ନାଥ ଓ ଉଦନ୍ତ ସାହୁଙ୍କ ନେତୃତ୍ୱରେ ଏକ ଉଦ୍ଧାରକାରୀ ଦଳ ପାଣିରେ ଯନ୍ତା ବସାଇ ଫଳମୂଳ ଖାଇବାକୁ ଦେଇ ପର୍ଯ୍ୟାୟକ୍ରମେ ମାଙ୍କଡ଼ ଦଳକୁ ଉଦ୍ଧାର କରିଛନ୍ତି।




■ଏମ୍‌ସିଏଲ୍ ବିସ୍ଥାପିତଙ୍କ ସମସ୍ୟାକୁ ନେଇ ତ୍ରିପାକ୍ଷିକ ବୈଠକ

# ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ନିର୍ଦ୍ଦେଶ



ତ୍ରିପାକ୍ଷିକ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

**ଲଖନପୁର,୧୬।୧୧(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ର ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କ ବହୁବିଧ ସମସ୍ୟାକୁ ନେଇ ଓପିଜିସି ଅତିଥି ଭବନରେ ଶନିବାର ଏକ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଏମ୍‌ସିଏଲ୍ ଲଖନପୁର ପ୍ରବନ୍ଧକ ଅନିଲ କୁମାର ସିଂ, ଆର୍ ଆଣ୍ଡ ଆର୍ ଅଧିକାରୀ ସୁନୀଲ ଶର୍ମା, ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ତରଫରୁ ଲଖନପୁର ଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ଉପସଭାପତି ଗଙ୍ଗାପ୍ରସାଦ ଦୀପ୍, ସମ୍ପାଦକ ଲୋକନାଥ ବୁଧିଆ, କୋଷାଧ୍ୟକ୍ଷ ସରୋଜ ଛଞ୍ଚାଣ, ସାଧୁଚରଣ ଦଣ୍ଡସେନା, ତ୍ରିନାଥ ସାହୁ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ଦର୍ଲିପାଲି, ଖଇରକୁନି, ଟିଙ୍ଗିସ୍‌ମାଲ୍, ଉବୁଡା ଆଦି ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଗ୍ରାମର ବହୁବିଧ ସମସ୍ୟା ମଧ୍ୟରେ ଉପଯୁକ୍ତ କ୍ଷତିପୂରଣ, ଥଇଥାନ, ନିଯୁକ୍ତି, କଟପ୍‌ଡେଟ୍ ଆଦିକୁ ନେଇ ଖଣି କର୍ତ୍ତୃପକ୍ଷ ଦୀର୍ଘବର୍ଷ ହେଲା ଟାଳଟୁଳ ନୀତିରେ ଦିନପରେ ଦିନ ଗଡ଼େଇ ଚାଲିଛନ୍ତି। ଫଳରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏହାର ସମାଧାନ ପାଇଁ ବିଧାୟକ ମହାନ୍ତି ଖଣି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସଂଗ୍ରାମ ସମିତି ତରଫରୁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ। ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ।

ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ।



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୭ ନଭେମ୍ବର, ୨୦୧୯



“ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### କେରାଣ୍ଡି ଯୋର କେନାଲରେ ବୁଡି ବାବାଜୀଙ୍କ ମୃତ୍ୟୁ

**ରେଢାଖୋଲ,୧୬।୧୧(ଡି.ଏନ.ଏ.)** ରେଢାଖୋଲ ସହରର ସଦର ପ୍ରାଥମିକ ବିଦ୍ୟାଳୟ ନିକଟରେ ଯାଇଥିବା କେରାଣ୍ଡି ଜୋର କେନାଲକୁ ଗାଧୋଇବାକୁ ଯାଇ ଶନିବାର ସକାଳେ ପାଣିରେ ବୁଡି ଜଣେ ବାବାଜୀଙ୍କ ମୃତ୍ୟୁ ଘଟିଛି। ଏହି ବାବାଜୀ ଜଣକ ହେଲେ ବୌଦ୍ଧ ଜିଲା ସଦର ଥାନା ନାରାୟଣନଗରର ତୁଳସୀଦାସ ମେହେର (୭୯)। ଖବର ପାଇ ପୋଲିସ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ବାବାଜୀଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ରେଢାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୨୨/୧୯) ରୁଜୁ ହୋଇଛି। ସୂଚନା ଅନୁସାରେ, ସ୍ଥାନୀୟ ରାମ ମନ୍ଦିରରେ ଚାଲିଥିବା ଭାଗବତ ପାରାୟଣ କାର୍ଯ୍ୟକ୍ରମକୁ ଏହି ବାବାଜୀ ଜଣକ ଆସିଥିଲେ। ହେଲେ ଶନିବାର ସକାଳେ ମନ୍ଦିର ନିକଟରେ ଯାଇଥିବା କେରାଣ୍ଡି ଜୋର କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡିଯାଇ ମୃତ୍ୟୁ ଘଟିଥିବା ପୋଲିସ କହିଛି।

**ଭାଗବତ ପାରାୟଣ କାର୍ଯ୍ୟକ୍ରମକୁ ଆସିଥିଲେ**

### ଦେଶୀ ମଦ ଜବତ, ଜଣେ ଗିରଫ

**ରେଢାଖୋଲ,୧୬।୧୧(ଡି.ଏନ.ଏ.)** ରେଢାଖୋଲ ପୋଲିସ ଶନିବାର ଏହି ଥାନା ଅନ୍ତର୍ଗତ କୁଟାସିଙ୍ଗା ଗ୍ରାମରେ ଚଢାଉ କରି ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜେଶ ପୃଷ୍ଟି (୨୨)। ତାଙ୍କ ନିକଟରୁ ପୋଲିସ ୫୨ ପାଉଚ ମଦ ଜବତ କରିଛି। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ରାଜେଶଙ୍କୁ କୋର୍ଟ ଚାଲାଣ କରିଛି।



### ଏନ୍‌ଏସ୍‌ସିବି କଲେଜ ଛାତ୍ର ପୁରସ୍କୃତ

**ସମ୍ବଲପୁର,୧୬।୧୧ (ବ୍ୟୁରୋ)-** ଜିଲା ଓ ରାଜ୍ୟସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ନେତାଜୀ ସୁବାଷଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜ ଛାତ୍ର ମହମ୍ମଦ ଜୁନେଥ ସଫଳତା ହାସଲ କରିଛନ୍ତି। ଜିଲାସ୍ତରରେ ପ୍ରଥମ ଓ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ହାସଲ କରି କଲେଜକୁ ଗୌରବାନ୍ୱିତ କରିଛନ୍ତି। କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁ, ଡ. ରଘୁମଣୀ ନାୟକ, ଡ. ବିଶ୍ୱମୋହନ ଜେନା ଶନିବାର ଛାତ୍ର ଜୁନେଥଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ମାନେଶ୍ୱର ଛକରୁ ପିକଅପ୍ ଭ୍ୟାନ୍ ଚୋରି

**ସମ୍ବଲପୁର,୧୬।୧୧(ବ୍ୟୁରୋ)-** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ଛକରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ପିକଅପ୍ ଭ୍ୟାନ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗାଡି ମାଲିକ କୃଷ୍ଣଚନ୍ଦ୍ର ମେହେର ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଗାଡି ନଂ. ଓଡି ୧୫ ଏନ- ୫୦୫୯ ରାତିରେ ଘର ସମ୍ମୁଖରେ ଛିଡା ହୋଇଥିଲା। ହେଲେ ଦୁର୍ବୃତ୍ତମାନେ ଆସି ଗାଡି ଚୋରି କରି ନେଇଯାଇଛନ୍ତି। ଏ ନେଇ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### କଫସିରପ ଜବତ, ଜଣେ ଗିରଫ

**ସମ୍ବଲପୁର,୧୬।୧୧(ବ୍ୟୁରୋ)** ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ କଫସିରପ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କରମଟୁଲିର ସଞ୍ଜୟ ଖଡିଆ। ତାଙ୍କ ନିକଟରୁ ୧୦ ବୋତଲ କଫସିରପ ଜବତ କରିଛି। ଏ ନେଇ ଥାନାରେ କେସ୍ ନଂ. ୫୦୬/୧୯ମାମଲା ରୁଜୁ ହୋଇଛି।

## ■ ଦ୍ୱିତୀୟ ଦିନରେ ମଧ୍ୟ ଧାନ କିଣାରେ ଅଚଳାବସ୍ଥା

# ଟୋକନ୍ ଦେଇ ପାରିଲାନି ପ୍ରଶାସନ

**ସମ୍ବଲପୁର/ପଡିଆବାହାଲ, ୧୬।୧୧(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲାରେ ଶନିବାର ଧାନ ସଂଗ୍ରହର ଦ୍ୱିତୀୟ ଦିନରେ ମଧ୍ୟ ଅଚଳାବସ୍ଥା ଦେଖା ଦେଇଛି। ପ୍ରଶାସନ ପକ୍ଷରୁ ଟୋକନ ଯୋଗାଇ ଦିଆଯାଇ ପାରି ନାହିଁ। ମାର୍କେଟ ୟାର୍ଡ ଓ କ୍ରୟ କେନ୍ଦ୍ର ଗୁଡିକରେ ଅବ୍ୟବସ୍ଥା ଦେଖା ଦେଇଥିଲା। ତେଣୁ ଚାଷୀ ଆଣିଥିବା ଧାନ ବିକ୍ରି କରିପାରି ନାହାନ୍ତି। ମାର୍କେଟ ଗୁଡିକରେ ଖୋଲା ଆକାଶ ତଳେ ଧାନ ସହ ଚାଷୀ ପଡି ରହିଛନ୍ତି। ଜିଲାରେ ପ୍ରାୟ ୫୦ରୁ ଅଧିକ ଗାଡି ଧାନ ବିକ୍ରି ପାଇଁ ଆସିଥିଲା। ହେଲେ ଯୋଗାଣ ବିଭାଗ, ଆରଏମସି ଓ ସମବାୟ ସମିତି ପକ୍ଷରୁ ଧାନ ରଖିବାକୁ ମନା କରି ଦିଆଯାଇଥିଲା। ଆରଏମସି ଓ ସମବାୟ ସମିତି କେବଳ କାଗଜ ପତ୍ରରେ ଧାନ କିଣା ବିକା କରି ସରକାରଙ୍କ ପାଖରୁ କମିସନ ପାଉଛନ୍ତି। ହେଲେ ଧାନ ରଖିବା ସମୟରେ ଏବେ ପଛଘୁଞ୍ଚା ଦେଉଛନ୍ତି। ଅନ୍ୟପଟେ ମିଲର୍ସମାନଙ୍କ ମଧ୍ୟ ଚୁକ୍ତି ସରି ନାହିଁ। ତେଣୁ ଧାନ ସଂଗ୍ରହ ବ୍ୟବସ୍ଥାରରେ ତ୍ରୁଟି ଥିବା ନେଇ ଚାଷୀ ଅଭିଯୋଗ କରିବା ସହ ଧାନ କିଣା ନୀତିକୁ ବିରୋଧ କରୁଛନ୍ତି। ନୀତିରେ ପରିବର୍ତ୍ତନ କରାଯାଉ। ପୂର୍ବ ବର୍ଷ ଭଳି ଜିଲାରେ ଧାନ କିଣା ବିକା କରାଯାଉ ବୋଲି ଦାବି କରିଛନ୍ତି। ଏହା ସହ ସୋମବାର ଅପରାହ୍ଣ ୧୨ଟା ପର୍ଯ୍ୟନ୍ତ ଚାଷୀ ଶେଷ ସମୟ ଦେଇଛନ୍ତି। ଏବେ ରାଜ୍ୟ ସରକାର ଓ ପ୍ରଶାସନ ଉପରେ ଚାପ ପଡିଛି। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ କହିଛନ୍ତି ଯେ, ଟୋକନ ବ୍ୟବସ୍ଥା ଓ ମିଲର୍ସ ଚୁକ୍ତି ଶୀଘ୍ର ସରିଯିବ। ଫଳରେ ସମସ୍ୟା ଦୂର ହୋଇଯିବ। ସୂଚନାଯୋଗ୍ୟ ଯେ, ଶନିବାର ଦ୍ୱିତୀୟ ଦିନରେ ପ୍ରାୟ ୧୫ଟି ମାର୍କେଟ ଓ କ୍ରୟ କେନ୍ଦ୍ରକୁ ୬୦ ଗାଡିରେ ୯ ହଜାର ପ୍ୟାକେଟ ଧାନ ବିକ୍ରି କରିବା ପାଇଁ ଚାଷୀ ଆଣିଥିଲେ। ଅନ୍ୟପଟେ ପ୍ରଥମ ଦିନରେ ମଧ୍ୟ ୫ ହଜାର ପକେଟ ମାର୍କେଟ ପଡି ରହିଥିଲା। ଏବେ ମାର୍କେଟ ଗୁଡିକରେ ଧାନ ଖୋଲା ଆକଶ ତଳେ ପଡି ରହିଛି। ଅନ୍ୟପକ୍ଷେ ଆମ ପଡିଆବାଲ ଖବରଦାତା ମଧ୍ୟ ଜଣାଇଛନ୍ତି ଯେ, ଶନିବାର ଦ୍ୱିତୀୟ ଦିବସରେ ଖଲିଆପାଲି ମାର୍କେଟ ୟାର୍ଡକୁ ସକାଳୁ ସକାଳୁ ଗୋଟିଏ ଟ୍ରକରେ ଧାନ ପହଞ୍ଚିଥିଲା। ହେଲେ ଧାନ ବିକ୍ରି ହୋଇପାରି ନ ଥିଲା। ଭୁବନେଶ୍ୱରରୁ ଟୋକନ ଆସିବ ବୋଲି କୁହାଯିବାରୁ ଚାଷୀମାନେ ପ୍ରତିବାଦ କରିଥିଲେ। ଶେଷରେ ସୋମବାର ସୁବିଧା କରି ଧାନ ଉଠାଇବାକୁ ଏକ ପ୍ରକାର ନିଷ୍ପତ୍ତି ହୋଇଛି। ଜୟଦୁର୍ଗା କୃଷକ କ୍ଲବ ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ଚାଷୀ ବିଦ୍ୟାଧର ମିଶ୍ର, ପ୍ରମୋଦ ମିଶ୍ର, ଶିବ ମେହେର ପ୍ରମୁଖ ବହୁ ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲା ମାନେଶ୍ୱର ମାର୍କେଟୟାର୍ଡରେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀମାନେ।

■ଧାନ ରଖିବାକୁ ଆର୍‌ଏମ୍‌ସି, ସମବାୟ ସମିତି ଅମଙ୍ଗ
■ସୋମବାର ପର୍ଯ୍ୟନ୍ତ ସମୟ ଦେଇଛନ୍ତି ଚାଷୀ

## ଜିଲାସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତା

**ସମ୍ବଲପୁର, ୧୬।୧୧ (ବ୍ୟୁରୋ)**

ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ସ୍କୁଲ ଓ କଲେଜସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତା ଶନିବାର ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲସ୍ତରରେ ସେଣ୍ଟଜୋସେଫ୍ କନଭେଣ୍ଟ ସ୍କୁଲର ଶିରିନ୍ ତ୍ରିପାଠୀ ପ୍ରଥମ, ରୋଜାଲିନ ମହାପାତ୍ର ଦ୍ୱିତୀୟ ଏବଂ ସେଣ୍ଟଜୋନ ସ୍କୁଲର ଶୁଭାଶିଷ ରାୟ ଚୌଧୁରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କଲେଜ ସ୍ତରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ପ୍ରଥମ, ସରକାରୀ ମହିଳା କଲେଜର ପ୍ରିନ୍ସି ଯାଦବ ଦ୍ୱିତୀୟ ଓ ରୋଜାଲିନ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ହେମନ୍ତ କୁମାର ମହାପାତ୍ର, ଶିବଶଙ୍କର ନନ୍ଦ ବିଚାରକ ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ଶନିବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ।

## ■ ଝାରସୁଗୁଡ଼ା ଜିଲା କ୍ରିକେଟ ଲିଗ୍

# ଲିଓ ୟୁଥ, ଆମ୍ବିଶନ ଫାଇନାଲକୁ ଉନ୍ନୀତ

**ବେଲପାହାଡ଼, ୧୬।୧୧(ଡି.ଏନ୍.ଏ.)**

ଶନିବାର ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଷ୍ଟାଡ଼ିୟମରେ ଜିଲା କ୍ରିକେଟ୍ ଲିଗ୍‌ର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବେଲପାହାଡ଼ର ଟିଆର୍‌ଏଲ୍ କ୍ରୋସାକି ଓ ବ୍ରଜରାଜନଗରର ଆମ୍ବିଶନ ପରସ୍ପରକୁ ଭେଟିଥିଲେ। ଉକ୍ତ ମ୍ୟାଚ୍‌ରେ ଆମ୍ବିଶନ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଟିଆର୍‌ଏଲ୍ କ୍ରୋସାକି ଦଳ ୧୯.୧ ଓଭରରେ ୯ ଉଇକେଟ ହରାଇ ମୋଟ ୧୦୭ ରନ୍ ସଂଗ୍ରହ କରିଥିଲା। ପରାଜିତ ଟିଆର୍‌ଏଲ୍ କ୍ରୋସାକି ଦଳର ବ୍ୟାଟ୍ସମ୍ୟାନ କିଶୋର ସାହୁ ସର୍ବାଧିକ ୨୮ ବଲରେ ୨୪ ରନ୍ ସଂଗ୍ରହ କରିଥିଲେ। ସେହିପରି ବିଜୟୀ ଆମ୍ବିଶନ ଦଳର ବ୍ୟାଟ୍ସମ୍ୟାନ ରୋଶନ ପ୍ରସାଦ ସର୍ବାଧିକ ୫୧ ବଲରେ ୬୭ ରନ୍ ସଂଗ୍ରହ କରିଥିଲେ। ଟିଆର୍‌ଏଲ ଦଳର ବୋଲର୍ ଶିବମ ସାଏ ଗୋଟିଏ ଉଇକେଟ ଓ ଆମ୍ବିଶନ ଦଳର ବୋଲର୍ ରୋଶନ ପ୍ରସାଦ ୩ ଉଇକେଟ ନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ୭୫ ରନରେ ବେଲପାହାଡ଼ର ଟିଆର୍‌ଏଲ୍ କ୍ରୋସାକି ଦଳକୁ ପରାସ୍ତ କରିଥିବା ବ୍ରଜରାଜନଗର ଆମ୍ବିଶନ ଦଳର ଅଲରାଉଣ୍ଡର ରୋଶନ ପ୍ରସାଦଙ୍କୁ ମ୍ୟାନ୍ ଅଫଦି ମ୍ୟାଚ୍ ଘୋଷଣା କରାଯାଇଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଝାରସୁଗୁଡ଼ାର ପ୍ରୋଗ୍ରେସିଭ ଓ ବେଲପାହାଡ଼ର ଲିଓ ୟୁଥ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲିଓ ୟୁଥ ଆସୋସିଏଶନ ୭ ରନରେ ବିଜୟୀ ହୋଇଛି। ଲିଓ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୭ ଉଇକେଟ ହରାଇ ୧୨୪ ରନ୍ ସଂଗ୍ରହ କରିଥିଲା। ଲିଓ ଦଳର ବ୍ୟାଟ୍ସମ୍ୟାନ ସୁଶାନ୍ତ ଲେଙ୍କା ସର୍ବାଧିକ ୧୮ ବଲରେ ୩୪ ରନ ସଂଗ୍ରହ କରିଥିଲେ। ଉକ୍ତ ମ୍ୟାଚ୍‌ରେ ପ୍ରୋଗ୍ରେସିଭ ଦଳ ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ସନ୍ତୋଷ ଯାଦବ ସର୍ବାଧିକ ୪୪ ବଲରେ ୫୯ ରନ୍ ସଂଗ୍ରହ କରିଥିଲେ। ଆସନ୍ତା ରବିବାର ପୂର୍ବାହ୍ଣରେ ବେଲପାହାଡ଼ର ଲିଓ ୟୁଥ ଆସୋସିଏଶନ ଓ ବ୍ରଜରାଜନଗରର ଆମ୍ବିଶନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ଶିଶୁ ସୁରକ୍ଷା, ଅଧିକାର ସଚେତନତା ରାଲି

**ସମ୍ବଲପୁର, ୧୬।୧୧ (ବ୍ୟୁରୋ)**

ୱାଲ୍ଡ ଭିଜନ୍ ପକ୍ଷରୁ ଶିଶୁମାନଙ୍କ ଉପରେ ଯୌନ ଶୋଷଣ ବନ୍ଦ କରିବାକୁ ଏକ ସଚେତନତା ରାଲି ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଶେଷ ହୋଇଥିଲା। ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା, ଶିଶୁ ଶୋଷଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଚାଲଲାଣ ପ୍ରଭୃତି ରୋକିବା ଉଦ୍ଦେଶ୍ୟରେ ରାଲିର ପରିକଳ୍ପନା କରାଯାଇଥିବା ଆୟୋଜକମାନେ କହିଥିଲେ। ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟଅତିଥି, ଡା. ବାଳାଦିତ୍ୟ ଗୋବିନ୍ଦ, ପ୍ରଦୀପ କୁମାର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ନିକୋଲ ଲେକ୍ସା, ରଞ୍ଜନ ନାୟକ, ଦିଲୀପ ମାଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳିଗଲେ ଠିକା କମ୍ପାନୀ ସୁପରଭାଇଜର

**ସମ୍ବଲପୁର,୧୬।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଅନେକ ଛୋଟ ବଡ ଠିକା କମ୍ପାନୀ ଓ ସଂସ୍ଥା କାର୍ଯ୍ୟ କରୁଛନ୍ତି। ହେଲେ ସେମାନେ ଶ୍ରମିକ ଓ କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଏମାନଙ୍କ ଅବହେଳା ଯୋଗୁ ଅନେକ ସମୟରେ ଲୋକଙ୍କ ଜୀବନ ଚାଲି ଯାଉଛି। ବେସାହାରା ହୋଇ ଯାଉଛନ୍ତି କର୍ମଚାରୀଙ୍କ ପରିବାର। ସ୍ଥାନୀୟ ପୋଲିସ ସହିତ ସଲାସୁତୁରା କରି ପରିବାର ବର୍ଗଙ୍କୁ ବୁଝାଇ ମାମଲା ଚପାଇ ଦିଆଯାଉଛି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ସଦର ଥାନା ଅଞ୍ଚଳରେ। ଠିକା କମ୍ପାନୀ ବିକେଡିର ଷ୍ଟୋର ରୁମ୍‌ରୁ ଶୁକ୍ରବାର ଏକ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ସେ ହେଲେ ଦେବଗଡ ଜିଲା ବାରକୋଟ ଥାନା ଗୋଲାବନ୍ଧ ଗ୍ରାମର ମହେଶ୍ୱର ସାହୁ (୪୫)। ଷ୍ଟୋର ରୁମ୍‌ରେ ଅଗ୍ନିକାଣ୍ଡ ଘଟି ମହେଶ୍ୱର ଶୋଇଥିବା ଅବସ୍ଥାରେ ଜିଅନ୍ତା ଜଳି ଯାଇଥିଲେ। ତେବେ ଷ୍ଟୋର ରୁମରେ ନିଆଁ ଲଗାଇ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପାଉଁଶ ଓ ମୃତ ଶରୀରର କିଛି ଅଂଶ ସଂଗ୍ରହ କରିଥିଲେ। ଅନ୍ୟପଟେ ସୁପରଭାଇଜର ଓ ଶ୍ରମିକମାନଙ୍କୁ ସୁରକ୍ଷା ପ୍ରତି ଉକ୍ତ ଠିକା କମ୍ପାନୀ ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ଘଟଣା ଘଟିଛି ବୋଲି ଅଭିଯୋଗ ହୋଇଛି। ଠିକା କମ୍ପାନୀ ବିକେଡି ସୁପରଭାଇଜର ମହେଶ୍ୱରଙ୍କ ବୀମା, ଇପିଏଫ ଓ ଶ୍ରମିକ ଆଇନ ଅନୁସାରେ ଅନ୍ୟାନ୍ୟ ସୁବିଧା ସୁଯୋଗ କରି ନ ଥିବା ଅଭିଯୋଗ ହୋଇଛି। ତେଣୁ ଜିଲା ଶ୍ରମ ବିଭାଗ ପକ୍ଷରୁ ଏହାକୁ ନେଇ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମନାକୁ ଆସିବ। ମୃତକଙ୍କ ପରିବାରଙ୍କୁ ଉଚିତ ଅନୁକମ୍ପା ରାଶି ମିଳି ପାରିବ ଓ ପରିବାର ଲୋକେ ନ୍ୟାୟ ପାଇପାରିବେ। ଏଭଳି ଅନେକ ଘଟଣା ହେଉଥିଲେ ମଧ୍ୟ ଶ୍ରମ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତେଣୁ ଠିକାଦାର ଓ ଠିକା କମ୍ପାନୀମାନେ ମନଇଚ୍ଛା ଶ୍ରମିକ ଶୋଷଣ କରୁଛନ୍ତି। ଅନ୍ୟପଟେ ଏଭଳି ଘଟଣା ଘଟିବା ପରେ ନିଜକୁ ଶ୍ରମିକ ନେତା କହୁଥିବା ବ୍ୟକ୍ତିମାନେ ମଧ୍ୟ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସୁନାହାନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝୀ କହିଛନ୍ତି ଯେ, ଏହି ଘଟଣା ଉପରେ ବିଭାଗକୁ ଅଭିଯୋଗ ଆସିନାହିଁ। ଶ୍ରମିକମାନଙ୍କ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା ଯାଞ୍ଚ କରିବା ଶ୍ରମ କମିଶନରଙ୍କ ପରିସରଭୁକ୍ତ। ଏହି ଘଟଣା ବିଷୟରେ ତାଙ୍କୁ ଅବଗତ କରାଇ ତଦନ୍ତ କରାଯିବ ବୋଲି ସେ କହିଥିଲେ। ସେହିପରି ସଦର ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି ଯେ, ତଦନ୍ତ ପରିସରଭୁକ୍ତ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟକୁ ଭିତ୍ତିକରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଯଦି ହତ୍ୟା କରାଯାଇଥାଏ ତେବେ ମାମଲା ପରିବର୍ତ୍ତନ କରାଯିବ। ସୂଚନାଯୋଗ୍ୟ ଯେ, ମହେଶ୍ୱର ପ୍ରତିଦିନ ଭଳି ଷ୍ଟୋର ରୁମକୁ ଶୋଇବାକୁ ଯାଇଥିଲେ। ସକାଳେ ଟିଣ ଛାଉଣୀରେ ତିଆରି ହୋଇଥିବା ଷ୍ଟୋର ରୁମ୍‌ଟି ଜଳି ଯାଇଥିଲା। ଭିତରେ ଶୋଇଥିବା ମହେଶ୍ୱର ଜଳି ଯାଇଥିଲେ। ଘଟଣା ସମ୍ପର୍କରେ ଠିକା କମ୍ପାନୀ ମ୍ୟାନେଜର ନନ୍ଦକିଶୋର ସ୍ୱାଇଁ ପୋଲିସକୁ ସୂଚନା ଦେଇଥିଲେ।

## ଟୁଇଟ୍ କରି ଆଇଆଇସିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଏମ୍.ରାମପୁର, ୧୬।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଏମ.ରାମପୁର ଥାନା ଆଇଆଇସି ଉତ୍ତମ କୁମାର ସାହୁ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କରିବା ସହ ଗରିବ ଓ ଅସହାୟଙ୍କୁ ସବୁ ପ୍ରକାର ସହାୟତା ଦେଉଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କୁ ପ୍ରଶଂସା କରିଛନ୍ତି। ଏହିଭଳି ପଦକ୍ଷେପ ‘ମୋ ସରକାର’ କାର୍ଯ୍ୟକ୍ରମର ବଡ଼ ସଫଳତା ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେହିପରି ଜାତୀୟ ପ୍ରେସ୍ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଖବରଦାତା ଏବଂ ଗଣମାଧ୍ୟମ ବ୍ୟକ୍ତି ବିଶେଷଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

## ବିକାଶରେ ଖବରଦାତାଙ୍କ ସହଯୋଗ ଆବଶ୍ୟକ

**ସମ୍ବଲପୁର/ କୁଚିଣ୍ଡା,୧୬।୧୧ (ବ୍ୟୁରୋ/ଡି.ଏନ.ଏ.)**

ଜିଲାରେ ବିଭିନ୍ନ ଦିଗରେ ବିକାଶ ପାଇଁ ମୁଖ୍ୟ ଦାୟିତ୍ୱ ରହିଛି। ହେଲେ ବିକାଶ ପାଇଁ ଖବରଦାତାମାନଙ୍କ ସହଯୋଗ ନିହାତି ଆବଶ୍ୟକ। ଖବରଗୁଡକ ପ୍ରକାଶ ବା ପରିବେଷଣ ହେବା ଫଳରେ ପ୍ରଶାସନକୁ ଲୋକଙ୍କ ଅନେକ ସମସ୍ୟା ଉପରେ ଜାଣିବାକୁ ମିଳିଥାଏ। ଗଣମାଧ୍ୟମ ଓ ଜିଲା ପ୍ରଶାସନ ମିଳିତ ଉଦ୍ୟମ କଲେ ଜିଲାର ବିକାଶ ହୋଇ ପାରିବ। ଖବର ଗୁଡିକ ପରିବେଶଣ କଲା ସମୟରେ ପକ୍ଷଭୁକ୍ତ ଓ କାହା ପ୍ରରୋଚନାରେ ପ୍ରକାଶ ନ କରି ସତ୍ୟସତ୍ୟ ତଦନ୍ତ କରି ପ୍ରକାଶ କରିବା ଉଚିତ। ଏହା ଜଣେ ସାମ୍ବାଦିକର ପରିଚୟ ହୋଇଥାଏ ବୋଲି ପ୍ରେସ୍ ଭବନରେ ଜାତୀୟ ପ୍ରେସ ଦିବସ ଅବସରରେ ଜିଲାପାଳ ଶୁଭମ୍ ସକ୍‌ସେନା ଯୋଗ ଦେଇ କହିଛନ୍ତି। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ଭାବନୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଓଡିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଓୟୁଜେ) କୁଚିଣ୍ଡା ଶାଖା ପକ୍ଷରୁ ମଧ୍ୟ ଶନିବାର କୁଚିଣ୍ଡା ନ୍ୟୁ କଲ୍ୟାଣ ମଣ୍ଡପଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ‘ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା’କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ମୁଖ୍ୟବକ୍ତା ରୂପେ କୁଚିଣ୍ଡା ମହାବିଦ୍ୟାଳୟର ଅଧକ୍ଷ ଡ. ସୁଦର୍ଶନ ପାଣିଗ୍ରାହୀ, ସମ୍ମାନୀତ ଅତିଥି ରୂପେ କୁଚିଣ୍ଡା ଥାନା ଆଇଆଇସି ପ୍ରକାଶ କର୍ଣ୍ଣ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ପ୍ରଭାତ ବେହେରା ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତପନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ କେତେକ ବରିଷ୍ଠ ଖବରଦାତାଙ୍କୁ ସଂଘ ପକ୍ଷରୁ ସମ୍ମାନୀତ କରାଯାଇଥିଲା।

# ୨ କରତ କଳରେ ବନ ବିଭାଗର ଚଢାଉ

**ସମ୍ବଲପୁର,୧୬।୧୧(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ଅଧୀନ ଟାଉନ ରେଞ୍ଜ କ୍ଷେତରାଜପୁର ଥାନା ଫାର୍ମରୋଡରେ ଥିବା ୨ଟି ବେଆଇନ କରତ କଳ ଉପରେ ଶନିବାର ବନ ବିଭାଗ ଚଢାଉ କରିଛି। ଏହି ଦୁଇ କରତ କଳ ପରିସରରୁ ବ୍ୟାପକ ମାତ୍ରାରେ କାଠଗଣ୍ଡି, ସାଇଜ କାଠ, ତିଆରି ହୋଇଥିବା ଫର୍ନିଚର, କରତ କଳ ସାମଗ୍ରୀ ଆଦିକୁ ଜବତ କରାଯାଇଛି। ତେବେ ଏହି କରତ କଳଗୁଡିକ ସରକାରୀ ଜମି ଉପରେ ଚାଲୁଥିବା ଜଣାପଡିଛି। ହେଲେ ଏହାର ମାଲିକ କିଏ ଜଣା ପଡି ନାହିଁ। ହେଲେ କରତକଳକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାରୁ କାହା ନାମରେ ବିଦ୍ୟୁତ୍ ସଂଯୋଗ ରହିଛି ତାହା ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ମଗା ଯାଇଛି। ଫଳରେ ତାଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଡିଏଫଓ ସଞ୍ଜୀତ କୁମାର କହିଛନ୍ତି। ଏସିଏଫ ଲଳିତ କୁମାର ପାତ୍ର, ଏସିଏଫ ଲକ୍ଷ୍ମଣ ମାରାଡି, ଏସିଏଫ ତେଜରାଜ ନାୟକ, ଏସିଏଫ ମଦନଲାଲ ଶର୍ମା, ଓଏଫଏସ ପ୍ରଭୁଦତ୍ତ ହିମାଂଶୁ ମିଶ୍ର, ରେଞ୍ଜ ଅଫିସର ପ୍ରଭାକର ବେହେରା, ରେଙ୍ଗାଲି ରେଞ୍ଜ ଅଫିସର ହରିହର ପାତ୍ର, ଧମା ରେଞ୍ଜ ଅଫିସର ଆଲୋକ କୁମାର ଷଡଙ୍ଗୀ, ପଡିଆବାହାଲ ରେଞ୍ଜ ଅଫିସର ସୁରେଶ ମିର୍ଦ୍ଧା, ଧମା ଡେପୁଟି ରେଞ୍ଜ ଅଫିସର ବିଦ୍ୟାଧର ସାହୁଙ୍କ ସମେତ ୧୦ଜଣ ଫରେଷ୍ଟର, ୧୫ ଜଣ ଗାର୍ଡ ଓ ୪୦ ଜଣ ପାଟ୍ରୋଲିଂ ସ୍କ୍ୱାଡ୍ ସହ କ୍ଷେତରାଜପୁର ପୋଲିସ ଚଢାଉରେ ସାମିଲ ହୋଇଥିଲା।



ସମ୍ବଲପୁର ଫାର୍ମରୋଡର ଏକ ବେଆଇନ କରତ କଳ ଉପରେ ଚଢାଉ କରାଯାଉଛି।

## ■ ଜଙ୍ଗଲରୁ ଦନ୍ତାହାତୀର ମୃତଦେହ ଉଦ୍ଧାର ଘଟଣା

# ବ୍ୟବଚ୍ଛେଦ ପରେ ପୋତାଗଲା

**ସମ୍ବଲପୁର,୧୬।୧୧(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅଧୀନ ବୀରସିଂଗଡ ଜଙ୍ଗଲରୁ ଶୁକ୍ରବାର ଉଦ୍ଧାର ହୋଇଥିବା ଏକ ୪ ବର୍ଷର ଦନ୍ତା ହାତୀର ମୃତଦେହକୁ ଶନିବାର ବ୍ୟଚ୍ଛେଦ ପରେ ପୋତି ଦିଆଯାଇଛି। ଆରସିସିଏଫ ଚିତ୍ତ ରଞ୍ଜନ ମିଶ୍ର, ଡିଏଫଓ ଡ.ସଞ୍ଜୀତ କୁମାରଙ୍କ ଉପସ୍ଥିତିରେ ସମ୍ବଲପୁର ପ୍ରାଣୀଧନ ବିଭାଗର ଡାକ୍ତରୀ ଟିମ୍ ବ୍ୟବଚ୍ଛେଦ କରିଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିବା ଡାକ୍ତରୀ ଟିମ୍ ସ୍ପଷ୍ଟ କରିଛନ୍ତି। ଏହାପରେ ବନବିଭାଗ ସେଠାରେ ଗାତ ଖୋଳି ପୋତି ଦେଇଛି। ଅନ୍ୟପଟେ ବନ ବିଭାଗ ସ୍ୱତନ୍ତ୍ର ଟିମ୍ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ବାର୍‌ହା ଶିକାର କରିବା ପାଇଁ ବିଦ୍ୟୁତ୍ ତାର ବିଛାଯାଇଥିବାରୁ ଏଭଳି ଘଟଣା ଘଟିଥିବା ଅନୁମାନ କରି ବନ ବିଭାଗ ଧରପଗଡ ଜାରି ରଖିଛି। ଅନ୍ୟପକ୍ଷେ ହାତୀର ୩/୪ ଇଞ୍ଚ ଦାନ୍ତକୁ ଉପାଡି ନେଇଥିବା ଅଭିଯୁକ୍ତଙ୍କ ସୁରାକ ମଧ୍ୟ ବନ ବିଭାଗ ପାଖରେ ଲାଗିଛି। ଶିଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ କହିଛି। ହେଲେ ବନ ବିଭାଗର ଅବହେଳାରୁ ହିଁ ଏହି ହାତୀଟିର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବାରମ୍ବାର ଏହି ଜଙ୍ଗଲରେ ବାର୍‌ହା ଶିକାର କରାଯାଉଛି। ହେଲେ ବନ ବିଭାଗ ପାଖରେ ସୂଚନା ଥିଲେ ମଧ୍ୟ ଶିକାରୀମାନଙ୍କୁ ଗିରଫ କରାଯାଉ ନାହିଁ। ଓଲଟା ସେମାନଙ୍କ ସହ ସଲା ସୁତୁରା କରାଯାଉଛି। ବେଳେ ବେଳେ ବନ ବିଭାଗ କର୍ମଚାରୀ ମଧ୍ୟ ବାର୍‌ହା ଓ କୁଟୁରା ମାସଂର ଭାଗ ନେଉଥିବା ଅଭିଯୋଗ ହେଉଛି।



ମୃତ ହାତୀର ବ୍ୟବଚ୍ଛେଦ କରାଯାଉଛି।

■ଦାନ୍ତ କାଟି ନେଇଥିବା ଦୁର୍ବୃତ୍ତଙ୍କ ସୁରାକ ମିଳିଛି
■ବନ ବିଭାଗକୁ ଦାୟୀ କଲେ ଅଞ୍ଚଳବସୀ



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି, ସେ ହିଁ ଶକ୍ତିଶାଳୀ।
- ସେନେକା



**ସଂକ୍ଷେପରେ**

### ଅକ୍ଷୟ ପାତ୍ର ଫାଉଣ୍ଡେଶନ ସହ ଆର୍‌ଏସ୍‌ପିର ବୁଝାମଣାପତ୍ର ନବୀକରଣ

ରାଉରକେଲା ଅଫିସ, ୧୬।୧୧
ରାଉରକେଲା ଇସ୍ପାତ କାରଖାନା ଓ ଅକ୍ଷୟ ପାତ୍ର ଫାଉଣ୍ଡେସନ ମଧ୍ୟରେ ୪୨ ହଜାର ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ମଧ୍ୟାହ୍ନଭୋଜନ ଯୋଗାଇ ଦେବା ନେଇ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଆର୍‌ଏସ୍‌ପିର ସହର ପ୍ରଶାସନ ଓ ସିଏସଆର ବିଭାଗର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଗତ ୧୩ ତାରିଖରେ ଏହି ନବୀକରଣ କରାଯାଇଛି। ଏହି ଅବଧି ୩ ବର୍ଷ ପାଇଁ ରହିଥିବା ବେଳେ ଫାଉଣ୍ଡେସନର ପଞ୍ଚରତ୍ନ ଦାସ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଲାଠିକଟା ଓ ବିଶ୍ରା ବ୍ଲକର ବିଭିନ୍ନ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟର ୪୨ ହଜାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇଦେବା ନିମନ୍ତେ ବିଦ୍ୟାର୍ଥୀ ପିଛା ୨ଟଙ୍କା ଅପରେସନାଲ ସହଯୋଗ ଆର୍‌ଏସପି ଯୋଗାଇଦେବ। ଏଥିପାଇଁ ଆର୍‌ଏସ୍‌ପି ବାର୍ଷିକ ୧.୫ କୋଟି ଟଙ୍କା ବହନ କରିବ। ଆର୍‌ଏସ୍‌ପି, ଅକ୍ଷୟ ପାତ୍ର ଫାଉଣ୍ଡେସନ ଓ ରାଜ୍ୟ ସରକାରଙ୍କ ସହଯୋଗରେ ୨୦୧୪ ମସିହାରୁ କାର୍ଯ୍ୟ କରିଆସୁଛି। ଏହାର ସମସ୍ତ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଆର୍‌ଏସ୍‌ପି ମୋଟ ୮.୨୪ କୋଟି ଟଙ୍କା ଖର୍ଚ୍ଚ କରିବା ସହିତ ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ବାର୍ଷିକ ଯୋଗଦାନ ଦେଉଛି।

# ୧୫ ବର୍ଷରେ ବଦଳିଲେଣି ୧୨ ଏଡିଏମ୍‌

- ଷ୍ଟିଲ ସିଟିର ବିକାଶ ନେଇ ପ୍ରଶ୍ନବାଚୀ
- ଷ୍ଟିଲ ସିଟି ବାସିନ୍ଦା ବିକାଶ ନେଇ ସନ୍ତୁଷ୍ଟ ନୁହଁନ୍ତି
- ବାରମ୍ବାର ଏଡିଏମ ବଦଳି ପ୍ରଶାସନିକ ସ୍ଥାଣୁତା ସୃଷ୍ଟି କରିଛି

ରାଉରକେଲା ଅଫିସ, ୧୬।୧୧

ଷ୍ଟିଲସିଟିର ଉନ୍ନୟନ ନେଇ ଗତ ୧୫ ବର୍ଷରେ ବଦଳିଲେଣି ୧୨ ଏଡିଏମ। ତଥାପି ଆଣ୍ଠେଇଛି ବିକାଶ। ମହାନଗର ଓ ସ୍ମାର୍ଟ ସିଟି ଘୋଷଣା ପରେ ବି ଷ୍ଟିଲ ସିଟି ବାସିନ୍ଦା ବିକାଶ ନେଇ ସନ୍ତୁଷ୍ଟ ନୁହଁନ୍ତି। ଏଠାରେ ନିଯୁକ୍ତି ପାଉଥିବା ଅତିରିକ୍ତ ଜିଲାପାଳ (ଏଡ଼ିଏମ୍)ମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏଡିଏମ୍ ବଦଳି ନେଇ ସାଧାରଣରେ ପ୍ରତିକ୍ରିୟା ସତ୍ତ୍ୱେ ସ୍ଥାୟୀ ପ୍ରତିକାର ନାହିଁ। ଫଳରେ ସହରର ବିକାଶ ନେଇ ବିରୋଧି ବାରମ୍ବାର ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ଗତ ଏପ୍ରିଲ ୨୦୦୪ରୁ ରାଉରକେଲା ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛନ୍ତି ୧୨ଜଣ। ଏମାନଙ୍କ ମଧ୍ୟରେ ଅଛନ୍ତି ଭି କାର୍ତ୍ତିକେୟନ ପାଣ୍ଡିୟାନ। ଯିଏ ଆଜି ରାଜ୍ୟର ୫-ଟି ସଚିବ ଭାବେ କାର୍ଯ୍ୟ ତୁଲାଉଛନ୍ତି। ସେ ଏଠାରେ ମାତ୍ର ୯ ମାସ ଥିଲେ। ତାଙ୍କ ପରେ ଆଇଏଏସ ଶାଳିନୀ ପଣ୍ଡିତ ରହିଥିଲେ ୧୬ ମାସ। ତାଙ୍କ ପରେ କ୍ରିଷନ କୁମାର ୨୧।୯।୨୦୦୬ରୁ ୭।୪।୨୦୦୭ ପର୍ଯ୍ୟନ୍ତ ଥିଲେ। ତାଙ୍କ ପରେ ଆସିଲେ ନୀତିନ ବି ଜାୱେଲେ। ସେ ୨୦।୬।୨୦୦୭ ରୁ ୩୧। ୧୨। ୨୦୦୭ ଯାଏ ରହିଲେ। ତାଙ୍କ ପରେ ଆସିଲେ ଶୁଶୀଲ ଦାସ। ସେ ରାଉରକେଲା ଏଡିଏମ ଭାବେ ଯୋଗଦେଇ ୧। ୧।୨୦୦୮ରୁ ୧୬।୯।୨୦୦୯ ପର୍ଯ୍ୟନ୍ତ ରହିଲେ। ପୁନଃ ସେ ୧୭। ୯।୨୦୦୯ରୁ ୨୦। ୧୦। ୨୦୧୦ ପର୍ଯ୍ୟନ୍ତ ଏଡିଏମ ଭାବେ କାର୍ଯ୍ୟ ସମ୍ପାଦନ କଲେ। ତାଙ୍କ ପରେ ସଚିନ ଆର ଯାଦବ ୨୦। ୧୦। ୨୦୧୦ରୁ ୫।୫।୨୦୧୧ ପର୍ଯ୍ୟନ୍ତ ରହି ବଦଳି ହେଲେ। ତାଙ୍କ ପରେ ପୂର୍ଣ୍ଣଚନ୍ଦ୍ର ପାଠୀ ଆସିଲେ ୮।୫। ୨୦୧୧ରୁ। ସେ ମାତ୍ର ୧୦ ମାସ ରହି ୧୧। ୫।୨୦୧୨ରେ ବଦଳି ହେଲେ। ସେହିଭଳି ରବୀନ୍ଦ୍ରନାଥ ମିଶ୍ର ୧୧।୬।୨୦୧୨ରୁ ୧।୯।୨୦୧୪ ପର୍ଯ୍ୟନ୍ତ ଏଠାରେ ଏଡିଏମ ଭାବେ ରହିଥିଲେ। ତାଙ୍କ ପରେ ଆଇଏଏସ ସୁଦର୍ଶନ ଚକ୍ରବର୍ତ୍ତୀ ରାଉରକେଲା ଏଡିଏମ ଭାବେ ୧। ୯। ୨୦୧୪ ରୁ ଆସି ୨୯। ୫। ୨୦୧୬ ପର୍ଯ୍ୟନ୍ତ ଥିଲେ। ତାଙ୍କ ପରେ ଆସିଲେ ମନିଷା ବାନାର୍ଜୀ। ସେ ୨୯। ୫।୧୬ରେ ଆସି ୧୮। ୨। ୨୦୧୯ରେ ବଦଳି ହେଲେ। ଏବେକାର ଏଡିଏମ ଡ. ୟେଦୁଲା ବିଜୟ ଗତ ୧୮। ୨।୨୦୧୯ରେ ଏଠାରେ ଯୋଗ ଦେଇଥିବା ବେଳେ ମାତ୍ର ୯ ମାସ ଭିତରେ ବଦଳି ହୋଇଛନ୍ତି। ଗୋଟିଏ ସ୍ମାର୍ଟସିଟିରେ ମାନ୍ୟତା ଓ ଏଠି କଣ କରାଯିବା ଆବଶ୍ୟକ ରହିଛି ସେକଥା ସରକାର ଭଲ ଭାବେ ଜାଣନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ କେଉଁ ଅଧିକାରୀ ନିଯୁକ୍ତ ହେବା ଦରକାର ସେକଥା ମଧ୍ୟ ଉଣା ଅଧିକ ସମସ୍ତଙ୍କୁ ଜଣା। କେନ୍ଦ୍ର ସରକାର ଏନେଇ ପର୍ଯ୍ୟାପ୍ତ ଅର୍ଥ ଯୋଗାଉଥିବା କହୁଛନ୍ତି। ଏହାର ଠିକ ଉପଯୋଗ କରାଯାଉନି ବୋଲି ବାରମ୍ବାର ଅଭିଯୋଗ ଶୁଣାଯାଇଛି। ଏମିତି ଦ୍ୱନ୍ଦାତ୍ମକ ସ୍ଥିତିରେ ସ୍ମାର୍ଟ ସିଟିର ବିକାଶ କୁଣ୍ଠେଇ ଚାଲିଥିବା ଭାଜପା ଓ କଂଗ୍ରେସ ବିରୋଧି ଅଭିଯୋଗ କରି ଆସୁଛନ୍ତି। କାରଣ ସ୍ମାର୍ଟ ସିଟି ସିଇଓ, ଏଡିଏମ ଓ ଆରଡିଏ ଅଧ୍ୟକ୍ଷ ଭଳି ଦାୟିତ୍ୱରେ ମାତ୍ର ଜଣଙ୍କୁ ବସାଉଛନ୍ତି। ଯେଉଁ ଅଧିକାରୀ ଏଭଳି ତ୍ରିଶଙ୍କୁ ଅବସ୍ଥାରେ କାମ କରିବେ ତାର ସଫଳତା କେମିତି ମିଳିବ ବୋଲି ପ୍ରଶ୍ନ ଉଠାଉଛନ୍ତି। ପ୍ରକଳ୍ପ ପ୍ରସ୍ତୁତି ଓ କାର୍ଯ୍ୟକ୍ଷମ ବେଳକୁ ଅଧିକାରୀଙ୍କ ବଦଳି ହୋଇ ଯାଉଛି। ଯାହା ବର୍ତ୍ତମାନର ସ୍ଥିତି ବୟାନ କରୁଛି। ଏମିତି ଅବସ୍ଥାରେ ମହାନଗର ସ୍ମାର୍ଟ ସିଟି ଅବସ୍ଥା କେମିତି ଉଧେଇବ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ରାଉରକେଲା ବିଧାୟକ ସାରଦା ନାୟକଙ୍କ ମତ ହେଲା, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବି ଯେ ସେ ଆବଶ୍ୟକତାକୁ ଅନୁଭବ କରି ଜଣେ ଦକ୍ଷ ଏଡିଏମଙ୍କୁ ପଠାଉଛନ୍ତି। ୟେଦୁଲା ବିଜୟ ବର୍ତ୍ତମାନ ଆରଏମସି କମିଶନର ସହ ଆରଡିଏ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଦୁଇ ଆଇଏଏସଙ୍କ ସମନ୍ୱୟରେ ଷ୍ଟିଲ ସିଟିର ବିକାଶ ତ୍ୱରାନ୍ୱିତ ହୋଇ ପାରିବ। ଏମିତି ଅବସ୍ଥାରେ ବିରୋଧି ଖୁସି ବ୍ୟକ୍ତ କରିବା ପରିବର୍ତ୍ତେ ପ୍ରତିକ୍ରିୟା ପ୍ରକାଶ କରିବା ଦୁଃଖଦାୟକ ଘଟଣା। ଏନେଇ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି କହନ୍ତି, ଓଡିଶା ସରକାରଙ୍କ ରାଉରକେଲା ପ୍ରତି ଆଦୌ ନଜର ନାହିଁ। ପ୍ରଶାସନିକ ସ୍ଥାଣୁତା ସହରକୁ ବିପଥଗାମୀ କରିଛି। ବାରମ୍ବାର ଏଡିଏମ ବଦଳି ପ୍ରଶାସନିକ ସ୍ଥାଣୁତା ସୃଷ୍ଟି କରିଛି। ଯାହାକି ସହରର ପ୍ରଗତିରେ ବଡ ବାଧକସାଜିଛି। ଅନ୍ତତଃ ୩ବର୍ଷ ପାଇଁ ଜଣଙ୍କୁ ସୁଯୋଗ ଦିଆଯିବା ଦରକାର। ପ୍ରଶାସନକୁ ବୁଝିବା ବେଳକୁ ତାଙ୍କ ବଦଳି ହୋଇଯାଉଛି। ରାଜ୍ୟ ସରକାର ଏଠାରୁ ବାରମ୍ବାର ପ୍ରତିନିଧି ପାଇବା ସତ୍ତ୍ୱେ ଲୋକଙ୍କୁ ଚରମ ଅବହେଳା କରୁଛନ୍ତି। ଏଥିରେ ପରିବର୍ତ୍ତନ ଆସିବା ଦରକାର। କ୍ରୀଡା ସମୀକ୍ଷକ ସୁଶାନ୍ତ ବେହେରା କହନ୍ତି, ରାଜନୈତିକ କାରଣ ପାଇଁ ବାରମ୍ବାର ଏଡିଏମ ବଦଳି ଠିକ ନୁହେଁ। ଏଥିଯୋଗୁ କ୍ରୀଡା କ୍ଷେତ୍ରରେ ଉନ୍ନତି ସାଧିତ ହୋଇପାରୁନି। ଏକ ବଡ ଯୋଜନା ବିଶ୍ୱସ୍ତରୀୟ ହକି ହଲ ଅଫ ଫେମ ଏଥିପାଇଁ ଫସର ଫାଟିଛି। ଏଡିଏମ ମନିଷା ବାନାର୍ଜୀଙ୍କ ସମୟରେ ଆଶା ସଞ୍ଚାର ହୋଇଥିଲା। ସେହିଭଳି ହକି ଛକର ଉନ୍ନତି ସହ ଅନ୍ୟ ଅନେକ ପ୍ରକଳ୍ପ ଆଜି ଶୀତଳଭଣ୍ଡାରକୁ ଚାଲିଯାଇଛି। ଏଠାରେ ସ୍ଥାୟୀ ଏଡିଏମ ନିହାତି ଆବଶ୍ୟକ। ରାଜ୍ୟ ଭାଜପା ସମ୍ପାଦକ ଧିରେନ ସେନାପତି କହନ୍ତି, ଏଡିଏମ ବଦଳି ପଛରେ ରାଜନୈତିକ ଗନ୍ଧ ରହିଛି। ଗତ ୩ ବର୍ଷ ହେବ ସ୍ମାର୍ଟ ସିଟି ଘୋଷଣା ପରେ କେନ୍ଦ୍ର ଓ ରାଜ୍ୟ ସରକାର ୩ ଶହ୫୬ କୋଟି ଅନୁଦାନ ପ୍ରଦାନ କରିଛନ୍ତି। କିନ୍ତୁ ଏଥିରୁ ମାତ୍ର ୨୨ କୋଟି ଖର୍ଚ୍ଚ ହୋଇଛି। ଏହାର ଏକମାତ୍ର କାରଣ ଏହା ଯେ ଏଠାରେ କେହି ସ୍ଥାୟୀ ଭାବେ ଅଧିକାରୀ ରହି ପାରୁ ନାହାଁନ୍ତି। ସୁଯୋଗ ଦିଆଯାଉନି। ଯାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା। ସାମାଜିକ କର୍ମୀ ମିନତୀ ଦେବତା କହନ୍ତି, ବୋଧହୁଏ ଏଠାକୁ ଆସୁଥିବା ଅଧିକାରୀ ସରକାରଙ୍କ ମନ ଜାଣି କାମ କରିପାରୁ ନାହାଁନ୍ତି। ଏଣୁ ବଦଳି ବା ପଦ ପରିବର୍ତ୍ତନ ହେଉଛି। ସରକାର ଜଣେ ଅଧିକାରୀଙ୍କୁ ଏକାଧିକ ପଦରେ ରଖିଥିଲେ। ଏବେ ପରିବର୍ତ୍ତନ କରାଯାଇଛି। ନୂଆ ଏଡିଏମ ଆସୁଛନ୍ତି। କ୍ଷମତାର ବିକେନ୍ଦ୍ରୀକରଣ ହେବ। ଏଣୁ କାମ ଭଲ ହେବ। ମୋର ଏମିତି ବିଶ୍ୱାସ ରହିଛି। ବିଜେଡି ରାଜ୍ୟ ସମ୍ପାଦକ ଆନନ୍ଦ ମହାନ୍ତି କହନ୍ତି, ନୂଆ ଏଡିଏମ ଆସିବା ପରେ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏଡିଏମ ଦାୟିତ୍ୱରେ ରହିଥିବା ୟେଦୁଲା ବିଜୟ ଏଠୁ ଯାଉ ନାହାଁନ୍ତି। ସେ ଆରଏମସି କମିଶନର ସହ ଆରଡିଏ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। କିଛି ଅସୁବିଧା ନାହିଁ।



ଏଡିଏମ୍‌ଙ୍କ କାର୍ଯ୍ୟାଳୟ।

## ସିବିଏସଇ ସ୍କୁଲସ୍ତରୀୟ ପ୍ରତିଯୋଗିତା
# ରାଉରକେଲା ଛାତ୍ରୀଛାତ୍ରଙ୍କ ସଫଳତା


ସଫଳତା ପାଇଥିବା ଦିଲ୍ଲୀ ପବ୍ଲିକ ସ୍କୁଲ ରାଉରକେଲାର ଛାତ୍ରୀଛାତ୍ର।

ରାଉରକେଲା ଅଫିସ, ୧୬। ୧୧
ଦିଲ୍ଲୀ ପବ୍ଲିକ ସ୍କୁଲ ରାଉରକେଲା ଛାତ୍ରୀଛାତ୍ର ସିବିଏସଇ ସ୍କୁଲସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ମାଉଣ୍ଟଆବୁ ପବ୍ଲିକ ସ୍କୁଲ ନୂଆଦିଲ୍ଲୀଠାରେ ଗତ ୯। ୧୧। ୨୦୧୯ରୁ ୧୨। ୧୧। ୨୦୧୯ ପର୍ଯ୍ୟନ୍ତ ଆୟୋଜିତ ସିବିଏସଇ ସ୍କୁଲ ଚେସ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବୟସ ବର୍ଗରେ ଦିଲ୍ଲୀ ପବ୍ଲିକ ସ୍କୁଲ ରାଉରକେଲା ଛାତ୍ରୀଛାତ୍ର ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିରେ ଦେଶ ଏବଂ ମଧ୍ୟ ପ୍ରାଚ୍ୟର ୧୪ଟି ଦଳ ସହ ମୋଟ ୯୪ପ୍ରତିଯୋଗୀ ଭାଗ ନେଇଥିଲେ। ଏହା ପୂର୍ବରୁ ଗୌହାଟି ଠାରେ ଗତ ୨୬।୯।୨୦୧୯ରୁ ୨୮। ୯। ୨୦୧୯ ପର୍ଯ୍ୟନ୍ତ ଆୟୋଜିତ ୩ ଦିନିଆ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବର୍ଗରେ ଇଷ୍ଟ ଜୋନରେ ୧ମ ସ୍ଥାନ ଅଧିକାର କରି ଦିଲ୍ଲୀ ପବ୍ଲିକ ସ୍କୁଲ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଭଳି ବିରଳ କୃତିତ୍ୱ ନେଇ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି। ପ୍ରତିଯୋଗିତାରେ ସାର୍ଥକ ଦେବତା, ସତ୍ୟମ ନାୟକ, ସ୍ୱୟଂଶ୍ରୀ ମହାନ୍ତି, ପ୍ରିୟଙ୍କା ରାଉତରାୟ ଏଭଳି ଗୌରଭ ଆଣିଥିବାରୁ ଅଧ୍ୟକ୍ଷ ସିଦ୍ଧାର୍ଥ ରଥ ଓ କ୍ରୀଡା ଶିକ୍ଷକ ଧିରେନ ସାମାନ୍ତସିଂହାର, ମ୍ୟାନେଜର ପ୍ରତିଭା ସାମଲ ପ୍ରମୁଖ ଖୁସି ବ୍ୟକ୍ତ କରିଛନ୍ତି।

### ବନ୍ଧମୁଣ୍ଡାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଜୟନ୍ତୀ

ରାଉରକେଲା ଅଫିସ,୧୬ ୧୧- ରେଳନଗରୀ ବନ୍ଧମୁଣ୍ଡାଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଜୟନ୍ତୀ ଶୁକ୍ରବାର ସନ୍ଧ୍ୟାରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଆଦିବାସୀ କ୍ଲବ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ରାଉରକେଲା ସ୍ୱତନ୍ତ୍ର କାରଗାର ଅଧିକାରୀ ବୀରେନ୍ଦ୍ର ମହାଳି ଯୋଗଦେଇ କହିଥିଲେ, ବୀର ବିର୍ସା ମୁଣ୍ଡାଙ୍କର ଏ ଜାତି ପ୍ରତି ରହିଥିବା ଅବଦାନ ଅବିସ୍ମରଣୀୟ ହୋଇ ରହିବ। ଅନ୍ୟତମ ଅତିଥି ବାଗି ଲକଡା କହିଥିଲେ, ବିର୍ସା ମୁଣ୍ଡା ଏ ଜାତିକୁ ସ୍ୱାଧୀନ କରିବାକୁ ଯେଉଁ ସଂଗ୍ରାମ କରିଯାଇଛନ୍ତି ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ। ସାମାଜିକ କର୍ମୀ ଜିଜି ରାଜଲୁ ନିଜ ବକ୍ତବ୍ୟରେ ବିର୍ସାଙ୍କୁ ଜଣେ ସଚ୍ଚା ସଂଗ୍ରାମୀ ଭାବେ ଅବିହିତ କରିଥିଲେ। ସନ୍ତୋଷ କୁଜୁର କହିଥିଲେ, ଆଦିବାସୀ ବହୁଳ ଅଞ୍ଚଳରେ ଜନ୍ମଲାଭ କରି ମଧ୍ୟ ସ୍ୱାଧୀନଚେତା ବିର୍ସା ନିଜ ଦେଶ ମାତୃକାର ସେବା କରିଯାଇଛନ୍ତି। ଆଜି ଦିନରେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଆର.ସି କିଷାନ ଅଧ୍ୟକ୍ଷତା କରିଥିଲେ। ଫିଲିଷ୍ଟା ଚେରୁଆ, ଜନ ଭେଙ୍ଗ୍ରା, ଏନ୍‌ଏନ ମାର୍ଣ୍ଡି, ଭରତ ମାଝି, ଲିଲିମୋହନ ସାମନ୍ତ, ଆଧାର ସାଣ୍ଡିଲ, ବିକ୍ରମ ବୋଦ୍ରା, ଏସ ମୁର୍ମୁ ,ଏଲ ସୋରେନ ଓ ଖୁଦି ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ସିପେଟ୍ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୬-୧୧(ବ୍ୟୁରୋ)
ସିପେଟ୍ ସିଏସ୍‌ଟିଏସ୍ ଭୁବନେଶ୍ୱର ଏବଂ ରାଉରକେଲାସ୍ଥିତ ଏନ୍‌ଏସ୍‌ପିସିଏଲ୍‌ର ମିଳିତ ସହଯୋଗରେ ଚତୁର୍ଥ ବର୍ଷ ଲାଗି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳଗୁଡିକରେ ବେକାର ଯୁବତୀଯୁବକଙ୍କୁ ଦକ୍ଷତା ତାଲିମ ପ୍ରଦାନ ଦ୍ୱାରା ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସିପେଟ୍ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଦୁଇଟି ବ୍ୟାଚ୍‌ରେ ୯୦ ଜଣଙ୍କୁ ତାଲିମ ବ୍ୟବସ୍ଥା କରାଯାଇଛି। ସିପେଟ୍ ସିଏସ୍‌ଟିଏସ୍ ଭୁବନେଶ୍ୱର କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ପିସିଏଲ୍‌ର ସିଇଓ ପି.କେ. ବୋନ୍ଦ୍ରିୟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିପେଟ୍‌ର ଦକ୍ଷତା ତାଲିମକୁ ବୋନ୍ଦ୍ରିୟା ପ୍ରଶଂସା କରିବା ସହ ଭାରତ ନିର୍ମାଣରେ ଦକ୍ଷତା ବିକାଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଦୃଢମନା ହେବାକୁ ସିପେଟ୍‌ର ଉପନିର୍ଦ୍ଦେଶକ ତଥା ମୁଖ୍ୟ ଶ୍ରୀମତୀ ନିହାରିକା ପରିଡା ମତ ରଖିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ପିସିଏଲ୍ ଜିଏମ୍ ଏସ୍.ଜୋଶେଫ, ଏଚ୍‌ଆର୍ ଆଲୋକ କୁମାର ରଣବୀର, ଏଜିଏମ୍ ଅନୁରାଜ ଶ୍ରୀବାସ୍ତବ,ସିପେଟ୍ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଇଣ୍ଟରସିଟି ଗୋଲ୍ଡ କପ୍ ହକି ଟୁର୍ନାମେଣ୍ଟ
### ଫାଇନାଲ ରାଉଣ୍ଡ ଅପ୍ ଚୂଡ଼ାନ୍ତ

ରାଉରକେଲା ଅଫିସ, ୧୬।୧୧
ସ୍ଥାନୀୟ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ୫ମ ଇଣ୍ଟରସିଟି ଗୋଲ୍ଡ କପ ହକି ଟୁର୍ନାମେଣ୍ଟରେ ଶନିବାର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହାସହ ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମ୍ୟାଚ ଚୂଡ଼ାନ୍ତ ହୋଇଛି। ଫାଇନାଲ ମ୍ୟାଚ ପୁରୁଷ ବର୍ଗରେ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଓ ଇଷ୍ଟକୋଷ୍ଟ ରେଳୱେ ମଧ୍ୟରେ ଏବଂ ଗ୍ରାମାଞ୍ଚଳ ପ୍ରତିଯୋଗିତାରେ ନେହେରୁ କ୍ଲବ କୋରଡାପାଳ ଏବଂ ଦୁଲୁଟୋଲି ଦହିଜିରା ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠିତ ମ୍ୟାଚରେ ମହିଳା ବିଭାଗ ଲିଗ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଓ ଓଡିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ୫-୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ ପାନପୋଷ ଓ ଡିଏଚଏ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପାନପୋଷ ୭-୨ ଗୋଲରେ ବିଜୟୀ ହୋଇଥିଲା। ଗ୍ରାମାଞ୍ଚଳ ହକିର ପ୍ରଥମ ସେମିଫାଇନାଲ ମ୍ୟାଚ ନେହେରୁ କ୍ଲବ କରଡାପାଳ ଓ ଭୋଗରା ଗିରିଜାଟୋଲି ମଧ୍ୟରେ ଖେଳା ଯାଇଥିବା ବେଳେ ନେହେରୁ କ୍ଲବ ୪-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା।

## ୨୪ତମ ଜାତୀୟ ରୋଡ ସାଇକ୍ଲିଙ୍ଗ ଚାମ୍ପିୟନଶିପ
# ସାଇକ୍ଲିଷ୍ଟ ସ୍ୱସ୍ତି ସିଂହଙ୍କ ସ୍ୱର୍ଣ୍ଣପଦକ ହାସଲ

ରାଉରକେଲା ଅଫିସ, ୧୬।୧୧
ଆର୍‌ଏସ୍‌ପିର ଉଦୀୟମାନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ ୨୪ତମ ଜାତୀୟ ରୋଡ ସାଇକ୍ଲିଙ୍ଗ ଚାମ୍ପିୟନଶିପ-୨୦୧୯ରେ ଗୋଟିଏ ସ୍ୱର୍ଣ୍ଣପଦକ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଲାଭ କରି ଇସ୍ପାତ ସହର ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ପ୍ରତିଯୋଗିତା ସାଇକ୍ଲିଙ୍ଗ ଫେଡେରେଶନ ଅଫ ଇଣ୍ଡିଆ ଅନୁକୂଲ୍ୟରେ ରାଜସ୍ଥାନର ବିକାନେର ଠାରେ ଚଳିତମାସ ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସ୍ୱସ୍ତି ପ୍ରତିଯୋଗିତାର ତୃତୀୟ ଦିନରେ ମହିଳା ଏଲିଟ ବର୍ଗରେ ୮୦ କିମି ରୋଡ ମାସ ଷ୍ଟାର୍ଟ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହାସହ ଜୁନିୟର ବର୍ଗ ୬୦ କିମି ରୋଡ ମାସ ଷ୍ଟାର୍ଟ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପ୍ରତିଯୋଗିତା ଦିନ ସ୍ୱସ୍ତି ସମୁଦାୟ ୧୪୦ କିମି ସାଇକ୍ଲିଙ୍ଗ କରିଥିଲେ। ସୂଚନାଯୋଗ୍ୟ ଯେ ସ୍ୱସ୍ତିଙ୍କ ପିତା ଅମର ସିଂହ ଆର୍‌ଏସ୍‌ପିର ଅକ୍ସିଜେନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ସ୍ୱସ୍ତି ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଠାରେ ଆନ୍ତର୍ଜାତିକ ସାଇକ୍ଲିଷ୍ଟ ତଥା ଆର୍‌ଏସ୍‌ପି କୋଚ ସୁଶୀଲ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇକ୍ଲିଙ୍ଗ ପ୍ରଶିକ୍ଷଣ ଲାଭ କରିଥିଲେ। ନୂଆଦିଲ୍ଲୀଠାରେ ନିକଟରେ ଅନୁଷ୍ଠିତ ଟ୍ରାକ ଏସିଆ କପ ସାଇକ୍ଲିଙ୍ଗ ଚାମ୍ପିୟନଶିପରେ ଭାରତ ପାଇ ବ୍ୟକ୍ତିଗତ ପର୍ସୁଇଟ ୨କିମି ବର୍ଗରେ ବ୍ରୋଞ୍ଜ ପଦକ ଜିତି ରାଉରକେଲା ସହର ପାଇଁ ସୁନାମ ଆଣିଥିଲେ। ଏଥିପୂର୍ବରୁ ସ୍ୱସ୍ତି ସାଇକ୍ଲିଙ୍ଗ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ୫ମ ଏସିଆନ ଟ୍ରାକ ସାଇକ୍ଲିଙ୍ଗ ଚାମ୍ପିୟନଶିପରେ ବ୍ୟକ୍ତିଗତ ପର୍ସୁଇଟ ୨ କିମି ବର୍ଗରେ ମଧ୍ୟ ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ସ୍ୱସ୍ତିଙ୍କ ଏହି ସଫଳତା ନିମନ୍ତେ ଅଭିନନ୍ଦନ ଜଣାଇଛନ୍ତି।



ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ।

# ରାଉରକେଲାରେ ଜାତୀୟ ପ୍ରେସ୍ ଦିବସ
## ସାମ୍ବାଦିକତା -'ବାର୍ତ୍ତା ଓ ବ୍ୟାଖ୍ୟାନ ଏକ ଯାତ୍ରା' ଶୀର୍ଷକ ଆଲୋଚନାଚକ୍ର



ଜାତୀୟ ପ୍ରେସ୍ ଦିବସରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ, ୧୬।୧୧
ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ରାଉରକେଲାର ବିଭିନ୍ନ ସାମ୍ବାଦିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜାତୀୟ ପ୍ରେସ୍ ଦିବସ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାମ୍ବାଦିକତା-ବାର୍ତ୍ତା ଓ ବ୍ୟାଖ୍ୟାନ ଏକ ଯାତ୍ରା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଉରକେଲା ପ୍ରେସ୍ କ୍ଲବ୍ ଉପସଭାପତି ମହେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଅତିଥି ପରିଚୟ ଦେଇଥିଲେ। ବଣାଇ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫଟିମା ଏକ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର, ଜିଲା କୃଷି ଅଧିକାରୀ ହିରଞ୍ଜନ ମହନ୍ତ, ବଣାଇ ଏସ୍‌ଡିପିଆଇଆର୍‌ଓ ସୀମା ଫଟିମା ଏକ୍କା, ରାଉରକେଲାର ପୂର୍ବତନ ଡିଆଇପିଆର୍‌ଓ ତଥା ହାଇଟେକ୍ ମେଡିକାଲ କଲେଜର ଅତିରିକ୍ତ ପ୍ରଶାସକ ସଲୀଲ ପଟ୍ଟନାୟକ, ମନୋରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥି ବୃନ୍ଦ ଜାତୀୟ ପ୍ରେସ୍ ଦିବସ ଅବସରରେ ସମସ୍ତ ଗଣମାଧ୍ୟମର ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶେଷକରି ସାମ୍ବାଦିକମାନେ ସତ୍ୟ ତଥା ଅନୁସନ୍ଧାନ ପୂର୍ବକ ଲୋକମାନଙ୍କ ସମସ୍ୟା ଉପରେ ବାର୍ତ୍ତା ପ୍ରେରଣ କଲେ ତାର ସୁଫଳ ନିଶ୍ଚିତ ସମାଜରେ ପ୍ରତିଫଳିତ ହେବ । ପୁନଶ୍ଚ ନିରପେକ୍ଷ, ନିର୍ଭୀକ ଏବଂ ସକାରାତ୍ମକ ମନୋଭାବ ସମ୍ପନ୍ନ ହୋଇ ଗଣମାଧ୍ୟମ ପ୍ରତିନିଧି ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର ଜାତୀୟ ପ୍ରେସ୍ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ସାମ୍ବାଦିକତା ଏକ ଶିଳ୍ପ । ଏଥିରେ କାର୍ଯ୍ୟରତ ପ୍ରତିନିଧିମାନେ ଶ୍ରମିକ । ତେଣୁ ସେମାନେ ମଧ୍ୟ ସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ପାଇବା ଉଚିତ୍ ବୋଲି କହିଥିଲେ । ଆବଶ୍ୟକୀୟ ବ୍ୟକ୍ତିଗତ କିମ୍ବା ଆନୁଷ୍ଠାନିକ ସେମିତି କିଛି ସମସ୍ୟା ଥିଲେ ତାଙ୍କ ସହ ପରାମର୍ଶ କରି ଏ ଦିଗରେ ସହାୟତା ନେଇପାରିବେ ବୋଲି କହିଥିଲେ । ଜିଲା କୃଷି ଅଧିକାରୀ ହିରଞ୍ଜନ ମହନ୍ତ ଜାତୀୟ ପ୍ରେସ୍ ଦିବସ ଉପରେ ମତବ୍ୟକ୍ତ କରି କହିଲେ ଯେ, କୌଣସି ଖବରକୁ ସନ୍ତୁଳିତ ଏବଂ ସତ୍ୟାସତ୍ୟ ଭାବେ ସାମ୍ବାଦିକମାନେ ପରିବେଷଣ କଲେ ତାହା ସମାଜର କଲ୍ୟାଣ ଦିଗରେ ସହାୟକ ହୋଇ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥାଏ । ପୀତବାସ ମିଶ୍ର, ବୈଦ୍ୟନାଥ ମିଶ୍ର ପ୍ରମୁଖ ଦିବସ ପାଳନର ଶୀର୍ଷକ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ ଭାଷା ତଥା ଦେଶ, ବିଦେଶର ଅନ୍ୟୁନ ୪୦୦ରୁ ଊର୍ଦ୍ଧ୍ୱ ଖବରକାଗଜ,ସାପ୍ତାହିକ,ମାସିକ ପତ୍ରିକାର ଏକ ପ୍ରଦର୍ଶନୀ କରାଯାଇଥିଲା।